# ଧରିତ୍ରୀ
DHARITRI

ସମ୍ବଲପୁର, ମଙ୍ଗଳବାର, ଜୁଲାଇ ୧୯/୨୦୨୨ (୧୪ ପୃଷ୍ଠା) | Sambalpur, Tuesday, July 19/2022 | Page 14 | ₹ 7.00 | ★★

୧୮ଶ ଭାଗ ୨୧୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




## ଚତୁର୍ଥ ବିବାହ କଲେ ଜେନିଫର

ହଲିଉଡ୍‌ର ଲୋକପ୍ରିୟ ଗାୟିକା ଜେନିଫର ଲୋପେଜ୍ ଅଭିନେତା ବେନ୍ ଆଫ୍ଲେକ୍‌ଙ୍କୁ ଚତୁର୍ଥ ବିବାହ କରିଛନ୍ତି।

୧୧

୧୪

## ନରିନ୍ଦର ବାତ୍ରାଙ୍କ ଘରେ ସିବିଆଇ ଚଢ଼ାଉ

ବରିଷ୍ଠ କ୍ରୀଡ଼ା ପ୍ରଶାସକ ନରିନ୍ଦର ବାତ୍ରା ଏଫ୍‌ଆଇଏଚ୍‌ର ସଭାପତି ପଦବୀରୁ ଇସ୍ତଫା ଦେବା ପରେ ତାଙ୍କ ଘରେ ସିବିଆଇ ଚଢ଼ାଉ କରିଛି।






ଦହି, ପନିର, ଘୋଳଦହି ଆଦି ଉପରେ ୫% ଜିଏସ୍‌ଟି ଲାଗୁକୁ ବିରୋଧ କରି ସୋମବାର ଓଡ଼ିଶା ଦୁଗ୍ଧଚାଷୀ ମହାସଂଘ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଅନୁଷ୍ଠିତ ବିକ୍ଷୋଭ ଶୋଭାଯାତ୍ରାରେ ଦୁଗ୍ଧଚାଷୀମାନେ ରାସ୍ତାରେ କ୍ଷୀର ଢାଳି ପ୍ରତିବାଦ ଜଣାଉଛନ୍ତି।

# ବାଲଟ ବାକ୍ସରେ ଭାଗ୍ୟ

## ସରିଲା ରାଷ୍ଟ୍ରପତି ନିର୍ବାଚନ



ଦ୍ରୌପଦୀ ମୁର୍ମୁ



ଯଶୱନ୍ତ ସିହ୍ନା

- ୯୯.୧୮% ମତଦାନ
- ଗୁରୁବାର ଗଣତିକୁ ଅପେକ୍ଷା
- ଭୋଟ ଦେଲେନି ୮ ଏମ୍‌ପି
- ବିଭିନ୍ନ ରାଜ୍ୟରେ କ୍ରସ୍‌ଭୋଟିଂ

**ନୂଆଦିଲ୍ଲୀ,୧୮।୭**

ଦେଶର ପଞ୍ଚଦଶ ରାଷ୍ଟ୍ରପତିଙ୍କୁ ବାଛିବା ପାଇଁ ସୋମବାର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ପାର୍ଲାମେଣ୍ଟ ହାଉସ୍ ଏବଂ ବିଭିନ୍ନ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳ ଦିଲ୍ଲୀ ଓ ପଣ୍ଡିଚେରୀ ବିଧାନସଭାରେ ଭୋଟ ଗ୍ରହଣ କରାଯାଇଛି। ଇଲେକ୍ଟୋରାଲ କଲେଜର ମୋଟ ଭୋଟ ସଂଖ୍ୟା ୧୦,୮୬,୪୩୧ ଥିବାବେଳେ ୯୯.୧୮% ମତଦାନ ହୋଇଥିବା ନିର୍ବାଚନ ଅଧିକାରୀ ପି.ସି. ମୋଦି ସୂଚନା ଦେଇଛନ୍ତି। ଏଥିସହ ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁ (୬୪) ଓ ବିରୋଧୀଙ୍କ ମିଳିତ ପ୍ରାର୍ଥୀ ଯଶୱନ୍ତ ସିହ୍ନା(୮୪)ଙ୍କ ଭାଗ୍ୟ ବାଲଟ ବାକ୍ସରେ ବନ୍ଦ ହୋଇଯାଇଛି। ଆସନ୍ତା ୨୧ ତାରିଖ (ଗୁରୁବାର) ଭୋଟ ଗଣତି କରାଯିବ। ଦ୍ରୌପଦୀଙ୍କ ପଲା ଭାରି ଥିବାରୁ ସେ ପ୍ରାୟ ଦୁଇ-ତୃତୀୟାଂଶ ଭୋଟ ସହ ପ୍ରଥମ ଆଦିବାସୀ ମହିଳା ରୂପେ ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦବୀ ଅଳଙ୍କୃତ କରିବେ। ଏଥିସହ ସ୍ୱାଧୀନୋତ୍ତର ଭାରତରେ ଜନ୍ମିତ ପ୍ରଥମ ରାଷ୍ଟ୍ରପତି ହେବାର ସୌଭାଗ୍ୟ ଲାଭ କରିବେ। ☞ପୃଷ୍ଠା-୪

## ବିଧାନସଭାରେ ପଡ଼ିଲା ୧୪୫ ଭୋଟ

**ଭୁବନେଶ୍ୱର,୧୮।୭(ବ୍ୟୁରୋ)**

ରାଷ୍ଟ୍ରପତି ପଦବୀ ପାଇଁ ସୋମବାର ଭୋଟ ଗ୍ରହଣ ହୋଇଛି। ଓଡ଼ିଶା ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ପୂର୍ବାହ୍ନ ୧୦ଟାରୁ ମତଦାନ ଆରମ୍ଭ ହୋଇଥିଲା। ଜଣକ ପରେ ଜଣେ ବିଧାୟକ ମତଦାନ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବାଚସ୍ପତି ବିକ୍ରମ କେଶରୀ ଆରୁଖଙ୍କ ସମେତ ବିଜେଡିର ୧୧୨ ଜଣ ବିଧାୟିକାବିଧାୟକ ଓ ଦଳରୁ ନିଲମ୍ବିତ ହୋଇଥିବା ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ମତଦାନ କରିଥିଲେ। ମାତ୍ର ବିଜେଡିରୁ ନିଲମ୍ବିତ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ଭୋଟ ଦେବାକୁ ☞ପୃଷ୍ଠା-୪

## ଦଳ ନିଷ୍ପତ୍ତି ବିରୋଧରେ ଭୋଟ ଦେଲେ ମୋକିମ

### ବିବେକ ଅନୁସାରେ ନିଷ୍ପତ୍ତି ନେଇଛି

**ଭୁବନେଶ୍ୱର,୧୮।୭(ବ୍ୟୁରୋ)**



ଦଳୀୟ ନିଷ୍ପତ୍ତି ବିରୋଧରେ ଯାଇ କଟକ-ବାରବାଟୀ କଂଗ୍ରେସ ବିଧାୟକ ମହମ୍ମଦ ମୋକିମ ଏନ୍‌ଡିଏ ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କୁ ଭୋଟ ଦେଇଛନ୍ତି, ଯାହାକୁ ନେଇ କଂଗ୍ରେସରେ ଏକ ଝଡ଼ ସୃଷ୍ଟି ହୋଇଛି। ଦଳ ବିରୋଧରେ ଯାଇ କାର୍ଯ୍ୟ କରିଥିବାରୁ କଂଗ୍ରେସ ନେତାମାନେ ଅସନ୍ତୋଷ ପ୍ରକାଶ ☞ପୃଷ୍ଠା-୪

## ରୁଚିକାଙ୍କୁ ନ୍ୟାୟ: ଆଜି ଓଡ଼ିଶା ବନ୍ଦ

**ଭୁବନେଶ୍ୱର,୧୮।୭(ବ୍ୟୁରୋ):** ଆତ୍ମହତ୍ୟା କରିଥିବା ବିଜେବି କଲେଜ ଛାତ୍ରୀ ରୁଚିକା ମହାନ୍ତିଙ୍କୁ ନ୍ୟାୟ ଦାବିରେ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ମଙ୍ଗଳବାର ରାଜ୍ୟରେ ବନ୍ଦ ଡାକରା ଦିଆଯାଇଛି। ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ସଂଗଠନର କର୍ମକର୍ତ୍ତା ପିକେଟିଂ କରିବା ସହ ରାସ୍ତାରୋକୋ ଆନ୍ଦୋଳନ କରିବେ। ଦୋକାନ ବଜାର, ଶିକ୍ଷାନୁଷ୍ଠାନ ଓ ଗାଡିମୋଟର ଚଳାଚଳ ବନ୍ଦ ରଖିବାକୁ ସଂଗଠନ ପକ୍ଷରୁ ଆହ୍ୱାନ କରାଯାଇଛି। ତେବେ ଅତ୍ୟାବଶ୍ୟକ ସେବା ଯୋଗାଉଥିବା ଯାନଗୁଡ଼ିକୁ ଧର୍ମଘଟରୁ ବାଦ୍ ଦିଆଯାଇଥିବା ସଂଗଠନର ଆବାହକ ଅକ୍ଷୟ କୁମାର କହିଛନ୍ତି। ବନ୍ଦ ନେଇ ବିଭିନ୍ନ ଶିକ୍ଷାନୁଷ୍ଠାନକୁ ଜଣାଇ ଦିଆଯାଇଥିବା ସେ କହିଛନ୍ତି। ଏହି ଧର୍ମଘଟକୁ ☞ପୃଷ୍ଠା-୪

## ଆଶ୍ରୟ ଦେଇ ନାବାଳିକାଙ୍କୁ ବଳାତ୍କାର

### ଗଣବଳାତ୍କାରରୁ ବର୍ତ୍ତିବା ପାଇଁ ସ୍କୁଲ ଛାତରୁ ଡେଇଁଲେ ପୀଡ଼ିତା

**କଳିଙ୍ଗନଗର ୧୮।୭ (ଡି.ଏନ୍.ଏ.)**

ବର୍ଷା ଭିଜା ରାତିରେ ଆଶ୍ରୟ ଦେବାକୁ ଡାକି ନେଇ ଜଣେ ଆଦିବାସୀ ନାବାଳିକା(୧୫)ଙ୍କୁ ବଳାତ୍କାର କରାଯାଇଛି। ତେବେ ଗଣବଳାତ୍କାରରୁ ବର୍ତ୍ତିବା ପାଇଁ ନାବାଳିକା ଜଣକ ଛାତରୁ ଡେଇଁ ଗୁରୁତର ଆହତ ହୋଇଛନ୍ତି। ଅନ୍ୟପକ୍ଷରେ ବଳାତ୍କାର କରିବା ପୂର୍ବରୁ ପୀଡ଼ିତାଙ୍କ ବଡ଼ଭାଇ(୧୭)ଙ୍କୁ ଅଭିଯୁକ୍ତମାନେ ନିଘୁଞ୍ଚ ମାଡ଼ ମାରି ତଡ଼ି ଦେଇଥିଲେ। ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳରେ ରବିବାର ରାତିରେ ଘଟିଛି ଏହି ଘଟଣା। ସୂଚନା ମୁତାବକ କେନ୍ଦୁଝର ଜିଲା ଆନନ୍ଦପୁର ଥାନା ତିଲଝରି ଅଞ୍ଚଳର ଅନାଥ ନାବାଳିକା ଏବଂ ତାଙ୍କ ବଡ଼ ଭାଇ ଟାଟା ଖଣି ଅଞ୍ଚଳରେ ବିବାହ କରିଥିବା ବଡ଼ ଭଉଣୀ ଘରକୁ ଯିବା ପାଇଁ ରବିବାର ସନ୍ଧ୍ୟାରେ ଡୁବୁରି ଛକରେ ଗାଡ଼ିକୁ ଅପେକ୍ଷା କରିଥିଲେ। ତୁହାକୁତୁହା ପ୍ରବଳ ବର୍ଷା ହେଉଥିବାରୁ ଖଣି ଅଞ୍ଚଳକୁ ସେମାନେ ଗାଡ଼ି ପାଇ ନ ଥିଲେ। ଶେଷରେ ଚାଲି ଚାଲି ଯିବାକୁ ବାହାରିଥିବାବେଳେ ପଛରୁ ଅନୁସରଣ କରୁଥିବା କେତେଜଣ ଅସାମାଜିକ ଯୁବକ ସେମାନଙ୍କୁ ବାଟରେ ଅଟକାଇ ବିସ୍କୁଟ ଖାଇବାକୁ ଦେଇଥିଲେ। ଅସହାୟ ବୋଲି ଜାଣିବା ପରେ ସେମାନଙ୍କୁ ବାଟରେ ଥିବା ତିଳେଶ୍ୱର ଶିବମନ୍ଦିର ନିକଟରେ ଆଶ୍ରୟ ☞ପୃଷ୍ଠା-୪






### ଆଜିର ସମ୍ପାଦକୀୟ

**ମାଙ୍କଡ଼ଡିଆଁ**

ସ୍ତ୍ରୀ, ଶ୍ୱଶୁର ଓ ଶଳାଙ୍କୁ କାର୍ ମଡ଼ାଇ ହତ୍ୟା ଉଦ୍ୟମ ପୃଷ୍ଠା-୩

## ୨୫ କେଜି ଯାଏ ପ୍ୟାକେଟ ଉପରେ ୫ % ଜିଏସ୍‌ଟି

**ଭୁବନେଶ୍ୱର,୧୮।୭**

ଜୁଲାଇ ୧୮ରୁ ସାରା ଦେଶରେ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି)ର ପରିବର୍ତ୍ତିତ ହାର ଲାଗୁକୁ ନେଇ ଦେଶବାସୀଙ୍କ ମନରେ ରହିଥିବା ଦ୍ୱନ୍ଦ୍ୱକୁ ଦୂର କରିବା ପାଇଁ ସୋମବାର କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ୨୫ କିଲୋଗ୍ରାମ୍ ଯାଏ ପ୍ୟାକେଟ ହୋଇଥିବା ସାମଗ୍ରୀ ଯଥା- ଡାଲି, ଚାଉଳ, ଗହମ, ଅଟା ଭଳି ଖାଦ୍ୟସାମଗ୍ରୀ ଉପରେ ୫ ପ୍ରତିଶତ ଜିଏସ୍‌ଟି ଲାଗୁ ହେବ। ସେହିଭଳି ୨୫ ଲିଟରରୁ ଅଧିକ ପରିମାଣରେ ପ୍ୟାକେଟ୍ ହୋଇଥିବା ତରଳ ପଦାର୍ଥ ଉପରେ ମଧ୍ୟ ଏହି ନୂତନ ହାର ଲାଗୁ ହେବ ନାହିଁ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏପରିକି ସୋମବାର କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇ ନୂତନ ଜିଏସ୍‌ଟି ହାର ସମ୍ପର୍କରେ ବିସ୍ତୃତ ତଥ୍ୟ ଉଲ୍ଲେଖ କରାଯାଇଛି। ଉଦାହରଣ ସ୍ୱରୂପ ଖାଉଟିଙ୍କ ନିମନ୍ତେ ଖୁଚୁରା ବଜାରରେ ବିକ୍ରୟ ନିମନ୍ତେ ବସ୍ତା ହୋଇଥିବା ୨୫ କିଲୋ ଅଟା ନିମନ୍ତେ ଖାଉଟି ୫% ଜିଏସ୍‌ଟି ଦେବେ, କିନ୍ତୁ ବସ୍ତାରେ ସେହି ଏକା ସାମଗ୍ରୀ ୩୦ କିଲୋ ଥିଲେ ଅଧିକ ଜିଏସ୍‌ଟି ଲାଗିବ। ପୂର୍ବରୁ ପ୍ୟାକ୍ ହୋଇ ଲେବୁଲ୍ ଲଗାଯାଇଥିବା ୨୫କି.ଗ୍ରା. ବିଶିଷ୍ଟ ☞ପୃଷ୍ଠା-୪





ରାଷ୍ଟ୍ରପତି ନିର୍ବାଚନବେଳେ ପାର୍ଲାମେଣ୍ଟ ହାଉସରେ ଭୋଟ ଦେବା ପରେ ବିଜୟ ସଙ୍କେତ ଦେଖାଉଛନ୍ତି ମଥୁରା ଏମ୍‌ପି ହେମା ମାଳିନୀ।



ବାଲଟ ବାକ୍ସରେ ଭୋଟ ଦେଉଛନ୍ତି କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ।

## ହୁଇଲ୍ ଚେୟାରରେ ଆସିଲେ ମନମୋହନ ସିଂ

ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କୁ ପ୍ରଥମ ଥର ପାଇଁ ପାର୍ଲାମେଣ୍ଟରେ ଏକ ହୁଇଲ୍ ଚେୟାରରେ ଦେଖିବାକୁ ମିଳିଥିଲା। ଅସୁସ୍ଥ ଥିବା ଏହି ୮୯ ବର୍ଷୀୟ କଂଗ୍ରେସ ନେତାଙ୍କୁ ଭୋଟ ଦେବା ପାଇଁ ସକାଳେ ଏକ ହୁଇଲ ଚେୟାରରେ ନିଆଯାଇଥିଲା। କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ସହ ଲୋକ ସଭାର କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ଓ ରାଜ୍ୟ ସଭାର ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ପାର୍ଲାମେଣ୍ଟ ହାଉସ୍ ଫାଷ୍ଟ ଫ୍ଲୋରର ରୁମ୍ ନମ୍ବର ୬୩କୁ ଭୋଟ ଦେବାକୁ ଯାଇଥିଲେ। ୱାୟନାଡ୍ ଏମ୍‌ପି ରାହୁଲ ଗାନ୍ଧୀଙ୍କ ସହ ଏଆଇସିସି ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ଓ ଜୟରାମ ରମେଶ ନିଜ ରାଜନୈତିକ ମତାଧିକାର ସାବ୍ୟସ୍ତ କରିବାକୁ ପହଞ୍ଚିଥିଲେ।



# ୧୧ ରାଜ୍ୟରେ ୧୦୦% ମତଦାନ

> ମୁଁ ମୋ କର୍ମ କରିଛି। ଲୋକେ ମୋତେ ଭଲପାଇବା ଏବଂ ସମର୍ଥନ ଦେଇଛନ୍ତି। ଶିବଶମ୍ଭୁ ମୋ ବିଜୟକୁ ସୁନିଶ୍ଚିତ କରିବେ।
> **–ଦ୍ରୌପଦୀ ମୁର୍ମୁ, ଏନ୍‌ଡିଏ ପ୍ରାର୍ଥୀ**



**ନୂଆଦିଲ୍ଲୀ,୧୮।୭:** ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦବୀ ପାଇଁ ସୋମବାର ଅନୁଷ୍ଠିତ ନିର୍ବାଚନରେ ଏନ୍‌ଡିଏର ଦ୍ରୌପଦୀ ମୁର୍ମୁ ଓ ବିରୋଧୀଙ୍କ ପକ୍ଷରୁ ଯଶୱନ୍ତ ସିହ୍ନା ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି। ପଞ୍ଚଦଶ ରାଷ୍ଟ୍ରପତି ନିର୍ବାଚନରେ ପ୍ରାୟ ୪,୮୦୦ ନିର୍ବାଚିତ ଏମ୍‌ପି-ବିଧାୟକଙ୍କ ମଧ୍ୟରୁ ୯୯.୧୮% ସାମିଲ ହୋଇ ଗୁପ୍ତ ବାଲଟ ଜରିଆରେ ମତାଧିକାର ସାବ୍ୟସ୍ତ କରିଛନ୍ତି। ରାଷ୍ଟ୍ରପତି ନିର୍ବାଚନ ପାଇଁ ସୋମବାର ୯୯%ରୁ ଊର୍ଦ୍ଧ୍ୱ ମତଦାନ ହୋଇଛି। ମୋଟ ୪୭୯୬ ଅର୍ଥାତ୍ ମତଦାତା ଭୋଟ ଦେଇଛନ୍ତି। ୧୦ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ପଣ୍ଡିଚେରୀରେ ୧୦୦% ମତଦାନ ହୋଇଥିବା ନିର୍ବାଚନ କମିଶନ (ଇସି)ଙ୍କ ପକ୍ଷରୁ ଜଣାପଡ଼ିଛି। ଇସି ଏକ ବିବୃତିରେ ଜଣାଇଛନ୍ତି ଯେ, ପାର୍ଲାମେଣ୍ଟ ହାଉସ୍ ସହ ୩୦ ବିଧାନସଭାରେ ମୁକ୍ତ, ଅବାଧ ଓ ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହ ମତଦାନ ହୋଇଛି। ପାର୍ଲାମେଣ୍ଟର ୫ ଆସନ ଖାଲିପଡ଼ିଥିବାବେଳେ ୭୭୧ ସଦସ୍ୟ ଭୋଟ ଦେବାକୁ ଯୋଗ୍ୟ ବିବେଚିତ ହୋଇଥିଲେ। ସେହିପରି ବିଧାନସଭାଗୁଡ଼ିକରେ ୬ ଆସନ ଖାଲିପଡ଼ିଥିବାବେଳେ ୨ ବିଧାୟକ ଅଯୋଗ୍ୟ ଘୋଷିତ ହୋଇଛନ୍ତି। ୪୦୨୫ ସଦସ୍ୟ ମତଦାନ କରିବାକୁ ଯୋଗ୍ୟ ବିବେଚିତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୯୯% ଭୋଟ ଦେଇଥିଲେ। ଛତିଶଗଡ଼, ଗୋଆ, ଗୁଜରାଟ, ହିମାଚଳ ପ୍ରଦେଶ, କେରଳ, କର୍ଣାଟକ, ମଧ୍ୟପ୍ରଦେଶ, ମଣିପୁର, ସିକିମ, ତାମିଲନାଡୁ ଓ କେନ୍ଦ୍ରଶାସିତ ଅଞ୍ଚଳ ପଣ୍ଡିଚେରୀର ସମସ୍ତ ବିଧାୟକ ଭୋଟ ଦେଇଥିବା ଇସିଙ୍କ ପକ୍ଷରୁ କୁହାଯାଇଛି। ୪ ଏମ୍‌ପିଙ୍କୁ ସେମାନଙ୍କ ମୁଖ୍ୟାଳୟରେ ଭୋଟ ଦେବାକୁ ଅନୁମତି ମିଳିଥିଲା। ୯ ବିଧାୟକ ପାର୍ଲାମେଣ୍ଟ ହାଉସ୍‌ରେ ଭୋଟ ଦେଇଥିବାବେଳେ ୨ ବିଧାୟକ ଅନ୍ୟ ରାଜ୍ୟର ମୁଖ୍ୟାଳୟରେ ମତଦାନ କରିଥିଲେ।

> ମୁଁ କେବଳ ରାଜନୈତିକ ଯୁଦ୍ଧ ଲଢୁନାହିଁ। ଏହି ଲଢ଼େଇ ସରକାରଙ୍କ ବିରୋଧରେ। ସେମାନେ ଅଧିକ ଶକ୍ତିଶାଳୀ ହୋଇ ବିଭିନ୍ନ ଦଳ ଭାଙ୍ଗୁଛନ୍ତି, ଭୋଟ ପାଇଁ ଲୋକଙ୍କୁ ବାଧ୍ୟ କରୁଛନ୍ତି। ମୋତେ ପରାଜିତ କରିବା ପାଇଁ ଅର୍ଥବଳ ବ୍ୟବହାର ହୋଇଛି। ଦେଶରେ ଗଣତନ୍ତ୍ର ତିଷ୍ଠିରହିବ କି ନା ତାହା ଏହି ନିର୍ବାଚନରୁ ସ୍ପଷ୍ଟ ହେବ।
> **–ଯଶୱନ୍ତ ସିହ୍ନା, ବିରୋଧୀ ପ୍ରାର୍ଥୀ**


ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଭୋଟ ଦେବା ପାଇଁ ବିଧାନସଭାରେ ପହଞ୍ଚିଛନ୍ତି।


ପଶ୍ଚିମବଙ୍ଗ ବିଧାନସଭାରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ।



ପାର୍ଲାମେଣ୍ଟ ହାଉସ୍‌ରେ ଆସିକା ଏମ୍‌ପି ପ୍ରମିଳା ବିଶୋଇ।

## ଭୋଟ ଦେଲେ ଦିଲ୍ଲୀର ୬୮ ବିଧାୟକ

ନୂଆଦିଲ୍ଲୀ

ଦିଲ୍ଲୀ ବିଧାନସଭାରେ ୭୦ ବିଧାୟକଙ୍କ ମଧ୍ୟରୁ ୬୮ ଜଣ ରାଷ୍ଟ୍ରପତି ନିର୍ବାଚନ ପାଇଁ ଭୋଟ ଦେଇଛନ୍ତି। ଆମ୍ ଆଦ୍‌ମୀ ପାର୍ଟି(ଏଏପି)ର ସତ୍ୟେନ୍ଦ୍ର ଜୈନ ଏବଂ ହାଜି ୟୁନୁସ୍ ସେମାନଙ୍କ ମତଦାନ କରିପାରିନାହାନ୍ତି। ଦିଲ୍ଲୀ ସ୍ୱାସ୍ଥ୍ୟମନ୍ତ୍ରୀ ସତ୍ୟେନ୍ଦ୍ର ଏବେ ମନିଲଣ୍ଡରିଂ ମାମଲାରେ ଗିରଫ ହୋଇ ଜେଲରେ ଅଛନ୍ତି। ତେବେ ଉତ୍ତରପୂର୍ବ ଦିଲ୍ଲୀର ମୁସ୍ତାଫାବାଦ୍ ବିଧାୟକ ହାଜି ୟୁନୁସ୍ କାହିଁକି ଭୋଟ ଦେଇନାହାନ୍ତି ତାହା ଜଣାପଡ଼ିନାହିଁ।

## ନିୟମ ଭାଙ୍ଗିଛନ୍ତି ଅଭିଷେକ: ଭାଜପା

ରାଷ୍ଟ୍ରପତିନିର୍ବାଚନ ପାଇଁ ଭୋଟିଂ ବେଳେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ଅଭିଷେକ ବାନାର୍ଜୀ ନିୟମ ଭାଙ୍ଗିଥିବା ଭାଜପା ଅଭିଯୋଗ ଆଣିଛି। ଭାଜପା ବିଧାୟକ ସୁଦୀପ ମୁଖାର୍ଜୀ ଅଭିଷେକଙ୍କ ବିରୋଧରେ ନିର୍ବାଚନ କମିଶନଙ୍କ ନିକଟରେ ଫେରାଦ ହୋଇଛନ୍ତି। ଅଭିଷେକ ଦଳଗତ ଭାବେ ୧୫ଟି କାର୍‌ରେ ବିଧାନସଭା ପରିସର ମଧ୍ୟକୁ ପ୍ରବେଶ କରିଥିଲେ। ନିୟମ ଅନୁଯାୟୀ, ବିଧାୟକ ଏବଂ ଏମ୍‌ପିମାନେ କେବଳ ଡ୍ରାଇଭରଙ୍କ ସହ ଗାଡ଼ିରେ ସେଠାକୁ ଆସିପାରିବେ। ଏପରି କି ସେମାନଙ୍କ ସୁରକ୍ଷାକର୍ମୀଙ୍କୁ ମଧ୍ୟ ଏହି ଅନୁମତି ମିଳି ନ ଥାଏ। ଅଭିଷେକ ଏହାକୁ ନ ମାନି ବିଧାନସଭା ଗେଟ୍ ଭିତରକୁ ୧୫ଟି ଗାଡ଼ି ସହ ଦଳବଳ ହୋଇ ଆସିଥିବା ସୁଦୀପ କହିଛନ୍ତି।


ପାର୍ଲାମେଣ୍ଟ ହାଉସରେ କେନ୍ଦ୍ରାପଡ଼ାର ବିଜେଡି ଏମ୍‌ପି ଅନୁଭବ ମହାନ୍ତି ଓ ଅନ୍ୟ ସଦସ୍ୟମାନେ।



ପାର୍ଲାମେଣ୍ଟରେ ଏସ୍‌ଏଡି ମୁଖ୍ୟ ସୁଖବୀର ସିଂ ବାଦଲ ଓ ତାଙ୍କ ସ୍ତ୍ରୀ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ହରସିମ୍ରତ କୌର ବାଦଲ ଭୋଟ ଦେଉଛନ୍ତି।



ପାର୍ଲାମେଣ୍ଟରେ ଏନ୍‌ସିପି ମୁଖ୍ୟ ଶରଦ ପାୱାର।



ପିପିଇ କିଟ୍ ପିନ୍ଧି ଭୋଟ ଦେଉଛନ୍ତି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ।

## ପିତା ନୁହେଁ, ପାର୍ଟି ବଡ଼

ବିରୋଧୀଙ୍କ ପକ୍ଷରୁ ରାଷ୍ଟ୍ରପତି ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ଯଶୱନ୍ତ ସିହ୍ନାଙ୍କ ପୁଅ ତଥା ଝାଡ଼ଖଣ୍ଡର ହଜାରିବାଗରୁ ପ୍ରତିନିଧିତ୍ୱ କରୁଥିବା ଭାଜପା ଏମ୍‌ପି ଜୟନ୍ତ ସିହ୍ନା ପାର୍ଲାମେଣ୍ଟ ହାଉସରେ ଭୋଟ ଦେଉଛନ୍ତି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୟନ୍ତଙ୍କ ମତରେ ସେ ପିତା ନୁହଁ, ପାର୍ଟି ପ୍ରତି ପ୍ରତିଶ୍ରୁତିବଦ୍ଧ।





କେନ୍ଦୁଝର ଲୋକ ସଭା ଆସନର ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ ଓ ରାଜ୍ୟସଭା ସଦସ୍ୟ ମୁନା ଖାନ୍‌ଙ୍କ ସହ ଅନ୍ୟ ଏମ୍‌ପିମାନେ ଭୋଟ ଦେବା ପାଇଁ ଧାଡ଼ିରେ ଛିଡ଼ା ହୋଇଛନ୍ତି।

## ଏସ୍‌ପି ବିଧାୟକଙ୍କ କ୍ରସ୍ ଭୋଟିଂ

ଉତ୍ତରପ୍ରଦେଶ ବରେଲିର ଭୋଜିପୁରା ବିଧାୟକ ତଥା ସମାଜବାଦୀ ପାର୍ଟି (ଏସ୍‌ପି) ନେତା ଶାହଜିଲ୍ ଇସ୍‌ଲାମ ଏନ୍‌ଡିଏ ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କ ପାଇଁ କ୍ରସ୍ ଭୋଟିଂ କରିଛନ୍ତି। ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବ ବିରୋଧୀଙ୍କ ପ୍ରାର୍ଥୀ ଯଶୱନ୍ତ ସିହ୍ନାଙ୍କୁ ଭୋଟ ଦେବା ପାଇଁ ଘୋଷଣା କରିଥିବାବେଳେ ତାଙ୍କ ଦଳର ଏହି ବିଧାୟକ ଦ୍ରୌପଦୀଙ୍କୁ ସମର୍ଥନ ଦେଇଛନ୍ତି। ଦେଶରେ ଜଣେ ଏପରି ରାଷ୍ଟ୍ରପତି ରହିବା ଆବଶ୍ୟକ ଯିଏ ତଳଗାମୀ ଅର୍ଥନୀତି, ଦୁର୍ବଳ ହେବାରେ ଲାଗିଥିବା ଟଙ୍କା ଏବଂ ଲୋକଙ୍କ ଦୁରବସ୍ଥା ବାବଦରେ ସରକାରଙ୍କୁ ଜଣାଇପାରିବେ ବୋଲି ଅଖିଳେଶ ସୋମବାର କହିଥିଲେ।


ପାର୍ଲାମେଣ୍ଟ ମୌସୁମୀ ଅଧିବେଶନର ପ୍ରଥମ ଦିନରେ ରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଣମାଧ୍ୟମକୁ ସମ୍ବୋଧନ କରୁଛନ୍ତି। ନିକଟରେ ଅଛନ୍ତି ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ, ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ, ଅର୍ଜୁନରାମ ମେଘୱାଲ ଏବଂ ଭି. ମୁରଲିଧରନ୍।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୬,୭୯,୫୪,୭୫୨ | ୬୩,୮୮,୦୩୫ | ୫୩,୯୦,୮୭,୨୨୫ |
| ଭାରତ | ୪,୩୭,୬୭,୫୩୪ | ୫,୨୫,୭୬୦ | ୪,୩୦,୯୭,୫୧୦ |
| ଓଡ଼ିଶା | ୧୨,୯୯,୯୨୮ | ୯୧୨୯(+୫୩) | ୧୨,୮୫,୩୭୪ |

ସୋମବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର




# ସ୍ତ୍ରୀ, ଶ୍ୱଶୁର ଓ ଶଳାଙ୍କୁ କାର୍ ମଡ଼ାଇ ହତ୍ୟା ଉଦ୍ୟମ

## ଓକିଲ ଜ୍ୱାଇଁଙ୍କ ବର୍ବରକାଣ୍ଡ

■ ଭାଙ୍ଗିଲା ଏସ୍‌ପିଙ୍କ ଆବାସିକ ପାଚେରି
■ ଜିଲା ଓକିଲ ସଂଘରୁ ପଞ୍ଚାନନ ନିଲମ୍ବିତ

**ସମ୍ବଲପୁର,୧୮।୭(ବ୍ୟୁରୋ)**

ସମ୍ବଲପୁର ଏସ୍‌ପି ଅଫିସ ସମ୍ମୁଖରେ ସୋମବାର ଏକ ପାରିବାରିକ କଳହର ଭୟାବହ ରୂପ ଦେଖିବାକୁ ମିଳିଛି। ଓକିଲ ପଞ୍ଚାନନ ଦାସ ସବୁ ସୀମା ଟପି ଶ୍ୱଶୁରଘର ପରିବାର ସଦସ୍ୟଙ୍କୁ ଦିନ ଦ୍ୱିପ୍ରହରରେ କାର୍ ଚଢ଼ାଇ ହତ୍ୟା ଉଦ୍ୟମ କରିଛନ୍ତି। ଘଟଣାରେ ସ୍ତ୍ରୀ ଚିନ୍ମୟୀ ମହାପାତ୍ର ଓ ଶ୍ୱଶୁର ରାମଚନ୍ଦ୍ର ମହାପାତ୍ର ଅଳ୍ପକେ ବର୍ତ୍ତିଯାଇଥିବା ବେଳେ ଶଳା ସୌମ୍ୟ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ଡାହାଣ ଗୋଡ଼ ଭାଙ୍ଗିଯାଇଛି ଓ ସେ ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ ଅଛନ୍ତି। ପଞ୍ଚାନନ କାର୍ ଚଳାଇ ଦ୍ରୁତଗତିରେ ପ୍ରଥମେ ସ୍ତ୍ରୀ ଓ ଶ୍ୱଶୁରଙ୍କୁ ଧକ୍କା ଦେବା ପରେ ବାଇକ୍‌ରେ ଯାଉଥିବା ସୌମ୍ୟଙ୍କୁ ଧକ୍କା ଦେଇ ଘୋଷାଡ଼ି ନେଇଥିଲେ। ପରେ ଡାହାଣ ପାର୍ଶ୍ୱରେ ଥିବା ଏସ୍‌ପିଙ୍କ ଆବାସିକ ପାଚେରିରେ କାର୍‌ଟି ପିଟି ହୋଇଯାଇଥିଲା। ଏଥିରେ କାନ୍ଥ ଭାଙ୍ଗିଯିବା ସହ ଏକ ବାଇକ୍ ଚୂର୍‌ମାର ହୋଇଯାଇଛି।

ଘଟଣା ପୂରା ସିନେମା ଢଙ୍ଗରେ ହୋଇଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। କାର୍ ପ୍ରଥମେ ସ୍ତ୍ରୀ ଓ ଶ୍ୱଶୁର ଏବଂ ଶଳାଙ୍କୁ ଧକ୍କା ଦେବା ପରେ କାନ୍ଥରେ ପିଟି ହେବାସହ ଅଟକିଯାଇଥିଲା। କାର୍ ଭିତରୁ ପଞ୍ଚାନନ ବାହାରି ଫେରାର ହୋଇଯାଉଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ପୋଲିସ ଏକ ମାମଲା(ନଂ.୨୭୪/୨୨) ରୁଜୁ କରି ଘଟଣାର ତଦନ୍ତ କରୁଛି। ଅଭିଯୁକ୍ତ ପଞ୍ଚାନନଙ୍କୁ ଥାନାରେ ଅଟକ ରଖାଯାଇଛି। ସମସ୍ତ ଘଟଣା ସିସିଟିଭିରେ କଏଦ ହୋଇ ରହିଛି। ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିଛି। ଏହି ଘଟଣା ପରେ ଜିଲା ଓକିଲ ସଂଘରୁ ପଞ୍ଚାନନଙ୍କୁ ନିଲମ୍ବନ କରାଯାଇଛି। ଏହା ସହ କାରଣଦର୍ଶାଅ ନୋଟିସ ମଧ୍ୟ ଜାରି କରାଯାଇଛି। ସନ୍ତୋଷଜନକ ଉତ୍ତର ନ ମିଳିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଓକିଲ ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନା ମୁତାବକ ବୁର୍ଲାରେ ପରିବାର ସହ ରହୁଥିବା ପଞ୍ଚାନନ ଓ ତାଳଚେର ନିବାସୀ ଚିନ୍ମୟୀଙ୍କ ମଧ୍ୟରେ ପ୍ରାୟ ୧୦ବର୍ଷ ପୂର୍ବରୁ ବିବାହ ହୋଇଥିଲା। ସେମାନଙ୍କର ୭ ବର୍ଷର ପୁଅ ଓ ୫ବର୍ଷର ଗୋଟିଏ ଝିଅ ଅଛନ୍ତି। ଏକ ଜନସେବା କେନ୍ଦ୍ର ଖୋଲି ଚିନ୍ମୟୀ ମଧ୍ୟ ରୋଜଗାର କରୁଥିଲେ। ପଞ୍ଚାନନ ସମ୍ବଲପୁରରେ ଓକିଲାତି କରୁଥିଲେ। ଏପରିସ୍ଥଳେ ଶାଶୁଘର ଲୋକେ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିବା ନେଇ ଚିନ୍ମୟୀ ବୁର୍ଲା ଥାନାରେ ୬ମାସ ପୂର୍ବରୁ ଅଭିଯୋଗ କରିଥିଲେ। ସେହିଦିନଠାରୁ ଚିନ୍ମୟୀ ଦୁଇ ପିଲାଙ୍କ ସହ ବାପଘରେ ରହିଆସୁଥିଲେ। ସେ ପିଲାଙ୍କ ପାଠପଢ଼ା ପାଇଁ ଆର୍ଥିକ ସହାୟତା ଦେବାକୁ ପଞ୍ଚାନନଙ୍କ ପାଖରେ ଦାବି କରିଥିଲେ। ଏପରି କି ଓକିଲ ଜରିଆରେ ନୋଟିସ୍ ମଧ୍ୟ କରିଥିଲେ। ଆର୍ଥିକ ସହାୟତା ନ ଦେଲେ ଜନସେବା କେନ୍ଦ୍ର ଅନ୍ୟତ୍ର ନେଇ ନିଜେ ପରିଚାଳନା କରିବେ ବୋଲି ସ୍ଥିର କରିଥିଲେ। ସେଠାରୁ କିଛି ରୋଜଗାର ହେଲେ ପିଲାଙ୍କ ପାଠପଢ଼ାରେ ସୁବିଧା ହେବ ବୋଲି ଆଶା କରିଥିଲେ। ତେଣୁ ସୋମବାର ଚିନ୍ମୟୀ, ତାଙ୍କ ବାପା ଓ ଭାଇ ପଞ୍ଚାନନଙ୍କୁ ଭେଟି ଆଲୋଚନା କରିବା ପାଇଁ ଜିଲା କୋର୍ଟ ପରିସରକୁ ଆସିଥିଲେ। ହେଲେ ପଞ୍ଚାନନ ଚିନ୍ମୟୀଙ୍କ ପରିବାରକୁ ନ ଭେଟି କୁଆଡେ ଚାଲିଯାଇଥିଲେ। ଫଳରେ ସେମାନେ ନିରାଶ ହୋଇ ଏସ୍‌ପିଙ୍କ ବାସଭବନ ନିକଟରେ ଛିଡ଼ା ହୋଇଥିଲେ। ଏହି ସମୟରେ ପଞ୍ଚାନନ ତାଙ୍କ କାର୍ (ନଂ.ଓଡି୧୫ଏମ-୦୩୩୪)ରେ ଆସି ହତ୍ୟା ଉଦ୍ୟମ କରିଥିଲେ। ଏହି ଘଟଣା ଜିଲାରେ ଆଲୋଡ଼ନ ସୃଷ୍ଟି କରିଛି।


କାର୍ ଧକ୍କାରେ ଭାଙ୍ଗିଥିବା ଏସ୍‌ପି ଅଫିସ ପାଚେରି।

# ହୀରାକୁଦରୁ ପ୍ରଥମ ବନ୍ୟାଜଳ ନିଷ୍କାସନ

## ୫ ଗେଟ୍‌ରେ ୧ଲକ୍ଷ ୧୬ ହଜାର କ୍ୟୁସେକ ଜଳ ପ୍ରବାହିତ

**ସମ୍ବଲପୁର,୧୮।୭(ବ୍ୟୁରୋ)**



ସମ୍ବଲପୁରର ହୀରାକୁଦ ଜଳଭଣ୍ଡାରରୁ ସୋମବାର ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯାଇଛି। ନିର୍ଦ୍ଧାରିତ ସମୟ ପୂର୍ବାହ୍ନ ୧୧ଟାରେ ବନ୍ଧ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ପ୍ରତିବର୍ଷ ଭଳି ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ପରେ ୭ ନମ୍ବର ସ୍ଲୁଇସ୍ ଗେଟ୍ ଖୋଲାଯାଇଥିଲା। ଧୀରେ ଧୀରେ ଅନ୍ୟ ୪ ସ୍ଲୁଇସ ଗେଟ୍ ଖୋଲି ଦିଆଯାଇଥିଲା। ସନ୍ଧ୍ୟା ୬ଟା ସୁଦ୍ଧା ଜଳଭଣ୍ଡାରରେ ଜଳସ୍ତର ୬୧୩.୨୭ ଫୁଟ୍ ରହିଥିଲା। ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୧ ଲକ୍ଷ ୮ହଜାର ୫୧୫ କ୍ୟୁସେକ ଜଳ ପ୍ରବେଶ କରୁଥିବାବେଳେ ୧ ଲକ୍ଷ ୧୬ ହଜାର ୫୪୧ କ୍ୟୁସେକ ଜଳ ନିଷ୍କାସନ ହେଉଛି। ତଳମୁଣ୍ଡ ବେଲଗାଁରେ ୩୪ ହଜାର କ୍ୟୁସେକ, ପର୍ଥଲାରେ ୭୧ ହଜାର ୭୧୩, ଖଇରମାଳରେ ୧ ଲକ୍ଷ ୩୮ ହଜାର, ବରମୁଲାରେ ୧ ଲକ୍ଷ ୯୭ ହଜାର ଓ ମେଣ୍ଡୋଲିରେ ୧ ଲକ୍ଷ ୭୨ ହଜାର ୪୫୦ କ୍ୟୁସେକ ଜଳ ପ୍ରବାହିତ ହେଉଛି। ସୂଚନାଯୋଗ୍ୟ ଗତବର୍ଷ ଜୁଲାଇ ୧୧ରେ ପ୍ରଥମ ବନ୍ୟାଜଳ ନିଷ୍କାସନ ହୋଇଥିଲା। ଉପରମୁଣ୍ଡ ଛତିଶଗଡ଼ରେ ପ୍ରବଳ ବର୍ଷା ହେବାରୁ ଡ୍ୟାମ୍‌କୁ ବନ୍ୟାଜଳ ପ୍ରବେଶ ପରିମାଣ ବୃଦ୍ଧି ପାଇଛି। ଏଥିଯୋଗୁ ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧି ପାଇଛି। ଏହାକୁ ଦୃଷ୍ଟିରେ ରଖି ସୋମବାର ପ୍ରଥମ ବନ୍ୟାଜଳ ନିଷ୍କାସନ ହେବ ବୋଲି ବନ୍ଧ କର୍ତ୍ତୃପକ୍ଷ ସ୍ଥିର କରିଥିଲେ। ଏ ନେଇ ସର୍ବସାଧାରଣରେ ନୋଟିସେ ମଧ୍ୟ କରାଯାଇଥିଲା। ବନ୍ୟାଜଳ ନିଷ୍କାସନ ଦୃଶ୍ୟ ଦେଖିବା ପାଇଁ ମହାନଦୀ ତଟରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା।

# ଜିଏସ୍‌ଟିକୁ ଓଡ଼ିଶା ଦୁଗ୍ଧଚାଷୀ ମହାସଂଘର ବିରୋଧ

## କ୍ଷୀର ଢାଳି ପ୍ରତିବାଦ ଜଣାଇଲେ ଚାଷୀ

**ଭୁବନେଶ୍ୱର,୧୮।୭(ବ୍ୟୁରୋ)**

କେନ୍ଦ୍ର ସରକାର ଦହି, ପନିର, ଘୋଳଦହି ଆଦି ଉପରେ ଜିଏସ୍‌ଟି ଲାଗୁ କରିଛନ୍ତି। ଏହାକୁ ବିରୋଧ କରି ସୋମବାର ଓଡ଼ିଶା ଦୁଗ୍ଧଚାଷୀ ମହାସଂଘ ରାସ୍ତାକୁ ଓହ୍ଲାଇଛି। ଦୁଗ୍ଧ ଚାଷୀମାନେ କ୍ଷୀର କେନ୍ ଧରି ମାଷ୍ଟର କ୍ୟାଣ୍ଟିନ୍ ଛକରୁ ଶୋଭାଯାତ୍ରା କରି ପିଏମ୍‌ଜି ଛକ ଅଭିମୁଖେ ଆସୁଥିବାବେଳେ ପୋଲିସ ସେମାନଙ୍କୁ ଅଟକାଇଥିଲା। ଫଳରେ ଦୁଗ୍ଧଚାଷୀମାନେ ରାସ୍ତା ଉପରେ କ୍ଷୀର ଢାଳି ପ୍ରତିବାଦ ଜଣାଇଥିଲେ। ମହାସଂଘ ସଭାପତି ରବି ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭ ଶୋଭାଯାତ୍ରାରେ ପୁରୀ, କଟକ, ଖୋର୍ଦ୍ଧା, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ଜିଲାରେ ଶତାଧିକ ଚାଷୀ ଯୋଗଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ପରିପ୍ରେକ୍ଷୀରେ ମହାସଂଘ ପକ୍ଷରୁ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳ ଓ କୃଷିମନ୍ତ୍ରୀଙ୍କ ଜରିଆରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ତୁରନ୍ତ ୫% ଜିଏସ୍‌ଟି ପ୍ରତ୍ୟାହାର କରିବାକୁ ଦାବି କରାଯାଇଛି। ଆବଶ୍ୟକ ପଡ଼ିଲେ ଆନ୍ଦୋଳନକୁ ଆହୁରି ବ୍ୟାପକତର କରାଯାଇ ସଂସଦ ଭବନ ସମ୍ମୁଖରେ ଦୁଗ୍ଧଚାଷୀମାନେ ବିକ୍ଷୋଭ ପ୍ରଦର୍ଶନ କରିବେ ବୋଲି ମହାସଂଘ ପକ୍ଷରୁ ସୂଚନା ଦିଆଯାଇଛି।

କରୋନା ପାଇଁ ଦେଶର ୯ କୋଟି ଦୁଗ୍ଧଚାଷୀଙ୍କ ଜୀବନ ଜୀବିକା ବିପନ୍ନ ହୋଇଥିଲାବେଳେ ୫% ଜିଏସ୍‌ଟି ଲାଗୁ ଫଳରେ ଦୁଗ୍ଧଜାତ ଦ୍ରବ୍ୟ ଦରଦାମ୍ ଆହୁରି ବୃଦ୍ଧି ପାଇବ। ସେମାନଙ୍କ ଜୀବନ ଜୀବିକା ଚରମ ଦୁର୍ଦ୍ଦଶାର ସମ୍ମୁଖୀନ ହେବ। ଖାଲି ଦୁଗ୍ଧଜାତ ଦ୍ରବ୍ୟ ନୁହେଁ, ଚାଉଳ, ଅଟା, ଡାଲି ସମେତ ମୁଢ଼ି, ଚୁଡ଼ା, ଖଇ ଓ ଗୁଡ଼ ଉପରେ ୫% ଜିଏସ୍‌ଟି ଲାଗୁ ହେବା ଯୋଗୁ ଅତ୍ୟାବଶ୍ୟକ ସାମଗ୍ରୀର ଦର ଆହୁରି ବଢ଼ିଯିବ। ଏହି ଜିଏସ୍‌ଟି ଯୋଗୁ ଦୁଗ୍ଧଚାଷୀଙ୍କ ସହ ସାଧାରଣ ଖାଉଟି ଓ ଛୋଟ ଛୋଟ ବେପାରୀଙ୍କ ଅର୍ଥନୈତିକ ମେରୁଦଣ୍ଡ ଭାଙ୍ଗିଯିବ। କେନ୍ଦ୍ର ସରକାର ପେଟ୍ରୋଲ୍, ଡିଜେଲ୍‌କୁ ଜିଏସ୍‌ଟି ପରିସରଭୁକ୍ତ କରିବା ପରିବର୍ତ୍ତେ ଡାଲି, ଚାଉଳ, ଅଟା ଓ ଦୁଗ୍ଧଜାତ ଦ୍ରବ୍ୟ ଉପରେ ଜିଏସ୍‌ଟି ଲାଗୁ କରିବା ଦୁର୍ଭାଗ୍ୟଜନକ ବୋଲି ସଭାପତି ରବି ବେହେରା ମତବ୍ୟକ୍ତ କରିଛନ୍ତି। ମହାସଂଘ ସମ୍ପାଦକ ନାରାୟଣ ଡାଲୁଆ, ସ୍ୱୟଂପ୍ରଭା ସାହୁ, ଦୁଗ୍ଧଚାଷୀ ମାନସ ମହାନ୍ତି, ଗୌରାଙ୍ଗ ରାଉତ, ଯାଦବ ମହାସଭା ସର୍ବଭାରତୀୟ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ଦାସ, ସମାଜବାଦୀ ପାର୍ଟି ସାଧାରଣ ସମ୍ପାଦକ ସୁଦର୍ଶନ ପ୍ରଧାନ ପ୍ରମୁଖ ଏହାକୁ ନିନ୍ଦା କରିଛନ୍ତି। ତୁରନ୍ତ ଜିଏସ୍‌ଟି ପ୍ରତ୍ୟାହାର ନ ହେଲେ ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

# ଆସନ୍ତା ସପ୍ତାହରେ ଦେଶବ୍ୟାପୀ ଆନ୍ଦୋଳନ

**ନୂଆଦିଲ୍ଲୀ,୧୮।୭:** ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ମୂଲ୍ୟ ବୃଦ୍ଧିରେ ଦେଶବାସୀ ଘାଣ୍ଟି ହେଉଥିବାବେଳେ ସୋମବାରଠାରୁ ପୂର୍ବରୁ ପ୍ୟାକ୍ ହୋଇଥିବା ବିଭିନ୍ନ ଖାଦ୍ୟ ସାମଗ୍ରୀ ଯଥା କ୍ଷୀର, ଦହି, ପନିର, ମାଛ, ମାଂସ, ଚୁଡ଼ା, ମୁଢ଼ି ଏବଂ ନନ୍‌ବ୍ରାଣ୍ଡେଡ୍ ଅଟା, ଚାଉଳ ଉପରେ କେନ୍ଦ୍ର ସରକାର ୫% ଦ୍ରବ୍ୟ ଏବଂ ସେବା କର (ଜିଏସ୍‌ଟି) ଲାଗୁ କରିଛନ୍ତି। ଏହାକୁ ତୁରନ୍ତ ପ୍ରତ୍ୟାହାର କରିବା ଦାବିରେ ଦେଶର ବ୍ୟବସାୟୀ ଏବଂ ଦୋକାନୀମାନେ ଆସନ୍ତା ସପ୍ତାହରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଅଗ୍ରଣୀ ବ୍ୟବସାୟୀ ଗୋଷ୍ଠୀର ଜଣେ ବରିଷ୍ଠ କର୍ମକର୍ତ୍ତାଙ୍କଠାରୁ ଜଣାପଡ଼ିଛି।

**ଖାଦ୍ୟ ସାମଗ୍ରୀ ଉପରେ ଜିଏସ୍‌ଟି ଆଦାୟକୁ ବିରୋଧ**

ବିଭିନ୍ନ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ଏବଂ ଅନ୍‌ବ୍ରାଣ୍ଡେଡ୍ ସାମଗ୍ରୀ ଉପରେ ଜିଏସ୍‌ଟି ଲାଗୁ ହେବା ଦ୍ୱାରା ସାଧାରଣ ଲୋକଙ୍କ ଉପରେ ଗଭୀର ପ୍ରଭାବ ପଡ଼ିବ। ଘରୋଇ ଏଲ୍‌ପିଜି, ସବୁପ୍ରକାର ଘରକରଣା ଓ ପ୍ରତିଦିନ ଆବଶ୍ୟକ ହେଉଥିବା ସାମଗ୍ରୀର ମୂଲ୍ୟ ନିୟମିତ ବଢ଼ିଚାଲିଛି। ଫଳରେ ଉଭୟ ଖାଉଟି ଏବଂ ବ୍ୟବସାୟୀ ଦୁର୍ଦ୍ଦଶା ମଧ୍ୟକୁ ଠେଲି ହୋଇଯାଇଥିବାବେଳେ ପୁଣି ଉପରୋକ୍ତ ଜିଏସ୍‌ଟି ଲାଗୁ ଚିନ୍ତା ବଢ଼ାଇଛି ବୋଲି କନ୍‌ଫେଡେରେଶନ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର୍ସ (ସିଏଆଇଟି) ସଭାପତି ପରବିନ୍ ଖଣ୍ଡେଲୱାଲ କହିଛନ୍ତି। ୧ କୋଟିରୁ ଊର୍ଦ୍ଧ୍ୱ ବ୍ୟବସାୟୀଙ୍କ ପ୍ରତିନିଧିତ୍ୱ କରୁଥିବା ସିଏଆଇଟିର ସଭାପତି ଖଣ୍ଡେଲୱାଲ କହିଛନ୍ତି ଯେ, ଦେଶବ୍ୟାପୀ କ୍ରମାଗତ ପ୍ରତିବାଦ ଆନ୍ଦୋଳନ କରାଯିବ। ଏନେଇ ଆସନ୍ତା ୨୬ ତାରିଖରେ ଭୋପାଳରେ ବିଭିନ୍ନ ରାଜ୍ୟର ବ୍ୟବସାୟୀ ସଂଘ ସଦସ୍ୟଙ୍କ ବୈଠକ ହେବ ବୋଲି ଖଣ୍ଡେଲୱାଲ କହିଛନ୍ତି।





Visit www.marutisuzukicommercial.com | For more details & bulk enquiries, please write to us at supercarry@maruti.co.in

| BHUBANESWAR | BHUBANESWAR | CUTTACK | BARGARH | JEYPORE | BALASORE | ROURKELA | ANGUL |
|---|---|---|---|---|---|---|---|
| JYOTE MOTORS | TUSHI MOTORS | NARAYANI MOTORS | ODYSSEY MOTORS | LEGEND CARS | JYOTE MOTORS | ORBIT MOTORS | ODYSSEY MOTORS |
| Near Sai Temple, Cuttack Puri By Pass Road | Rajendra Complex, Main Road, NH-16 Khandagiri Square, Near Mithal Express | Nirgundi, Tangi, Cuttack | In front of Friends Villa, Main Road, Bargarh | Near Old TATA Showroom, Jeypore | Januganj, Remuna, Balasore | Near Pahadi Bar, Besides Bharat Petrol Pump, Vedvyas | Near Cineplex, NH 55, Kandasar, Angul |
| Ph: 8338033990 | Ph: 9439539200 | Ph: 8338033999 | Ph: 7381011332 | Ph: 8114397003 | Ph: 8338033992 | Ph: 9437007440 | Ph: 6370702436 |

OTHER CITIES: RAYAGADA, NABARANGPUR, BERHAMPUR, NAYAGARH, KEONJHAR, BOUDH, BOLANGIR, SAMBALPUR, JHARSUGUDA, KORAPUT, MALKANGIRI, KENDRAPADA, JAJPUR, BARIPADA, DHENKANAL, PURI CALL: 9039044755.

*Offer includes consumer offer, exchange bonus and institutional offer (wherever applicable) on selected models/ variants. Above mentioned savings amount is the value of maximum savings on selected models. *^Terms and conditions apply. Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. Up To 100% on-road funding is provided by select financiers only. Terms and conditions are subject to change without any prior notice. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Colors shown may vary from actual body color due to printing on paper. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 31st July, 2022.



DSPL - 108

ଓଡ଼ିଶା ଶାସନ

## ଜଳସମ୍ପଦ ବିଭାଗ

## ବନ୍ୟା ଓ ବର୍ଷାଋତୁ ପାଇଁ ସତର୍କ ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଚଳିତ ବର୍ଷାଋତୁରେ ବିଭିନ୍ନ ନଦୀଗୁଡିକର ଜଳସ୍ତର ଯେକୌଣସି ସମୟରେ ବଢ଼ିବାର ସମ୍ଭାବନା ଅଛି । ତେଣୁ ଜନସାଧାରଣ ନଦୀ ବା ଜଳଭଣ୍ଡାର ମଧ୍ୟକୁ ଯିବା ସମୟରେ ନିମ୍ନଲିଖିତ ସତର୍କତା ଅବଲମ୍ବନ କରନ୍ତୁ;

### ✓ ଏହା କରନ୍ତୁ

- ଗଭୀର ଜଳ ଓ ପ୍ରଖର ସ୍ରୋତଠାରୁ ଦୂରେଇ ରୁହନ୍ତୁ ।
- ସ୍କୁଲ ଓ କଲେଜ ଯାଉଥିବା ପିଲାମାନଙ୍କ ପ୍ରତି ତଥା ବୃଦ୍ଧ ଓ ବୟସ୍କ ବ୍ୟକ୍ତିମାନଙ୍କ ପ୍ରତି ଅଧିକ ଧ୍ୟାନ ଦିଅନ୍ତୁ ।
- ବନ୍ୟା ସମୟରେ ବୁଡ଼ି ଯିବାକୁ ଥିବା ସ୍ଥାନରୁ ଯଥାଶୀଘ୍ର ଆବଶ୍ୟକୀୟ ଜିନିଷପତ୍ର ଧରି ଉଚ୍ଚ ସ୍ଥାନକୁ ଚାଲି ଯାଆନ୍ତୁ ।
- ନଦୀ, ନାଳ, ହ୍ରଦ ଓ ଜଳଭଣ୍ଡାର ମଧ୍ୟରେ ଯାତାୟତ ସମୟରେ ଜୀବନସୁରକ୍ଷା ଜ୍ୟାକେଟ୍ (Life Jacket) ବ୍ୟବହାର କରନ୍ତୁ ।
- ଟେଲିଭିଜନ୍, ରେଡିଓ, ବିଭିନ୍ନ ଖବର କାଗଜ ଏବଂ ଡାକବାଜି ଯନ୍ତ୍ର ସାହାଯ୍ୟରେ ଦିଆଯାଉଥିବା ବନ୍ୟା ସମ୍ପର୍କିତ ସୂଚନା ଜାଣନ୍ତୁ ଏବଂ ଆବଶ୍ୟକୀୟ ସତର୍କତା ଅବଲମ୍ବନ କରନ୍ତୁ ।
- ନଦୀବନ୍ଧରେ ଘଳିଆ ହେଲେ କିମ୍ବା ଘାଇ ହେବାର ସମ୍ଭାବନା ଦେଖିଲେ ଜଳସମ୍ପଦ ବିଭାଗର ଅଧିକାରୀଙ୍କ ସହ ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ବନ୍ଧ ମରାମତି କାର୍ଯ୍ୟରେ ସମ୍ପୂର୍ଣ୍ଣ ସହଯୋଗ କରନ୍ତୁ ।

### ✗ ଏଭଳି କରନ୍ତୁ ନାହିଁ

- ବୁଡ଼ି ଯାଇଥିବା ନଦୀବନ୍ଧ ଉପରେ ଯାତାୟତ କରନ୍ତୁ ନାହିଁ ।
- ପହଁରା ଜାଣିଥିଲେ ମଧ୍ୟ ସୁଅ ଥିବା ପାଣିରେ ପ୍ରବେଶ କରନ୍ତୁ ନାହିଁ ।
- ଚପଳମତି କିଶୋର/କିଶୋରୀମାନଙ୍କୁ ଦୁଃସାହସିକ ଭାବେ ବନ୍ୟା ଦେଖିବାକୁ ବା ମାଛ ଧରିବାକୁ ଛାଡନ୍ତୁ ନାହିଁ ।
- ଅଣଲାଇସେନ୍ସପ୍ରାପ୍ତ ନୌକାରେ ଯାତାୟତ କରନ୍ତୁ ନାହିଁ ତଥା ଧାର୍ଯ୍ୟ କ୍ଷମତାଠାରୁ ଅଧିକ ସଂଖ୍ୟକ ଯାତ୍ରୀ ଯାତାୟତ କରିବାରୁ କ୍ଷାନ୍ତ ରୁହନ୍ତୁ ।
- ଜଳଭଣ୍ଡାରରୁ ପାଣି ଛଡ଼ା ଯାଉଥିବା ସୂଚନା ଥିଲେ ନଦୀ ଶଯ୍ୟା ଭିତରକୁ ନିଜେ ପ୍ରବେଶ କରନ୍ତୁ ନାହିଁ ଓ ଗୃହପାଳିତ ପଶୁମାନଙ୍କୁ ଛାଡ଼ନ୍ତୁ ନାହିଁ ।


ବୁଡ଼ି ଯାଇଥିବା ପୋଲ ଉପରେ ଯାତାୟତ କରନ୍ତୁ ନାହିଁ


ଅତଡ଼ା ଖାଉଥିବା ବନ୍ଧ ଉପରେ ଛିଡ଼ା ହୁଅନ୍ତୁ ନାହିଁ


ଲାଇସେନ୍ସପ୍ରାପ୍ତ ନୌକାରେ ଯାତାୟତ କରନ୍ତୁ ଜୀବନସୁରକ୍ଷା ଜ୍ୟାକେଟ୍ ବ୍ୟବହାର କରନ୍ତୁ

ସର୍ବୋଚ୍ଚ ଯନ୍ତ୍ରୀ, ଜଳସମ୍ପଦ ବିଭାଗ

OIPR-32001/13/0001/2223

**ଆଜିର ମନ୍ତବ୍ୟ**

"ଶ୍ରୀଲଙ୍କା ଭଳି ଉଚ୍ଚ ଋଣରେ ବୁଡ଼ି ସୀମିତ ନୀତି ଆପଣାଇଥିବା ଅନ୍ୟ ଦେଶଗୁଡ଼ିକ ମଧ୍ୟ ଅନୁରୂପ ଦଶା ଭୋଗିପାରନ୍ତି।"
– କ୍ରିଷ୍ଟାଲିନା ଜର୍ଜିଭା, ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ମୁଖ୍ୟ




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗାଆଁ ମୁଣ୍ଡେ କଲି ଘର;**
**ଗେରସ୍ତ ମୋହର ପରବାସିଆ ଲୋ,**
**ମତେ ନିଇତି ମାଡ଼ଇ ଡର।**

ଗାଆଁ ମୁଣ୍ଡରେ ଘର, ଆଖପାଖରେ ଘର ନ ଥିବାରୁ ରାତିବେଳା ନିଛାଟିଆ ଲାଗିବା ସ୍ୱାଭାବିକ। ଏପରିସ୍ଥଳେ ଚିର ପ୍ରବାସୀ ସ୍ୱାମୀର ଅନୁପସ୍ଥିତିରେ ତରୁଣୀ ସ୍ତ୍ରୀଟି ସଦାସର୍ବଦା ଭୟ ଏବଂ ଆଶଙ୍କା ମଧ୍ୟରେ ସମୟ ଅତିବାହିତ କରିବା ଯଥାର୍ଥ ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଗେରସ୍ତ ବାପୁଡ଼ା ମାଇଗୁଲିଆ,**
**ମାଇପ ଟାଣରେ ହୁଏ ହାଲିଆ।**

ସ୍ତ୍ରୀ ବୁଦ୍ଧିରେ ବାଟ ଚାଲୁଥିବା ବ୍ୟକ୍ତି ନିଜସ୍ୱ ମତ ଜାହିର କରିପାରି ନ ଥାଏ। ସ୍ତ୍ରୀ ଯାହା କହିଥାଏ ସେ ତାହା ହିଁ କରିବାକୁ ଏକରକମ ବାଧ୍ୟ ହୋଇଥାଏ। ସ୍ତ୍ରୀର ବୋଲକରା ବ୍ୟକ୍ତି ନାନା ହଇରାଣ ହରକତ ହେବା ସହ ହଟହଟା ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# କାଶୀପୁରରେ ବ୍ୟାପିଛି ଭିବ୍ରିଓ କଲେରା

## ସମସ୍ତ ପଞ୍ଚାୟତରେ ଚାଲିଛି ସଚେତନତା କାର୍ଯ୍ୟକ୍ରମ: ଜିଲାପାଳ

ରାୟଗଡ଼ା ଅଫିସ,୧୮।୭

ରାୟଗଡ଼ା ଜିଲା କାଶୀପୁରରେ ଝାଡ଼ାବାନ୍ତି ବ୍ୟାପିବା ଘଟଣାରେ ସୋମବାର ଆର୍‌ଏମ୍‌ଆର୍‌ସି ଲ୍ୟାବ୍‌ର ମଳ ରିପୋର୍ଟ ପହଞ୍ଚିଛି। ଅଞ୍ଚଳବାସୀ ଭିବ୍ରିଓ କଲେରାରେ ଆକ୍ରାନ୍ତ ହୋଇଥିବା ରିପୋର୍ଟରୁ ସ୍ପଷ୍ଟ ହୋଇଥିବା ଜିଲାପାଳ ସ୍ୱଧା ଦେବ ସିଂ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଝାଡ଼ାବାନ୍ତିରେ ମୃତ୍ୟୁ ସଂଖ୍ୟା ୭ ଥିବାବେଳେ ଏବେ ବି ୫୦ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ ଜିଲାର ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି।

କଲେରାକୁ ପ୍ରତିହତ କରିବା ପାଇଁ କାଶୀପୁର ବ୍ଲକର ସମସ୍ତ ପଞ୍ଚାୟତରେ ଲୋକଙ୍କୁ ସଚେତନ କରାଯାଉଛି। ଅନ୍ୟ ଲୋକମାନେ ଯେପରି ଆକ୍ରାନ୍ତ ନ ହେବେ ଏବଂ ଚିକିତ୍ସାଧୀନ ଆକ୍ରାନ୍ତ ଯେପରି ଗୁରୁତର ନ ହେବେ ସେଥିପ୍ରତି ଗୁରୁତ୍ୱ ଦିଆଯାଉଥିବା ଜିଲାପାଳ କହିଛନ୍ତି। ଲକ୍ଷଣ ଦେଖାଯିବା ମାତ୍ରେ ସେମାନଙ୍କ ଚିକିତ୍ସା କରାଯାଉଛି।


ସ୍ୱାସ୍ଥ୍ୟ ବିଭାଗ ଟିମ୍ ଜଳ ନମୁନା ସଂଗ୍ରହ କରୁଛନ୍ତି।

ଜିଲା ପ୍ରଶାସନ ପକ୍ଷରୁ ଏଥିପାଇଁ ଏକ ହେଲ୍ପଲାଇନ ନମ୍ବର ୯୪୩୭୪୪୮୭୪୭ ଜାରି କରାଯାଇଛି। ଆଶା, ଅଙ୍ଗନୱାଡି କର୍ମୀମାନେ ଗ୍ରାମାଞ୍ଚଳରେ ଲୋକଙ୍କୁ ସଚେତନ କରୁଛନ୍ତି। ନଦୀ ଏବଂ କୂଅର ଦୂଷିତ ପାଣି ବ୍ୟବହାର ନ କରିବାକୁ ପରାମର୍ଶ ଦିଆଯାଇଛି। ପାନୀୟ ଜଳର ସୁବିଧା ପାଇଁ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ କରାଯାଉଛି। ଗ୍ରାମରେ ଥିବା ସମସ୍ତ ଜଳ ଉତ୍ସରୁ ଜଳର ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଯାଉଛି। ଆଗାମୀ ୩ ଦିନରେ ରିପୋର୍ଟ ଆସିବ। ଯେଉଁ ଉତ୍ସର ପାଣି ପିଇବା ଯୋଗ୍ୟ ଜଣାପଡ଼ିବ, ପରେ ତାହାକୁ ବ୍ୟବହାର କରିବା ପାଇଁ ଗ୍ରାମବାସୀଙ୍କୁ ପରାମର୍ଶ ଦିଆଯିବ ବୋଲି ଜିଲାପାଳ ସିଂ କହିଛନ୍ତି। ଏହା ବ୍ୟତୀତ ଗ୍ରାମବାସୀଙ୍କୁ ପାଣି ଫୁଟାଇ ପିଇବାକୁ ସଚେତନ କରାଯାଉଛି। ବିଶେଷକରି ସର୍ବାଧିକ ଆକ୍ରାନ୍ତ ହୋଇଥିବା ଡୁଡୁକାବାହାଲ ଗ୍ରାମର ଲୋକେ ସୁଷମ ଖାଦ୍ୟ ଖାଇବା ସହ କିପରି ବିଶୁଦ୍ଧ ଜଳ ବ୍ୟବହାର କରିବେ ସେଥିପ୍ରତି ଦୃଷ୍ଟି ଦିଆଯାଉଥିବା କୁହାଯାଇଛି। ସେହିପରି ସିଡିଏମ୍‌ଓ ଲାଲମୋହନ ରାଉତରାୟ ସୂଚନା ଦେଇ କହିଛନ୍ତି, ଏକାଧିକ ସ୍ୱାସ୍ଥ୍ୟ ଟିମ୍ ପଠାଯାଇଛି। ମଙ୍ଗଳବାର ଠାରୁ ଅସ୍ଥାୟୀ ଶିବିର କରି ଚିକିତ୍ସା କରାଯିବ ବୋଲି ରାଉତରାୟ କହିଛନ୍ତି।


# classifieds

**Everyday**
**0674-2580101, 2549302**



**SALE**

ନଖରା East College ନିକଟରେ 15,00,000ରେ ଘରବାରି ପାଚେରି ହୋଇଥିବା ପ୍ଲଟ୍ ଇଲେକ୍ଟ୍ରି ସହିତ ଦିଆଯାଉଅଛି। 9776846520. D-73281

**Commercial cum residential plot at Brahmanjharilo Cuttack (Niali road) 6k.m. to Phulanakhara, 11k.m. to Bhubaneswar. 7809525452.** D-73938

ଭୁବନେଶ୍ୱର Ravi Talkies 1.5.k.m. ଭିତରେ ଘରବାଡ଼ି ପାଚେରି ପ୍ଲଟ୍ ବିକ୍ରିହେବ। 9827119799. D-73842

**Immediate** ଘରକରି ରହିବା ପାଇଁ ଭିଙ୍ଗାରପୁରଠାରେ **sqft. 500/** ବାଳକାଟିରେ **sqft.1000/-.8114929186.** D-73541

**Gharabari advance boundarywall plot sale Gudiapokhari Omvihar with 30'road, electricity, plantetion, Patta limited plot available. 8763887357, 8144730854.** D-73274

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grandbazar (NH-16) ସମ୍ମୁଖରୁ 1K.M. ଦୂରତାରେ ବାସୋପଯୋଗୀ ପ୍ଲଟ୍ କିଣନ୍ତୁ ଓ ଗୃହ ନିର୍ମାଣ କରନ୍ତୁ। 6371200121. D-73279

**ଭୁବନେଶ୍ୱର କଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 30ft. road, ଇଲେକ୍ଟ୍ରିସିଟି ଥାଇ ବାସୋପଯୋଗୀ ପ୍ଲଟ୍ sqft.-320/-, 850/-ରେ ମିଳୁଛି। 9668344479, 9437607388.** D-73268

**ଭୁବନେଶ୍ୱର ହଂସପାଳ ନିକଟବର୍ତ୍ତୀ Sudhananda School & Collegeକୁ ଲାଗି layout approval plot (Bank finance) @9,00,000/- ଦେଇ ତୁରନ୍ତ ଘର କରନ୍ତୁ। (OD Group). 9437033320.** D-73283

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. plotକୁ 3,60,000/- (outright). 9439660381. D-73280

**Puri Studio apartment sale near new international Airport (Girala) rate-13,50,000/- onwards (Bank finance available). 8249390294, 8018417272.** D-73277



**Construct your home @850/-, 1330/- includes architecture structure with 3year FMC, provide BDA plan approval boring/interiorwork. SNV Construction. 9439295469.** D-73278



Refreshing your mind and body with the best therapy, 7873794731. D-872

Newly open full body massage ladies and gents. 7846923244. D-73939

**Relax, Refresh your body, Mind at Saikrupa Spa with best therapies. 8984068077.** D-980

Refreshments rejuvenation body massage therapy with experienced therapists, Bhubaneswar. 7854099233. D-73844

Newly open SPA positively health benifit with expert. Contact: 7749976301. D-73845

Newly open full body massage ladies and gents. 8327740003, 8093860513. D-73937

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

By virtue of affidavit sworn before Executive Magistrate, Bhubaneswar I, Preeti Ranjan Jena, R/o Vill/ P.S.- Badagada, P.O.- Badagada Brit Colony, Bhubaneswar, want to change name of my minor Daughter from "Shreyanvi Jena" to "Shivanya Jena". Henceforth my minor Daughter will be known as "Shivanya Jena" for all purposes. Her date of Birth is 19.12.2020 and Birth registration Number is 24013/2020 dated 27.12.2020. D-73709

Before Notary Sri Binayak Sahu Govt. of Odisha, Khalikote, Ganjam I, K. Gurumurty Patra, S/o- Late K. Trinath Patra, Mother- K. Puni Patra, Vill- Manapalli, PO.- Kairasi, P.S.- Tahasil, khalikote. In my School leaving Certificate (T.C) and my Birth Certificate mentioned as K. Gurumurty Patra, but in my Aadhaar Card wrongly mentioned as B. Bhikari Patra, S/o- B. Trinath Patra. Which is my nick name necessary to Produce before competent authority to record my name as per my Transfer Certificate of School and Birth Certificate and issue new Aadhaar Card in my above name and for Odisha gazette. D-1036

By virtue an affidavit before Notary Public, Bhubaneswar, I Ajay Kumar Agarwal, S/o- Banarasi Das Agarwal, At- Bhabanipur, PO./ P.S.- Pipili, Dist.- Puri-752104, Odisha. That in my School leaving Certificate (T.C.) and Passport my name mentioned as AJAYA KUMAR AGRAWALLA, S/o- BANARASI DAS AGRAWALLA. Now I am keep up my name as AJAY KUMAR AGARWAL, S/o- Banarasi Das Agarwal for all purpose. D-1033

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com


ପ୍ରଥମ ପୃଷ୍ଠାରୁ...

## ବାଲଟ ବାକ୍ସରେ...

ରାଷ୍ଟ୍ରପତି ନିର୍ବାଚନ ସହ ସୋମବାର ସପ୍ତଦଶ ପାର୍ଲାମେଣ୍ଟର ନବମ ଅଧିବେଶନ ଆରମ୍ଭ ହୋଇଛି। ମୌସୁମୀ ଅଧିବେଶନର ପ୍ରଥମ ଦିନରେ ପାର୍ଲାମେଣ୍ଟ ହାଉସ୍‌ର ରୁମ୍ ନମ୍ବର ୬୩ରେ ମତଦାନ ପାଇଁ ସବୁ ବ୍ୟବସ୍ଥା କରାଯାଇଥିଲା। ସଦସ୍ୟମାନେ ସୁବିଧାରେ ଭୋଟ ଦେଇପାରିବେ ବୋଲି ଲୋକ ସଭାକୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା। ମୋଟ ୭୨୭ ଏମ୍‌ପି ଏବଂ ୯ ବିଧାୟକଙ୍କୁ ଭୋଟ ଦେବା ପାଇଁ ନିର୍ବାଚନ କମିଶନ ଅନୁମତି ଦେଇଥିଲେ। ସେମାନଙ୍କ ମଧ୍ୟରୁ ୭୧୯ ଏମ୍‌ପି ଏବଂ ସମସ୍ତ ୯ ବିଧାୟକ ମତାଧିକାର ସାବ୍ୟସ୍ତ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ, କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଓ ନେତା ରାହୁଲ ଗାନ୍ଧୀ ନିଜ ପସନ୍ଦର ପ୍ରାର୍ଥୀଙ୍କୁ ଭୋଟ ଦେଇଥିଲେ। ୮ ଏମ୍‌ପି ମତଦାନରୁ ବିରତ ରହିଥିଲେ। ସେମାନଙ୍କ ମଧ୍ୟରେ ଭାଜପା ଏବଂ ଶିବସେନାର ଦୁଇଜଣ ଲେଖାଏ ଓ କଂଗ୍ରେସ, ସମାଜବାଦୀ ପାର୍ଟି, ବହୁଜନ ସମାଜ ପାର୍ଟି, ଏଆଇଏମ୍‌ଆଇଏମ୍‌ର ଜଣେ ଲେଖାଏ ସଦସ୍ୟ ଅଛନ୍ତି। ଦ୍ରୌପଦୀଙ୍କୁ ଭାଜପା ସମେତ ଏନ୍‌ଡିଏର ସହଯୋଗୀ ଦଳଗୁଡ଼ିକ ଏବଂ ବିଜେଡି, ବିଏସ୍‌ପି, ଶିରୋମଣି ଅକାଳୀ ଦଳ, ଶିବସେନା, ଟିଡିପି, ୱାଇଏସ୍‌ଆର୍‌ସିପି, ଜେଡିଏସ୍, ଜେଏମ୍‌ଏମ୍ ସମର୍ଥନ ଘୋଷଣା କରିଥିଲେ। ଅନ୍ୟପକ୍ଷେ ଯଶୱନ୍ତଙ୍କୁ ତୃଣମୂଳ କଂଗ୍ରେସ, ଜାତୀୟତାବାଦୀ କଂଗ୍ରେସ ପାର୍ଟି, କଂଗ୍ରେସ, ଡିଏମ୍‌କେ, ଆର୍‌ଜେଡି, ଏଆଇୟୁଏମ୍‌ଏଲ୍, ଏଏପି ସମେତ ଅନେକ ବିରୋଧୀ ଦଳ ଭୋଟ ଦେବାକୁ ପୂର୍ବରୁ ସ୍ପଷ୍ଟ କରିଥିଲେ। ଅନ୍ୟପକ୍ଷରେ କେତେକ ରାଜ୍ୟ ବିଧାନସଭାରେ ଅନେକ ବିଧାୟକ ଦ୍ରୌପଦୀଙ୍କ ସପକ୍ଷରେ କ୍ରସ୍‌ଭୋଟିଂ କରିଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରେ ଝାଡ଼ଖଣ୍ଡ ଓ ଗୁଜରାଟର ଜଣେ ଲେଖାଏ ଏନ୍‌ସିପି ବିଧାୟକ ଏବଂ ଓଡ଼ିଶା ଓ ହରିୟାଣାର ଜଣେ ଲେଖାଏ କଂଗ୍ରେସ ବିଧାୟକ ଅଛନ୍ତି।

ପଞ୍ଜାବର ଜଣେ ଅକାଳୀ ଦଳ ବିଧାୟକ ତାଙ୍କ ରାଜ୍ୟରେ ବିଭିନ୍ନ ସମସ୍ୟାର ସମାଧାନ କରାଯାଉ ନ ଥିବା ଦର୍ଶାଇ ଭୋଟ ବର୍ଜନ କରିଥିଲେ। ଆସାମରେ ଆଇୟୁଡିଏଫ୍ ବିଧାୟକ କରିମୁଦ୍ଦିନ ବଡ଼ଭୂୟାଁ କହିଛନ୍ତି, ରାଜ୍ୟର ପ୍ରାୟ ୨୦ କଂଗ୍ରେସ ବିଧାୟକ ଦ୍ରୌପଦୀଙ୍କୁ ଭୋଟ ଦେଇଛନ୍ତି। ଯଶୱନ୍ତ ସିହ୍ନା ଏକଦା ଏସ୍‌ପି ପ୍ରତିଷ୍ଠାତା ମୁଲାୟମ୍ ସିଂ ଯାଦବ ଓ ତାଙ୍କ ଦଳକୁ ଆଇଏସ୍‌ଆଇ ଏଜେଣ୍ଟ କହିଥିବାରୁ ତାଙ୍କ ଭାଇ ଶିବପାଳ ଯାଦବ ବିରୋଧୀ ପ୍ରାର୍ଥୀଙ୍କ ବିରୋଧରେ ଭୋଟ ଦେଇଥିବା କହିଛନ୍ତି। ଗତମାସରେ ରାଜ୍ୟ ସଭା ନିର୍ବାଚନ ବେଳେ କ୍ରସ୍‌ଭୋଟିଂ କରିଥିବା ହରିୟାଣା କଂଗ୍ରେସ ବିଧାୟକ କୁଲଦୀପ ବିଷ୍ଣୋଇ ରାଷ୍ଟ୍ରପତି ନିର୍ବାଚନରେ ମଧ୍ୟ ନିଜ ବିବେକାନୁମୋଦିତ ଭୋଟ ଦେଇଥିବା ପ୍ରକାଶ କରିଛନ୍ତି। କଟକ-ବାରବାଟୀର କଂଗ୍ରେସ ବିଧାୟକ ମହମ୍ମଦ ମୋକିମ୍ ଦ୍ରୌପଦୀଙ୍କୁ 'ଓଡ଼ିଶାର ଝିଅ' କହି ତାଙ୍କ ସପକ୍ଷରେ ଭୋଟ ଦେଇଥିବା କହିଛନ୍ତି। ଝାଡ଼ଖଣ୍ଡରେ ଏନ୍‌ସିପି ବିଧାୟକ କମଳେଶ ସିଂ ମଧ୍ୟ ଏନ୍‌ଡିଏ ପ୍ରାର୍ଥୀଙ୍କୁ ଭୋଟ ଦେଇଛନ୍ତି। ଗୁଜରାଟର ଏନ୍‌ସିପି ବିଧାୟକ କନ୍ଧାଲ ଜାଡେଜା ଗାନ୍ଧୀନଗର ଆସେମ୍ବ୍ଲି କମ୍ପ୍ଲେକ୍ସରେ ମତଦାନ କରିବା ପରେ ତାଙ୍କ ଭୋଟ ଦ୍ରୌପଦୀଙ୍କ ସପକ୍ଷରେ ଯାଇଥିବା ସୂଚନା ଦେଇଛନ୍ତି। ପଞ୍ଜାବରେ ଶିରୋମଣି ଅକାଳୀ ଦଳ ଦ୍ରୌପଦୀଙ୍କୁ ସମର୍ଥନ କରିଥିବାବେଳେ ଏହାର ଦଖା ବିଧାୟକ ମନପ୍ରୀତ ସିଂ ଆୟାଲି ନିଜ ଅଞ୍ଚଳର ସମସ୍ୟା ସମାଧାନ ହେଉ ନ ଥିବା ଦର୍ଶାଇ ଭୋଟ ବର୍ଜନ କରିଛନ୍ତି। ୧୦,୮୬,୪୩୧ ଭୋଟ ମଧ୍ୟରୁ ଏନ୍‌ଡିଏ ପ୍ରାର୍ଥୀଙ୍କୁ ୭ ଲକ୍ଷରୁ ଉର୍ଦ୍ଧ୍ୱ ଭୋଟ ମିଳିବା ଭାଜପା ଆଶା କରିଛି। ଜୁଲାଇ ୨୧ରେ ଭୋଟ ଗଣତି କରାଯିବ। ୨୫ ତାରିଖରେ ବିଜୟୀ ପ୍ରାର୍ଥୀ ପଞ୍ଚଦଶ ରାଷ୍ଟ୍ରପତି ଭାବେ ଶପଥ ନେବେ।

## ବିଧାନସଭାରେ ପଡ଼ିଲା...

ଆସି ନ ଥିଲେ। ସେହିପରି ଭାଜପାର ୨୨ ଜଣ ବିଧାୟକଙ୍କ ମଧ୍ୟରୁ ୨୧ ଜଣ ମତଦାନ କରିଛନ୍ତି। ଭାଜପା ବିଧାୟକ ତଥା ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ ଅସୁସ୍ଥ ଥିବାରୁ ଦିଲ୍ଲୀର ଏକ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସେ ସଂସଦ ଭବନରେ ନିଜର ମତଦାନ କରିଛନ୍ତି। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ରଙ୍କ ସମେତ ଦଳର ୯ ଜଣ ବିଧାୟକ ଭୋଟ ଦେଇଛନ୍ତି। ତେବେ କଟକ-ବାରବାଟୀ ବିଧାୟକ ମହମ୍ମଦ ମୋକିମ ବିରୋଧୀ ଦଳ ପ୍ରାର୍ଥୀଙ୍କୁ ଭୋଟ ନ ଦେଇ ଏନ୍‌ଡିଏ ପ୍ରାର୍ଥୀ ମୁର୍ମୁଙ୍କୁ ଭୋଟ ଦେଇଛନ୍ତି। ଭୋଟ ଦେବା ପରେ ସେ ବାହାରକୁ ଆସି ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ସେହିପରି ସିପିଏମ୍ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଏବଂ ରାୟଗଡ଼ାର ସ୍ୱାଧୀନ ବିଧାୟକ ମକରନ୍ଦ ମୁଦୁଲି ଭୋଟ ଦେଇଛନ୍ତି।

ରାଷ୍ଟ୍ରପତି ନିର୍ବାଚନ ପାଇଁ ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ବ୍ୟାପକ ବନ୍ଦୋବସ୍ତ ହୋଇଥିଲା। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସୋମବାର ଅପରାହ୍ନ ୧ଟା ସୁଦ୍ଧା ୧୪୧ଜଣ ବିଧାୟକ ନିଜର ମତାଧିକାର ସାବ୍ୟସ୍ତ କରିଥିବାବେଳେ ୫ଟା ସୁଦ୍ଧା ଆଉ ୪ ଜଣ ଭୋଟ୍ ଦେଇଥିଲେ। ଓଡ଼ିଶାରେ କଂଗ୍ରେସ ବିଧାୟକଙ୍କ ଭୋଟ୍ ବିରୋଧୀ ମେଣ୍ଟ ପ୍ରାର୍ଥୀ ଯଶୱନ୍ତ ସିହ୍ନାଙ୍କୁ ଯାଇଥିବା ବେଳେ କେବଳ କଟକ- ବାରବାଟୀର କଂଗ୍ରେସ ବିଧାୟକଙ୍କ ଭୋଟ୍ ଏନ୍‌ଡିଏ ପ୍ରାର୍ଥୀଙ୍କ ସପକ୍ଷରେ ପଡ଼ିଛି। ବିଜେଡି, ଭାଜପା ଓ ଅନ୍ୟମାନଙ୍କ ଭୋଟ୍ ଏନ୍‌ଡିଏ ପ୍ରାର୍ଥୀ ଦ୍ରୌପଦୀଙ୍କ ସପକ୍ଷରେ ଯାଇଥିବା ସୂଚନା ମିଳିଛି।

## ଦଳ ନିଷ୍ପତ୍ତି ବିରୋଧରେ...

କରିବା ସହ ଘଟଣାର ତର୍ଜମା ହେବ ବୋଲି କହିଛନ୍ତି। ଏ ସମ୍ପର୍କରେ ବିଧାୟକମାନଙ୍କ ସହ ଆଲୋଚନା କରିବା ପରେ ହାଇକମାଣ୍ଡଙ୍କୁ ଅବଗତ କରାଯିବ ବୋଲି ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଶରତ ଚନ୍ଦ୍ର ପଟ୍ଟନାୟକ କହିଛନ୍ତି। ମୋକିମ କହିଛନ୍ତି, 'ମୁଁ ବିବେକ ଅନୁଯାୟୀ ଭୋଟ ଦେଇଛି। ଦଳୀୟ ନିଷ୍ପତ୍ତିଠାରୁ ବିବେକ ଭାରି ପଡ଼ିଛି। ଦଳୀୟ ହୁଇପ୍ ଜାରି ହୋଇ ନ ଥିବାରୁ ବ୍ୟକ୍ତିଗତ ଭାବେ ବିଚାର କରି ଭୋଟ ଦେଇଛି। ମୋତେ ହଜାର ହଜାର ଓଡ଼ିଆ ଭୋଟ ଦେଇଛନ୍ତି। ମୁଁ ଜଣେ ଓଡ଼ିଆ ହିସାବରେ ସେମାନଙ୍କ ଭାବାବେଗକୁ ସମ୍ମାନ ଦେଇ ଭୋଟ ଦେଇଛି। ଯେହେତୁ ଜଣେ ଓଡ଼ିଆ ମାଟିର ଝିଅ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି, ବିବେକ ଅନୁସାରେ ନିଷ୍ପତ୍ତି ନେଇଛି। ଓଡ଼ିଶାର ସମ୍ମାନ ବଢ଼ାଇବାକୁ ମୁଁ ଏଭଳି ନିଷ୍ପତ୍ତି ନେଇଛି। ଦଳର ନିଷ୍ପତ୍ତି ଅଲଗା ଥିଲା। ମୁଁ ଦଳରେ ଅଛି ଓ ରହିବି ମଧ୍ୟ। କାରଣ ଦର୍ଶାଅ ନୋଟିସ୍ ହେଲେ ଦଳ ସହ ଆଲୋଚନା କରିବି। ସୂଚନାଯୋଗ୍ୟ ଯେ ଏନ୍‌ଡିଏ ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କୁ ଦଳଗତ ନିର୍ବିଶେଷରେ ସମର୍ଥନ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ତ ବିଧାୟକଙ୍କୁ ଅନୁରୋଧ କରିଥିଲେ। ଅନ୍ୟପକ୍ଷରେ କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଯଶୱନ୍ତ ସିହ୍ନାଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ କରାଯାଇଥିବାବେଳେ ସେ ଓଡ଼ିଶାରୁ ଗୋଟିଏ ଭୋଟ ହରାଇଥିବା ସ୍ପଷ୍ଟ ହେଉଛି।

## ଆଶ୍ରୟ ଦେଇ ନାବାଳିକାଙ୍କୁ...

ନେବାକୁ ପ୍ରବର୍ତ୍ତାଇଥିଲେ। ଭାଇଭଉଣୀ ସେହି ଯୁବକମାନଙ୍କ କଥାମାନି ଶିବମନ୍ଦିର ନିକଟରେ ରହି ଯାଇଥିଲେ। ପରେ ରାତି ପ୍ରାୟ ୧୦ଟା ବେଳେ ଉକ୍ତ ଯୁବକମାନେ ପହଞ୍ଚି ପାଖରେ ଥିବା ଝୁମ୍ପାଣ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟକୁ ଚାଲ, ଆରାମରେ ରହିବ କହି ସେମାନଙ୍କୁ ଡାକି ନେଇଥିଲେ। ଭାଇଭଉଣୀ ସେମାନଙ୍କୁ ଭରସା କରି ସ୍କୁଲରେ ପହଞ୍ଚିବା ପରେ ଯୁବକମାନେ ନାବାଳିକାଙ୍କ ଭାଇଙ୍କୁ ନିସ୍ଥୁକ ମାଡ଼ ମାରି ତଡ଼ି ଦେଇଥିଲେ। ପରେ ନାବାଳିକାକୁ ଛାତ ଉପରକୁ ଟେକି ନେଇ ଗଣବଳାତ୍କାର ଉଦ୍ୟମ କରିଥିଲେ। ନାବାଳିକା ଜଣକ ପ୍ରଥମ ବଳାତ୍କାରର ଶିକାର ହେବା ପରେ କୌଶଳ କ୍ରମେ ଖସିଯାଇ ଛାତରୁ ଡେଇଁ ପଡ଼ିଥିଲେ। ଅନ୍ୟପକ୍ଷରେ ତାଙ୍କ ଭାଇ ନିକଟସ୍ଥ ଗ୍ରାମ ଝୁମ୍ପାଣରେ ଖବର ଦେବାପରେ ଗ୍ରାମବାସୀ କଳିଙ୍ଗନଗର ପୋଲିସକୁ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅନେକ ଖୋଜାଖୋଜି କରି ନାବାଳିକାଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଏକ ଝାଟି ଜଙ୍ଗଲ ମଧ୍ୟରୁ ଉଦ୍ଧାର କରିଥିଲା। ଚିକିତ୍ସା ପାଇଁ ତାଙ୍କୁ ଟାଟା ମେଡିକା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ହେଲେ ନାବାଳିକା ଜଣକ ଛାତରୁ ଡେଇଁବା ପରେ ଗଣବଳାତ୍କାରର ଶିକାର ହୋଇଛନ୍ତି କି ନାହିଁ ସେନେଇ ପୋଲିସ ତଦନ୍ତ କରୁଛି। ଏହାସହ ରାତାରାତି ୫ ଅଭିଯୁକ୍ତଙ୍କୁ ଧରିଛି। ଏସ୍‌ପି ରାହୁଲ ପି.ଆର୍. ଘଟଣାସ୍ଥଳ ପରିଦର୍ଶନ କରିବା ସହ ପୀଡ଼ିତାଙ୍କଠାରୁ ତଥ୍ୟ ସଂଗ୍ରହ କରିଛନ୍ତି। ଡିଏସ୍‌ପି ପ୍ରମୋଦ ମଲିକ ଘଟଣାର ତଦନ୍ତ କରୁଛନ୍ତି।

ନାବାଳିକା ଅନାଥ ହୋଇଥିବାରୁ ଜିଲା ଶିଶୁ ମଙ୍ଗଳ କମିଟି ପକ୍ଷରୁ ସୋମବାର ରାତିରେ ଏତଲା ଦିଆଯାଇଛି। ରିପୋର୍ଟ ପ୍ରସ୍ତୁତି ସୁଦ୍ଧା ଥାନାରେ ମାମଲା ରୁଜୁ ହୋଇ ନ ଥିଲା। ପୋଲିସ ଧରିଥିବା ୫ ଜଣ ମଧ୍ୟରୁ ଜଣେ ନାବାଳକ ବୋଲି ଜଣାପଡ଼ିଛି। ନାବାଳକଙ୍କୁ ଛାଡ଼ି ଅନ୍ୟ ୪ ଅଭିଯୁକ୍ତମାନେ ହେଲେ ଝୁମ୍ପାଣ ଗ୍ରାମର ରଣଜିତ ମହାନ୍ତ, ବୁଡୁରୁ ମହାନ୍ତ, ଦିନୁ ମହାନ୍ତଙ୍କ ସମେତ ଖରାଖାଇ ଗ୍ରାମର ରବି ବେହେରା। ସେମାନଙ୍କୁ ପୋଲିସ ପଚରାଉଚରା ଚଳାଇଛି।

## ରୁଚିକାଙ୍କୁ ନ୍ୟାୟ...

କଂଗ୍ରେସ ସମର୍ଥନ କରିବ ବୋଲି ପୂର୍ବରୁ ଘୋଷଣା କରିଥିଲା। ତେବେ ସଂଗଠନକୁ କଂଗ୍ରେସ ନୈତିକ ସମର୍ଥନ ଦେବ ବୋଲି ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ କହିଛନ୍ତି। ଧର୍ମଘଟ ଯୋଗୁ ଯାତାୟାତ ପ୍ରଭାବିତ ହେବା ଆଶଙ୍କା ରହିଛି।

## ୨୫ କେଜି ଯାଏ...

ସାମଗ୍ରୀ ଉପର ଜିଏସ୍‌ଟି ଲାଗୁ ହେବ ବୋଲି ସରକାର ସୂଚନା ଦେଇଥିଲେ। କେନ୍ଦ୍ରୀୟ ପରୋକ୍ଷ କର ଓ ସୀମା ଶୁଳ୍କ ବୋର୍ଡ (ସିବିଆଇସି) ସ୍ପଷ୍ଟ କରିଛି, ଯଦି ଖୁଚୁରା ବିକ୍ରୟ ଲାଗି ଉଦ୍ଦିଷ୍ଟ ୧୦କେଜି ବିଶିଷ୍ଟ ବିଭିନ୍ନ ପ୍ୟାକେଟକୁ ଗୋଟିଏ ବଡ଼ ପ୍ୟାକେଟ୍ ଭିତରେ ରଖାଯାଇ ବିକ୍ରି କରାଯାଉଥିବ, ତେବେ ସେଭଳି ପ୍ୟାକେଟ୍ ଉପରେ ଜିଏସ୍‌ଟି ଲାଗିବ। କିନ୍ତୁ ଯଦି ଗୋଟିଏ ପ୍ୟାକେଟ୍ ଭିତରେ ୫୦ କେଜି ଚାଉଳ ଥିବ ତେବେ ତାହାକୁ ପ୍ରି-ପ୍ୟାକେଜ୍‌ଡ ସାମଗ୍ରୀ ଭାବେ ବିଚାର କରାଯିବ ନାହିଁ। ଶିଳ୍ପ ସଂସ୍ଥା ଓ ଅନ୍ୟାନ୍ୟ ସଂସ୍ଥା ବ୍ୟବହାର ଲାଗି ଉଦ୍ଦିଷ୍ଟ ପ୍ୟାକେଟ୍ ଉପରେ ଜିଏସ୍‌ଟି ଲାଗିବ ନାହିଁ। ବିତରକ, ଡିଲର ଓ ରିଟେଲରଙ୍କୁ ଉପଲବ୍ଧ କରାଯାଉଥିବା ପ୍ୟାକେଟ୍ ସାମଗ୍ରୀ ଉପରେ ଜିଏସ୍‌ଟି ଲାଗିବ, କିନ୍ତୁ ଏହି ସବୁ ପକ୍ଷ ଇନ୍‌ପୁଟ କ୍ରେଡିଟ୍ ପାଇଁ ଯୋଗ୍ୟ ବିବେଚିତ ହେବେ। ଜିଏସ୍‌ଟିକୁ ନେଇ ସିବିଆଇସି ଜାରି କରିଥିବା ବିଜ୍ଞପ୍ତି ଉପରେ ବ୍ୟବସାୟୀମାନେ ଆପତ୍ତି ଉଠାଇବା ପରେ ଏହି ସ୍ପଷ୍ଟୀକରଣ ଜାରି କରାଯାଇଛି। କିଛି ଦିନ ପୂର୍ବେ ଚଣ୍ଡିଗଡ଼ରେ ଅନୁଷ୍ଠିତ ଜିଏସ୍‌ଟି ପରିଷଦର ୪୭ତମ ବୈଠକରେ ବିଭିନ୍ନ ସାମଗ୍ରୀର ଟିକସ ହାର ବୃଦ୍ଧି କରାଯାଇଥିଲା। ଅଣ ବ୍ରାଣ୍ଡେଡ୍ ପ୍ରି-ପ୍ୟାକେଜଡ୍ ଖାଦ୍ୟ ସାମଗ୍ରୀ ଉପରେ ଲଗାଯାଇଥିବା ୫% ଜିଏସ୍‌ଟିକୁ ପ୍ରତ୍ୟାହାର କରିବା ଦାବି କରି ବିଭିନ୍ନ ରାଜ୍ୟର ବ୍ୟବସାୟୀମାନେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କୁ ମଧ୍ୟ ପତ୍ର ଲେଖିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**

ଆଜି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟସାଧନ ସାଙ୍ଗକୁ ପାରିବାରିକ ସମସ୍ୟା ସୁଧାରିବାର ପ୍ରଯତ୍ନ କରିପାରନ୍ତି। ଆବଶ୍ୟକତା ପୂରଣ ସକାଶେ ଧାରକରଜ କରିବାକୁ ବନ୍ଧୁଙ୍କୁ ଅନୁରୋଧ କରିବାକୁ ପଡ଼ିପାରେ। ଭ୍ରମଣଜନିତ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ବନ୍ଧୁଙ୍କ ଗହଣରେ ନୂତନ ସ୍ଥାନ ପରିଦର୍ଶନରେ ଯିବା ସକାଶେ ମନ ବଳାଇପାରନ୍ତି।

**ବୃଷ**

ବନ୍ଧୁମାନଙ୍କ କାର୍ଯ୍ୟଶୈଳୀକୁ ନାପସନ୍ଦ କରି ଅପ୍ରିୟତା ଅର୍ଜନ କରିବେ। ଆସନ୍ତାକାଲିର ଆନୁଷ୍ଠାନିକ କାମ ସକାଶେ ବିଶେଷ ଭାବେ ଧାଁ ଧଉଡ଼ କରିବାକୁ ପଡ଼ିବ। ଘରକୁ ଆସୁଥିବା ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ନିକଟ ସମ୍ପର୍କୀୟଙ୍କ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**ମିଥୁନ**

ସାଧାରଣ କଥାରେ ଉତ୍ତେଜିତ ହେବା ଦ୍ୱାରା କଳହର ସମ୍ମୁଖୀନ ହେବେ। ସହକର୍ମୀ କିମ୍ବା ପଡ଼ୋଶୀଙ୍କ ସହ ସମ୍ପର୍କ ହାନି ଘଟିବ। କର୍ମକ୍ଷେତ୍ରର ସମସ୍ୟାକୁ କେନ୍ଦ୍ର କରି ମାନସିକ ସ୍ଥିରତା ରହିନପାରେ। ବାଣିଜ୍ୟ ଓ ପରିବହନ ବାଧାପ୍ରାପ୍ତ ହୋଇପାରେ। କଚେରି ମାମଲାରେ ବିଚାର ବିଳମ୍ବିତ ହେବାରୁ ବ୍ୟସ୍ତତା ପ୍ରକାଶ କରିପାରନ୍ତି।

**କର୍କଟ**

କର୍ମକ୍ଷେତ୍ରସ୍ଥ ବନ୍ଧୁଙ୍କ ଆଶ୍ୱାସନା କ୍ରମେ ଅର୍ଥ ସମ୍ପର୍କୀୟ କୌଣସି ଅନୁଚିନ୍ତା ଦୂର ହେବ। ଦୀର୍ଘ ଦିନରୁ ଅଟକି ରହିଥିବା ପାରିବାରିକ ପରିସ୍ଥିତି ଅନୁକୂଳ ହୋଇପାରେ। ଅଫିସ୍‌ରୁ ଫେରନ୍ତା ବାଟରେ ବନ୍ଧୁଙ୍କ ନିକଟରୁ କୌଣସି ମୂଲ୍ୟବାନ୍ ଦ୍ରବ୍ୟ ଲାଭ ହେବ। ପାରିବାରିକ ସ୍ତରରେ ସବୁ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ।

**ସିଂହ**

ଆଜିର କର୍ମକ୍ଷେତ୍ରରେ ମନ ବୁଝିଲାଭଳି କଥା କହି କାମ ହାସଲ କରିବେ। ଅର୍ଥ ଯୋଗାଡ଼ ସକାଶେ ବିଭିନ୍ନ ପ୍ରକାରର ଯୋଜନା କରିପାରନ୍ତି। ପରିବାରର ଆକସ୍ମିକ ଭାବରେ କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ଶିଳ୍ପ, ବାଣିଜ୍ୟ ଓ ପରିବହନ, ଏଜେନ୍ସି, ଗଣଯୋଗାଯୋଗ ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କନ୍ୟା**

ଘରୋଇ ବ୍ୟାପାରକୁ ନେଇ ମାନସିକ ସ୍ଥିତି ସେତେଟା ଭଲ ରହି ନପାରେ। ସ୍ୱାର୍ଥର ବଶବର୍ତ୍ତୀ ହୋଇ ନିଜର ଆତ୍ମୀୟମାନେ ହଠାତ୍ ଶତ୍ରୁତା ଆଚରଣ କରିବେ। ଇଚ୍ଛା ନ ଥିଲେ ମଧ୍ୟ ଆଲୋଚନା କ୍ଷେତ୍ରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ପଡ଼ୋଶୀଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

**ତୁଳା**

ପରିବାରରେ କାହା ମନ କାହା ସଙ୍ଗରେ ମିଶିବନି। ଆଜିହିଁ ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ। ଘରକୁ ଆସିଥିବା ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ। କର୍ମକ୍ଷେତ୍ରରେ, ସଭା ସମିତିରେ, ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବା ଆଶା ରହିଛି।

**ବିଛା**

ଆରମ୍ଭ କରିଥିବା କାର୍ଯ୍ୟଟିକୁ ତ୍ୱରାନ୍ୱିତ କରିବାରେ ପାରିବାରିକ ପ୍ରତିରୋଧ ଘଟିପାରେ। ପ୍ରଶାସନିକ ସ୍ତରରେ ଅନ୍ୟମାନଙ୍କୁ ନିଜ କାମରେ ସହଭାଗିତା କରାଇପାରିବେ। ପୂର୍ବରାଗକ୍ରମରେ ଗୁପ୍ତ ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧି ପାଇପାରେ। ମହିଳାମାନଙ୍କୁ ପ୍ରଶାସନିକ କ୍ଷେତ୍ରରେ ଜାଣିଶୁଣି ସବୁ କଥାରେ ନୀରବ ରହିବାକୁ ପଡ଼ିବ।

**ଧନୁ**

ଭାବୁଥିବା କଥାଟି ଆଜି ଯଥାସମୟରେ ହୋଇଯିବ। ପରିବାରର ଆବଶ୍ୟକତାକୁ ଉପଲବ୍ଧି କରି ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତା ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ବ୍ୟବସାୟ, ପରିବହନ, ଅର୍ଥ ସମ୍ପର୍କ, ସଭା ସମିତି ଓ ଆନୁଷ୍ଠାନିକ କାମରୁ ମନ ଖୁସି ରହିବ।

**ମକର**

ଖର୍ଚ୍ଚାନ୍ତ ହୋଇ ସ୍ଥଗିତ ରହିଥିବା କାମଗୁଡ଼ିକ ସମ୍ପନ୍ନ କରିବେ। ଆଜି ଦିନଟିରେ ପ୍ରତ୍ୟେକ କ୍ଷେତ୍ରରେ ଯୁକ୍ତିତର୍କଠାରୁ ଦୂରେଇ ରହିବା ଭଲ। ବନ୍ଧୁମାନଙ୍କ ସହ ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପାରନ୍ତି। କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ରରେ ଉନ୍ନତି କରିବେ ଓ ସୁନାମ ମଧ୍ୟ ପାଇବେ।

**କୁମ୍ଭ**

ନିଜର ଲୋକମାନେ ଯେତେ ପ୍ରକାରର ସମସ୍ୟା ସୃଷ୍ଟି କଲେ ମଧ୍ୟ କୌଣସି ଅସୁବିଧା ହେବ ନାହିଁ। ବ୍ୟବସାୟ ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହୋଇପାରେ। ଦୀର୍ଘ ଦିନରୁ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ପରିବାରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ।

**ମୀନ**

ପରୋକ୍ଷ ଶତ୍ରୁତା କାରଣରୁ ସତର୍କରେ ନ ଚଳିଲେ ବିବାଦକୁ ଟାଣି ହୋଇପାରନ୍ତି। ପାରିବାରିକ ସମସ୍ୟା ସମାଧାନ କ୍ଷେତ୍ରରେ ବନ୍ଧୁଙ୍କ ହସ୍ତକ୍ଷେପ ଫଳରେ ପରିସ୍ଥିତି ସୁଧାରି ନେବେ। ଆଜି ଏକାଧିକ କାମରେ ହାତ ଦିଅନ୍ତୁ ନାହିଁ, ବ୍ୟସ୍ତତାର କାରଣ ହୋଇପାରେ। ଶୁଭକାର୍ଯ୍ୟରେ ଆତ୍ମୀୟଙ୍କ ପ୍ରେରଣାରୁ ଉପକୃତ ହୋଇପାରନ୍ତି।

ବର୍ତ୍ତମାନ ସେହି ନିର୍ଦ୍ଧାରିତ ସମୟ ଆସିଯାଇଛି। ଏତିକି ବେଳେ ହିଁ ଆମ ସମସ୍ତଙ୍କୁ ବୃତାନ୍ତ ଓ ନିଶ୍ଚିତ ସିଦ୍ଧାନ୍ତ ନେବାକୁ ପଡିବ। ପ୍ରଭୁ ! ମିଥ୍ୟାକୁ ଜୟକରିବା ଲାଗି ଆମକୁ ଶକ୍ତି ଦିଅ ଏବଂ ଆମେ ଯେପରି ତୁମରି ସତ୍ୟ ଓ ପବିତ୍ରତାକୁ ସଂପୂର୍ଣ୍ଣ ଭାବେ ଆଦରି ନେଉ ଏବଂ ତୁମର ବିଜୟ ସକାଶେ ଉପଯୁକ୍ତ ହେଉ। -ଶ୍ରୀମା



# ମାଙ୍କଡ଼ଡିଆଁ

କେରଳର କନ୍ନୁରଠାରେ ୧୮ ଜୁଲାଇରେ ୩୧ ବର୍ଷୀୟ ଜଣେ ବ୍ୟକ୍ତିଙ୍କଠାରେ ଦେଶର ଦ୍ୱିତୀୟ ମଙ୍କିପକ୍ସ ଭୂତାଣୁ ଠାବ ହୋଇଛି। ସେ ୧୩ ଜୁଲାଇରେ ଦୁବାଇରୁ ଆସି କର୍ଣାଟକର ମାଙ୍ଗାଲୋର ବିମାନବନ୍ଦରରେ ଓହ୍ଲାଇଥିଲେ। ତାଙ୍କଠାରେ ମଙ୍କିପକ୍ସ ଲକ୍ଷଣ ଦେଖାଦେବା ପରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତାଙ୍କ ନମୁନା ପୁଣେସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜିକୁ ପଠାଯିବା ପରେ ସେ ପଜିଟିଭ୍ ଥିବା ଜଣାପଡ଼ିଛି। ଜୁଲାଇ ୧୪ରେ ଏହାର ପ୍ରଥମ କେସ୍ ସେହି କେରଳର କୋଲାମ ଜିଲାରେ ଦେଖାଦେଇଥିଲା। ସେହି ବ୍ୟକ୍ତି ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଆଇ)ରୁ ଆସିଥିଲେ। ଏହି ଦୁଇଟି ଘଟଣାକୁ ଦେଖିଲେ ବିଦେଶରୁ ଫେରିଥିବା ବ୍ୟକ୍ତିଙ୍କଠାରେ ମଙ୍କିପକ୍ସ ଭୂତାଣୁ ଦେଖାଦେଇଛି। ଏଠାରେ ଉଲ୍ଲେଖ କରାଯାଇପାରେ, କୋଭିଡ୍-୧୯ କେରଳ ବାଟ ଦେଇ ଭାରତକୁ ପ୍ରବେଶ କରିଥିଲା। ସେତେବେଳେ କେନ୍ଦ୍ର ସରକାର ତାହାକୁ ହାଲୁକା ଭାବେ ନେଇ ଅନ୍ତର୍ଜାତୀୟ ଉଡ଼ାଣ ଉପରେ ତତ୍‌କ୍ଷଣାତ୍ ପ୍ରତିବନ୍ଧକ ଲଗାଇ ନ ଥିଲେ। କେବଳ ସେତିକି ନୁହେଁ, କୋଭିଡ୍‌ର କେନ୍ଦ୍ରସ୍ଥଳ ଚାଇନାର ଉହାନରୁ ମଧ୍ୟ ବିମାନଭର୍ତ୍ତି ଭାରତୀୟଙ୍କୁ ବୋହି ଅଣାଯାଇଥିଲା। 'ଚୋର ପଳାଇଗଲା ପରେ ବୁଦ୍ଧି ବାହାରେ' ନ୍ୟାୟରେ ଯେତେବେଳେ ସରକାର ବିଦେଶ ବିମାନ ଯାତ୍ରା ଉପରେ ରୋକ୍ ଲଗାଇଲେ, ସେତେବେଳକୁ କୋଭିଡ୍ ଭୂତାଣୁ ଭାରତ ସାରା ଚରିଯାଇଥିଲା। ଏଠାରେ ଏହା ମଧ୍ୟ ମନେପକାଇ ଦିଆଯାଇପାରେ, ଯେତେବେଳେ କୋଭିଡ୍-୧୯ ସଂକ୍ରମଣ ଶୀର୍ଷ ଛୁଇଁଥିଲା ସେହି ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିନା କୌଣସି ପୂର୍ବ ସୂଚନା ଦେଇ ଯେଉଁ ଲକ୍‌ଡାଉନ୍ ଘୋଷଣା କରିଦେଲେ, ତାହା ଫଳରେ ଦେଶବାସୀ ଅତ୍ୟନ୍ତ କଷ୍ଟ ସମୟର ସମ୍ମୁଖୀନ ହେଲେ। କାମଧନ୍ଦା ନ ପାଇବାରୁ ସହରରେ ବାସ କରୁଥିବା ଲୋକମାନେ ଗାଁମୁହାଁ ହୋଇଥିଲେ। ଅସଂଖ୍ୟ ଲୋକ ଭିଡ଼ରେ ଯାତ୍ରା କରିବାରୁ ସ୍ଥିତି ଅଣାୟତ୍ତ ହୋଇଥିଲା। ତେଣୁ ବର୍ତ୍ତମାନ ପରିପ୍ରେକ୍ଷୀରେ ସରକାର ମଙ୍କିପକ୍ସ ଭୂତାଣୁ ଯେଭଳି ବିସ୍ତାର ନ କରିବ ସେଥିପ୍ରତି ସର୍ବାଧିକ ଧ୍ୟାନ ଦେବା ଦରକାର। ଭାରତରେ ପ୍ରଥମ ଘଟଣା ଦେଖାଦେବା ପରେ କେନ୍ଦ୍ର ସରକାର ଅନ୍ତର୍ଜାତୀୟ ଯାତ୍ରୀଙ୍କ ପାଇଁ ନିୟମାବଳୀ ଘୋଷଣା କରିଥିଲେ। ଦ୍ୱିତୀୟ ମାମଲା ଆସିବା ପରେ ଜୁଲାଇ ୧୮ରେ ରାଜ୍ୟ, ବିମାନବନ୍ଦର ଓ ବନ୍ଦରର ସ୍ୱାସ୍ଥ୍ୟ ଅଧିକାରୀମାନେ ଯେଭଳି ବିଦେଶ ଫେରନ୍ତାଙ୍କ ଉପରେ କଡ଼ା ନଜର ରଖିପାରିବେ ସେ ସଂକ୍ରାନ୍ତରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି।

ମଙ୍କିପକ୍ସର ଇତିହାସ ଦେଖିଲେ ୧୯୫୮ ମସିହାରେ ଡେନ୍‌ମାର୍କ ରାଜଧାନୀ କୋପେନ୍‌ହାଗେନ୍‌ଠାରେ ଏକ ପରୀକ୍ଷାଗାରରେ ମାଙ୍କଡ଼ଙ୍କ ଶରୀରରେ ଏହି ଭୂତାଣୁକୁ ପ୍ରଥମେ ଠାବ କରାଯାଇଥିଲା। ହେଲେ ୧୯୭୦ରେ ଡେମୋକ୍ରାଟିକ୍ ରିପବ୍ଲିକ୍ ଅଫ୍ କଙ୍ଗୋରେ ଜଣେ ୯ ମାସର ଶିଶୁଠାରେ ଏହା ଦେଖାଦେଇଥିବାରୁ ତାହାକୁ ମଣିଷ ଦେହରେ ମଙ୍କିପକ୍ସ ପ୍ରଥମେ ଆବିଷ୍କାର କରାଯାଇଥିଲା ବୋଲି କୁହାଯାଉଛି। ସେବେଠାରୁ ୨୦୨୨ ଜାନୁୟାରୀ ଯାଏ କେବଳ ୧୧ଟି ଆଫ୍ରିକୀୟ ଦେଶରେ ଏହି ଭୂତାଣୁ ସୀମିତ ଥିଲା। କିନ୍ତୁ ଏବେ ୟୁଏଇ, ଚେକ୍ ରିପବ୍ଲିକ୍, ସୁଇଡେନ୍ ସମେତ ୪୫ ରାଷ୍ଟ୍ରରେ ଏହା କାୟା ବିସ୍ତାର କରିସାରିଲାଣି। ଏଭଳି ସ୍ଥଳେ ଜନବହୁଳ ରାଷ୍ଟ୍ର ଭାରତରେ ଏହାର ପଦାର୍ପଣ ଏକ ବିପଦର ସଙ୍କେତ ଦେଇଛି। ରକ୍ତ, ଶ୍ୱାସପ୍ରଶ୍ୱାସ କିମ୍ବା ଶରୀରରୁ ନିର୍ଗତ ଲାଳ ମାଧ୍ୟମରେ ଏହା ସଂକ୍ରମିତ ହୋଇଥାଏ। ଏହାଦ୍ୱାରା ଜ୍ୱର, ଗଣ୍ଠି ଫୁଲିଯିବା, ଦେହରେ ଫୋଟକା ଭଳି ବାହାରିବା ଲକ୍ଷଣ ଦେଖାଦେଇଥାଏ। ଏବେ ମଙ୍କିପକ୍ସର ନୂଆ ରୂପ ଦେଖାଦେଇଥିବାରୁ ତାହା କ୍ଷତିକାରକ ହେବ ବୋଲି ବିଶେଷଜ୍ଞମାନେ ମତ ଦେଲେଣି। ତେବେ ଏହି ଭୂତାଣୁ ଯୋଗୁ ମୃତ୍ୟୁହାର ୩ରୁ ୬ ପ୍ରତିଶତ ଅର୍ଥାତ୍ ସଂକ୍ରମିତ ୧୦୦ ଜଣଙ୍କ ମଧ୍ୟରେ ୩ରୁ ୬ ଜଣ ମରିବେ। ଭାରତ ଭଳି ଦେଶରେ ଅଧିକାଂଶ ଲୋକଙ୍କ ମଧ୍ୟରେ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇଥିବା ଦେଖାଯାଉଥିବାରୁ ମଙ୍କିପକ୍ସ ଭୂତାଣୁ ବ୍ୟାପିବା ଆରମ୍ଭ କଲେ ତାହାକୁ ନିୟନ୍ତ୍ରଣ କରିବା ଅତ୍ୟନ୍ତ କଷ୍ଟକର। ଏଭଳି ସମୟରେ ସରକାର ଭୂତାଣୁ ଠାବ ଓ ନିରୀକ୍ଷଣ କ୍ଷମତାକୁ ବୃଦ୍ଧି କରିବା ଦରକାର। ସନ୍ଦେହ କରାଯାଉଥିବା ରୋଗୀଙ୍କୁ ସ୍ମଲପକ୍ସ ବା ବସନ୍ତ ରୋଗ ଲାଗି ଉଦ୍ଦିଷ୍ଟ ଟିକାକୁ ପ୍ରତିଷେଧକ ଭାବେ ଦିଆଯାଇପାରିବ ବୋଲି ବିଶେଷଜ୍ଞମାନେ ପରାମର୍ଶ ଦେଉଛନ୍ତି। ତେଣୁ ଏବେଠାରୁ ସରକାରୀ ସ୍ତରରେ ପ୍ରସ୍ତୁତି ହେବା ଆବଶ୍ୟକ। କୋଭିଡ୍-୧୯ ଦ୍ୱିତୀୟ ଲହର ସମୟରେ ଭାରତରେ ଅନେକ ଲକ୍ଷ ଲୋକଙ୍କ ମୃତ୍ୟୁ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିର ଅଭାବ ଯୋଗୁ ଘଟିଥିଲା। ଆବଶ୍ୟକତା ଅନୁଯାୟୀ ଅମ୍ଳଜାନ ସିଲିଣ୍ଡର ନ ମିଳିବା, ରୋଗୀଙ୍କ ପାଇଁ ଡାକ୍ତରଖାନାରେ ଶଯ୍ୟା ଏବଂ ଔଷଧର ଅଭାବ ସ୍ଥିତିକୁ ଗମ୍ଭୀର କରିଦେଇଥିଲା।

କୋଭିଡ୍-୧୯ ଯୋଗୁ ବିଭିନ୍ନ ଅବ୍ୟବସ୍ଥା ଦେଇ ଗତିକରି ଦୁଃଖ ସହିଥିବା ଦେଶବାସୀଙ୍କ ପାଇଁ ଆଉ ଏକ ମହାମାରୀ ମଙ୍କିପକ୍ସ ମାଧ୍ୟମରେ ଆସିଲେ ଭାରତର ସ୍ୱାସ୍ଥ୍ୟ ଓ ଆର୍ଥିକ ଅବସ୍ଥା ଅତି ଶୋଚନୀୟ ହୋଇଯିବ। ତେଣୁ ତୃଣମୂଳ ସ୍ତରରୁ ଏହା ଉପରେ ବ୍ୟାପକ ସଚେତନତା ହେବା ଜରୁରୀ ହୋଇପଡ଼ିଲାଣି। ଉଲ୍ଲେଖଯୋଗ୍ୟ ଯେ, ମଙ୍କିପକ୍ସ ଯୋଗୁ ଅତ୍ୟଧିକ ମାତ୍ରାର ମୃତ୍ୟୁ ଘଟୁନାହିଁ। ଭାରତରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ଅଧିକାଂଶ ସ୍ଥାନରେ ଦେଖିବାକୁ ମିଳୁ ନ ଥିବାରୁ ମଙ୍କିପକ୍ସ ଭଳି ଭୂତାଣୁର ସାମ୍ନା କରିବାକୁ ହେଲେ ଉଚିତ ମାନର ପଦକ୍ଷେପ ନେବାର ସମୟ ଆସିଗଲାଣି। ତାହା ମଧ୍ୟ ଭାରତବର୍ଷରେ ପରିବର୍ତ୍ତନ ଆଣିପାରିବ ନାହିଁ ବୋଲି କୋଭିଡ୍ ସମୟରୁ ଜଣାପଡ଼ିଲାଣି। ଏଭଳି ପ୍ରଚ୍ଛଦପଟରେ ଦେଖିଲେ ବେଳ ଥାଉ ଥାଉ ସରକାର ଯୁଦ୍ଧକାଳୀନ ଭିତ୍ତିରେ ପ୍ରସ୍ତୁତ ନ ହେଲେ ମଙ୍କିପକ୍ସ ମାଙ୍କଡ଼ ଭଳି ଡିଆଁ ମାରି ଚାରିଆଡ଼େ ଛେପିଯିବ।

## su|do|ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | | 3 | | 2 | | |
| 3 | | | | 7 | | 5 | | 6 |
| 7 | | 9 | | | 2 | 1 | | |
| | | 8 | | 1 | 5 | 6 | | |
| | | | | | 3 | | | |
| | | | 7 | 9 | | | | |
| | 5 | | | 2 | | | 4 | |
| | | 6 | | | | | | |
| 1 | 2 | | | | 8 | | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 3 | 4 | 1 | 9 | 6 | 5 | 7 | 2 |
| 7 | 2 | 6 | 3 | 8 | 5 | 4 | 9 | 1 |
| 1 | 9 | 5 | 4 | 7 | 2 | 8 | 6 | 3 |
| 6 | 8 | 9 | 2 | 5 | 7 | 1 | 3 | 4 |
| 4 | 1 | 2 | 6 | 3 | 8 | 7 | 5 | 9 |
| 5 | 7 | 3 | 9 | 4 | 1 | 6 | 2 | 8 |
| 9 | 4 | 7 | 8 | 6 | 3 | 2 | 1 | 5 |
| 2 | 6 | 8 | 5 | 1 | 9 | 3 | 4 | 7 |
| 3 | 5 | 1 | 7 | 2 | 4 | 9 | 8 | 6 |

ଗତକାଲିର ଉତ୍ତର

# ଉଡ଼ତା ଓଡ଼ିଶା



ଅନିଲ ବିଶ୍ୱାଳ

୨୦୧୬ରେ ବଲିଉଡ୍‌ରେ ଏକ ଚଳଚ୍ଚିତ୍ର ମୁକ୍ତିଲାଭ କରିଥିଲା, ଯାହାର ନାଁ ଥିଲା ଉଡ଼ତା ପଞ୍ଜାବ। ଚଳଚ୍ଚିତ୍ରଟି ଏକପ୍ରକାର ବ୍ୟବସାୟିକ ସଫଳତା ତ ପାଇଥିଲା କିନ୍ତୁ ସେହି ଚଳଚ୍ଚିତ୍ରଟିର କାହାଣୀ ଯେଉଁ ପୃଷ୍ଠଭୂମିରେ ହୋଇଥିଲା ସେହି ସମସ୍ୟାରୁ ଆଜି ପର୍ଯ୍ୟନ୍ତ ପଞ୍ଜାବ ମୁକୁଳିପାରିଲା ନାହିଁ। ଏବେ ସେହି ପଞ୍ଜାବ ରାସ୍ତାରେ ଓଡ଼ିଶା। ପଞ୍ଜାବରେ ଯୁବଗୋଷ୍ଠୀଙ୍କୁ କିପରି ବ୍ରାଉନସୁଗାର, ଡ୍ରଗ୍ସରେ କବଳିତ କରାଯାଉଛି ତାହାକୁ ଚଳଚ୍ଚିତ୍ର ମାଧ୍ୟମରେ ଦେଖାଯାଇଥିଲା। ପୋଲିସ, ରାଜନେତାମାନେ କିଭଳି ଡ୍ରଗ୍ସ ବେପାରରେ ସାମିଲ ରହୁଛନ୍ତି ତାହା ବି ଦେଖିବାକୁ ମିଳିଥିଲା ଚଳଚ୍ଚିତ୍ରରେ। କିପରି ପାକିସ୍ତାନରୁ ବିଭିନ୍ନ ରାସ୍ତା ଦେଇ ପଞ୍ଜାବକୁ ଡ୍ରଗ୍ସ ଆସୁଛି ତାହା ଏହି ଚଳଚ୍ଚିତ୍ରରେ ନଜରକୁ ଆସିଥିଲା। ଏବେ କଳାଟଙ୍କାର କାରବାର ସମ୍ପର୍କରେ ତଦନ୍ତ କରୁଥିବା ସ୍ୱତନ୍ତ୍ର ତଦନ୍ତ ଦଳର ଉପାଧ୍ୟକ୍ଷ ଜଷ୍ଟିସ ଅରିଜିତ ପଶାୟତ ଓଡ଼ିଶାରେ ବ୍ରାଉନସୁଗାର ଓ ଅନ୍ୟ ଡ୍ରଗ୍ସ ମାମଲାରେ କଳାଟଙ୍କାର ବିନିଯୋଗ କଥା କହିଛନ୍ତି।

ଆମେ ଏଠାରେ ଉଡ଼ତା ଓଡ଼ିଶା କଥା ଏଇଥିପାଇଁ କହୁଛୁ ଯେ ଓଡ଼ିଶାରେ ବାର୍ଷିକ ବ୍ରାଉନସୁଗାର ବେପାର କେତେ ଟଙ୍କାର ହେବ ତା' ଆକଳନର ପରିମାଣ ଦେଖିଲେ ମୁଣ୍ଡ ଘୂରିଯିବ। ଓଡ଼ିଶାରେ ବାର୍ଷିକ ୭୦୦କୋଟି ଟଙ୍କାର ବ୍ରାଉନ ସୁଗାର ବ୍ୟବସାୟ ହେଉଛି ବୋଲି କେତେଜଣ ବିଶେଷଜ୍ଞ ଆକଳନ କରୁଛନ୍ତି। ଏକଥା ଅସତ୍ୟ ହୋଇ ନ ଥିବ, କାରଣ ଏହି ନିଶା ଏବେ ଗାଁଠୁ ସହର ସବୁଆଡ଼େ ବ୍ୟାପିଗଲାଣି। ରାଜ୍ୟରେ ୧ ଲକ୍ଷରୁ ଅଧିକ ଯୁବତୀ ଯୁବକ ଉକ୍ତ ନିଶା କବଳରେ ଆକ୍ରାନ୍ତ ବୋଲି ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଉଛି। ପଞ୍ଜାବ ଭଳି ଓଡ଼ିଶା ବ୍ରାଉନସୁଗାର ପାଇଁ ଉଜୁଡ଼ିବାକୁ ଯାଉଛି। କିଲେ ବ୍ରାଉନସୁଗାରର ଦାମ ଏକ କୋଟି ଟଙ୍କା। ନୂଆ ନୂଆ ବ୍ରାଉନସୁଗାର ନିଶା ସେବନ କରୁଥିବା ଜଣେ ଲୋକ ଦିନକୁ ୨୦ଗ୍ରାମ ଖାଉଥିବା ବେଳେ ଏଥିରେ ଅଭ୍ୟସ୍ତ ହୋଇଗଲେ ଏହାର ପରିମାଣ ବଢ଼ି ବଢ଼ି ୬୦ ଗ୍ରାମ ହୋଇଯାଉଛି। ବ୍ରାଉନସୁଗାରର ଯେଉଁ ପୁଡ଼ିଆ ନିଶାଡ଼ିମାନଙ୍କୁ ବିକ୍ରି କରାଯାଉଛି ତାହା ହେଉଛି ୨୦ ଗ୍ରାମର, ଯାହାର ଦାମ ୪୦୦ରୁ ୫୦୦ ଟଙ୍କା ଭିତରେ। ଯଦି ଆମେ ହାରାହାରି ନିଶା ସେବନର ପରିମାଣକୁ ୨୦ ଗ୍ରାମ ଧରିବା ତାହାହେଲେ ଓଡ଼ିଶାରେ ସର୍ବନିମ୍ନ ଦୈନିକ ୨ କିଲୋ ବ୍ରାଉନସୁଗାର ବିକ୍ରି ହେଉଛି। ଦୈନିକ ୨ କିଲୋ ବ୍ରାଉନସୁଗାର ହେଲେ ବାର୍ଷିକ ଏହାର ପରିମାଣ ହେବ ୭୦୦ କିଲୋରୁ ଅଧିକ ଅର୍ଥାତ୍ ୭୦୦ କୋଟି ଟଙ୍କାର। ଆଉ ଏହି ଅର୍ଥ ସିଧାସଳଖ ରାଜ୍ୟର ନିଶା ବେପାରୀଙ୍କ ମାଧ୍ୟମରେ ବିଭିନ୍ନ ସ୍ତର ଦେଇ ଶେଷକୁ ପହଞ୍ଚୁଛି ପାକିସ୍ତାନ ଓ ଆଫଗାନିସ୍ତାନର ନିଶା ଉତ୍ପାଦନକାରୀମାନଙ୍କ ପାଖରେ।



ବ୍ରାଉନସୁଗାର ଓ ଅନ୍ୟ ଡ୍ରଗ୍ସ ବ୍ୟବସାୟର ମୂଳ ଚେର ହେଉଛି ଆଫଗାନିସ୍ତାନ। ସେଠାରୁ ଏହା ଆସୁଛି ପାକିସ୍ତାନ। ପରେ ପାକିସ୍ତାନରୁ ନେପାଳ ଆସୁଛି ଓ ନେପାଳରୁ ବାଂଲାଦେଶ ହୋଇ ପଶ୍ଚିମବଙ୍ଗର ମେଦିନିପୁର, ମୁର୍ଶିଦାବାଦ ଦେଇ ଓଡ଼ିଶାର ଜଳେଶ୍ୱରକୁ ପଶୁଛି। ଜଳେଶ୍ୱର ହେଉଛି ଓଡ଼ିଶାର ବ୍ରାଉନସୁଗାରର ପେଣ୍ଠସ୍ଥଳ ଓ ପ୍ରବେଶସ୍ଥାନ। ଜଳେଶ୍ୱରରେ ଆଜି ନୁହେଁ, ବର୍ଷ ବର୍ଷ ହେଲାଣି ବ୍ରାଉନସୁଗାରର ମୁଖ୍ୟ ଗୋଦାମ ହୋଇଥିବା ବେଳେ କେଜାଣି କାହିଁକି ସେଠାରେ ତାହା ଉପରେ ରୋକ ଲାଗିପାରୁନି ସେନେଇ ପୋଲିସର ଅପାରଗତାକୁ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। ଅତୀତରେ ଜଣେ ପୋଲିସ ଅଫିସର ବ୍ରାଉନସୁଗାର ବ୍ୟବସାୟୀଙ୍କୁ ୭୦ ହଜାର ଟଙ୍କା ଲାଞ୍ଚ ମାଗୁଥିବାର ଫୋନ ରେକର୍ଡ ଭାଇରାଲ ହୋଇଥିଲା। ବ୍ରାଉନସୁଗାର ନିଶା, ଯାହା ଦିନେ ସହରାଞ୍ଚଳର ନିଶା ଭାବରେ ଜଣାଥିଲା ଏବେ ତାହା ଗ୍ରାମାଞ୍ଚଳରେ ମିଳିଲାଣି। ବ୍ରାଉନସୁଗାର ବେପାରୀମାନେ ଏବେ ପୂରା ଗାଁମୁହାଁ ହୋଇସାରିଲେଣି।

ଯେମିତି ଅନ୍ୟ କୌଣସି ସାଧାରଣ ବ୍ୟବସାୟରେ ହୋଲ୍‌ସେଲର, ଡ୍ରିଷ୍ଟ୍ରିବ୍ୟୁଟର ଓ ରିଟେଲରମାନେ ଥାଆନ୍ତି ଠିକ୍ ସେମିତି ହେଉଛି ବ୍ରାଉନ ସୁଗାର ବ୍ୟବସାୟରେ। ଜଳେଶ୍ୱରରୁ ବ୍ରାଉନସୁଗାର ଏକ କିଲୋ ନ ହେଲେ ଅଧକିଲୋ ପ୍ୟାକେଟରେ ବିଭିନ୍ନ ଜିଲାକୁ ଆସୁଛି। ସେଠାରେ ରହିଥିବା ଡ୍ରିଷ୍ଟ୍ରିବ୍ୟୁଟରମାନେ ତାହାକୁ ବିଭିନ୍ନ ନିଶା ବେପାରୀଙ୍କୁ ଆହୁରି ଛୋଟ ଛୋଟ ପ୍ୟାକେଟ କରି ପଠାଉଛନ୍ତି। ଏହି ନିଶା ବେପାରରେ ବେପାରୀମାନେ ଯେତିକି ମୂଳଧନ ସେତିକି ଲାଭ ଆକାରରେ ପାଉଛନ୍ତି। ତା'ଛଡ଼ା କିଛି ନିଶା ଖାଉଥିବା ଯୁବକ ନିଜେ ଡ୍ରଗ୍ସ ଖାଇବା ପାଇଁ ଅର୍ଥ ଆବଶ୍ୟକ ପଡୁଥିବାରୁ ସେମାନେ ବି ଏହି ବେପାରରେ ମାତିଛନ୍ତି।

ତିନି ପ୍ରକାରର ନିଶା ବର୍ତ୍ତମାନ ଯୁବଗୋଷ୍ଠୀଙ୍କୁ ବେଶି ଆକ୍ରାନ୍ତ କରୁଛି। ଗୋଟିଏ ହେଲା ମଦ, ତା'ପରେ ବ୍ରାଉନ ସୁଗାର, ତା'ପରେ ଗଞ୍ଜେଇ। ମଦ ନିଶା ସର୍ବାଧିକ ସଂଖ୍ୟାରେ ଯୁବଗୋଷ୍ଠୀଙ୍କୁ ଆକ୍ରାନ୍ତ କରିଥିଲେ ମଧ୍ୟ ଏହା ବ୍ରାଉନସୁଗାର ତୁଳନାରେ କମ୍ ଭୟଙ୍କର। ଗଞ୍ଜେଇ ହେଉ କିମ୍ବା ମଦ ସେହି ଦୁଇଟି ନିଶାକୁ ଛାଡ଼ିବା ସମ୍ଭବ। କିନ୍ତୁ ବ୍ରାଉନସୁଗାର ଯିଏ ଥରେ ଖାଇଛି ତାକୁ ଛାଡ଼ିବା ସହଜ ନୁହେଁ। ମଦ ବିକ୍ରି ପାଇଁ ବେପାରୀମାନଙ୍କୁ କିଛି ବିଶେଷ ଯୋଜନା କରିବାକୁ ପଡୁନାହିଁ କାରଣ ଏଥିପାଇଁ ସରକାର ଅନୁମତି ଦେଉଛନ୍ତି। ହେଲେ ବ୍ରାଉନସୁଗାର ହେଉ ବା ଗଞ୍ଜେଇ ଏହି ବେପାର ଚଳାଇବା ପାଇଁ ନିଶା ବେପାରୀମାନେ ପୂରା ଗ୍ୟାଙ୍ଗ ଗଢ଼ିଛନ୍ତି। କାରବାର ବଢ଼ାଇବା ପାଇଁ ପ୍ରଥମେ ଯୁବ ପିଲାମାନଙ୍କୁ ଏହି ନିଶା ଖୁଆଇ ଦେଉଛନ୍ତି ଓ ପରେ କେମିତି ସେମାନେ ବ୍ରାଉନସୁଗାରରେ ଅଭ୍ୟସ୍ତ ହୋଇଯିବେ ସେଥିପାଇଁ ଷଡ଼ଯନ୍ତ୍ର ରଚୁଛନ୍ତି।

ବ୍ରାଉନସୁଗାରର କାୟା ସାରା ଦେଶରେ ବ୍ୟାପିଥିବା ବେଳେ ଏ ସମ୍ପର୍କରେ କିଛି ଦିନ ତଳେ କେରଳର ଜଣେ ଖ୍ରୀଷ୍ଟିଆନ ବିଶପ ଜୋଶେଫ କଲାରଙ୍ଗାଟ ଏକ ଅଭିଯୋଗ ଆଣିଥିଲେ। ସେ ଗୋଟିଏ ନୂଆ ଶବ୍ଦ କହିଥିଲେ, ଯାହା ହେଉଛି 'ନାର୍କୋଟିକ୍ସ ଜିହାଦ'। ସେ କହିଥିଲେ, କେରଳରେ ମୁସଲମାନମାନେ ଯୋଜନାବଦ୍ଧ ଭାବରେ ବ୍ରାଉନସୁଗାର ବିକ୍ରି କରୁଛନ୍ତି। ତାଙ୍କ କହିବାନୁସାରେ ନିଶା ମାଧ୍ୟମରେ ଅନ୍ୟମାନଙ୍କ ଜୀବନ ନଷ୍ଟ କରିବା ହେଉଛି ନାର୍କୋଟିକସ ଜିହାଦ। ତାଙ୍କ ବୟାନକୁ ନେଇ ସେତେବେଳେ ବହୁତ ବିତର୍କ ହୋଇଥିଲା। ତାଙ୍କର ସେହି ଅଭିଯୋଗ ପରେ ଆସାମ ଓ ମଣିପୁରରେ ସମାନ ଅଭିଯୋଗ ବିଭିନ୍ନ ସଙ୍ଗଠନମାନେ କରିଥିଲେ। ଆମେ ଏଠାରେ କେଉଁ ସମୁଦାୟ ଉପରେ ଦୋଷ ଦେବା ଠିକ୍ ହେବ ନାହିଁ କିନ୍ତୁ ଯେହେତୁ ବିଭିନ୍ନ ରାଜ୍ୟରେ ଅଭିଯୋଗମାନ ଆସୁଛି ତେଣୁ ଯଦି ପୋଲିସର ତଦନ୍ତ ସେଦିଗକୁ ଯାଆନ୍ତା ତା'ହେଲେ ହୁଏତ ଏହାର ପ୍ରବେଶ ସ୍ଥାନ, ଆଡ୍ଡା ଉପରେ ରୋକ ଲାଗିଯାଆନ୍ତା। କାରଣ ଏବେ ଓଡ଼ିଶାରେ ବ୍ରାଉନସୁଗାର ଏଭଳି ବ୍ୟାପକ ମାତ୍ରାରେ ଚାଲିଲାଣି ଯେ ଏହା ଉପରେ ଅଙ୍କୁଶ ଲଗାଇବାକୁ ହେଲେ ଯେଉଁମାନେ ଓଡ଼ିଶାରେ ବ୍ରାଉନସୁଗାରକୁ ପ୍ରବେଶ କରାଉଛନ୍ତି ସେମାନଙ୍କୁ ଗିରଫ କରିବାକୁ ପଡ଼ିବ।

ରାଜ୍ୟ ସରକାରଙ୍କ ନିଶା ନିବାରଣର ଯାହା ବି ଅଳ୍ପ କିଛି ସରକାରୀ ପ୍ରୟାସ ଅଛି ତାହା କେବଳ ମଦକୁ ନେଇ। ହେଲେ ବ୍ରାଉନସୁଗାର ଭଳି ନିଶାର ନିବାରଣ ନେଇ ସେପରି କିଛି ଯୋଜନା ଆଜି ପର୍ଯ୍ୟନ୍ତ ସରକାରୀ ସ୍ତରରେ ହୋଇନାହିଁ।

**ହରିରାଜପୁର, ପୁରୀ**

# ଭଲ ଲୋକଙ୍କର ଭୟ



ଡା. ରାମଚନ୍ଦ୍ର ରାଉତ

ଭଲ ଲୋକଟିଏ ଏବେ ଖୋଜି ପାଇବା ମୁସ୍କିଲ। ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି- ସ, ମହାତ୍ମା ଦୁର୍ଦ୍ଦଲ୍ଲଭ- ଅର୍ଥାତ୍ ସେପରି ବ୍ୟକ୍ତି ଅତ୍ୟନ୍ତ ଦୁର୍ଲଭ। ପ୍ରସିଦ୍ଧ କବି ନରସିଂହ ମେହେଟ୍ଟା ମଧ୍ୟ ତାଙ୍କର ପ୍ରସିଦ୍ଧ ଭଜନ 'ବୈଷ୍ଣବ ଜନ ତୋ.....'ରେ ପ୍ରାଞ୍ଜଳ ଭାବେ କହିଛନ୍ତି- ଯେ ପରର କଷ୍ଟ ଜାଣିପାରେ ଓ ତା' ଦୁଃଖରେ ଦୁଃଖୀ ହୁଏ ସେଇ ହିଁ ପ୍ରକୃତରେ ବିଷ୍ଣୁଙ୍କୁ ଉପଲବ୍ଧି କରିଥିବା ବୈଷ୍ଣବ ଜନ! ଜଣେ ବିଖ୍ୟାତ ଦାର୍ଶନିକ ମଧ୍ୟ ଦିନରେ ଲଣ୍ଠନ ଧରି 'ଭଲ' ଲୋକଟିଏ ଖୋଜୁଥିଲେ ଓ ଉପହସିତ ହୋଇଥିଲେ।

ଭଲ ଲୋକ ଆମେ ବର୍ତ୍ତମାନ ସମୟରେ କାହାକୁ କହିପାରିବା। ଏହା ସମ୍ଭବତଃ ଏହିପରି ହେବ- ଯେଉଁ ବ୍ୟକ୍ତି ଅନ୍ୟର କୌଣସି କ୍ଷତି କରେନାହିଁ, ଦୁଃଖୀର ଉପକାର କରେ, ଦେଶର ହିତ କରେ, ପ୍ରାଣୀମାନଙ୍କର ମଙ୍ଗଳ କରେ ଓ କୌଣସି ଅନୁଚିତ କାର୍ଯ୍ୟ କରେ ନାହିଁ। ଏହା ସହିତ ଯୋଡ଼ିପାରିବା ସେ ସମସ୍ତ ନୀତିନିୟମ ଓ ଆଇନକାନୁନକୁ ସମ୍ମାନ ଦେଖାଇ ପାଳନ ମଧ୍ୟ କରେ। କିନ୍ତୁ ଆଜିକାଲି ଦୁନିଆରେ ସତ କହିବା ଓ ଭଲ ଲୋକ ହେବା ବହୁତ ବିପଦପୂର୍ଣ୍ଣ କାମ। ଜଣେ ଯଦି ସଦାସର୍ବଦା ସତ କହିବା ଆରମ୍ଭ କରେ ସେ ସମସ୍ତଙ୍କର ଶତ୍ରୁ ହୋଇଯାଏ ଓ ସମସ୍ତେ ତାକୁ ଘୃଣା କରନ୍ତି। କୁହନ୍ତି , ସଂସାରରେ ଏହି ଜଣେ ମାତ୍ର 'ସତିଆ' ଆଉ ସବୁ ମିଛୁଆ। ସତ କହିଲେ ଆପଣ ପ୍ରଥମେ ପରିବାରରେ, ତା'ପରେ କାର୍ଯ୍ୟକ୍ଷେତ୍ରରେ ଓ ସମାଜରେ ଅପ୍ରିୟ ହେବେ, ଆପଣଙ୍କର ଜୀବନ କଷ୍ଟ ଓ ଦୁଃଖମୟ ହୋଇଯିବ।

କେହି ଜଣେ କହିଥିଲେ, ଗୀତା/ଧର୍ମପୁସ୍ତକ ଉପରେ ହାତ ରଖି ସତ କହିବା ପାଇଁ ତିନିଥର ଶପଥ ନେଲାପରେ କୋର୍ଟ କଚେରିରେ ସବୁଠାରୁ ଅଧିକ ମିଛ କୁହାଯାଇଥାଏ। ମାତ୍ର ମଦ ଗ୍ଲାସ୍‌ରେ ବରଫଖଣ୍ଡ ପକାଇ ପିଇବା ପରେ ବ୍ୟକ୍ତି ଜଣକ ସବୁ ସମୟରେ ସତ ହିଁ କହିଥାଆନ୍ତି। ବହୁ ଲୋକଙ୍କ ସମ୍ମୁଖରେ ହତ୍ୟା ଓ ଚୋରି ହୋଇଥିଲେ ମଧ୍ୟ ରିପୋର୍ଟ ଓ ସାକ୍ଷ୍ୟ ଦେବା ପାଇଁ କେହି ସ୍ୱତଃ ଆଗେଇ ଆସନ୍ତି ନାହିଁ। କାରଣ ପୋଲିସ ଓ କୋର୍ଟ ତାକୁ ବହୁତ ହଇରାଣ କରନ୍ତି। କୋର୍ଟ ଓ ଥାନା ପ୍ରାୟ ସମୟରେ ସମ୍ପୂର୍ଣ୍ଣ ମିଛ କଥାରେ ଚାଲିଥାଏ। ଜାମିନରେ ନେବା ପାଇଁ ପେସାଦାର ଜାମିନଦାର ଥାଆନ୍ତି। ସେହିପରି ସାକ୍ଷ୍ୟ ପ୍ରଦାନ ପାଇଁ ପେସାଦାର ସାକ୍ଷ୍ୟ ପ୍ରଦାନକାରୀ ଥାଆନ୍ତି। ପୁରୁଣା ପଦ୍ଧତିରେ କ୍ୱଚିତ୍ ପରିବର୍ତ୍ତନ ହୋଇଛି। ଶହୀଦ ରଘୁ ଦିବାକର, ଲକ୍ଷ୍ମଣ ନାୟକ, ବକ୍ସି ଜଗବନ୍ଧୁ, ଦଳବେହେରା, ବାଜି ରାଉତ ଓ ଏହିପରି ହଜାର ହଜାର ଯୋଗଜନ୍ମାଙ୍କୁ ଯେଉଁ ଆଇନ ସମ୍ପୂର୍ଣ୍ଣ ମିଥ୍ୟାରୋପରେ ଭୟାବହ ମୃତ୍ୟୁଦଣ୍ଡ ଦେଇଛି ସେହି କଳା ଆଇନଗୁଡ଼ିକୁ ଆମେ ସମ୍ମାନ ଦେଉଛେ। ଏହାଠାରୁ ଏକ ସ୍ୱାଧୀନ ଦେଶରେ ଆଉ ଅଧିକ ବିଡ଼ମ୍ବନା କ'ଣ ଥାଇପାରେ।

ଭଲଲୋକଟିଏ ସବୁ ଆଇନକାନୁନ ଓ ନୀତିନିୟମ ଅକ୍ଷରେ ଅକ୍ଷରେ ପାଳନ କରିଥାଏ। ମାତ୍ର ଏଥିପାଇଁ ତାକୁ ସମାଜରେ ଓ ସବୁଠାରେ ବହୁତ ଅସୁବିଧା, ଅପ୍ରୀତିକର ପରିସ୍ଥିତି ଏବଂ କଷ୍ଟ ଭୋଗିବାକୁ ପଡ଼େ। ଦୁଷ୍ଟ, ଗଣ୍ଡଗୋଳକାରୀ,



ଗୁଣ୍ଡା, ବଦ୍‌ମାସ, ପେସାଦାର ଅପରାଧୀ, ହତ୍ୟା ଓ ଲୁଣ୍ଠନକାରୀ, ଦୁଷ୍କର୍ମକାରୀମାନେ ଜମାରୁ ଆଇନକାନୁନ ମାନି ନ ଥାନ୍ତି। ପୋଲିସ କ୍ୱଚିତ୍ ସେମାନଙ୍କୁ ନାଲିଆଖି ଦେଖାଏ, କାର୍ଯ୍ୟାନୁଷ୍ଠାନ ନିଏ। ମାତ୍ର ଜଣେ ନିରୀହ ସାଧାରଣ ବ୍ୟକ୍ତି ପାଇଁ ପୋଲିସ କଠୋର, ନିର୍ଦ୍ଦୟ ଓ ରକ୍ତମୁଖା ହୋଇପଡ଼େ।

ପ୍ରଚଳିତ ଭାରତୀୟ ଆଇନ (ଆଇପିସି, ସିଆର୍‌ପିସି, ଆଇଇଏ) ଇତ୍ୟାଦି ଯୋଗୁ ଅପରାଧୀମାନେ ଅତି ସହଜରେ ଓ କମ୍ ସମୟ ମଧ୍ୟରେ ଜାମିନ ପାଇଯାଆନ୍ତି। ସର୍ତ୍ତ ଯାହା ଲାଗି ଥାଉନା କାହିଁକି ସେମାନେ ମୁକ୍ତ ହୋଇଯାଆନ୍ତି। ପୁନଶ୍ଚ ଶତସିଂହ ବଳରେ ଅପରାଧ ଜଗତକୁ ପ୍ରବେଶ କରନ୍ତି। ଆଜିର ବ୍ୟବସ୍ଥା ଦେଖିଲେ ଏମିତି ତ ଲାଗେ ଯେ କୋର୍ଟ, କଚେରି କେବଳ ଅପରାଧୀମାନଙ୍କୁ ଜାମିନ ଓ ସୁରକ୍ଷା ଦେବା ପାଇଁ ରହିଛି। ଥାନା ଓ ପୋଲିସ କର୍ମଚାରୀମାନେ ସେମାନଙ୍କ ପାଇଁ ଆଗଭର ହୋଇ ରହିଛନ୍ତି ଓ ସେମାନଙ୍କ ଛତ୍ରଛାୟା ତଳେ ସେମାନେ ପରିପୁଷ୍ଟ ହୋଇଥାଆନ୍ତି। ବଡ଼ ବଡ଼ ନାମକରା ଓକିଲ ବଡ଼ ବଡ଼ ଅପରାଧୀଙ୍କ ପାଇଁ ଲଢ଼ିବାକୁ ଆଗେଇ ଆସନ୍ତି। ଭଲ ଲୋକଟିଏ ଠିକ୍ ସମୟରେ ଟିକସ ଦିଏ, ଜରିମାନା ଦିଏ, ଠିକ୍ ବାଟରେ ଯାଇ ଠିକ୍ କାମ କରେ, ଏସବୁ ତା' ପାଇଁ ଭଲ ପରିବର୍ତ୍ତେ ଖରାପ ସାଧିତ ହୁଏ। ସେ ସମସ୍ତଙ୍କୁ ଭଲ କରିଥାଏ। ତା' ପଡ଼ୋଶୀ ଜବରଦଖଲ କରେ, ବାଟ ବନ୍ଦ କରିଦିଏ, ଅଫିସ୍‌ରେ ସମସ୍ତେ ଟାହିଟାପରା କରନ୍ତି, ଟିପ୍ପଣୀ କରନ୍ତି। ଗାଁ ଗହଳି ସହର ବଜାରରେ ସେ ଅନେକ ଅସୁବିଧାରେ ପଡ଼େ। ପ୍ରଥମତଃ ସେ ଭୟ କରିଥାଏ ଗଣ୍ଡଗୋଳକାରୀ ଓ ଅପରାଧ ଘଟାଉଥିବା ଲୋକମାନଙ୍କୁ। ତା'ପରେ ପୋଲିସକୁ ଓ ନ୍ୟାୟାଳୟର ଅସାଧୁ ଓକିଲ ଓ ନ୍ୟାୟକର୍ତ୍ତାମାନଙ୍କୁ, ଅଫିସ୍‌ର ଅସାଧୁ ଅଧିକାରୀ ଓ କର୍ମଚାରୀମାନଙ୍କୁ।

ଏପରି ପ୍ରତୀୟମାନ ହୁଏ ଯେ ନ୍ୟାୟ ହେଉଛି କେବଳ ନ୍ୟାୟଭଙ୍ଗ କରୁଥିବା ଲୋକମାନଙ୍କ ପାଇଁ। ଏହାକୁ ମାନୁଥିବା ଲୋକମାନଙ୍କ ପାଇଁ କ୍ୱଚିତ୍ ଏହା ସହାୟକ ହୋଇଥାଏ। କାରଣ ଆପରାଧିକ କ୍ଷେତ୍ରରେ ୯୦%ରୁ ଅଧିକ ଛାଡ଼ ପାଇଥାଆନ୍ତି। ଚିକିତ୍ସା ପଦ୍ଧତି ଦ୍ୱାରା ଯଦି ୧୦୦ ରୋଗୀରୁ ମାତ୍ର ୧୦ଜଣ ଭଲ ହେବେ ଓ ୯୦ ମୃତ୍ୟୁମୁଖରେ ପଡ଼ିବେ, ସେ ଚିକିତ୍ସା ପଦ୍ଧତି କେବେ ଆପଣେଇବା ଉଚିତ କି? ଯଦି 'ନା' ତା'ହେଲେ ବିଚାର ଓ ନ୍ୟାୟ କ୍ଷେତ୍ରରେ ଓ ଥାନା ମାନଙ୍କରେ ଏପରି ୧୦% ଉପଲବ୍ଧି ମିଳୁଥିବା ବେଳେ ତାକୁ ପରିବର୍ତ୍ତନ କରିବାର ଆବଶ୍ୟକତା ଅଛି ନା ନାହିଁ?

ପୁରାତନ ଆଇନ ଓ ତଦନ୍ତ ପଦ୍ଧତି ଏବଂ ସେହି ବିଭାଗଗୁଡ଼ିକର କର୍ମଚାରୀମାନଙ୍କର ଆଚରଣ, ଉଚ୍ଚାରଣ ତଥା ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ଆସିବ କେବେ? କେବେ ଭଲ ଲୋକମାନଙ୍କ ମନରୁ ଭୟ ଚାଲିଯିବ ଏବଂ ଅପରାଧୀ ଓ ଗୁଣ୍ଡାବଦ୍‌ମାସଙ୍କ ମନରେ ଭୟ ସଞ୍ଚାର ହେବ, ସେମାନେ ଅପରାଧ ଇତ୍ୟାଦି କରିବା ଆଗରୁ ଶହେଥର ଚିନ୍ତା କରିବେ। ନଚେତ୍ ଦେଶ ଓ ସମାଜ ତଥା ରାଜ୍ୟ କ୍ରମଶଃ ଅଧୋଗାମୀ ହେବ ଏଥିରେ ସନ୍ଦେହ ନାହିଁ।

**ଗୋପାଳପୁର, ବାଙ୍କୀ, କଟକ**
**ମୋ: ୮୨୪୯୦୮୭୯୯୫**

## ଏଇ ଭାରତରେ

ଜଣେ ଦୃଷ୍ଟିବାଧିତ ଅନ୍ୟମାନଙ୍କ ପାଇଁ ଆଶାବାଡ଼ି ହୋଇପାରନ୍ତି ଏହାର ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଗୁଜରାଟରେ। ଏହି ବ୍ୟକ୍ତି ଜଣକ ହେଉଛନ୍ତି ୨୩ ବର୍ଷୀୟ ଭବେଶ ଭାଟିଆ। ଦୃଷ୍ଟିଶକ୍ତି ହରାଇବା ପରେ ଭାଙ୍ଗି ନ ପଡ଼ି ସେ 'ସନ୍‌ରାଇଜ କ୍ୟାଣ୍ଡେଲସ୍' ଆରମ୍ଭ କରି ସେଥିରେ ୯,୫୦୦ ଦୃଷ୍ଟିବାଧିତଙ୍କୁ ନିଯୁକ୍ତ କରିଛନ୍ତି। ଭବେଶ ପ୍ରଥମେ ଏକ ହୋଟେଲରେ ଚାକିରି କରିଥିଲେ। ଦୃଷ୍ଟିଶକ୍ତି ହରାଇବା ପରେ ତାଙ୍କ ଚାକିରି ଚାଲିଯାଇଥିଲା। ବଞ୍ଚିବା ଲାଗି ବାଟ ଖୋଜି ସେ ମୁମ୍ବାଇ ନ୍ୟାଶନାଲ ଆସୋସିଏଶନ ଫର୍ ବ୍ଲାଇଣ୍ଡ୍‌ରେ ନାମ ଲେଖାଇ ମହମବତି ତିଆରି କୌଶଳ ଶିକ୍ଷା କରିଥିଲେ। ପରେ ନିଜେ ମହମବତି ତିଆରି କରି ବିକ୍ରି କରିବା ସହ ୧୫,୦୦୦ ଟଙ୍କା ଋଣ ଆଣି 'ସନ୍‌ରାଇଜ କ୍ୟାଣ୍ଡେଲସ୍' ସଂସ୍ଥା ଗଠନ କରି କେବଳ ଦୃଷ୍ଟିବାଧିତ ଲୋକଙ୍କୁ ନିଯୁକ୍ତ କରିବା ଓ ପ୍ରଶିକ୍ଷଣ ଦେବା ଆରମ୍ଭ କରିଥିଲେ। ତାଙ୍କର ସେହି କ୍ଷୁଦ୍ର ବ୍ୟବସାୟିକ ସଂସ୍ଥା ଏବେ ଢେର ବଢ଼ିପାରିଛି ଓ ସେଥିରେ ୯,୫୦୦ ଦୃଷ୍ଟିବାଧିତ ବ୍ୟକ୍ତି ରୋଜଗାର ପାଇଛନ୍ତି। ୧୪ଟି ରାଜ୍ୟରେ ଏହାର ୭୧ଟି ଉତ୍ପାଦନ କେନ୍ଦ୍ର ରହିଛି ଏବଂ ତାଙ୍କ ଉତ୍ପାଦିତ ମହମବତି ଏବେ ପାଖାପାଖି ୬୭ଟି ଦେଶକୁ ରପ୍ତାନି ହେଉଛି। କେବଳ ବ୍ୟବସାୟ ନୁହେଁ, ଏହି ପ୍ରେରଣାଦାୟୀ ବ୍ୟକ୍ତି ଜଣଙ୍କ ମଧ୍ୟ ପାରା ଅଲିମ୍ପିକ ଖେଳରେ ଜାତୀୟ ସ୍ତରରେ ବହୁ ପଦକ ହାସଲ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୧୯ ଜୁଲାଇ ୧୯୯୭**

- ଇଣ୍ଡୋନେସିଆର ଏକ ବିମାନ ଉଚ୍ଚ ବିଲ୍‌ଡିଂରେ ଧକ୍କା ଲାଗି ଜଳିଯିବା ଫଳରେ ୫ ବିମାନ କର୍ମଚାରୀଙ୍କ ସମେତ ୨୭ ଜଣଙ୍କ ମୃତ୍ୟୁ।
- ଓସାମାବିନ୍ ଲାଡେନ୍‌ଙ୍କୁ ଗିରଫ କରିବା ପାଇଁ ଆମେରିକା ଦ୍ୱାରା ପାକିସ୍ତାନ, ଆଫଗାନିସ୍ତାନ ଏବଂ ଆରବରୁ ୧୦୦୦ ଅଭିଜ୍ଞ ଭଡାଟିଆ ସୈନ୍ୟ ନିଯୁକ୍ତ।
- ପଞ୍ଜାବରୁ ଉଗ୍ରବାଦ କାର୍ଯ୍ୟକଳାପର ମୂଳୋତ୍ପାଟନ ପାଇଁ ୮୫୦୦ କୋଟି ଟଙ୍କାର କେନ୍ଦ୍ରୀୟ ଋଣ ପ୍ରଦାନ।

## ଚିରନ୍ତନୀ

ପ୍ରଭାତୀ ସ୍ୱରେ ଆଜି କୁକ୍କୁଟ ଡାକେ
ଡାହୁକ ଡାକିଲାଣି ନିକୁଞ୍ଜ ଶାଖେ।
ଅଧରେ କିମ୍ପା ତବ ବ୍ୟଥାର କମ୍ପନ ଗୋ
ବଦନେ କିପାଁ ତବ ହାସ ନ ଲାଖେ
ଡାହୁକ ଡାକିଲାଣି ନିକୁଞ୍ଜ ଶାଖେ।
-(ପ୍ରଭାତ ପ୍ରାସ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ନବମ ଓ ଦଶମ ଶ୍ରେଣୀ ପିଲାଙ୍କୁ ସବୁ ପାଠ୍ୟପୁସ୍ତକ ମିଳିନି

ମହାଶୟ,

ସରକାରଙ୍କ ନିୟମ ଅନୁଯାୟୀ ଶିକ୍ଷାବର୍ଷ ଆରମ୍ଭରୁ ଛାତ୍ରୀଛାତ୍ରଙ୍କୁ ସବୁ ପାଠ୍ୟପୁସ୍ତକ ଯୋଗାଇ ଦିଆଯିବା କଥା। କିନ୍ତୁ ଚଳିତ ଶିକ୍ଷାବର୍ଷର ପାଞ୍ଚ ମାସ ବିତିବାକୁ ବସିଥିବା ବେଳେ ନବମ ଓ ଦଶମ ଶ୍ରେଣୀ ପିଲାଙ୍କୁ ସବୁ ପାଠ୍ୟପୁସ୍ତକ ମିଳି ପାରିନାହିଁ। ବହି ନ ମିଳିବାରୁ ଛାତ୍ରୀଛାତ୍ର, ଶିକ୍ଷକ ଶିକ୍ଷୟିତ୍ରୀ ତଥା ଅଭିଭାବକଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଓ ଅସନ୍ତୋଷ ଦେଖାଦେଇଛି। ଏଯାଏ ନବମ ଓ ଦଶମ ଶ୍ରେଣୀ ପିଲାଙ୍କୁ ସାମାଜିକ ବିଜ୍ଞାନର ଭୂଗୋଳ, ଅର୍ଥନୀତି ଓ ଜୀବ ବିଜ୍ଞାନ (ଲାଇଫ ସାଇନ୍ସ) ବହି ମିଳିପାରିନି। ଏ ବହି ବଜାରରେ ବି ମିଳୁନାହିଁ। ସୂଚନାଥାଉ କି, ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) କର୍ତ୍ତୃପକ୍ଷ ହାଇସ୍କୁଲ (ନବମ ଓ ଦଶମ ଶ୍ରେଣୀ) ପାଠ୍ୟପୁସ୍ତକ ପ୍ରସ୍ତୁତି ଓ ପ୍ରକାଶନ କରିଥାନ୍ତି। ୨୦୨୧-୨୨ ଶିକ୍ଷାବର୍ଷରେ ହାଇସ୍କୁଲ ପାଠ୍ୟକ୍ରମରେ ବୋର୍ଡ଼ କିଛି ପରିବର୍ତ୍ତନ କରିଥିଲେ। କିନ୍ତୁ ଏହି ପାଠ୍ୟକ୍ରମ ପରିବର୍ତ୍ତନ ବିଳମ୍ବରେ ହୋଇଥିବାରୁ ସମସ୍ୟା ହୋଇଥିଲା। ଏଥର ବି ଅନୁରୂପ ସମସ୍ୟା ସୃଷ୍ଟି ହୋଇଛି। ବୋର୍ଡ଼ ପକ୍ଷରୁ ନୂଆ ବହି ଛପା ହୋଇ ବଜାରକୁ ଛଡ଼ା ଯାଇନଥିବାରୁ ଏପରି ଅବସ୍ଥା ଦେଖାଦେଇଛି। ଜଣେ ବରିଷ୍ଠ ଶିକ୍ଷକଙ୍କ କହିବା ଅନୁଯାୟୀ ଉଭୟ ନବମ ଓ ଦଶମର ଦୁଇଟିଯାକ ବିଷୟରେ ନୂଆ ଅଧ୍ୟାୟ ଯୋଡ଼ା ଯାଇ ବୋର୍ଡ଼ ପକ୍ଷରୁ ବହି ଛପା ହେବାକୁ ଦିଆଯାଇଛି। ଏଯାଏ ବୋର୍ଡ଼ ପାଖକୁ ଏହି ୪ଟି ବହି ଆସି ନଥିବାରୁ ଯୋଗାଇ ଦିଆଯାଇ ପାରୁନାହିଁ। ଏସବୁ ବହି କେବେ ଆସିବ ତାହା ସ୍ପଷ୍ଟ କରାଯାଉ ନାହିଁ।

**-ଡ. ଅରୁନ୍ଧତୀ ଦେବୀ, ନିର୍ଦ୍ଦେଶିକା-ସମ୍ପାଦିକା,**
**ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




ରାଷ୍ଟ୍ରପତି ନିର୍ବାଚନ ଲାଗି ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ସୋମବାର ମତଦାନ ସାବ୍ୟସ୍ତ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ(ବାମରୁ), ବାଚସ୍ପତି ବିକ୍ରମ କେଶରୀ ଆରୁଖ, ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ, କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର।

# ଗରିବଙ୍କ ଖାଦ୍ୟ ଉପରେ ଜିଏସ୍‌ଟି ମାଡ଼

ଭୁବନେଶ୍ୱର,୧୮।୭(ବ୍ୟୁରୋ)

ଧନୀ, ଗରିବ ସମସ୍ତ ଓଡ଼ିଆଙ୍କ ପ୍ରିୟ ଖାଦ୍ୟ ଚୁଡ଼ା, ମୁଢ଼ି ଓ ଖଇ। ଏହା ଏବେ ମହଙ୍ଗା ହୋଇଯାଇଛି। କେନ୍ଦ୍ର ସରକାର ଏହି ଖାଦ୍ୟ ସାମଗ୍ରୀ ଉପରେ ୫% ଦ୍ରବ୍ୟ ଓ ସେବା ଟିକସ (ଜିଏସ୍‌ଟି) ଲଗାଇଛନ୍ତି। କେବଳ ଏହି ୩ଟି ଖାଦ୍ୟ ସାମଗ୍ରୀ ନୁହେଁ, ପ୍ୟାକେଟ୍ ଦହି, ଲସି, ପନିର, ଗହମ, ଚାଉଳ, ବାର୍ଲି, ଓଟ୍ସ ଉପରେ ମଧ୍ୟ ୫ ପ୍ରତିଶତ ଜିଏସ୍‌ଟି ଲାଗିବ। ଫଳରେ ଖାଉଟିଙ୍କୁ ମୋଟା ଅଙ୍କର ଟିକସ ଗଣିବାକୁ ପଡ଼ିବ। ଏହାକୁ ନେଇ ସୋମବାର ବିଧାନସଭାରେ ଝଡ଼ ସୃଷ୍ଟି ହୋଇଛି। ଗରିବଙ୍କ ଖାଦ୍ୟ ଉପରୁ ତୁରନ୍ତ ଜିଏସ୍‌ଟି ପ୍ରତ୍ୟାହାର କରିବା ଦାବିରେ କଂଗ୍ରେସ ସଦସ୍ୟମାନେ ଗୃହରେ ପ୍ରବଳ ହଟ୍ଟଗୋଳ କରିଛନ୍ତି। ହଟ୍ଟଗୋଳ ଯୋଗୁ ବାଚସ୍ପତି ବିକ୍ରମ କେଶରୀ ଆରୁଖ ଗୃହକୁ ଅପରାହ୍ଣ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ।

ଶୂନ୍ୟକାଳରେ କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତି କହିଲେ, କେନ୍ଦ୍ର ସରକାର ଚୁଡ଼ା, ମୁଢ଼ି, ଦହି, କ୍ଷୀର ଭଳି ଗରିବଙ୍କ ଖାଦ୍ୟ ଉପରେ ଜିଏସ୍‌ଟି ଲଗାଇଛନ୍ତି। ଆମ ସମସ୍ତଙ୍କର ଏହା ପ୍ରିୟ ଖାଦ୍ୟ। କେନ୍ଦ୍ର ସରକାର ତୁରନ୍ତ ଏହା ଉପରୁ ଜିଏସ୍‌ଟି ହଟାନ୍ତୁ। ଦଳଗତ ନିର୍ବିଶେଷରେ ସମସ୍ତ ବିଧାୟକଙ୍କୁ ନେଇ ଏକ କମିଟି ଗଢ଼ାଯାଉ। ସେହି କମିଟି ଦିଲ୍ଲୀରେ ଜିଏସ୍‌ଟି କାଉନସିଲ ଅଧ୍ୟକ୍ଷ ଓ ପ୍ରଧାନମନ୍ତ୍ରୀଙ୍କୁ ଭେଟି ଗରିବଙ୍କ ଖାଦ୍ୟ ଉପରୁ ଜିଏସ୍‌ଟି ହଟାଇବାକୁ ଦାବି କରିବା ଲାଗି ସେ ପ୍ରସ୍ତାବ ଦେଇଛନ୍ତି। କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜା କହିଲେ, ସମସ୍ତେ ଚୁଡ଼ା, ମୁଢ଼ି ଖାଆନ୍ତି। ଏହା ସମସ୍ତଙ୍କର ପ୍ରିୟ ଖାଦ୍ୟ। ବାଲେଶ୍ୱର, ବାରିପଦାରେ ମୁଢ଼ି ଏକ ନିତିଦିନିଆ ଖାଦ୍ୟ। ମୟୂରଭଞ୍ଜରୁ ଭାଜପାର ଅଧିକ ବିଧାୟକ ନିର୍ବାଚିତ ହୋଇ ଆସିଛନ୍ତି। ସେଠାରେ ଚିକେନ, ମଟନ ସହ ମୁଢ଼ି ଗୋଳାଇ ଖିଆଯାଏ। କ୍ଷୀର, ଦହି ଉପରେ ମଧ୍ୟ ଜିଏସ୍‌ଟି ଲାଗୁ କରାଯାଇଛି। କେବଳ ଖାଦ୍ୟ ସାମଗ୍ରୀ ନୁହେଁ ଚାଷୀମାନେ ବ୍ୟବହାର କରୁଥିବା ପମ୍ପସେଟ୍ ଉପରେ କେନ୍ଦ୍ର ସରକାର ୧୨% ଜିଏସ୍‌ଟି ଲାଗୁ କରିଛନ୍ତି। ତୁରନ୍ତ ଅତ୍ୟାବଶ୍ୟକ ସାମଗ୍ରୀ ଉପରୁ ଟିକସ ଉଠାଯାଉ। ନଚେତ୍ ଗରିବ ଲୋକମାନେ ଚୁଡ଼ା, ମୁଢ଼ି, କ୍ଷୀର, ଦହି ଖାଇପାରିବେ ନାହିଁ। ବିଜେଡି ସଭ୍ୟ ଅମର ଶତପଥୀ କହିଛନ୍ତି ଯେ ଜିଏସ୍‌ଟି ଲଗାଇବା ପୂର୍ବରୁ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କ ମତାମତ ନେଇଛନ୍ତି କି? ସାଧାରଣ ଖାଉଟିମାନଙ୍କ ଉପରେ ଟିକସ ଭାର ପଡ଼ିବ। ରାଜ୍ୟର କେଉଁ କେଉଁ ସାମଗ୍ରୀ ଉପରେ ଜିଏସ୍‌ଟି କେତେ ପ୍ରତିଶତ ନିଆଯାଉଛି ସେ ନେଇ ଅର୍ଥମନ୍ତ୍ରୀ ଗୃହରେ ଏକ ବିବୃତି ଦେବାକୁ ସେ ବାଚସ୍ପତିଙ୍କୁ ଅନୁରୋଧ କରିଛନ୍ତି। କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି ଯେ ଚୁଡ଼ା, ମୁଢ଼ି ଉପରେ ଶେଷରେ ମୋଦି ସରକାର ଜିଏସ୍‌ଟି ଲଗାଇ ଦେଲେ। ତୁରନ୍ତ ଏହାକୁ ଉଠାଯାଉ ବୋଲି ସେ ଶୂନ୍ୟକାଳରେ ଦାବି କରିଥିଲେ। ଏହାକୁ ନେଇ କଂଗ୍ରେସ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିଥିଲେ। ଚୁଡ଼ା, ମୁଢ଼ି ଉପରୁ ଜିଏସ୍‌ଟି ତୁରନ୍ତ ହଟାଯାଉ ବୋଲି ଦାବି କରିଥିଲେ। ପ୍ରବଳ ହଟ୍ଟଗୋଳ ହେବାରୁ ବାଚସ୍ପତି ଗୃହକୁ ଅପରାହ୍ଣ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ଅପରାହ୍ଣରେ ଗୃହ ସ୍ୱାଭାବିକ ହୋଇଥିଲା।

ପ୍ରଶ୍ନକାଳରେ ସୁରେଶ ରାଉତରାୟ ଏହି ପ୍ରସଙ୍ଗ ଉଠାଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଥିଲେ। ଯଦି କେନ୍ଦ୍ର ସରକାର ଏହା ଉପରେ ଜିଏସ୍‌ଟି ଲଗାଉଛନ୍ତି ତେବେ ରାଜ୍ୟ ସରକାର ଏହାକୁ ଓଡ଼ିଶାରେ ନ ଲଗାନ୍ତୁ ବୋଲି ସେ ଦାବି କରିଛନ୍ତି। ଯଦି ଲାଗୁ କରିବେ ତେବେ ନିଜେ ରାଜ୍ୟ ସରକାର ଏହି ଟିକସ ଭାର ବହନ କରନ୍ତୁ ବୋଲି ସେ ଦାବି କରିଛନ୍ତି।

ଉତ୍ତରରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି ଯେ ଜିଏସ୍‌ଟି ଉପରେ ରାଜ୍ୟ ସରକାର କିଛି କରିପାରିବେ ନାହିଁ। ଏହା ଜିଏସ୍‌ଟି କାଉନସିଲ ପରିସରଭୁକ୍ତ। ତେବେ ଗାଁ ଗହଳିରେ କିମ୍ବା ଖୋଲାରେ ବିକ୍ରି ହେଉଥିବା ଚୁଡ଼ା, ମୁଢ଼ି ଉପରେ ଜିଏସ୍‌ଟି ଲାଗୁ ହେବ ନାହିଁ। ଏହା କେବଳ ପ୍ୟାକେଟରେ ବିକ୍ରି ହେଉଥିବା ଚୁଡ଼ା, ମୁଢ଼ି ଆଦି ଉପରେ ଲାଗୁହେବ।



**ବିଧାନସଭାରେ ଚୁଡ଼ା, ମୁଢ଼ି ଝଡ଼**

- ଗର୍ଜିଲା କଂଗ୍ରେସ
- ହଟ୍ଟଗୋଳ, ଗୃହ ମୁଲତବୀ
- ଅର୍ଥମନ୍ତ୍ରୀଙ୍କ ବିବୃତି ଦାବି କଲେ ଶାସକ ସଭ୍ୟ
- ଖୋଲା ବିକ୍ରି ହେଉଥିବା ମୁଢ଼ି ଉପରେ ଜିଏସ୍‌ଟି ଲାଗିବ ନାହିଁ: ଅର୍ଥମନ୍ତ୍ରୀ

## ଶପଥ ନେଲେ ସସ୍ମିତ ପାତ୍ର

ଭୁବନେଶ୍ୱର,୧୮।୭(ବ୍ୟୁରୋ)



ବିଜେଡି ରାଜ୍ୟ ସଭା ସଦସ୍ୟ ଭାବେ ସସ୍ମିତ ପାତ୍ର ଦ୍ୱିତୀୟ ଥର ପାଇଁ ଶପଥ ନେଇଛନ୍ତି। ସୋମବାର ରାଜ୍ୟ ସଭା ଅଧ୍ୟକ୍ଷ ଭେଙ୍କାୟା ନାଇଡୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି। ସେ ଓଡ଼ିଆରେ ଶପଥପାଠ କରିଥିଲେ। ରାଜ୍ୟ ସଭା ନିର୍ବାଚନ ପାଇଁ ଖାଲି ପଡ଼ିଥିବା ୩ଟି ଆସନରେ ବିଜେଡିରୁ ମାନସ ମଙ୍ଗରାଜ, ସୁଲତା ଦେଓ ଓ ସସ୍ମିତ ପାତ୍ର ନିର୍ବାଚିତ ହୋଇଥିଲେ। ପୂର୍ବରୁ ମାନସ ମଙ୍ଗରାଜ ଓ ସୁଲତା ଦେଓ ରାଜ୍ୟ ସଭାର ସଦସ୍ୟ ଭାବେ ଶପଥ ନେଇଥିବା ବେଳେ ସସ୍ମିତ ପାତ୍ର ସୋମବାର ଶପଥ ନେଇଛନ୍ତି।

## ଶିନ୍ଦେ ଗୋଷ୍ଠୀ ବୈଠକରେ ବିଦ୍ରୋହୀ ଏମ୍‌ପି

**ଉଦ୍ଧବଙ୍କୁ ଝଟକା**

ମୁମ୍ବାଇ,୧୮।୭

ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଶିବସେନା ଅଧ୍ୟକ୍ଷ ଉଦ୍ଧବ ଠାକରେଙ୍କ ଅଡୁଆ ଦିନକୁ ଦିନ ବଢ଼ିବାରେ ଲାଗିଛି। ପୂର୍ବରୁ ଉଦ୍ଧବ ଶାସନ କ୍ଷମତା ହରାଇଥିବା ବେଳେ ବର୍ତ୍ତମାନ ଦଳକୁ ବଞ୍ଚାଇବା ପାଇଁ ସଂଗ୍ରାମ ଚଳାଇଛନ୍ତି। ସୂଚନା ଅନୁସାରେ, ଶିବସେନାର କେତେକ ଏମ୍‌ପି ଏବେ ଶିନ୍ଦେଙ୍କ ସମର୍ଥନରେ ରହିଛନ୍ତି। ଅନ୍ୟପଟେ ଏକନାଥ ଶିନ୍ଦେ ଗୋଷ୍ଠୀ ଶିବସେନାର ନୂତନ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ଘୋଷଣା କରିଛନ୍ତି। ଏକନାଥଙ୍କ ଦଳ ପୁରୁଣା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ କମିଟିକୁ ବରଖାସ୍ତ କରିଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ ଶିନ୍ଦେଙ୍କୁ ଶିବସେନାର ମୁଖ୍ୟ ନେତା ଭାବେ ମନୋନୀତ କରାଯାଇଥିବା ଜଣାପଡ଼ିଛି। ଅନ୍ୟପଟେ ଶିବସେନା ପକ୍ଷରୁ ବର୍ତ୍ତମାନ ସୁଦ୍ଧା ମୁଖ୍ୟ ପଦ ଚୟନ ହୋଇନାହିଁ। ତେବେ ଦଳର ମୁଖପାତ୍ର ଭାବେ ବିଧାୟକ ଦୀପକ କେସରକରଙ୍କୁ ନିଯୁକ୍ତ କରାଯାଇଛି। ସୋମବାର ମୁମ୍ବାଇର ଏକ ହୋଟେଲରେ ଶିବସେନା ଶିନ୍ଦେ ଦଳର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଶିବସେନାର ୧୨ ବିଦ୍ରୋହୀ ଏମ୍‌ପି ଅନ୍‌ଲାଇନରେ ଉପସ୍ଥିତ ଥିଲେ। ଏହି ଘଟଣା ଉଦ୍ଧବଙ୍କ ପାଇଁ ସମସ୍ୟା ସୃଷ୍ଟି କରିପାରେ ବୋଲି ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟ, ଶିବସେନାର ୫୫ ବିଧାୟକ ଦୁଇଟି ଦଳରେ ବାଣ୍ଟି ହୋଇଯାଇଛନ୍ତି। ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ନେତୃତ୍ୱକୁ ୪୦ଜଣ ବିଧାୟକଙ୍କ ସମର୍ଥନ ଥିବା ବେଳେ ୧୫ ବିଧାୟକ ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍ରେଙ୍କ ସହ ରହିଛନ୍ତି। ଏଥିସହ ବର୍ତ୍ତମାନ ୧୨ ଏମ୍‌ପି ତାଙ୍କ ସମର୍ଥନରେ ରହିଛନ୍ତି ବୋଲି ଶିନ୍ଦେ ଦଳ ଦାବି କରିଛି।



ଉଦ୍ଧବ ଠାକରେ

## ୩ବର୍ଷରେ ୨୧୧ଜଣଙ୍କ ବିରୋଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର, ୧୮।୭(ବ୍ୟୁରୋ):** ଗତ ୩ବର୍ଷରେ ୨୧୧ଜଣ କର୍ମଚାରୀଙ୍କ ବିରୋଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏ ନେଇ ସୋମବାର ବିଧାନସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୂଚନା ଦେଇଛନ୍ତି। ବିଧାୟକ ସୁଧୀର କୁମାର ସାମଲଙ୍କ ଏକ ପ୍ରଶ୍ନର ଉତ୍ତର ରଖି ମୁଖ୍ୟମନ୍ତ୍ରୀ କହିଥିଲେ, ଭିଜିଲାନ୍ସ ମକଦ୍ଦମାରେ ସମ୍ପୃକ୍ତ ଥିବା କର୍ମଚାରୀଙ୍କ ବିରୋଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦୁର୍ନୀତି ନିବାରଣ ବିଭାଗ ସମ୍ପୃକ୍ତ କର୍ମଚାରୀଙ୍କ ଅଫିସ/ବିଭାଗକୁ ସୁପାରିଶ କରିଥାଏ। ଉକ୍ତ ସୁପାରିଶ ଆଧାରରେ ସମ୍ପୃକ୍ତ ଅଫିସ/ବିଭାଗ କର୍ମଚାରୀଙ୍କ ବିରୋଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଦୁର୍ନୀତି ନିବାରଣ ବିଭାଗକୁ ଜଣାଇଥାନ୍ତି। ଗତ ୩ବର୍ଷ ଅର୍ଥାତ୍ ୨୦୧୯ ରୁ ୨୦୨୧ ମଧ୍ୟରେ ଦୁର୍ନୀତି ନିବାରଣ ବିଭାଗ ୪୬୬ଜଣ କର୍ମଚାରୀଙ୍କ ବିରୋଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଭିନ୍ନ ଅଫିସ/ବିଭାଗକୁ ସୁପାରିଶ କରିଛି। ସେଥିମଧ୍ୟରୁ ୨୧୧ଜଣଙ୍କ ବିରୋଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ସୂଚନା ପ୍ରାପ୍ତ ହୋଇଛି। ଅବଶିଷ୍ଟ ୨୫୫ଜଣଙ୍କ ବାବଦରେ ହୋଇଥିବା କାର୍ଯ୍ୟାନୁଷ୍ଠାନ ସୂଚନା ପାଇଁ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉଛି। ସରକାର ତୁରନ୍ତ ବିହିତ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ୨୮ ମାସରେ ୭,୧୭୯ ବଳାତ୍କାର ମାମଲା

**ଭୁବନେଶ୍ୱର, ୧୮।୭(ବ୍ୟୁରୋ):** ରାଜ୍ୟରେ ୨୦୨୦ରୁ ୨୦୨୨ ଏପ୍ରିଲ ପର୍ଯ୍ୟନ୍ତ ୭,୧୭୯ଟି ବଳାତ୍କାର ମାମଲା ପଞ୍ଜୀକରଣ ହୋଇଛି। ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ପ୍ରଶ୍ନର ଉତ୍ତରରେ ରାଜ୍ୟ ଗୃହ ରାଷ୍ଟ୍ର ମନ୍ତ୍ରୀ ତୁଷାରକାନ୍ତ ବେହେରା ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ୨୦୨୦ରେ ୨,୯୮୪ଟି, ୨୦୨୧ରେ ୩୩୨୭ ଏବଂ ୨୦୨୨ ଏପ୍ରିଲ ମଧ୍ୟରେ ୮୬୮ଟି ବଳାତ୍କାର ମାମଲା ହୋଇଛି। ବିବାହ ପ୍ରତିଶ୍ରୁତି ଦେଇ ଶାରିରୀକ ସମ୍ପର୍କ ରଖି ପ୍ରତାରଣା ଅଭିଯୋଗରେ ୨୦୨୦ରେ ୩୧୫, ୨୦୨୧ରେ ୪୦୯ ଏବଂ ୨୦୨୨ ଏପ୍ରିଲ ମଧ୍ୟରେ ୧୦୨ଟି ମାମଲା ରୁଜୁ ହୋଇଛି।



ଏନ୍‌ଡିଏର ଉପରାଷ୍ଟ୍ରପତି ପ୍ରାର୍ଥୀ ଜଗଦୀପ ଧନକରଙ୍କ ନାମାଙ୍କନପତ୍ର ଦାଖଲ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ସମେତ ବିଭିନ୍ନ ଦଳର ନେତୃବୃନ୍ଦ।

## ନାମାଙ୍କନପତ୍ର ଦାଖଲ କଲେ ଧନକର

ନୂଆଦିଲ୍ଲୀ,୧୮।୭

ଏନ୍‌ଡିଏର ଉପରାଷ୍ଟ୍ରପତି ପ୍ରାର୍ଥୀ ଜଗଦୀପ ଧନକର ସୋମବାର ସଂସଦ ଭବନରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ନାମାଙ୍କନ ଦାଖଲ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା, ଜେଡ଼ିୟୁ ନେତା ଲଲନ ସିଂ, ବିଜେଡି ସଂସଦୀୟ ଦଳ ନେତା ପିନାକୀ ମିଶ୍ରଙ୍କ ସମେତ କେନ୍ଦ୍ରମନ୍ତ୍ରୀ ପଶୁପତି କୁମାର ପାରସ, ଅନୁପ୍ରିୟା ପଟେଲ, ରାମଦାସ ଅଠାୱାଲେ ପ୍ରମୁଖ ଉପସ୍ଥିତ ଥିଲେ। ଧନକରଙ୍କ ପ୍ରଥମ ପ୍ରସ୍ତାବକ ଭାବେ ପ୍ରଧାନମନ୍ତ୍ରୀ ମୋଦି ଦସ୍ତଖତ କରିଥିବା ବେଳେ ପ୍ରାର୍ଥୀପତ୍ରକୁ ଲୋକସଭା ସେକ୍ରେଟାରି ଜେନେରାଲ ତଥା ରିଟର୍ଣ୍ଣିଂ ଅଫିସର ଉତ୍ପଳ କୁମାର ସିଂଙ୍କୁ ହସ୍ତାନ୍ତର କରାଯାଇଛି। ନାମାଙ୍କନ ଦାଖଲ ପରେ ପଶ୍ଚିମବଙ୍ଗର ପୂର୍ବତନ ରାଜ୍ୟପାଳ ଧନକର ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ।

# ପାନୀୟ ଜଳ ଝାଡ଼ାବାନ୍ତିର କାରଣ

**କାଶୀପୁର ଝାଡ଼ାବାନ୍ତିଜନିତ ମୃତ୍ୟୁ ପ୍ରସଙ୍ଗ**

**ବିଧାନସଭାରେ ବିବୃତି ଦେଲେ ସଂସଦୀୟ ବ୍ୟାପାର ମନ୍ତ୍ରୀ**

ଭୁବନେଶ୍ୱର,୧୮।୭(ବ୍ୟୁରୋ)

ପ୍ରତିଦିନ ପାଣିର ନମୁନା ଓ ମଳ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଉଛି। କୂଅ କିମ୍ବା ଘରେ ସାଇତା ଯାଇଥିବା ୯ଟି ପାଣି ନମୁନାରୁ ୩ଟି ଜୀବାଣୁ ଦ୍ୱାରା ପ୍ରଦୂଷିତ ହୋଇଛି। କାଶୀପୁରରେ ଝାଡ଼ାବାନ୍ତି ଏହି ଦୂଷିତ ପାନୀୟ ଜଳ ଯୋଗୁ ହୋଇଛି। ରାୟଗଡ଼ା ଜିଲା କାଶୀପୁର ଝାଡ଼ାବାନ୍ତି ମୃତ୍ୟୁ ଘଟଣା ଉପରେ ଏଭଳି ବିବୃତି ଦେଇଛନ୍ତି ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ। ବିରୋଧୀ କଂଗ୍ରେସ ଓ ଭାଜପା ସଦସ୍ୟ ଶନିବାର ବିଧାନସଭାରେ କାଶୀପୁର ମୃତ୍ୟୁ ଆମ୍ବ ଟାକୁଆ ଓ ଅଖାଦ୍ୟ ଖାଇ ହୋଇଛି ବୋଲି ଅଭିଯୋଗ କରି ହୋହଲ୍ଲା କରିଥିଲେ। ଏହି ପ୍ରସଙ୍ଗ ଉପରେ ଏକ ବିବୃତି ଦେବାକୁ ସଂସଦୀୟ ବ୍ୟାପାର ମନ୍ତ୍ରୀଙ୍କୁ ବାଚସ୍ପତି ବିକ୍ରମ କେଶରୀ ଆରୁଖ ନିର୍ଦ୍ଦେଶ ଦେଇଥିଲେ।

ମନ୍ତ୍ରୀ କହିଛନ୍ତି, କାଶୀପୁର ଝାଡ଼ାବାନ୍ତି ଏକ ସ୍ୱାସ୍ଥ୍ୟ ସମସ୍ୟା। ସରକାର ଏହା ଉପରେ ସତର୍କ ଦୃଷ୍ଟି ରଖିଛନ୍ତି। ଏହାର ନିରାକରଣ ପାଇଁ ସମସ୍ତ ପଦକ୍ଷେପ ଜରୁରିକାଳୀନଭିତ୍ତିରେ ନିଆଯାଉଛି। ରାୟଗଡ଼ା ଜିଲାରେ ୨,୫୨,୮୬୦ ପରିବାରର ୮,୩୮,୮୭୫ ଜଣ ହିତାଧିକାରୀଙ୍କୁ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା , ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଏବଂ ଅନ୍ନପୂର୍ଣ୍ଣା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ରିହାତି ଦରରେ ଖାଦ୍ୟଶସ୍ୟ ପ୍ରଦାନ କରାଯାଉଛି। ଏହି ଜିଲାର କାଶୀପୁର ବ୍ଲକରେ ଖାଦ୍ୟ ସୁରକ୍ଷା ଯୋଜନାରେ ୪୩,୧୪୨ ପରିବାରର ୧,୩୬,୯୦୭ ସଦସ୍ୟ ସାମିଲ ଅଛନ୍ତି, ଯାହାକି ୨୦୧୧ ଜନଗଣନା ଅନୁଯାୟୀ ଉକ୍ତ ବ୍ଲକର ମୋଟ ଜନସଂଖ୍ୟାର ୯୭% ଅଟେ। କାଶୀପୁର ବ୍ଲକ ଅନ୍ତର୍ଗତ ଟିକିରି ଗ୍ରାମପଞ୍ଚାୟତର ୩,୪୦୫ ପରିବାରର ୧୦,୫୧୪ ସଦସ୍ୟଙ୍କୁ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ସାମିଲ କରାଯାଇ ଖାଦ୍ୟ ନିରାପତ୍ତା ଯୋଗାଇଦିଆଯାଇଛି। ସେହିପରି ମୃତ ୭ ଜଣ ପରିବାର ମଧ୍ୟରୁ ୬ଟି ପରିବାରକୁ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯାଇ ମାସିକ ରାଶନ ଖାଦ୍ୟ ସାମଗ୍ରୀ ପ୍ରଦାନ କରାଯାଉଛି। ଉପରୋକ୍ତ ପରିବାରକୁ ନିୟମିତ ମାସିକ ରାଶନ ସାମଗ୍ରୀ ବ୍ୟତୀତ କୋଭିଡ୍ ମହାମାରୀ ସମୟରେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଗତ ୨୫ ମାସ ଧରି ଅତିରିକ୍ତ ଖାଦ୍ୟଶସ୍ୟ ସହିତ ଡାଲି ବିନା ମୂଲ୍ୟରେ ଯୋଗାଇ ଦିଆଯାଇଛି। ଏହାଛଡ଼ା, ରାଜ୍ୟ ସରକାର ଦୁଇଟି ପର୍ଯ୍ୟାୟରେ ୧୦୦୦ଟଙ୍କା ଲେଖାଏ ଜୀବିକା ନିର୍ବାହ ସହାୟତା ଯୋଗାଇ ଦେଇଛନ୍ତି। କାଶୀପୁର ବ୍ଲକର ଟିକିରି ଗ୍ରାମରେ ଝାଡ଼ାବାନ୍ତି ହେବା ଖବର ଜୁଲାଇ ୧୨ ତାରିଖରେ ମିଳିଲା ପରେ ସ୍ୱାସ୍ଥ୍ୟ ବିଭାଗର ଆରଆରଟି ତୁରନ୍ତ ଅନୁସନ୍ଧାନ ଆରମ୍ଭ କରିଥିଲେ। ଜିଲାପାଳ ସିଡିଏମ୍‌ଓ, ମେଡିକାଲ ଟିମ୍ ସହ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ସମସ୍ତ ପଦକ୍ଷେପ ନେଉଛନ୍ତି। ଜିଲା ଏବଂ ବ୍ଲକ ସ୍ତରରେ ନିୟନ୍ତ୍ରଣ କକ୍ଷ ଏବଂ ସମସ୍ତ ପ୍ରଭାବିତ ଗ୍ରାମରେ ସାମୟିକ ଚିକିତ୍ସା କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ୫ଟି ମେଡିକାଲ ଟିମ୍‌କୁ ମୁତୟନ କରାଯାଇ ଯୁଦ୍ଧକାଳୀନଭିତ୍ତିରେ ଚିକିତ୍ସା ଯୋଗାଇ ଦିଆଯାଉଛି। ପ୍ରଭାବିତ ଗ୍ରାମରେ ୪ଟି ଆମ୍ବୁଲାନ୍ସ ମୁତୟନ କରାଯାଇଛି। ଶୁଦ୍ଧ ପାନୀୟ ଜଳ ଟ୍ୟାଙ୍କର ମାଧ୍ୟମରେ ସମସ୍ତ ଗ୍ରାମରେ ଯୋଗାଇ ଦିଆଯାଉଛି। ଶହୀଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟ, କୋରାପୁଟରୁ ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ମଧ୍ୟ କାଶୀପୁରରେ ମୁତୟନ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

## ସାଇବର ଅପରାଧ: ୧୬ ମାସରେ ୩୫ କୋଟି ଠକେଇ

**ଭୁବନେଶ୍ୱର, ୧୮।୭(ବ୍ୟୁରୋ):** ସାଇବର ଅପରାଧ ଏକ ଅନ୍ତର୍ଜାତୀୟ ସମସ୍ୟା ପାଲଟିଛି। ଓଡ଼ିଶାରେ ଏହି ଅପରାଧ ବୃଦ୍ଧି ପାଇବାରେ ଲାଗିଛି। ଗତ ୧୬ମାସ ମଧ୍ୟରେ ଅର୍ଥାତ୍ ୨୦୨୦ ରୁ ୨୦୨୨ ଏପ୍ରିଲ ଭିତରେ ସାଇବର ଅପରାଧୀମାନେ ୩୫ କୋଟି ଟଙ୍କା ଠକି ନେଇଥିବା ଗୃହ ରାଷ୍ଟ୍ର ମନ୍ତ୍ରୀ ତୁଷାରକାନ୍ତି ବେହେରା କହିଛନ୍ତି। ବିଧାନସଭାରେ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ପ୍ରଶ୍ନରେ ମନ୍ତ୍ରୀ କହିଛନ୍ତି, ଏହି ସମୟ ମଧ୍ୟରେ ରାଜ୍ୟର ବିଭିନ୍ନ ଜିଲାରୁ ୧,୯୩୧ ସାଇବର ଅପରାଧ ମାମଲା ହୋଇଥିବାବେଳେ ୩୬୬ଜଣଙ୍କୁ ଗିରଫ କରାଯାଇଛି। କଟକ ଜିଲାରେ ସର୍ବାଧିକ ୧୫୪ଟି ମାମଲା ହୋଇଛି। ଯାଜପୁରରୁ ୧୩୨, ମୟୂରଭଞ୍ଜରୁ ୧୨୩ ଓ ଅନୁଗୋଳରୁ ୧୧୩ ମାମଲା ପଞ୍ଜୀକୃତ ହୋଇଛି। କ୍ରାଇମବ୍ରାଞ୍ଚ ନିଜ ଆଡୁ ୧୦୫ଟି ମାମଲା ରୁଜୁ କରିଛଇ। ତେବେ ଠକେଇ ଟଙ୍କାରୁ ମାତ୍ର ୧୬ଲକ୍ଷ ଟଙ୍କା ଫେରାଇ ଅଣାଯାଇପାରିଛି।

## ୨୬ ୟୁନିଟ୍ ରକ୍ତ ସଂଗ୍ରହ

**ବରଗଡ଼ ଅଫିସ୍:** ବରଗଡ଼ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରହିଥିବା ରକ୍ତ ଭଣ୍ଡାରରେ ସୋମବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଡା. ଅଶ୍ୱିନୀ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ୨୬ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ନିଷ୍ଠା ପରିବାର ସଭାପତି ରକ୍ଷପାଳ ସାହୁ, ସମ୍ପାଦକ ଲୋକନାଥ ସାହୁ, କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ସାହୁ, ମଦନ ମୋହନ ଦାଶ, କ୍ଷୀରୋଦ୍ର ସାହୁ, ତ୍ରିପୁରା ସୁହୁଲା ପ୍ରମୁଖ ଶିବିର ପରିଚାଳନା କରିଥିଲେ।

## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ଯୁବକ ମୃତ

**ପାଇକମାଳ,୧୮।୭(ଡି.ଏନ.ଏ.):** ବରଗଡ଼ ଜିଲା ପାଇକମାଳ ଥାନା ଜର୍ଜଗଡ଼ ଗ୍ରାମରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ନିଜ ଭିଣୋଇଙ୍କୁ ବିଦ୍ୟୁତ୍ କରେଣ୍ଟରୁ ବଞ୍ଚାଇବାକୁ ଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଯୋଗେନ୍ଦ୍ର ବରିହା (୨୨)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଦ୍ମପୁର ଡାକ୍ତରଖାନାକୁ ପଠାଇଛି। ଏ ନେଇ ପାଇକମାଳ ପୋଲିସ ଏକ ମାମଲା (ନଂ.୧୫୨।୨୨) ରୁଜୁ କରି ତଦନ୍ତ କରୁଛି। ସୂଚନା ଅନୁସାରେ, ମୃତକଙ୍କ ଭିଣୋଇ ସ୍ୱପ୍ନ ମାଝୀ ଘରର ଖପର ସଜାଡୁ ଥିବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଯାଇଥିଲେ। ଏହା ଦେଖି ଯୋଗେନ୍ଦ୍ର ଭିଣୋଇଙ୍କୁ ବଞ୍ଚାଇବା ପାଇଁ ଯାଇଥିବା ବେଳେ ନିଜେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ପରିବାର ଲୋକେ ତୁରନ୍ତ ଉଭୟଙ୍କୁ ପାଇକମାଳ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ଯୋଗେନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ ଏବଂ ସ୍ୱପ୍ନଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ିଦେଇଥିଲେ।

### କଳାକାର ଚୟନ ଦାବିରେ ସ୍ମାରକପତ୍ର

**ବରଗଡ଼ ଅଫିସ୍,୧୮।୭:** ବରଗଡ଼ ଧନୁଯାତ୍ରା ପାଇଁ ଏଥର ନୂତନ କଳାକାର ଚୟନ ଦାବି ହୋଇଛି । ଏହି ଦାବିରେ ସୋମବାର ପଶ୍ଚିମ ଓଡ଼ିଶା ଧନୁଯାତ୍ରା କଳାକାର ସଂଘର ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ଫେରାଦ ହୋଇଛନ୍ତି। ଏ ନେଇ ସେମାନେ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ୨୦୧୭ ମସିହାରୁ ଧନୁଯାତ୍ରା କଳାକାର ଚୟନ ହୋଇନାହିଁ। ଫଳରେ କଂସ ଅଭିନେତାଙ୍କ ସମେତ ଅନ୍ୟ କଳାକାରଙ୍କ ଚୟନ କରିବାକୁ ସଂଘ ଦାବି କରିଛି। ଏହା ସହିତ ଅଭିଜ୍ଞ କଳାକାରଙ୍କୁ ଧନୁଯାତ୍ରା ପାଇଁ ନିର୍ଦ୍ଦେଶକ, ଉପଦେଷ୍ଟା ରଖାଯିବା, ଧନୁଯାତ୍ରା ନାଟ୍ୟ ବିଭାଗରେ ପଶ୍ଚିମ ଓଡ଼ିଶାର କଳାକାରଙ୍କୁ ସାମିଲ କରାଯିବା, ବୟସ୍କ କଳାକାରଙ୍କୁ ଭତ୍ତା ପ୍ରଦାନ ବ୍ୟବସ୍ଥା, ଧନୁଯାତ୍ରା କଳାକାର ଭାବେ ଅବସର ନେଇଥିବା କଳାକାରଙ୍କୁ ଅବସରକାଳୀନ ରାଶି ପ୍ରଦାନ କରାଯିବାକୁ ଦାବି ହୋଇଛି। ସ୍ମାରକପତ୍ର ପ୍ରଦାନ ସମୟରେ ସଂଘ ସଭାପତି ଦୟାନିଧି ପଧାନ ଏବଂ ଜଗଦାନନ୍ଦ ପଣ୍ଡା ଉପସ୍ଥିତ ଥିଲେ ।

### ଭକ୍ତ କଲେ ମାନସିକ ଯାତ୍ରା

**ବରଗଡ଼ ଅଫିସ୍,୧୮।୭:** ବରଗଡ଼ ସହର ଉପକଣ୍ଠ ବରଡ଼ୋଲ ପଞ୍ଚାୟତ ଡାଙ୍ଗ ନଦୀପଡ଼ାରେ ଶ୍ରାବଣର ପ୍ରଥମ ସୋମବାର ଭକ୍ତଙ୍କ ମାନସିକ ଯାତ୍ରା କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଗ୍ରାମର ଶତାଧିକ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ସେମାନେ ଜିରା ନଦୀରୁ ଜଳପୂର୍ଣ୍ଣ କଳସ ଆଣି ସ୍ଥାନୀୟ ଭୈରବୀ ପୀଠରେ ସ୍ଥାପନ କରିଥିଲେ। ଲଳିତ ବିଶି ଏବଂ ସ୍ତ୍ରୀ ଅହଲ୍ୟା କର୍ତ୍ତାକାର୍ଯ୍ୟ ନିର୍ବାହ କରିଥିଲେ। ପଣ୍ଡିତ ରାଧେଶ୍ୟାମ ଦାସ ପୂଜାର୍ଚ୍ଚନା କରିଥିଲେ। ରାଜକୁମାର ବନଛୋର, ସୁଧୀର ବନଛୋର, ସୁଧୀର ପଣ୍ଡା, କଳାକାହ୍ନୁ ବିଶି, ରମେଶ ଧରୁଆ, ବିକି ଭୁଏ, ଗୋବର୍ଦ୍ଧନ ଭୁଏ, ପପୁ ଠାକୁର ପ୍ରମୁଖ ସହଯୋଗ କରିଥିଲେ।




ବରଗଡ଼ ରୋଡ୍ ରେଳଷ୍ଟେଶନରେ ଚାଷୀଙ୍କ ରେଲରୋକୋ ଆନ୍ଦୋଳନ ।



ପଦ୍ମପୁରରେ ଚାଷୀଙ୍କ ରାସ୍ତା ଅବରୋଧ ।

# ରେଳ, ରାସ୍ତା ରୋକିଲେ ଚାଷୀ

**ବରଗଡ଼ ଅଫିସ୍/ପଦ୍ମପୁର/ ସୋହେଲା/ଅମ୍ବାଭୋନା,୧୮।୭**

### ବୀମା ବିଭ୍ରାଟ, ତେଜିଲା ଆନ୍ଦୋଳନ

- ୨୦ମିନିଟ୍ ବିଳମ୍ବରେ ଛାଡ଼ିଲା ନାଗାବଳୀ ଏକ୍ସପ୍ରେସ୍
- ବନ୍ଦ ଆନ୍ଦୋଳନକୁ ସବୁଠି ସ୍ୱତଃସ୍ଫୂର୍ତ୍ତ ସମର୍ଥନ

ବରଗଡ଼ ଜିଲାରେ ପ୍ରଧାନମନ୍ତ୍ରୀ ଫସଲବୀମା ବିଭ୍ରାଟ ତାତି ବଢ଼ିବାରେ ଲାଗିଛି। ଏହି କ୍ରମରେ ସୋମବାର ଜିଲା ଚାଷୀ ସଙ୍ଗଠନ ସମନ୍ୱୟ ସମିତି ନେତୃତ୍ୱରେ ବରଗଡ଼ ରୋଡ୍ ରେଳ ଷ୍ଟେଶନରେ ୨ଘଣ୍ଟିଆ ରେଲରୋକୋ କରାଯାଇଥିଲା। ସେହିପରି ରାଜବୋଡ଼ାସମ୍ବର କୃଷକ ସଙ୍ଗଠନ ନେତୃତ୍ୱରେ ପଦ୍ମପୁର ଉପଖଣ୍ଡ ବନ୍ଦ ଡାକରା ଦିଆଯାଇଥିବା ବେଳେ ଜିଲାର ଅନ୍ୟ ଅଞ୍ଚଳରେ ମଧ୍ୟ ଆନ୍ଦୋଳନର ପ୍ରଭାବ ଅନୁଭୂତ ହୋଇଥିଲା। ବରଗଡ଼ ଜିଲା ଚାଷୀ ସଙ୍ଗଠନ ସମନ୍ୱୟ ସମିତି ନେତୃତ୍ୱରେ ଜିଲାର ବିଭିନ୍ନ ବ୍ଲକର ଶତାଧିକ ଚାଷୀ ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟାରେ ରେଲରୋକୋ କରିଥିଲେ। ଫଳରେ ସମ୍ବଲପୁରରୁ ତେଲଙ୍ଗାନା ନାନ୍ଦେଡ଼ ଯାଉଥିବା ନାଗାବଳୀ ଏକ୍ସପ୍ରେସ ନିର୍ଦ୍ଧାରିତ ସମୟଠାରୁ ୨୦ମିନିଟ୍ ବିଳମ୍ବରେ ଛାଡ଼ିଥିଲା। ପରେ ଚାଷୀ ସଙ୍ଗଠନ ସମନ୍ୱୟ ସମିତି ପକ୍ଷରୁ କେନ୍ଦ୍ର କୃଷିମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଷ୍ଟେଶନ ମ୍ୟାନେଜର ରାଧାଶ୍ୟାମ ଦାଶଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

ସେହିପରି ବୀମା କ୍ଷତିପୂରଣ ଦାବିରେ ରାଜବୋଡ଼ାସମ୍ବର କୃଷକ ସଙ୍ଗଠନ ଦେଇଥିବା ୧୨ ଘଣ୍ଟିଆ ପଦ୍ମପୁର ବନ୍ଦ ଡାକରାକୁ ସ୍ୱତଃସ୍ଫୂର୍ତ୍ତ ସମର୍ଥନ ମିଳିଥିଲା। ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ପଦ୍ମପୁର ଉପଖଣ୍ଡର ସମସ୍ତ ଅଫିସ, ଦୋକାନ ବଜାର ବନ୍ଦ ରହିଥିଲା। ରାସ୍ତାଘାଟରେ ଗାଡ଼ି ଚଳାଚଳ ମଧ୍ୟ ବନ୍ଦ ଥିଲା। ଚାଷୀମାନେ ଭେଉଁରିଆ, ଦିପ୍ତୀପୁର, ଦହିତା, ପାଇକମାଳ, ଧୂମାଭଟା ଆଦି ଛକ ସ୍ଥାନରେ ରାସ୍ତାରୋକୋ କରିଥିଲେ। ସଙ୍ଗଠନ ସଭାପତି ବାଞ୍ଛାନିଧି ନାୟକ, ଅଶୋକ ସାହୁ, ଅଜିତ ଶତପଥି, ସିଦ୍ଧାର୍ଥ ମିଶ୍ର, ହରିଲାଲ ସାହୁ, କାର୍ତ୍ତିକ ଭୋଇ, କୀର୍ତ୍ତି ମେହେର, ଯୋଗେନ୍ଦ୍ର ମେହେର, ବିଶ୍ୱନାଥ ରଣା, ରାହାସ ସାହୁ, ବାଲକୃଷ୍ଣ ବନଛୋର, ପାନାଲାଲ ସେଟ୍, ଦୁର୍ଯ୍ୟୋଧନ ସାହୁ, ରମେଶ ମହାପାତ୍ର ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ। ବିଜେଡ଼ି, ଭାଜପା ଓ କଂଗ୍ରେସ ସମେତ ବିଭିନ୍ନ ସଙ୍ଗଠନ ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ। ଗାଇସିଲେଟ ବ୍ଲକର ଗାଇସିଲେଟ ଶହୀଦ ଛକ, ତାଲପାଲି, ଭାଙ୍ଗମୁଣ୍ଡା, ଚାରିଛକରେ ରାସ୍ତାରୋକୋ ହୋଇଥିଲା। ଚାଷୀନେତା ଅରବିନ୍ଦ ପଣ୍ଡା, ସରୋଜ ସାହୁ, ଗଜପତି ସାହୁ, ଆନନ୍ଦ ସାହୁ, ବିରେନ୍ଦ୍ର ପ୍ରଧାନ ପ୍ରମୁଖ ନେତୃତ୍ୱ ନେଇଥିବାବେଳେ ବ୍ଲକ ଅଧ୍ୟକ୍ଷ ପ୍ରଣୟ କୁମାର ସାହୁ, ଭାଜପାର ପ୍ରବୀଣ ପାଣିଗ୍ରାହୀ, କଂଗ୍ରେସର ଘନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବଲାଙ୍ଗୀର ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ। ସୋହେଲାରେ କୃଷକ ବିକାଶ ମଞ୍ଚର କାର୍ଯ୍ୟକାରୀ ସଭାପତି ମନୋହର ମାଝୀ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। କପିଳ ଥପା, ଗୁଣସାଗର ପ୍ରଧାନ, ଅନ୍ତର୍ଯାମୀ ପାତ୍ର, ଲକ୍ଷ୍ମଣ ପ୍ରଧାନ ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

ବରଗଡ଼ ଉପଖଣ୍ଡ ଅମ୍ବାଭୋନା ବ୍ଲକରେ ମଧ୍ୟ ବନ୍ଦ ଆନ୍ଦୋଳନ କରାଯାଇଥିଲା। ଲାଲ ବାହାଦୂର ଶାସ୍ତ୍ରୀ ଏବଂ ବାରପାହାଡ଼ କୃଷକ ସଙ୍ଗଠନ ନେତୃତ୍ୱରେ ହୋଇଥିବା ଆନ୍ଦୋଳନରେ ବ୍ଲକ, କୃଷି, ତହସିଲ କାର୍ଯ୍ୟାଳୟ ବନ୍ଦ ରହିଥିବାବେଳେ ପ୍ରକାଶପୁରଠାରେ ଛତିଶଗଡ଼କୁ ସଂଯୋଗ କରୁଥିବା ରାସ୍ତା ଅବରୋଧ କରାଯାଇଥିଲା। ତହସିଲଦାର ସୀତାରାମ ଭୋଇ ଆନ୍ଦୋଳନସ୍ଥଳକୁ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଚାଷୀନେତା ଠାକୁରରାମ ପଟେଲ, ଶଙ୍କର ଖମାରୀ, ଗୁନାରୁ ପ୍ରଧାନ, ଶ୍ୟାମଲାଲ ନାଏକ, ମୋତିଲାଲ ସାହୁ ପ୍ରମୁଖ ଏଠାରେ ଆନ୍ଦୋଳନର ନେତୃତ୍ୱ ନେଇଥିଲେ ।

## ଚାଷୀଙ୍କଠାରୁ ଚଢ଼ା ଦରରେ ବଟି ଅସୁଲ

**ବୌଦ୍ଧ,୧୮।୭(ସ୍ୱ.ପ୍ର.)**

- ଦୈନିକ ବଜାରରେ ଚଢ଼ାଉ କଲେ ଏନ୍ଏସି ଅଧ୍ୟକ୍ଷ
- ବଜାରରେ ବଟିର ପ୍ରକୃତ ଦର ଲେଖିବାକୁ ନିର୍ଦ୍ଦେଶ



ଦୈନିକ ବଜାରରେ ଏନଏସି ଅଧ୍ୟକ୍ଷ ଚଢ଼ାଉ କରୁଛନ୍ତି।

ବୌଦ୍ଧ ଦୈନିକ ବଜାରରେ ଏନ୍ଏସି ପକ୍ଷରୁ ବଟି ଆଦାୟରେ ଚାଷୀଙ୍କୁ ଜୁଲୁମ କରାଯାଉଥିବାରୁ ଚାଷୀମାନେ ଆଉ ବଜାର ଆସିବାକୁ ରାଜି ହେଉ ନ ଥିବା ସୂଚନା ମିଳିଛି। ଚାଷୀଙ୍କୁ ଜୁଲୁମ କରାଯାଉଥିବା ଅଭିଯୋଗ ପାଇବା ପରେ ସୋମବାର ହଠାତ ବୌଦ୍ଧ ଏନ୍ଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର କର୍ମଚାରୀମାନଙ୍କ ସହିତ ବଜାରରେ ପହଞ୍ଚି ଚଢ଼ାଉ କରିଥିଲେ। ଅଧ୍ୟକ୍ଷ ମିଶ୍ର ଚାଷୀ ଓ ପନିପରିବା ବ୍ୟବସାୟୀଙ୍କୁ ସିଧାସଳଖ ପଚାରିବା ପରେ ସେମାନଙ୍କଠାରୁ ମନଇଚ୍ଛା ବଟି ଆଦାୟ କରାଯାଉଥିବା ଅଭିଯୋଗ ପାଇଥିଲେ। ଅନେକ ଚାଷୀ ସେମାନଙ୍କ ନିକଟରୁ ଆଦାୟ କରାଯାଇଥିବା ବଟିର ରସିଦ ଦେଖାଇବା ପରେ ଅଭିଯୋଗର ପ୍ରମାଣ ମିଳିଥିଲା। ଏଭଳି ଚଢ଼ା ଦରରେ ବଟି ନିଆଯାଉଥିବାରୁ ଅଧ୍ୟକ୍ଷ ମିଶ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ଏହାର ତୁରନ୍ତ ସମାଧାନ କରିବାକୁ ପଦକ୍ଷେପ ଗ୍ରହଣ କରିଥିବା ଜଣାଯାଇଛି। ବଟି ଠିକା ନେଇଥିବା ଠିକାଦାରଙ୍କୁ ଚାଷୀଙ୍କ ନିକଟରୁ ନିର୍ଦ୍ଧାରିତ ଦରଠାରୁ ଅଧିକ ବଟି ଆଦାୟ କରୁଥିବା ଯୋଗୁ କାହିଁକି ତାଙ୍କର ଚୁକ୍ତିକୁ ବାତିଲ କରାଯିବ ନାହିଁ ବୋଲି କାରଣଦର୍ଶାଅ ନୋଟିସ ଜାରି କରିବାକୁ ନିର୍ବାହୀ ଅଧିକାରୀଙ୍କୁ ଅଧ୍ୟକ୍ଷ ମିଶ୍ର ନିର୍ଦ୍ଦେଶ ଦେଇଥିଲେ। ଏହା ସହିତ ତୁରନ୍ତ ଦୈନିକ ବଜାରଠାରେ ଚାଷୀ ଓ ଖାଉଟିମାନଙ୍କ ସୂଚନା ପାଇଁ ବଜାର ବଟିର ପ୍ରକୃତ ନିର୍ଦ୍ଧାରିତ ଦର ଫଳକ ଲେଖି ଲଗାଇବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି। କନ୍ଧମାଳ ଓ ବରଗଡ ଅଞ୍ଚଳରୁ ବଡବଡ ପନିପରିବା ବ୍ୟବସାୟୀମାନେ ଗାଡ଼ି ଭର୍ତ୍ତି ପନିପରିବା ଆଣି ବୌଦ୍ଧ ବଜାରରେ ବିକ୍ରୟ କରୁଥିଲେ। ଏହା ବ୍ୟତୀତ ବୌଦ୍ଧ ଜିଲାର ବିଭିନ୍ନ ଗ୍ରାମରୁ ଏବଂ ମହାନଦୀର ଅପରପାର୍ଶ୍ୱ କିଆକଟାରୁ ପନିପରିବା ଚାଷୀମାନେ ପ୍ରତିଦିନ ବୌଦ୍ଧ ଦୈନିକ ବଜାରକୁ ଆସି ସେମାନଙ୍କ ପନିପରିବା ବିକ୍ରୟ କରି ଉଚିତ ମୂଲ୍ୟ ପାଇବା ସହିତ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ କିଣି ଘରକୁ ଫେରୁଥିଲେ। ବୌଦ୍ଧର ଶନିବାର ସାପ୍ତାହିକ ହାଟର ଅନେକ ବିଶେଷତ୍ୱ ରହିଥିଲା। ସମସ୍ତ ପ୍ରକାର ସାମଗ୍ରୀ ସହିତ ବହୁ ସଂଖ୍ୟାରେ ଚାଷୀ ଓ ବ୍ୟବସାୟୀ ଶନିବାର ହାଟକୁ ଅପେକ୍ଷା କରି ରହୁଥିଲେ। ଅନେକ ଖାଉଟି ଶନିବାର ହାଟ ଦିନକୁ ଅପେକ୍ଷା କରି ସପ୍ତାହଯାକର ସାମଗ୍ରୀ ସେହିଦିନ କ୍ରୟ କରୁଥିଲେ। କିନ୍ତୁ କିଛିବର୍ଷ ହେଲା ବୌଦ୍ଧ ଦୈନିକ ବଜାରରେ ବଟି ଜୁଲୁମ ଅଭିଯୋଗ ସହିତ ପ୍ରକୃତ ଚାଷୀମାନେ ବଜାର ପ୍ରତି ବିମୁଖ ହେବାରେ ଲାଗିଛନ୍ତି। ଶନିବାର ସାପ୍ତାହିକ ହାଟ ନାମକୁ ମାତ୍ର ଚାଲିଥିବାବେଳେ ଦୈନକ ବଜାରରେ ଦଲାଲମାନଙ୍କ ରାଜୁତି ଚାଲିଛି। ପନିପରିବା ନେଇ ଚାଷୀମାନେ ଆଉ ବଜାର ଆସୁଥିଲେ ମଧ୍ୟ ବ୍ୟବସାୟୀଙ୍କ ନିକଟରେ ସବୁ ଦେଇ ଚାଲିଯାଉଥିବା ଦେଖିବାକୁ ମିଳୁଛି। ଦର ନିର୍ଦ୍ଧାରଣ କରାଯାଇଥିବାବେଳେ ଚାଷୀମାନଙ୍କଠାରୁ ଜୋର ଜବରଦସ୍ତ ଚାରିଗୁଣ ବଟି ଆଦାୟ କରାଯାଉଥିବା ଅଭିଯୋଗ ହେଉଛି। ଦୈନିକ ବଜାରରେ ସ୍ଥାୟୀ ଭାବରେ ପନିପରିବା ବ୍ୟବସାୟ କରୁଥିବା ବ୍ୟବସାୟୀମାନେ ବହୁ ସ୍ଥାନ ମାଡିବସିବା ସହିତ କୁଇଣ୍ଟାଲ କୁଇଣ୍ଟାଲ ପନିପରିବା ଜମା କରି ବିକ୍ରୟ କରୁଥିଲେ ମଧ୍ୟ ସେମାନଙ୍କଠାରୁ ଦୈନିକ ୧୦ ଟଙ୍କା ବଜାର ବଟି ଆଦାୟ କରାଯାଉଛି। ଅପରପକ୍ଷେ ନିଜେ ଶ୍ରମ କରି ପନିପରିବା ଚାଷ କରିବା ପରେ ବଜରକୁ ବିକ୍ରୟ ପାଇଁ ଆସୁଥିବା ଚାଷୀମାନଙ୍କଠାରୁ ଜୋରଜବରଦସ୍ତ ବ୍ୟାଗପିଛା, ବସ୍ତାପିଛା ହିସାବ କରି ୪୦ ରୁ ୧୦୦ ଟଙ୍କା ପର୍ଯ୍ୟନ୍ତ ବଟି ଆଦାୟ କରାଯାଉଛି। ତେଣୁ ବୌଦ୍ଧ ଦୈନିକ ବଜାର ପ୍ରତି ଚାଷୀ ତଥା ବାହାର ଜିଲାରୁ ଆସୁଥିବା ବ୍ୟବସାୟୀମାନେ ବିମୁଖ ହେବା ସହିତ ଛୋଟଛୋଟ ହାଟଗୁଡିକୁ ଅଧିକ ସଂଖ୍ୟାରେ ଯାଉଥିବା ଦେଖିବାକୁ ମିଳୁଛି।

## ଜମି ରହୁଛି ପାଣି, ଛାତ୍ରୀଛାତ୍ର ହଇରାଣ



ପାଣିରେ ରଖାଯାଇଥିବା ପଥର ଡେଇଁ ପିଲାମାନେ ଶ୍ରେଣୀଗୃହକୁ ଯାଉଛନ୍ତି।

**ବିନିକା,୧୮।୭(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ହୁଡୁମା ଉଚ୍ଚ ପ୍ରାଥମିକ ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ମୋଟ ୧୭୦ଜଣ ଛାତ୍ରୀଛାତ୍ରଙ୍କ ଅଧ୍ୟୟନ କରୁଛନ୍ତି। ସ୍କୁଲ ପରିସରରୁ ନିଷ୍କାସିତ ହୋଇ ନ ପାରିବାରୁ ଗତ ୧୫ଦିନ ହେଲା ବର୍ଷାପାଣି ଜମି ରହିଛି। ବର୍ଷା ହେବା ପରେ ପରିସର ଜଳାର୍ଣ୍ଣବ ହେବା ସହ ଶ୍ରେଣୀ କୋଠରିକୁ ପାଣି ପଶୁଛି। ପିଲାଙ୍କ ପାଠପଢା ଏଥିଯୋଗୁ ବାଧାପ୍ରାପ୍ତ ହେଉଛି। ପିଲାମାନେ ଶ୍ରେଣୀ ଗୃହକୁ ଯିବା ପାଇଁ ମଝିରେ ମଝିରେ ଗୋଟିଏ ପଥର ରଖାଯାଇଛି। ପଥର ଡେଇଁ ଗଲାବେଳେ କୁନି ପିଲାମାନେ ଝୁଣ୍ଟି ଖଣ୍ଡିଆ ଖାବରା ହେଉଛନ୍ତି। ସ୍କୁଲ ୟୁନିଫର୍ମ ଖରାପ ହେଉଛି। ବର୍ଷା ପାଣି ଜମି ରହିବା ଯୋଗୁଁ ପିଲାମାନେ ଠିଆ ହୋଇ ମଧ୍ୟାହ୍ନ ଭୋଜନ କରୁଛନ୍ତି। ବହୁ ପିଲା ଦୈନିକ ବର୍ଷା ପାଣିରେ ସରସର ହେବାରୁ ସ୍କୁଲରୁ ଘରକୁ ଫେରୁଛନ୍ତି। ଡ୍ରେନେଜ ନ ଥଇବାରୁ ସ୍କୁଲ ପରିସର ଖାଲୁଆ ଅଞ୍ଚଳରୁ ବର୍ଷା ପାଣି ନିଷ୍କାସିତ ହୋଇ ପାରୁନାହିଁ। ସ୍କୁଲ ଶିକ୍ଷକ ଏବଂ ପରିଚାଳନା କମିଟି ଡ୍ରେନେଜ ସମସ୍ୟା ନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଉଥିଲେ ସୁଦ୍ଧା କୌଣସି ସୁଫଳ ମିଳୁନାହିଁ। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଦିଗରେ ଆଶୁ ପଦକ୍ଷେପ ନେବାକୁ ଅଭିଭାବକ ମହଲରେ ଦାବି ହେଉଛି।

## ବନ୍ଦ ପାଇଁ ଛାତ୍ର ସଙ୍ଗଠନର ଆହ୍ୱାନ

**ସୋନପୁର,୧୮।୭(ନି.ପ୍ର.)**

### ରୁଚିକା ଆତ୍ମହତ୍ୟା ଘଟଣା

ବିଜେବି କଲେଜ ଛାତ୍ରୀ ରୁଚିକା ମହାନ୍ତିଙ୍କ ଆତ୍ମହତ୍ୟା ଘଟଣାରେ ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ବିଫଳ ହୋଇଛି । ଅନ୍ୟପକ୍ଷେ ଆନ୍ଦୋଳନରତ ରୁଚିକାଙ୍କ ମାଙ୍କ ଉପରେ ପୋଲିସ ବର୍ବରୋଚିତ ବ୍ୟବହାର ପ୍ରଦର୍ଶନ କରିଛି। ପ୍ରତିବାଦରେ ଓଡିଶା ନବ ନିର୍ମାଣ ଯୁବ ଛାତ୍ର ସଂଗଠନ ପକ୍ଷରୁ ଆସନ୍ତା ୧୯ ତାରିଖ ମଙ୍ଗଳବାର ଓଡିଶା ବନ୍ଦ ଡାକରା ଦିଆଯାଇଛି । ସୁବର୍ଣ୍ଣପୁର ଜିଲାରେ ୧୨ ଘଣ୍ଟିଆ ବନ୍ଦକୁ ସଫଳ କରିବା ପାଇଁ ଓଡିଶା ନବ ନିର୍ମାଣ ଛାତ୍ର ସଂଗଠନ ପକ୍ଷରୁ ଆହ୍ୱାନ ଦିଆଯାଇଛି। ସଂଗଠନର ସୋନାଲି ବିଶି କହିଛନ୍ତି ଯେ, ନିଜେ ରୁଚିକା ସୁଇସାଇଡ୍ ନୋଟରେ ଉଲ୍ଲେଖ କରିଥିଲେ ଯେ, ତିନି ଜଣ ସିନିୟର ଛାତ୍ରୀ ରାଗିଂ କରିଛନ୍ତି। ମାତ୍ର ପୋଲିସ ବିନା ତଦନ୍ତରେ ରାଗିଂ ହୋଇ ନଥିବା କହିବା ଦୁର୍ଭାଗ୍ୟଜନକ। ଦାୟିତ୍ୱରେ ଅବହେଳା ପ୍ରଦର୍ଶନ କରିଥିବା କଲେଜର ଅଧ୍ୟକ୍ଷ, ସୁପରିଣ୍ଟେଣ୍ଡେଣ୍ଟ ଓ ୱାର୍ଡେନ୍‌ଙ୍କୁ ବହିଷ୍କାର କରି ତଦନ୍ତ କରିବାକୁ ଛାତ୍ର ସଂଗଠନ ପକ୍ଷରୁ ଦାବି କରାଯାଇଛି। ତେଣୁ ଛାତ୍ରୀଙ୍କୁ ନ୍ୟାୟ, ଓଡିଶାରେ ଛାତ୍ରୀମାନଙ୍କ ସୁରକ୍ଷା ଓ ସ୍ୱାଭିମାନକୁ ବଞ୍ଚାଇ ରଖିବା ପାଇଁ ଛାତ୍ରୀଛାତ୍ର, ମହିଳା, ଯୁବକ, ବ୍ୟବସାୟୀ ଓ ଚାଷୀ ଆନ୍ଦୋଳନରେ ସାମିଲ ହେବା ପାଇଁ ଛାତ୍ର ସଂଗଠନର ଆବାହକ ବ୍ରଜବିହାରୀ ବିଶି ଓ ପ୍ରଦ୍ୟୁମ୍ନ କୁମାର ପାଢୀ ସୋମବାର ସୋନପୁରଠାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଅନୁରୋଧ କରିଛନ୍ତି।



ଖବରଦାତା ସମ୍ମିଳନୀରେ ଛାତ୍ର ସଂଗଠନର କର୍ମକର୍ତ୍ତା ସୂଚନା ଦେଉଛନ୍ତି ।

# ଜିଲାପାଳଙ୍କୁ ଚାଷୀଙ୍କ ଫେରାଦ

**ବରଗଡ଼ ଅଫିସ୍,୧୮।୭**

### ୩ବର୍ଷ ପରେ ବି ମିଳିନି ବୀମା କ୍ଷତିପୂରଣ



ଜିଲାପାଳଙ୍କୁ ଫେରାଦ ହୋଇଥିବା କରାମାଡ଼ କ୍ଷତିଗ୍ରସ୍ତ ଚାଷୀବୃନ୍ଦ ।

ବରଗଡ଼ ଜିଲାର ଚାଷୀଙ୍କୁ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ବର୍ଷ ବର୍ଷ ଧରି ଚାଷୀ ସମସ୍ୟାଗୁଡ଼ିକ ଅସମାହିତ ହୋଇ ରହୁଛି। ଧାନ କିଣାବିକା ନିତିଦିନିଆ ସମସ୍ୟା। କେତେବେଳେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଚାଷୀଙ୍କୁ ମରୁଡ଼ିର ସମ୍ମୁଖୀନ ହେବାକୁ ପଡ଼ିଥାଏ ତ ଆଉ କେତେବେଳେ କୁଆପଥର ବୃଷ୍ଟି(କରାମାଡ଼), ରୋଗପୋକ ଉପଦ୍ରବ ଯୋଗୁ କ୍ଷତି ସହିବାକୁ ପଡ଼ିଥାଏ। ଏପରିକି ଫସଲକ୍ଷତି ସତ୍ତ୍ୱେ ଚାଷୀଙ୍କ ପାଖକୁ ସରକାରଙ୍କଠାରୁ ଇନପୁଟ୍ ସବ୍‌ସିଡ଼ି କିମ୍ବା ବୀମା କମ୍ପାନୀଠାରୁ ବୀମା କ୍ଷତିପୂରଣ ସହାୟତା ଅପହଞ୍ଚ ହୋଇ ପଡୁଛି। ଜିଲାର ଭଟଲି ବ୍ଲକ ଖରମୁଣ୍ଡା ପଞ୍ଚାୟତ ଅଧୀନ ଖରମୁଣ୍ଡା, ତରାକନା, ଶିରପାଲି ଅଞ୍ଚଳର ଚାଷୀମାନେ ଅନୁରୂପ ଅଭିଯୋଗ କରିଛନ୍ତି। କରାମାଡ଼ରେ ୨୦୧୮-୧୯ ଖରିଫରେ ଫସଲକ୍ଷତି ସତ୍ତ୍ୱେ ସମ୍ପୃକ୍ତ ଅଞ୍ଚଳର ଚାଷୀମାନଙ୍କୁ ଏପର୍ଯ୍ୟନ୍ତ ବୀମା କ୍ଷତିପୂରଣ ମିଳିନାହିଁ। ଏଭଳି ଅଭିଯୋଗ ନେଇ ଉକ୍ତ ଅଞ୍ଚଳର ଏକ ଚାଷୀ ପ୍ରତିନିଧି ଦଳ ସୋମବାର ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ସେମାନେ ଜିଲାପାଳଙ୍କ ଅଫିସ ଆଗରେ ଧାରଣାରେ ବସିବା ସହିତ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି ବୀମା କ୍ଷତିପୂରଣ ସହାୟତା ପ୍ରଦାନ ଦିଗରେ ବିହିତ ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି।

ପ୍ରକାଶ ଯେ, ଗତ ୨୦୧୮-୧୯ ଖରିଫ ଫସଲ ବେଳେ ବ୍ୟାପକ କରାମାଡ଼ ହୋଇଥିଲା। ଫଳରେ ଉକ୍ତ ଗ୍ରାମ ଗୁଡ଼ିକର ଧାନ ସମେତ ପରିବା ଫସଲ ସମ୍ପୂର୍ଣ୍ଣ ଉଜୁଡ଼ିଯାଇଥିଲା। ସେତେବେଳେ କୃଷି, ରାଜସ୍ୱ ବିଭାଗ ଓ ବୀମା କର୍ମଚାରୀମାନେ କ୍ଷୟକ୍ଷତି ଆକଳନ କରିଥିଲେ। ଏପରିକି ଜିଲା ଏବଂ ରାଜ୍ୟ ମନିଟରିଂ କମିଟି କ୍ଷୟକ୍ଷତି ଆକଳନ ରିପୋର୍ଟକୁ ଅନୁମୋଦନ କରିଥିଲା। ଏହାସତ୍ତ୍ୱେ ସମ୍ପୃକ୍ତ ଓରିଏଣ୍ଟାଲ ବୀମା କମ୍ପାନୀ ବୀମା ପ୍ରିମିୟମ ଭରିଥିବା କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମା କ୍ଷତିପୂରଣ ଦେଇ ନ ଥିଲା। ଚାଷୀମାନେ ଏ ନେଇ ପ୍ରଶାସନ ଏବଂ ବୀମା କମ୍ପାନୀକୁ ବାରମ୍ବାର ଫେରାଦ ହୋଇଥିଲେ। ମାତ୍ର କିଛି ସୁଫଳ ମିଳି ନ ଥିଲା। ଫଳରେ କ୍ଷତିଗ୍ରସ୍ତ ଚାଷୀମାନେ ହାଇକୋର୍ଟରେ ରିଟ୍ ପିଟିଶନ ଦାଖଲ କରିଥିଲେ। ପିଟିଶନ ବିଚାରକୁ ନେଇ ୨ମାସ ମଧ୍ୟରେ ବୀମା କ୍ଷତିପୂରଣ ସହାୟତା ପ୍ରଦାନ ଦିଗରେ ବିହିତ ପଦକ୍ଷେପ ନେବାକୁ ହାଇକୋର୍ଟ ଆଦେଶ ଦେଇଥିଲେ। ଏହାସତ୍ତ୍ୱେ କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମା କ୍ଷତିପୂରଣ ସହାୟତା ମିଳିପାରିନାହିଁ ବୋଲି ଖରମୁଣ୍ଡା ଗ୍ରାମର ଚାଷୀ ନିତ୍ୟାନନ୍ଦ ପ୍ରଧାନ କହିଛନ୍ତି।

ଅନ୍ୟ ଜଣେ ଚାଷୀ ରାଜକୁମାର ପାଣିଗ୍ରାହୀ କହିଛନ୍ତି, ୨୦୧୮-୧୯ ଖରିଫ ଚାଷ ସମୟରେ ହୋଇଥିବା କରାମାଡ଼ ଯୋଗୁ ତରାକନା, ଶିରପାଲି, ଖରମୁଣ୍ଡା ଗ୍ରାମର ୧୮୬ଜଣ ଚାଷୀଙ୍କ ଧାନ ଫସଲ ସମ୍ପୂର୍ଣ୍ଣ ଉଜୁଡ଼ି ଯାଇଥିଲା। ସେତେବେଳେ ଫସଲକ୍ଷତି ଆକଳନ କରି ସରକାରଙ୍କୁ ରିପୋର୍ଟ ଦିଆଯାଇଥିଲା। ମାତ୍ର ହାଇକୋର୍ଟଙ୍କ ଆଦେଶ ସତ୍ତ୍ୱେ ଏଯାଏ ବୀମା କମ୍ପାନୀ ବୀମା କ୍ଷତିପୂରଣ ପ୍ରଦାନ କରୁନାହିଁ। ଜିଲା ପ୍ରଶାସନ ପକ୍ଷରୁ ମଧ୍ୟ ସେଥିପ୍ରତି କିଛି ପଦକ୍ଷେପ ନିଆ ନ ଯିବା ଦୁର୍ଭାଗ୍ୟଜନକ। ତୁରନ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମା କ୍ଷତିପୂରଣ ପ୍ରଦାନ କରା ନ ଗଲେ ସମସ୍ତ କ୍ଷତିଗ୍ରସ୍ତ ଚାଷୀ ରାଜରାସ୍ତାକୁ ଓହ୍ଲାଇବା ପାଇଁ ବାଧ୍ୟ ହେବେ ବୋଲି ସେ ଚେତାବନୀ ଦେଇଛନ୍ତି।

## ଚୋରି ବାଇକ ଗୋଡ଼ାଇ ଧରିଲା ପୋଲିସ

**ଖପ୍ରାଖୋଲ, (ଡି.ଏନ.ଏ.):** ନୂଆପଡ଼ା ଜିଲା ଲଖନା ଥାନା ଅଞ୍ଚଳରୁ ବାଇକ୍ ଚୋରି କରି ଚୋରମାନେ ଖପ୍ରାଖୋଲ ଅଞ୍ଚଳକୁ ଚାଲି ଆସିଥିଲେ। ଖବର ପାଇ ଖପ୍ରାଖୋଲ ପୋଲିସ ସହ ଲଖନା ପୋଲିସ ଚୋରକୁ ଧରିବାକୁ ନାକାବନ୍ଦୀ କରିଥିଲେ। ଡୁଡୁକିପଦର ଗାଁ ନିକଟରେ ପୋଲିସକୁ ଦେଖି ଗାଡ଼ି ଛାଡ଼ି ଚୋରମାନେ ଅନ୍ୟ ଏକ ଗାଡ଼ିରେ ଫେରାର ହୋଇଯାଇଥିଲେ। ଚୋରଙ୍କୁ ଧରିବାକୁ ପୋଲିସ ତନାଘନା ଜାରି ରଖିଛି। ଚଢ଼ାଉରେ ଲଖନା ଥାନାଧିକାରୀ ଗୁରୁଦେବ କର୍ମୀ, ଖପ୍ରାଖୋଲ ଥାନାଧିକାରୀ ରମାକାନ୍ତ ସାହୁ, ଲାଠୋର ଥାନାଧିକାରୀ ଧର୍ମେନ୍ଦ୍ର ଶାନ୍ତି ସାମିଲ ଥିଲେ।

## ସଂକ୍ଷେପରେ

### ହାଇସ୍କୁଲ ଛାତ୍ରୀ କରୋନା ପଜିଟିଭ ଚିହ୍ନଟ

**ଦେଓଗାଁ,୧୮।୭(ଡି.ଏନ.ଏ):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ଏକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜଣେ ଛାତ୍ରୀ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସୋମବାର ବିଦ୍ୟାଳୟରେ ପ୍ରାର୍ଥନା ଚାଲିଥିବା ସମୟରେ ଛାତ୍ରୀ ଜଣକ ହଠାତ ପଡି ଯାଇଥିଲେ। ତାଙ୍କୁ ତୁରନ୍ତ ଦେଓଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ପୂର୍ବରୁ ଛାତ୍ରୀଙ୍କୁ ଜ୍ୱର ହେଉଥିବାବେଳେ କରୋନା ପରୀକ୍ଷା ପାଇଁ ଡାକ୍ତର ପରାମର୍ଶ କରିଥିଲେ। କୋଭିଡ ଟେଷ୍ଟ ପରେ ପଜିଟିଭ ଚିହ୍ନଟ ହୋଇଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର କର୍ମଚାରୀ ପରକ୍ଷିତ ବେଜ ସୂଚନା ଦେଇଛନ୍ତି। ଜଣେ ଛାତ୍ରୀ କୋଭିଡ ପଜିଟିଭ ଚିହ୍ନଟ ପରେ ଏହି ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଓ ପରିବାର ବର୍ଗଙ୍କୁ ତୁରନ୍ତ କୋଭିଡ ପରୀକ୍ଷା କରି ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହେଉଛି।

### ମଳମଣ୍ଡା ହାଇସ୍କୁଲରୁ ୫ କମ୍ପ୍ୟୁଟର ଚୋରି

**ବଲାଙ୍ଗୀର ଅଫିସ,୧୮।୭:** ବଲାଙ୍ଗୀର ଜିଲା ପୁଇଁତଲା ଥାନା ଅନ୍ତର୍ଗତ ମଳମଣ୍ଡା ପଞ୍ଚାୟତ ହାଇସ୍କୁଲରୁ ରବିବାର ରାତିରେ ଦୁର୍ବୃତ୍ତମାନେ ୫ଟି କମ୍ପ୍ୟୁଟର ଚୋରି କରିନେଇଥିବା ଅଭିଯୋଗ ହୋଇଛି। ଏନେଇ ସ୍କୁଲ ପ୍ରଧାନଶିକ୍ଷକ ପୁରେନ୍ଦ୍ର ପଟେଲ ସୋମବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏକ ମାମଲା (୧୫୨/୨୨) ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ରବିବାର ରାତିରେ ସ୍କୁଲ ପରିସର ଭିତରେ ରାତ୍ର ଜଗୁଆଳି ବିଧୁଭୂଷଣ ବିଭାର ରହିଥିଲେ। ତାଙ୍କ ପୁଅର ଦେହ ଅସୁସ୍ଥ ହେବା ଖବର ପାଇବା ପରେ ସେ ରାତିରେ ଘରକୁ ଯାଇଥିଲେ। ସକାଳୁ ଆସି ଦେଖିଲାବେଳେ ସ୍କୁଲ ତାଲା ଭାଙ୍ଗି ଭିତରୁ ୫ଟି କମ୍ପ୍ୟୁଟରର ସାମଗ୍ରୀ ଚୋରି କରିନେଇଥିବା ଦେଖିବାକୁ ପାଇଥିଲେ। ଏନେଇ ରାତ୍ର ଜଗୁଆଳି ସକାଳେ ପ୍ରଧାନ ଶିକ୍ଷକଙ୍କୁ ଖବର କରିବା ପରେ ସେ ଥାନାରେ ଯାଇ ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ପୁଇଁତଲା ଥାନାଧିକାରୀ ଯଶୋବନ୍ତ ପ୍ରଧାନୀଙ୍କୁ ପଚରାଯିବାରୁ ପ୍ରଧାନଶିକ୍ଷକ ସ୍କୁଲରୁ କମ୍ପ୍ୟୁଟର ଚୋରି ସମ୍ପର୍କରେ ଅଭିଯୋଗ କରିଛନ୍ତି। ସ୍କୁଲରେ କେତେ କମ୍ପ୍ୟୁଟର ଥିଲା ଓ କିଭଳି ଚୋରି ହୋଇଛି ତାହାର ତଦନ୍ତ କରାଯାଉଛି ବୋଲି କହିଛନ୍ତି।

### ରାମଲୀଳା କଳାକାରଙ୍କ ପରଲୋକ



**ଦେଓଗାଁ,୧୮।୭(ଡି.ଏନ.ଏ):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ପାକ୍ସର ପୂର୍ବତନ ପାକ୍ସ ନିର୍ଦ୍ଦେଶକ, ବିଶିଷ୍ଟ ରାମଲୀଳା କଳାକାର ସାଲେପାଲିର ଶେଷଦେବ ସାହୁ(୮୭)ଙ୍କ ରବିବାର ରାତିରେ ପରଲୋକ ଘଟିଛି। ସେ ଜରାସିଂହା ପାକ୍ସରେ ଦୁଇଥର ନିର୍ଦ୍ଦେଶକ, ଭାଗବତ ପାଠାଗାରର ପ୍ରତିଷ୍ଠାତା ସଦସ୍ୟ ଓ ରାମଲୀଳାର ଶ୍ରେଷ୍ଠ କଳାକାର ଭାବେ ପରିଚିତ ଥିଲେ। ପରଲୋକ ଖବର ପାଇ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଓ କଳାକାର ତାଙ୍କର ଶେଷ ଦର୍ଶନ କରିଥିଲେ। ମୃତ୍ୟୁ ସମୟରେ ପୁଅ ହେମନ୍ତ କୁମାର ସାହୁ, ସୁଦାମ ସାହୁ, ସୁଧିର କୁମାର ସାହୁ, ଶ୍ରୀନିବାସ ସାହୁ, ବୋହୂ ତଥା ସାଲେପାଲି ସରପଞ୍ଚ ବଲ୍ଲଭୀ ସାହୁ, ସତ୍ୟଭାମା ସାହୁ, ଗନ୍ଧର୍ବୀ ସାହୁ, ସୋନାଲି ସାହୁ ଓ ନାତୀ ନାତୁଣୀ ଉପସ୍ଥିତ ଥିଲେ। ସୋମବାର ସ୍ଥାନୀୟ ସୋନଗଡ ନଦୀକୂଳରେ ଶେଷଦେବଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡପୁଅ ହେମନ୍ତ ମୁଖାଗ୍ନ ଦେଇଥିଲେ।

### ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

**ଖଡ଼ିଆଳ,୧୮।୭(ଡି.ଏନ.ଏ.):** ନୂଆପଡା ଜିଲା ଖଡ଼ିଆଳ ବ୍ଲକ କାର୍ଯ୍ୟାଳୟଠାରେ ସୋମବାର ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୧୯ ଗୋଟି ଅଭିଯୋଗ ଆସିଥିବା ବେଳେ ବିଭାଗୀୟ ଅଧିକାରୀମାନଙ୍କୁ ଏହାର ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଅଭିଯୋଗ ଶିବିରରେ କୌଣସି କାରଣ ବଶତଃ ଜିଲାସ୍ତରୀୟ ଅଧିକାରୀ ଯୋଗଦେଇ ପାରି ନ ଥିବା ବେଳେ ବ୍ଲକସ୍ତରୀୟ ସମସ୍ତ ଅଧିକାରୀ, ବିଡିଓ ନାରାୟଣ ସାହୁ, ତହସିଲଦାର ସିନ୍ଧୁସୁତା ପାତ୍ର, ଅତିରିକ୍ତ ତହସିଲଦାର ଭୁପେନ୍ଦ୍ର ସିଂ, ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟ ଯୋଗଦେଇଥିଲେ।

# ବାରମ୍ବାର ଦୁର୍ଘଟଣା, ବିକଳ୍ପ ପନ୍ଥା ନାହିଁ

**ବଲାଙ୍ଗୀର ଅଫିସ,୧୮।୭**

ଟ୍ରାଫିକ ପରିଚାଳନାକୁ ସୁନିୟନ୍ତ୍ରିତ କରିବା ଏବଂ ଦୁର୍ଘଟଣା ଏଡାଇବା ପାଇଁ ବଲାଙ୍ଗୀର ଜିଲା ପ୍ରଶାସନ ଏବଂ ଜାତୀୟ ରାଜପଥ ବିଭାଗ ପକ୍ଷରୁ ପାଟଣା ହୋଟେଲ ଛକରୁ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ ଯାଏ ମୁଖ୍ୟରାସ୍ତା ଉପରେ ଡିଭାଇଡର ନିର୍ମାଣ କରାଯାଇଥିଲା। ତେବେ ନିର୍ମାଣର ଅଳ୍ପଦିନ ଭିତରେ ସରକାରୀ ବସ୍‌ଷ୍ଟାଣ୍ଡ ସମ୍ମୁଖସ୍ଥ ଡିଭାଇଡର ଏବେ ଆକ୍ସିଡାଣ୍ଟ ସ୍ପଟ୍ ହୋଇଯାଇଛି। ଶନିବାର ରାତିରେ ଏକ ଭାରୀଯାନ ଟ୍ରକ୍(ଓଡି୧୬ଇ୪୭୫୭) ଉକ୍ତ ଡିଭାଇଡରରେ ଚଢ଼ି ଯାଇଥିଲା। ଏହାର ଗୋଟିଏ ଦିନ ପରେ ରବିବାର ରାତିରେ ପୁଣି ଏକ ମାଲବାହୀ ଟ୍ରକ୍ (ସିଜି୧୩ଏଏଚ୍୨୯୭୨) ଡିଭାଇଡରରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ସରକାରୀ ବସ୍‌ଷ୍ଟାଣ୍ଡ ନିକଟ ରାଜମନ୍ଦିର ଗଳି ସମ୍ମୁଖ ଡିଭାଇଡରରେ ଟ୍ରକ୍ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣାଗ୍ରସ୍ତ ହେବା ପରେ ସୋମବାର ସକାଳୁ ଏଠାରେ ଟ୍ରାଫିକ୍ ଅବ୍ୟବସ୍ଥା ଲାଗି ରହିଥିଲା। ଟ୍ରକ୍ ରାସ୍ତା ଉପରେ ରହିଯାଇଥିବାରୁ ଯାନବାହନ ଚଳାଚଳରେ ଅସୁବିଧା ହୋଇଥିଲା। ଦୀର୍ଘ ସମୟ ଧରି ଟ୍ରାଫିକ୍ ଓ ଟାଉନ୍ ଥାନା ପୋଲିସ ଏଠାରେ ପହଞ୍ଚି ନ ଥିବାରୁ ଲୋକେ ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଯନ୍ତ୍ରୀମାନେ ଏଭଳି ଭାବେ ଡିଭାଇଡର ନିର୍ମାଣ କରିଛନ୍ତି ଯେ, ପ୍ରତିଦିନ ଏଠାରେ ଦୁର୍ଘଟଣା ସ୍ଥିତି ଉପୁଜିଲାଣି। ଏହି ସ୍ଥାନଟି ଆକ୍ସିଡେଣ୍ଟ ସ୍ପଟ୍ ବା ଦୁର୍ଘଟଣାସ୍ଥଳ ଭାବେ ଚିହ୍ନିତ ହେଲାଣି। ଗତ ୧୫ ଦିନ ଭିତରେ ଏଠାରେ ୬/୭ଟି ଗାଡି ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହେଲାଣି। ମୁଖ୍ୟରାସ୍ତାରେ ପାଟଣା ହୋଟେଲ ପଟୁ ତିଆରି ହୋଇଥିବା ଡିଭାଇଡର ରାଜମନ୍ଦିର ଗଳି ପର୍ଯ୍ୟନ୍ତ ତିଆରି କରାଯାଇଛି। ଏଠାରୁ ପ୍ରାୟ ୩୦ ମିଟର ଯାଏ ଡିଭାଇଡର ତିଆରି କରା ନ ଯାଇ ପୁଣି ସରକାରୀ ବସ୍‌ଷ୍ଟାଣ୍ଡ ସମ୍ମୁଖରୁ କଟୋରୀ ଛକ ପର୍ଯ୍ୟନ୍ତ ତିଆରି କରାଯାଇଛି। ଯେଉଁ ୩୦ ମିଟରରେ ଡିଭାଇଡର ତିଆରି କରାଯାଇନାହିଁ ସେହି ସ୍ଥାନରେ ଏହି ଦୁର୍ଘଟଣା ହେଉଛି। ଉଭୟ ପଟରୁ ଯାନବାହନ



ସରକାରୀ ବସ୍‌ଷ୍ଟାଣ୍ଡ ପାଖ ଡିଭାଇଡରରେ ପିଟିହୋଇ ଯାଇଥିବା ଟ୍ରକ୍।

### ଡିଭାଇଡରରେ ପୁଣି ପିଟିହେଲା ଟ୍ରକ୍

ଡିଭାଇଡରରେ ଚଢ଼ି ଦୁର୍ଘଟଣାଗ୍ରସ୍ତ ହେଉଛି। ଏହାବାଦ୍ ରାତିରେ ମାଲବାହୀ ଗାଡିଗୁଡିକ କ୍ଷିପ୍ର ଗତିରେ ଚଳାଉଥିବାରୁ ଏଠାରେ ଦୁର୍ଘଟଣା ଘଟୁଥିବା ଚର୍ଚ୍ଚାର ବିଷୟ ହୋଇଛି।

ପାଟଣା ହୋଟେଲ ଛକରୁ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତ କରା ନ ଯାଇ ଡିଭାଇଡର ତିଆରି କରାଯାଇଥିବାରୁ ଟ୍ରାଫିକ୍ ସମସ୍ୟା ଏବଂ ଦୁର୍ଘଟଣା ବୃଦ୍ଧି ପାଉଛି। ସରକାରୀ ବସ୍‌ଷ୍ଟାଣ୍ଡ ସମ୍ମୁଖ ଏହି ଡିଭାଇଡର କଡରେ ଦିନବେଳା ଠେଲା ଲଗାଯାଉଥିବାରୁ ଏଠାରେ ରାସ୍ତା ସଙ୍କୁଚିତ ହୋଇଯାଇଛି। ଏହାବାଦ୍ ସେଠାରେ ଗାଡିପାର୍କିଂ କରି ଲୋକେ ଭିଡ ଜମାଉ ଥିବାରୁ ଏଠାରେ ଦୁର୍ଘଟଣା ଆଶଙ୍କା ଲାଗି ରହୁଛି। ପ୍ରଶାସନ ଯେଉଁ ଉଦ୍ଦେଶ୍ୟ ରଖି ଏହି ରାସ୍ତାକୁ ୱାନୱେ କରିଥିଲେ ତାହା ଏବେ ଓଲଟା ହୋଇଯାଇଛି। ନିୟମିତ ଦୁର୍ଘଟଣା ଘଟୁଥିଲେ ମଧ୍ୟ ଜିଲା ପ୍ରଶାସନ କୌଣସି ବିହିତ ପଦକ୍ଷେପ ନେଉନଥିବାରୁ ଜନଅସନ୍ତୋଷ ବୃଦ୍ଧି ପାଉଛି।

## ୨ ବର୍ଷ ପରେ ବି ମିଳିନି ବିଜୁ ପକ୍କାଘର



ଭଙ୍ଗା ଘର ସାମ୍ନାରେ ବିଧବା ଲୋଚନେ ଓ ପୁଅ।

**ଖଡ଼ିଆଳ,୧୮।୭(ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ କେନ୍ଦୁପାଟି ଗ୍ରାମପଞ୍ଚାୟତ କଟାପଡ଼ାରେ ରହନ୍ତି ସ୍ୱର୍ଗତ ଟଙ୍କଧର ପୋଢ଼ଙ୍କ ପରିବାର। ପରିବାରରେ ବିଧବା ସ୍ତ୍ରୀ ଲୋଚନେ ପୋଢ଼ଙ୍କ ସମେତ ୨ ପୁଅ ଧୋବଲେ (୨୫), ଲବ (୨୬) ଏବଂ ଦୁଇ ଝିଅ ସଂଯୁକ୍ତା ଓ କୁମୁଦିନୀ। ଦୁଇ ଝିଅଙ୍କ ବିବାହ ହୋଇଥିବା ବେଳେ ବଡ଼ ପୁଅ ଲବଙ୍କ ମଧ୍ୟ ବିବାହ ହୋଇଛି। ହେଲେ ୩ ଜଣଙ୍କ ବିବାହ କରି ଟଙ୍କଧର ୨ ବର୍ଷ ତଳେ ଆରପାରିକୁ ଚାଲି ଯାଇଛନ୍ତି। ବର୍ତ୍ତମାନ ଲୋଚନେ ଦୁଇ ପୁଅଙ୍କୁ ନେଇ ଦୁଃଖକଷ୍ଟରେ ପରିବାର ଚଳାଉଛନ୍ତି। ଏପରି ସ୍ଥଳେ ଲୋଚନେଙ୍କୁ ଏ ପର୍ଯ୍ୟନ୍ତ ବିଧବା ଭତ୍ତା ମଧ୍ୟ ମିଳି ପାରି ନାହିଁ କିମ୍ବା ସ୍ୱାମୀଙ୍କ ମୃତ୍ୟୁ ପରେ ହରିଶ୍ଚନ୍ଦ୍ର ଯୋଜନରେ ମିଳୁଥିବା ସାହାଯ୍ୟ

### ବର୍ଷାରେ ଘର ଭାଙ୍ଗିଯାଇଛି

ମଧ୍ୟ ମିଳିନାହିଁ ବୋଲି ଅଭିଯୋଗ କରିଛନ୍ତି। ଏପରିକି ସେ ଗତ ଦୁଇ ବର୍ଷ ହେଲା ବିଜୁ ପକ୍କା ଘର ପାଇଁ ଆବେଦନ କରିଛନ୍ତି। ହେଲେ ତାଙ୍କ ନାମ ଯୋଗ୍ୟ ତାଲିକାରେ ଥିବା ସ୍ୱତ୍ତ୍ୱେ ଏପର୍ଯ୍ୟନ୍ତ ଘର ମିଳିନାହିଁ। ଅନ୍ୟପକ୍ଷେ ଚଳିତ ଲଘୁଚାପଜନିତ ବର୍ଷାରେ ତାଙ୍କର ଘର ଭାଙ୍ଗି ଯାଇଛି। ଫଳରେ ସେ ଅନ୍ୟତ୍ର ରହିବାକୁ ବାଧ୍ୟ ହୋଇଛନ୍ତି। ଏ ନେଇ ସ୍ଥାନୀୟ ସରପଞ୍ଚ ଚନ୍ଦ୍ର ଶଣ୍ଢଙ୍କୁ ପଚାରିବାରୁ ସେ ଯଦି ଗୃହ ପାଇଁ ଆବେଦନ କରିଛନ୍ତି, ତାଙ୍କର ନାମ ଯଦି ତାଲିକାରେ ଅଛି, ତାହାହେଲେ ନିଶ୍ଚିତ ଭାବେ ତାଙ୍କୁ ଗୃହ ସହ ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି ପ୍ରକାଶ କରିଛନ୍ତି।

## ପ୍ରଥମ ସୋମବାର ଧବଳେଶ୍ୱର ଶୈବପୀଠରେ ଭିଡ଼



ଧବଳେଶ୍ୱର ଶୈବ ପୀଠରେ ବୋଲବମ୍ ଭକ୍ତଙ୍କ ପ୍ରବଳ ଭିଡ଼।

**ତୁଣ୍ଡଲା/ପଲମ,୧୮।୭(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ୍ ଅଧୀନ ବେଲଖଣ୍ଡି ପଞ୍ଚାୟତସ୍ଥିତ ଉତେଇ ଓ ତେଲ ନଦୀ ସଙ୍ଗମସ୍ଥଳୀ ଧବଳେଶ୍ୱର ଶୈବ ପୀଠରେ ଶ୍ରାବଣ ମାସର ପ୍ରଥମ ସୋମବାର ବୋଲବମ୍ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। ଲୋକନାଥଙ୍କୁ ଜଳଲାଗି କରିବା ପାଇଁ ଉତେଇ ଓ ତେଲ ନଦୀର ସଙ୍ଗମସ୍ଥଳୀରୁ ବୋଲବମ୍ ଭକ୍ତ ପାଣି ଆଣି ଶୈବ ପୀଠରେ ପହଞ୍ଚିଥିଲେ। ସେଠାରେ ହରହର ମହାଦେବ ଧ୍ୱନୀରେ ପରିବେଶ କମ୍ପୁଥିଲା। ଜଳ ଲାଗି କରିବାକୁ ଭକ୍ତମାନେ ଲମ୍ବା ଲାଇନରେ ଛିଡା ହୋଇଥିଲେ। ଶିବ ମନ୍ଦିର ପରିଚାଳନା କମିଟି ତଥା ସ୍ଥାନୀୟ ସରପଞ୍ଚଙ୍କ ନେତୃତ୍ୱରେ ଶୃଙ୍ଖଳିତ ଦର୍ଶନ ଓ ଭିଡ ନିୟନ୍ତ୍ରଣ ପାଇଁ ବ୍ୟାରିକେଟ୍ ବ୍ୟବସ୍ଥା କରାଯାଇଥିଲା। ଐତିହାସିକ ପ୍ରସିଦ୍ଧ ଶୈବପୀଠର ମହାଦେବଙ୍କ ନିକଟରେ ଜଳ ଲାଗି କରିବାକୁ ବିଭିନ୍ନ ପ୍ରାନ୍ତରରୁ ଭକ୍ତମାନଙ୍କ ସମାଗମ ଲାଗିରହିଥିଲା। କେସିଙ୍ଗା ବ୍ଲକ ବେଲଖଣ୍ଡି ଧବଳେଶ୍ୱର ପୀଠ, ଆମଠ ଗଡ଼ଶିବମନ୍ଦିର, ଦିଗଶିରା ଶିବମନ୍ଦିର ପ୍ରଭୃତିରେ ଭକ୍ତଙ୍କ ଭିଡ ପରିଲକ୍ଷିତ ହୋଇଛି। ଶୃଙ୍ଖଳିତ ଦର୍ଶନ ଓ ଭିଡ ନିଅନ୍ତ୍ରଣ ପାଇଁ ମନ୍ଦିର ପରିଚାଳନା କମିଟି ଏବଂ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। କଳାହାଣ୍ଡିର ଏହି ପ୍ରସିଦ୍ଧ ଧବଳେଶ୍ୱର ପୀଠରେ ଜଳଲାଗି କରିବାକୁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଭକ୍ତମାନଙ୍କ ସମାଗମ ଲାଗି ରହିଛି। ଶାନ୍ତି ଶୃଙ୍ଖଳାର ସହିତ ଭକ୍ତମାନେ ପୂଜାର୍ଚ୍ଚନା କରିଥିଲେ।

## ବାଇପାସ୍, ରିଙ୍ଗରୋଡ ତୁରନ୍ତ କାର୍ଯ୍ୟକ୍ଷମ କର

**ବଲାଙ୍ଗୀର ଅଫିସ, ୧୮।୭**

ବଲାଙ୍ଗୀର ସହରରେ ଲୋକସଂଖ୍ୟା ଓ ଯାନବାହନ ବୃଦ୍ଧି ତଥା ଟ୍ରାଫିକ ପରିଚାଳନାରେ ଅବ୍ୟବସ୍ଥା ଯୋଗୁଁ ବାରମ୍ବାର ସଡକ ଦୁର୍ଘଟଣା ଘଟୁଛି। ଇତିମଧ୍ୟରେ ପୁରୁଣା ସରକାରୀ ବସ୍‌ଷ୍ଟାଣ୍ଡ ସମ୍ମୁଖରେ ରାସ୍ତା ପ୍ରଶସ୍ତ ନଥିବାବେଳେ ନୂତନ ଡିଭାଇଡର ତିଆରି କରାଯାଇଛି। ଏଠାରେ ଲଗାତାର ଭାବେ ଏକାଧିକ ଦୁର୍ଘଟଣା ଘଟି ସାରିଲାଣି। ଡିଭାଇଡର ପୁଣି କଂକ୍ରିଟ ସିମେଣ୍ଟ ଓ ଧାରକୃତ ହୋଇଥିବାରୁ ଦୁର୍ଘଟଣା ଘଟିଲେ ଭୟାନକ ପରିସ୍ଥିତି ସୃଷ୍ଟି ହେଉଛି। ଗାଡି ଚାଳକ ମାନଙ୍କ ପାଇଁ ସତର୍କତା ଅବଲମ୍ବନ ନିମନ୍ତେ କୌଣସି ଲାଇଟ୍ କିମ୍ବା ସାଇନ୍‌ବୋର୍ଡ ନ ଥିବାରୁ ଡିଭାଇଡରରେ ଗାଡିଗୁଡିକ ଧକ୍କା ହେଉଛି। ଏହାର ପ୍ରତିକାର ପାଇଁ ଶୀଘ୍ର ପଦକ୍ଷେପ ନେବାକୁ ବଲାଙ୍ଗୀର ନାଗରିକ କମିଟି ପକ୍ଷରୁ ସଭାପତି ଇଂ. ବେଲାର ସିଂଭୋଇ ଓ ସାଧାରଣ ସମ୍ପାଦକ ମନୋରଞ୍ଜନ ସାହୁ ଜିଲାପାଳ ଓ ପୋଲିସ ଆରକ୍ଷୀ ଅଧୀକ୍ଷକଙ୍କୁ ଲିଖିତ ଜଣାଇଛନ୍ତି। ସହର ଭିତରେ ଟ୍ରାଫିକ୍ ଅବ୍ୟବସ୍ଥା ଏବଂ ଦୁର୍ଘଟଣା ଏଡାଇବା ପାଇଁ ବଲାଙ୍ଗୀର ସହରର ବହୁପ୍ରତୀକ୍ଷିତ ବାଇପାସ୍ ଓ ରିଙ୍ଗରୋଡ ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ଜିଲା ପ୍ରଶାସନକୁ ଅନୁରୋଧ କରାଯାଇଛି।

## ୩ ଶହ ଦିନର କାମ ଯୋଗାଣ ନିଶ୍ଚିତ କର



ସମୀକ୍ଷା ବୈଠକରେ ଉପସ୍ଥିତ ଅଧିକାରୀମାନେ।

**ଲାଠୋର, ୧୮।୭(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ସଭାଗୃହଠାରେ ସୋମବାର ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏପିଓ ପ୍ରଶାନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏସିପି ରମାନନ୍ଦ ବେହେରା, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସହାୟକ ସୁବୋଧକାନ୍ତ ବାରିକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଲାଠୋର, ଟଙ୍କପାଣି, କରୁଆଝର, ବେନ୍ଦର, ମାଲପଡ଼ା, ସାହାଜପାଣି, ଘୁନସର ଏବଂ ରେଙ୍ଗାଲି ପଞ୍ଚାୟତାର ୮ ଗ୍ରାମ ରୋଜଗାର ସେବକ ଏବଂ ୪୯ ଗାଁ ସାଥୀଙ୍କୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ ଦିବସ ସହ ଶ୍ରମିକ ବୃଦ୍ଧି, ଶ୍ରମିକଙ୍କୁ ଶହେ ଦିନର ନିଶ୍ଚିତ କାମ, ବର୍ଷାଋତୁରେ କିପରି କାମ ଯୋଗାଇ ଲକ୍ଷ୍ୟ ହାସଲ

### ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସମୀକ୍ଷା ବୈଠକ

କରାଯିବ ତାହା ଉପରେ ଆଲୋଚନା ହୋଇଥିଲା। ଗାଁ ସାଥୀମାନେ ଉପସ୍ଥିତ ଅଧିକାରୀଙ୍କୁ ୧୦୦ଦିନ କାର୍ଯ୍ୟ ପୂରଣ କରିଥିବା ଶ୍ରମିକମାନଙ୍କୁ କିପରି ୩ଶହ ଦିନର କାମ ଯୋଗାଇ ଦିଆଯାଇ ପାରିବ, କେତେକ ପଞ୍ଚାୟତରେ ଏନଏମଏସ ଆପ୍ସ କାମ କରୁ ନଥିବା ଯୋଗୁଁ ଶ୍ରମିକଙ୍କ ଉପସ୍ଥାନ ଅପଲୋଡ଼ କରାଯାଇ ପାରୁ ନ ଥିବା କହିଥିଲେ। ଏହି ସମସ୍ୟାର ସମାଧାନ କରାଯିବ ଉପରେ ସେମାନେ ଯୋର ଦେଇଥିଲେ। ଲାଠୋର ଗ୍ରାମ ରୋଜଗାର ସେବକ ସତ୍ୟନାରାୟଣ ମେହେର କାର୍ଯ୍ୟକ୍ରମ ପରିଚାଳନା ଓ ଟଙ୍କପାଣି ଜିଆର୍‌ଏସ୍ ସରୋଜ କୁମାର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## ବୁଢ଼ାଦେଓ ଉଚ୍ଚ ବିଦ୍ୟାଳୟରେ ଚାରାରୋପଣ

**ଖଡ଼ିଆଳ,୧୮।୭(ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଦାବ୍ରି ବୁଢାଦେଓ ଉଚ୍ଚ ବିଦ୍ୟାଳୟରେ ସୋମବାର ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅପରାହ୍ନରେ ଶତାଧିକ ଛାତ୍ରୀଛାତ୍ର ଏକ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରି ଜଙ୍ଗଲ ଓ ପରିବେଶ ସୁରକ୍ଷା, ପ୍ଲାଷ୍ଟିକ ମୁକ୍ତ ସମାଜ ଗଠନ କରିବା ନେଇ ବିଭିନ୍ନ ସ୍ଲୋଗାନ ଦେଇ ସଚେତନତା କରିଥିଲେ। ସ୍କୁଲ ପଡିଆରେ ଦେବଦାରୁ, ଶାଗୁଆନ, ଲିମ୍ବ ଇତ୍ୟାଦି ଶହେରୁ ଊର୍ଦ୍ଧ୍ୱ ଚାରା ରୋପଣ କରାଯାଇଥିଲା। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରହଲ୍ଲାଦ ବେହେରାଙ୍କ ସମେତ ଇକୋକ୍ଲବ ମାଷ୍ଟର ସୁଶିଲ କୁମାର ହେର୍ଣ୍ଣା, ସୁଶାନ୍ତ କୁମାର ମେହେର, ଡଗ୍ରେଶ୍ୱର ମେହେର, ଧିରେନ୍ଦ୍ର ମେହେର, କୃଷ୍ଣଚନ୍ଦ୍ର ମେହେର, ରାଜେନ୍ଦ୍ର ଭୋଇଙ୍କ ସହିତ ଖଡ଼ିଆଳ ଫରେଷ୍ଟ ଗାର୍ଡ ଗଗନ ବିହାରୀ ହଂସ, ଲୁପ୍ତ କୁମାରୀ ବାରିକ, ମଦନା ଶବର, ମୋହନ ତାଣ୍ଡି, ରଜତ ନାଏକ, ମଦନା ଶବରଙ୍କ ସମେତ ଦାବ୍ରି ଗ୍ରାମପଞ୍ଚାୟତ ବିଘ୍ନେଶ୍ୱର ହଂସ, ଚିତ୍ରସେନ ବଘେଲ କାର୍ଯ୍ୟକ୍ରମ ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଇକୋ କ୍ଲବ, ରେଡକ୍ରସ ଓ ସ୍କାଉଟ ଦଳ ଛାତ୍ରୀଛାତ୍ର ଭାଗ ନେଇଥିଲେ। ସୂଚନାଯୋଗ୍ୟ ଯେ, ଏହି ବିଦ୍ୟାଳୟରେ ଦୀର୍ଘ ୬ ବର୍ଷରୁ ଊର୍ଦ୍ଧ୍ୱ ହେଲା ପ୍ରତିବର୍ଷ ବନଉତ୍ସବ ପାଳନ ହେବା ସହିତ ସାମୂହିକ ଚାରା ରୋପଣ କାର୍ଯ୍ୟକ୍ରମ ହୋଇଆସୁଛି।



ଛାତ୍ରୀଛାତ୍ର ଏବଂ ଅତିଥିମାନେ ଚାରା ରୋପଣ କରୁଛନ୍ତି।

# ଅଭିଯୋଗର ତ୍ୱରିତ ସମାଧାନ କର

### ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳଙ୍କ ପରାମର୍ଶ

**ଲୋଇସିଂହା,୧୮।୭(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସଭାଗୃହଠାରେ ଜିଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଚଞ୍ଚଳ ରାଣା, ଏସ୍‌ପି ନୀତିନ କୁଶଲକର, ଡିଏଫଓ ନୀତିଶ କୁମାର ଶିବିରରେ ଯୋଗଦେଥିଲେ। ୭୮ଟି ବ୍ୟକ୍ତିଗତ ଓ ୧୮ଟି ସାମୂହିକ ଅଭିଯୋଗ ଉପରେ ପଦକ୍ଷେପ ନେବାକୁ ଜିଲାପାଳ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଲୋଇସିଂହା ପଞ୍ଚାୟତ ପକ୍ଷରୁ ଦୋକାନ ଗୃହ ବଣ୍ଟନରେ ଅନିୟମିତତା ଅଭିଯୋଗ କରିଥିଲେ ସୁବ୍ରତ ନାୟକ ଓ କେତେକ ବ୍ୟବସାୟୀ। ପଞ୍ଚାୟତ ପକ୍ଷରୁ କେତେକ ବ୍ୟବସାୟୀଙ୍କୁ ଅନୁକମ୍ପା ଦେଖାଇଥିବା ଅଭିଯୋଗ ଉପରେ ତଦନ୍ତ କରି ସପ୍ତାହକ ମଧ୍ୟରେ ରିପୋର୍ଟ ଦେବାକୁ ଜିପିଓ କିଶୋର ମାନସିଂଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଲଟେରି ମାଧ୍ୟମରେ ଦୋକାନ ଗୃହ ବଣ୍ଟନ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ସ୍ଥାନୀୟ ସିନିୟର ସିଟିଜନ ଆସେମ୍ବ୍ଲି ପକ୍ଷରୁ ଲୋଇସିଂହାରେ ଶ୍ମଶାନ ଗୃହ ନିର୍ମାଣ, ଲାଇବ୍ରେରୀ ଓ ପାଠାଗାର ନିର୍ମାଣ ପାଇଁ ସରକାରୀ ଜମି ଯୋଗାଇ ଦେବାକୁ ଦାବି କରାଯାଇଥିଲା। ଗତ ୫ ତାରିଖ ବିଧାନ ସଭାରେ ବିଭାଗୀୟ ମନ୍ତ୍ରୀ ଲୋଇସିଂହା ବିଜ୍ଞାପିତ ପରିଷଦ ଗଠନ ନେଇ ଜିଲା ପ୍ରଶାସନ ପାଖରୁ ତଥ୍ୟ ଆସି ନ ଥିବା କହିଥିଲେ। ଆଞ୍ଚଳିକ ବିକାଶ ପରିଷଦ ଆବାହକ ସରୋଜ ବିଶ୍ୱାଳ ଜିଲାପାଳଙ୍କୁ ସାକ୍ଷାତ କରି ଘଟଣା ଜଣାଇ ଥିଲେ। ଏହାପରେ ଜିଲାପାଳ ଗତ ୨୭ ଫେବୃୟାରୀ ୨୦୨୧ରୁ ସରକାରଙ୍କ ପାଖକୁ ତଥ୍ୟ ଯାଇଛି ବୋଲି କହିଥିଲେ। ହୀରାପୁର ଗାଁର ୬୮ ବର୍ଷର ସରକାରୀ ପ୍ରାଥମିକ ବିଦ୍ୟାଳୟ ଜମିକୁ ଗ୍ରାମର ଗୋଟିଏ ପରିବାର ଏବେ ଅକ୍ତିୟାର ଉଦ୍ୟମ କରିଥିବା ନେଇ ଶିବିରରେ ଆଭିଯୋଗ କରିଥିଲେ ଗ୍ରାମାବସୀ। ଏହି ଘଟଣାରେ ଜିଲା ଶିକ୍ଷା ଅଧିକାରୀ ଓ ରାଜସ୍ୱ ବିଭାଗ ତ୍ୱରିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ ଜିଲାପାଳ। ସେହିପରି ହୀରାପୁର ପଞ୍ଚାୟତର ଗ୍ରାମ୍ୟ କୃଷି କର୍ମଚାରୀ କାର୍ଯ୍ୟରେ ଅବହେଳାକୁ ନେଇ ସ୍ଥାନୀୟ ସରପଞ୍ଚ ରମାକାନ୍ତ ବିଶ୍ୱାଳ ତାଙ୍କର ବଦଳି ଦାବି କରିଥିଲେ ସରପଞ୍ଚ ବିଶ୍ୱାଳ। ବାଦିବାହଲ ପଞ୍ଚାୟତରୁ ବହୁ ବୃଦ୍ଧାବୃଦ୍ଧ ବାର୍ଦ୍ଧକ୍ୟ ଭତ୍ତା ଦାବି କରିଥିଲେ। ଶତାଧିକ ବ୍ୟକ୍ତି ରାଶନ କାର୍ଡ, ବିଜୁ ପକ୍କା ଘର ଓ ପ୍ରଧାନମନ୍ତ୍ରୀ ଆବାସ ପ୍ରଦାନ ଦାବି କରିଥିଲେ। ଏହି ଅବସରରେ ଜିଲାପାଳ ରାଣା କୁମେଇପାଲି ଗାଁର ବିକାଶ ସାହୁ, ସୁମିତ୍ରା ସାହୁଙ୍କୁ ଭିନ୍ନକ୍ଷମ ପ୍ରୋତ୍ସାହନ ରାଶି ବାବଦ ଅଢେଇ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ଲମ୍ବୋଦର ଧରୁଆ, ପିଡି ସୁଶାନ୍ତ ସିଂ, ଭାରପ୍ରାପ୍ତ ବିଡିଓ ବିଜୟ କୁମାର ହୋତା ଉପସ୍ଥିତ ଥିଲେ।





ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରେ ଜିଲାପାଳ,ଏସ୍‌ପି ଓ ଡିଏଫଓ।

**ଶ୍ରାବଣ ପ୍ରଥମ ସୋମବାରରେ ଶିବାଳୟରେ ଭିଡ଼**

ନାକଟିଦେଉଳ (ଡି.ଏନ୍.ଏ.): ଶ୍ରାବଣ ମାସ ପ୍ରଥମ ସୋମବାରରେ ନାକଟିଦେଉଳ ବ୍ଲକ ଅନ୍ତର୍ଗତ ବିଭିନ୍ନ ଶିବାଳୟରେ ଭକ୍ତଙ୍କ ଭିଡ଼ ଲାଗିଥିଲା। କାଉଡ଼ିଆ ଭକ୍ତ ବିଭିନ୍ନ ନଦୀରୁ ଜଳ ଉଠାଇ ଭାରରେ ବୋହି ଶିବମନ୍ଦିରରେ ପହଞ୍ଚି ମହାଦେବଙ୍କୁ ଲାଗି କରିଛନ୍ତି। ଏଥିସହିତ ପୂଜାର୍ଚ୍ଚନା କରି ଭକ୍ତିନୈବେଦ୍ୟ ଅର୍ପଣ କରିଛନ୍ତି। ଏଥିପାଇଁ ଶିବାଳୟରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ବ୍ଲକର ନାକଟିଦେଉଳସ୍ଥିତ କନକେଶ୍ୱର ମନ୍ଦିର, ବିନ୍ଧେଶ୍ୱର ମନ୍ଦିର, କୁଞ୍ଜାମୁରାସ୍ଥିତ ବିନଝେଶ୍ୱର ମନ୍ଦିରରେ କାଉଡ଼ିଆଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା।

## ସଂକ୍ଷେପରେ

### ପୃଥକ୍ ଦୁର୍ଘଟଣା: ଜଣଙ୍କ ମୃତ୍ୟୁ, ଜଣେ ଗୁରୁତର

**କୁଚିଣ୍ଡା,୧୮।୭(ଡି.ଏନ.ଏ.):** କୁଚିଣ୍ଡା ଥାନା ତେଲିଟିଲେଇମାଲ ନିକଟ କାପୁଟିକ୍ରା ଛକ ଠାରେ ସୋମବାର ଟାଟା ସଫାରି ସହ ବାଇକ୍‌ର ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ବାଇକ୍ ଚାଳକ ମହୁଲପାଲି ଥାନା ଗୁରୁଆଁ ଗ୍ରାମର ଶ୍ରୀକାନ୍ତ ପଟେଲ (୩୫)ଙ୍କ ମୃତ୍ୟୁ ଘଟିଛି। ଶ୍ରୀକାନ୍ତ କୁଚିଣ୍ଡାରୁ ନିଜ ଘରକୁ ଫେରୁଥିବା ବେଳେ ଏହି ଦୁର୍ଘଟଣା ହୋଇଥିଲା। ତାଙ୍କୁ ଚିକିତ୍ସା ପାଇଁ କୁଚିଣ୍ଡା ମେଡିକାଲ ଅଣାଯାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ପୋଲିସ ଥାନାରେ ଏକ ମାମଲା ରୁଜୁ କରି ବାଇକ୍ ଓ ଟାଟା ସଫାରି ଜବତ କରି ତଦନ୍ତ କରୁଛି। ଅପରାହ୍ନରେ ଅନ୍ୟ ଏକ ଘଟଣାରେ କୁଚିଣ୍ଡା ଫରେଷ୍ଟ ଅଫିସ ସମ୍ମୁଖରେ ଏକ କାର୍ (ଓଡି୧୫ଆର୯୯୩୬) ଧକ୍କାରେ ଜଣେ ସାଇକେଲ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ଥାନା ଆଇଆଇସି ଶୋଭାକର ସେଠ ଘଟଣାସ୍ଥଳରେ ପହଞ୍ଚି ଆହତ ବ୍ୟକ୍ତିଙ୍କୁ ମେଡିକାଲ ପଠାଇଥିଲେ। ପୋଲିସ କାର୍ ଜବତ ସହ କୁଚିଣ୍ଡା ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

### ବାଇକ୍ ଆରୋହୀଙ୍କୁ ଲୁଟି ୨ ଗିରଫ

**ରେଙ୍ଗାଲି,୧୮।୭(ଡି.ଏନ.ଏ.):** ସମ୍ବଲପୁର ଜିଲା କତରବଗା ଥାନା ଅନ୍ତର୍ଗତ ଭୋଇପାଲିରେ ବାଇକ୍ ଅରୋହୀଙ୍କୁ ଲୁଟି ୨ଜଣ ଗିରଫ ହୋଇଛନ୍ତି। ସେମାନେ ହେଲେ ରେଙ୍ଗାଲି ଥାନ ରମ୍ପେଲା ଗ୍ରାମର ନିରଞ୍ଜନ ମହାନନ୍ଦିଆ ଓ କତରବଗା ଥାନ ଖଡ଼ିଆପଡାର ମହାଦେବ ଖଡ଼ିଆ। ସେମାନଙ୍କଠାରୁ ପୋଲିସ ୩୫୦୦ ଟଙ୍କା, କମ୍ପାନୀ ଲୋଗୋ ଥିବା ବ୍ୟାଗ ଓ ଏକ ବାଇକ୍ (ଓଡି୨୩ଏ-୮୪୨) ଜବତ କରିଛି। ସୂଚନା ଅନୁସାରେ କୁଚିଣ୍ଡା ଅଞ୍ଚଳର ଶଶୀ ଜୟପୁରିଆ ଓ ରବି ରଞ୍ଜନ ଚୁରା ଓଁ ଆଗ୍ରୋରେ ସେଲ୍ସ ରିପ୍ରେଜେଣ୍ଟେଟିଭ ଭାବେ କାମ କରନ୍ତି। ୧୪ ତାରିଖ ସନ୍ଧ୍ୟାରେ ସେମାନେ ବାଇକ୍ ଯୋଗେ କୁଚିଣ୍ଡା ଫେରୁଥିବା ବେଳେ ଭୋଇପାଲିଠାରେ ଅଭିଯୁକ୍ତମାନେ ସେମାନଙ୍କଠାରୁ ଟଙ୍କା ଓ ସାମଗ୍ରୀ ଲୁଟିନେଇଥିଲେ। ଶଶୀ ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁକରି ତଦନ୍ତ କରିଥିଲା।

### ବକ୍ସମାଠାରେ ଶିଶୁ ସୁରକ୍ଷା ଖୋଲାମଞ୍ଚ

**କୁଚିଣ୍ଡା,୧୮।୭(ଡି.ଏନ.ଏ.):** କୁଚିଣ୍ଡା ବ୍ଲକ ବକ୍ସମା ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚାଇଲ୍ଡଲାଇନ ପକ୍ଷରୁ ଶିଶୁ ସୁରକ୍ଷା ସମ୍ପର୍କିତ ଖୋଲାମଞ୍ଚ ସୋମବାର ଅନୁଷ୍ଠିତ ହୋଇଯାଇଛି। ଚାଇଲ୍ଡଲାଇନ ଟିମ୍ ଲିଡ଼ର ତୃପ୍ତିମୟୀ ଦାଶ ଏଥିରେ ଅଧ୍ୟକ୍ଷତା କରି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷା ରିନି ସାହୁ, ୱାର୍ଡ ସଭ୍ୟା ଗୀତାଞ୍ଜଳି ବାଘ, ଆଶା କର୍ମୀ କଳ୍ପନା ପଶାୟତ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମୁରଲୀଧର ବ୍ରହ୍ମା ଓ ସିଆର୍‌ପି ମମତା ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶିଶୁ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ରାଜ୍ୟ ସରକାରଙ୍କ ଶିଶୁ ସୁରକ୍ଷା ଯୋଜନା ଓ ସମ୍ବଲପୁର ଜିଲା ଶିଶୁ ସୁରକ୍ଷା ୟୁନିଟ୍ ତତ୍ତ୍ୱାବଧାନରେ ଚାଲିଥିବା କାର୍ଯ୍ୟକ୍ରମ ସମ୍ବନ୍ଧରେ ଖୋଲାମଞ୍ଚରେ ଆଲୋଚନା ହୋଇଥିଲା। ଏହାଛଡା କିଶୋରୀ ବାଳିକାଙ୍କ ସ୍ୱାସ୍ଥ୍ୟ, ପୌଷ୍ଟିକ ଖାଦ୍ୟ ସମ୍ପର୍କରେ ଟିମ୍ ଲିଡ଼ର ଦାଶ ଅବଗତ କରିଥିଲେ।

### ଶିବାଳୟରେ ଭିଡ଼

**ସମ୍ବଲପୁର,୧୮।୭(ବ୍ୟୁରୋ):** ଶ୍ରାବଣ ପ୍ରଥମ ସୋମବାରରେ ସମ୍ବଲପୁରର ସମସ୍ତ ଶିବାଳୟରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହିଥିଲା। ମନ୍ଦିର ଟ୍ରଷ୍ଟ ଓ ବିଭିନ୍ନ ସମାଜିକ ଅନୁଷ୍ଠାନ ପକ୍ଷରୁ କାଉଡିଆଙ୍କ ପାଇଁ ସୁବିଧା କରାଯାଇଥିଲା। ରାତିରୁ କାଉଡିଆମାନେ ଜଳ ନେଇ ମନ୍ଦିର ଗେଟ୍‌ରେ ଧାଡ଼ିରେ ଛିଡା ହୋଇଥିଲେ। ପୂଜା ସରିବା ପରେ ସାଧାରଣ ଦର୍ଶନ ପାଇଁ ଖୋଲାଯାଇଥିଲା। ଶୈବପୀଠ ମାନେଶ୍ୱର ମାନଧାତା ବାବା, ହୁମା ବିମଳେଶ୍ୱର ବାବା, ବାଲିବନ୍ଧା ସୋମନାଥ ବାବା, ବାଲୁଙ୍କେଶ୍ୱର ବାବା, ତାରକେଶ୍ୱର ବାବା, ମୁକ୍ତେଶ୍ୱର ବାବା ପୀଠରେ ଭକ୍ତଙ୍କ ସମାଗମ ହୋଇଥିଲା।



ଛାତ୍ରୀଛାତ୍ରମାନେ ଚିତ୍ରକଳା ପ୍ରଦର୍ଶନୀ ବୁଲି ଦେଖୁଛନ୍ତି।

# ଚିତ୍ରକଳାରେ ନିଜକୁ ପ୍ରତିଷ୍ଠିତ କରିବାକୁ ପରାମର୍ଶ

**ସମ୍ବଲପୁର,୧୮।୭(ବ୍ୟୁରୋ)**

**ରାଜ୍ୟସ୍ତରୀୟ ପ୍ରଦର୍ଶନୀ ସପ୍ତରଙ୍ଗ ଉଦ୍‌ଘାଟିତ**

ଓଡ଼ିଶା ଲଳିତ କଳା ଏକାଡେମୀ, ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶା ଲଳିତ କଳା ଏକାଡେମୀର ଆଞ୍ଚଳିକ ଆର୍ଟ ଗ୍ୟାଲେରୀ (ବଡବଜାର ଶହୀଦ ସ୍ମୃତି ଭବନ) ସମ୍ବଲପୁରଠାରେ ସପ୍ତରଙ୍ଗ ଶୀର୍ଷକ ପ୍ରଦର୍ଶନୀ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ସମ୍ବଲପୁର ଜିଲାପାଳ ଅନନ୍ୟା ଦାସ ଯୋଗଦେଇ ପ୍ରଦର୍ଶନୀ ଉଦ୍‌ଘାଟନ କରିଥିଲେ। ଚିତ୍ରକଳା ଦେଖି ଜିଲାପାଳ ଶିଳ୍ପୀମାନଙ୍କୁ ଉତ୍ସାହିତ କରିବା ସହତ ଚିତ୍ରକଳା କ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରି ଦେଶ ବିଦେଶରେ ପହଞ୍ଚାଇବାକୁ ପରାମର୍ଶ ଦେଇଥିଲେ। ଅଧିକ ଛାତ୍ରୀଛାତ୍ର, ଜନସାଧାରଣ ଆର୍ଟ ଗ୍ୟାଲେରୀକୁ ଆସି ଚିତ୍ରକଳା ଦେଖି କଳାକୁ ଉପଭୋଗ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଚିତ୍ରଶିଳ୍ପୀମାନେ ଜିଲାପାଳଙ୍କ ଫଟୋଚିତ୍ର ପ୍ରଦାନ କରିଥିଲେ। ଲଳିତକଳା ଏକାଡେମୀ ସଚିବ ପଞ୍ଚାନନ ସାମଲ ଅତିଥିଙ୍କୁ ସ୍ୱାଗତ କରିଥିଲେ। ସେ ପ୍ରଦର୍ଶନୀ ଆଭିମୁଖ୍ୟ ସମ୍ପର୍କରେ କହିଥିଲେ ଯେ, ଏହା ଦ୍ୱାରା ଆଞ୍ଚଳିକ ଶିଳ୍ପୀ ମାନଙ୍କର ଶିଳ୍ପ କ୍ଷେତ୍ରରେ ଉନ୍ନତି ହେବା ସହ ଅନ୍ୟାନ୍ୟ କ୍ଷେତ୍ରରେ ଉନ୍ନତି ହୋଇପାରିବ। ପ୍ରଦର୍ଶନୀରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଚିତ୍ରଶିଳ୍ପୀ ଯୋଗ ଦେଇଥିଲେ। ରୁକ୍ମଣୀବଲ୍ଲଭ ପ୍ରଧାନ, ବିଷ୍ଣୁ ପ୍ରସାଦ ନାୟକ, ମନୀଷା ଦାସ, ସୁଦର୍ଶନ ନାଗ, ଦେବନାରୀ ମାରୀ, ସୁବ୍ରତ ମଲ୍ଲିକ, ଦୁର୍ଗା ପ୍ରସାଦ ଦାସ, ବିଷ୍ଣୁପଦ ସେନାପତି, ରୂପକଳ୍ପ ବାରିକ, ବିନୋଦ କୁମାର ଭୂୟାଁ, ଶଶିକାନ୍ତ ରାଉତ, ମିନାକ୍ଷୀ ମିଶ୍ର, ସରୋଜ ପଟେଲ, ଦୀପକ କୁମାର ମହାନ୍ତ, କେଦାର ନାୟକ, ଅଞ୍ଜନ କୁମାର ସାହୁ, ଦୀପକ କୁମର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକିର ମୋହନ ମାଝି, ଜିଲା ସଂସ୍କୃତି ଅଧିକାରୀ ଦୀପକ କୁଲୁ, ନମିତା କୁମାରୀ ପଟ୍ଟନାୟକ, ବିଦ୍ୟାପତି ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସହାୟତା କରିଥିଲେ। ଏହି ପ୍ରଦର୍ଶନୀ ଅଗଷ୍ଟ ୧ ତାରିଖ ପର୍ଯ୍ୟନ୍ତ ଚାଲିବ।

# ‘ସମ୍ବଲପୁରର ବିକାଶ ପାଇଁ ସରକାରଙ୍କ ଆନ୍ତରିକତା ନାହିଁ’

**ସମ୍ବଲପୁର,୧୮।୭ (ବ୍ୟୁରୋ)**

ବିଧାନସଭାର ପ୍ରଶ୍ନକାଳ ସମୟରେ ସୋମବାର ରେଙ୍ଗାଲି ବିଧାୟକ ତଥା ଭାଜପା ରାଜ୍ୟ ଉପସଭାପତି ନାଉରୀ ନାୟକ ସମ୍ବଲପୁରରେ କମିଶନରେଟ ପୋଲିସ ବ୍ୟବସ୍ଥା ଲାଗୁ କରିବାରେ ବିଳମ୍ବ ନେଇ ପ୍ରଶ୍ନ କରିଥିଲେ। ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ଏହି ବ୍ୟବସ୍ଥା ଲାଗୁ କରିବା ନେଇ ବିଚାରାଧୀନ ରହିଛି ବୋଲି ଉତ୍ତର ଦେଇଥିଲେ। ଏହାକୁ ନେଇ ଜିଲାର ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଛି। ବିଧାୟକ ନାୟକ କହିଛନ୍ତି, ପଶ୍ଚିମଓଡ଼ିଶାର ପ୍ରଶାସନିକ ଓ ବ୍ୟବସାୟୀକ କେନ୍ଦ୍ରସ୍ଥଳୀ ହେଉଛି ସମ୍ବଲପୁର। ରାଜ୍ୟ ସରକାର ହାଇକୋର୍ଟ ସ୍ଥାୟୀ ବେଞ୍ଚ ନେଇ ସ୍ୱଷ୍ଟ କରୁ ନ ଥିବାବେଳେ ସମ୍ବଲପୁର ମହାନଗର ନିଗମରେ ନିର୍ବାଚନ ନ କରି ଅବହେଳା କରୁଛନ୍ତି। ମହାନଗର ଘୋଷଣାକୁ ୮ବର୍ଷ ବିତିଯାଇଥିଲେ ମଧ୍ୟ କମିଶନରେଟ ପୋଲିସ ବ୍ୟବସ୍ଥା ଲାଗୁ କରୁ ନାହାନ୍ତି। ସେହିପରି ବିକାଶ ପ୍ରସଙ୍ଗ କେବଳ ଘୋଷଣାରେ ସୀମିତ ରହୁଛି। ସରକାରୀ ନାଲିଫିତା ତଳେ ପଡିରହିଛି ସମ୍ବଲପୁରବାସୀଙ୍କ ସ୍ୱପ୍ନ ଓ ଆଶା। ୨୦୧୪ ସାଧାରଣ ନିର୍ବାଚନ ପୂର୍ବରୁ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଆନ୍ଦୋଳନ ଶୀର୍ଷରେ ରହିଥିଲା। ଆନ୍ଦୋଳନକୁ ପ୍ରଶମିତ କରିବା ପାଇଁ ରାଜ୍ୟ ସରକାର ଚକ୍ରାନ୍ତ କରିଥିଲେ। ସମ୍ବଲପୁର ପୌର ପରିଷଦକୁ ମହାନଗର ନିଗମ ଓ ଆରକ୍ଷୀ ଅଧୀକ୍ଷକ ପୋଲିସ ବ୍ୟବସ୍ଥାକୁ କମିଶନରେଟ ପୋଲିସ ବ୍ୟବସ୍ଥାରେ ପରିବର୍ତ୍ତନ କରାଗଲା ବୋଲି ଘୋଷଣା କରିଥିଲେ। ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାର ପାଖକୁ ଏକ ଅସମ୍ପୂର୍ଣ୍ଣ ପତ୍ର ଲେଖି ଆନ୍ଦୋଳନକୁ ସ୍ଥଗିତ କରାଇ ଦେଇଥିଲେ। ଆଠବର୍ଷ ବିତିଥିଲେ ସୁଦ୍ଧା ସମ୍ବଲପୁରବାସୀ ମହାନଗର ନିଗମ କିମ୍ବା କମିଶନରେଟ ପୋଲିସ ବ୍ୟବସ୍ଥାର ସୁଫଳ ନେଇପାରୁନାହାନ୍ତି। ସେହିଭଳି ୨୦୧୪ରୁ ୨୦୧୯ ମଧ୍ୟରେ ଅନେକ ପ୍ରକଳ୍ପ ଶିଳାନ୍ୟାସ ହୋଇଥିଲେ ମଧ୍ୟ ଅଧିକାଂଶ ପ୍ରକଳ୍ପ ଅଧାରେ ବନ୍ଦ ହୋଇଯାଇଛି। ତେଣୁ ସମ୍ବଲପୁରର ବିକାଶ ପାଇଁ ସରକାରଙ୍କ ଆନ୍ତରକିତା ନ ଥିବା ଏଥିରୁ ସ୍ୱଷ୍ଟ ହେଉଥିବା ବିଧାୟକ ନାୟକ କହିଛନ୍ତି।

# ଭାଲୁ ଆକ୍ରମଣରେ ପୁଣି ଜଣେ ଗୁରୁତର



ଆହତ କବି।

**ନାକଟିଦେଉଳ,୧୮।୭(ଡ଼ି.ଏନ.ଏ.)**

ନାକଟିଦେଉଳ ବନାଞ୍ଚଳ ବାଟଗାଁ ଫରେଷ୍ଟ ସେକ୍ସନ ଅନ୍ତର୍ଗତ ଜାମୁଯୋରୀ ଗ୍ରାମର ଜଣେ ବ୍ୟକ୍ତି ସୋମବାର ଭାଲୁ ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ କବି ମାଝି (୫୦)। ସୂଚନା ଅନୁସାରେ କବି ସକାଳୁ ଜାମୁଯୋରୀ–ଗଦାଧରପୁର ସୀମାରେ ଥିବା ଟିଙ୍ଗୁଡ଼ିଝରଣ ଜଙ୍ଗଲକୁ ନିଜର ପିଲାଛୁଆ ଓ ଗ୍ରାମର ଅନ୍ୟ କେତେଜଣ ଲୋକଙ୍କ ସହ ମିଶି ଛତୁ ସଂଗ୍ରହ କରିବାକୁ ଯାଇଥିଲେ। ଏହି ସମୟରେ ଏକ ଜଙ୍ଗଲୀ ଭାଲୁ ସହ କବି ମୁହାଁମୁହିଁ ହୋଇଥିଲେ। ସେ ଖସି ପଳାଇବାକୁ ଉଦ୍ୟମ କରିଥିଲେ ମଧ୍ୟ ଭାଲୁଟି ଦୌଡ଼ିଆସି ତାଙ୍କୁ କାମୁଡ଼ି ଦେଇଥିଲା। ଚିତ୍କାର ଶୁଣି ଅନ୍ୟମାନେ ଚାଲିଆସିବାରୁ ଭାଲୁଟି ସେଠାରୁ ପଳାଇ ଯାଇଥିଲା। ତେବେ କ୍ଷତବିକ୍ଷତ ଅବସ୍ଥାରେ କବିଙ୍କୁ ଗଦାଧରପୁର ଗ୍ରାମବାସୀଙ୍କ ସହାୟତାରେ ଆମ୍ବୁଲାନ୍ସ ଯୋଗେ ନାକଟିଦେଉଳ ଡ଼ାକ୍ତରଖାନା ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବୁର୍ଲା ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି।

**ନାକଟିଦେଉଳ ବନାଞ୍ଚଳ**

**■୪ ମାସରେ ୪ ଆହତ**

ସୂଚନାଯୋଗ୍ୟ ଯେ, ଗତ ୪ମାସ ମଧ୍ୟରେ ନାକଟିଦେଉଳ ବନାଞ୍ଚଳ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ୪ଜଣ ଭାଲୁ ଆକ୍ରମଣର ଶିକାର ହୋଇଛନ୍ତି। ଗତ ଏପ୍ରିଲ ୪ରେ ରାଇଲ ଫରେଷ୍ଟ ସେକ୍ସନ ଅନ୍ତର୍ଗତ ରାଇଲ ଗ୍ରାମର ଲିଜା ଦେହୁରି (୧୯) ନାମ୍ନୀ ଜଣେ ମହିଳା କେନ୍ଦୁପତ୍ର ତୋଳିବାକୁ ଯାଇ ଭାଲୁ ଆକ୍ରମଣରେ ଆହତ ହୋଇଥିଲେ। ଚଳିତ ମାସ ୧୧ତାରିଖରେ ସେହି ରାଇଲ ଗ୍ରାମର ଜୟନ୍ତି ଅଛି ନାମ୍ନୀ ମହିଳା ଗାଁ ମୁଣ୍ଡ ସୁଦସାହି ଆମ୍ବତୋଟାକୁ ଛତୁ ତୋଳିବାକୁ ଯାଇଥିବା ବେଳେ ଭାଲୁ ହାବୁଡରେ ପଡି ଆହତ ହୋଇଥିଲେ। ସେହିପରି ଗତ ମେ’ ୨୨ରେ ବାଟଗାଁ ଫରେଷ୍ଟ ସେକ୍ସନ ଅନ୍ତର୍ଗତ ଚଡ଼ଚଡ଼ି ଗ୍ରାମର ରମେଶ ପ୍ରଧାନ(୫୦) ଜଙ୍ଗଲରୁ ଫେରୁଥିବା ବେଳେ ଭାଲୁ ଆକ୍ରମଣର ଶିକାର ହୋଇଥିଲେ। ବନବିଭାଗ ପକ୍ଷରୁ ଏ ନେଇ ଲୋକଙ୍କୁ ସଚେତନ କରିବା ଆବଶ୍ୟକ ବୋଲି ସାଧାରଣରେ ମତପ୍ରକାଶ ପାଇଛି।



ସମ୍ବଲପୁର ଏସ୍‌ପି ଅଫିସ ସମ୍ମୁଖରେ ସୋମବାର ଜଣେ ଆଇନଜୀବୀ କାର୍ ଚଢାଇ ଶ୍ୱଶୁର ଘର ପରିବାର ସଦସ୍ୟଙ୍କୁ ହତ୍ୟା ଉଦ୍ୟମ କରୁଥିବାର ସିସିଟିଭି ଦୃଶ୍ୟ।

## ରେଙ୍ଗାଲିରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି

**ରେଙ୍ଗାଲି,୧୮।୭(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକରେ ସୋମବାର ବହୁବର୍ଷ ପରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ୧୬ ପଞ୍ଚାୟତରୁ ୩୮ଟି ଅଭିଯୋଗ ଆସିଥିଲା। ବ୍ଲକ ଅଧ୍ୟକ୍ଷ ତହସିଲ ଛକରୁ ରାମଚନ୍ଦ୍ର ନଗର ପର୍ଯ୍ୟନ୍ତ ଯାଇଥିବା ରାସ୍ତାରେ ଷ୍ଟ୍ରିଟ ଲାଇଟ୍ ଲଗାଇବା, ଜିଲା କଂଗ୍ରେସ ସମ୍ପାଦକ ସୁବାସ ବିଶ୍ୱାଳ ଏସ୍‌ଡ଼ିଏ ଦ୍ୱାରା ଅର୍ଦ୍ଧନିର୍ମିତ ମଡେଲ ପାର୍କ ସମ୍ପୂର୍ଣ୍ଣ କରିବା ନେଇ ଅଭିଯୋଗ କରିଥିଲେ। ଶିବିରରେ ସମ୍ବଲପୁର ଜିଲାପାଳ ଅନନ୍ୟା ଦାସ, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ କୁମାର ବଳ, ସିଡିଏମ୍‌ଓ ଅଶୋକ ଦାସ, ରେଙ୍ଗାଲି ବିଡ଼ିଓ ଶଙ୍କର ପ୍ରସାଦ ଦାସ, ବ୍ଲକ ଅଧ୍ୟକ୍ଷ ସତ୍ୟନାରାୟଣ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳଙ୍କ ଆସିବାରେ ବିଳମ୍ବ ହେବାରୁ ପିଡ଼ି ଡିଆର୍‌ଡିଏ ଅଭିଯୋଗର ଶୁଣାଣି କରିଥିଲେ।

## ବେଆଇନ ଗଞ୍ଜେଇ କାରବାର, ମହିଳା ଗିରଫ

**ଦେବଗଡ଼,୧୮।୭(ଡି.ଏନ୍.ଏ.)**

ଦେବଗଡ଼ ଜିଲା ରିଆମାଳ ଥାନା ଅନ୍ତର୍ଗତ ରେଙ୍ଗାଲବାହାଲ ଗ୍ରାମରେ ବେଆଇନ ଗଞ୍ଜେଇ କାରବାର ଅଭିଯୋଗରେ ଜଣେ ମହିଳା ଗିରଫ ହୋଇଛନ୍ତି। ଗିରଫ ମହିଳା ହେଲେ ଉକ୍ତ ଗ୍ରାମର ମଞ୍ଜୁ ସାହୁ। ବିଶ୍ୱସ୍ତ ସୂଚନା ଆଧାରରେ ଅବକାରୀ ବିଭାଗ ଚଢ଼ାଉ କରି ମଞ୍ଜୁଙ୍କୁ ଗିରଫ କରିଥିଲା। ତାଙ୍କଠାରୁ ୫ କେଜି ଗଞ୍ଜେଇ ଜବତ କରାଯାଇଥିବା ଅବକାରୀ ନିରୀକ୍ଷକ ମଧୁସୂଦନ ସାହୁ ସୂଚନା ଦେଇଛନ୍ତି ।

# ଶିଶୁ ବିକାଶ ବିଦ୍ୟାମନ୍ଦିରରେ ମାତୃପିତୃ ସଚେତନତା ଶିବିର

**ଝାରସୁଗୁଡା ଅଫିସ, ୧୮।୭**

ଭାରତୀୟ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ ଓଡିଶା ବିଦ୍ୟାବିକାଶ ନୂଆଦିଲ୍ଲୀ ସହିତ ସହବନ୍ଧିତ ପଞ୍ଚପଡ଼ା ଶିଶୁ ବିକାଶ ବିଦ୍ୟା ମନ୍ଦିରରେ ମାତୃପିତୃ ଶିକ୍ଷା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଝାରସୁଗୁଡ଼ା ବ୍ଲକ ପୂର୍ବତନ ସହକାରୀ ଶିକ୍ଷା ଅଧିକାରୀ ସୂର୍ଯ୍ୟମଣି ଦନେଇ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶିକ୍ଷା କ୍ଷେତ୍ରରେ ପିତାମାତାଙ୍କ ଗୁରୁଦାୟିତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦେବାଡିହି ଗଣେଶଚନ୍ଦ୍ର ସରକାରୀ ଉ.ପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ତାପସ ମିଶ୍ର, ଶିକ୍ଷୟିତ୍ରୀ ମଞ୍ଜୁଲତା ପଟେଲ ଓ କାପୁମାଲ ଶିକ୍ଷାଞ୍ଚଳର ସମାଜସେବୀ ସନ୍ତୋଷ ରକ୍ସା ସମ୍ମାନିତ ଅତିଥି ଭାବରେ ମଞ୍ଚାସୀନ ଥିଲେ। ଏନେଇ ପ୍ରଧାନ ଶିକ୍ଷକ ମିଶ୍ର ମାଆ, ବାପା ଶିଶୁଙ୍କର କିପରି ପ୍ରଥମ ଗୁରୁ ତାହା ଉପସ୍ଥାପନ କରିଥିଲେ। ସମ୍ମାନିତ ଅତିଥି ରକ୍ସା ନିଜ ଭାଷଣରେ ଏହି ଶିକ୍ଷା ସଚେତନତା ଶିବିର ଆଗାମୀ ଦିନରେ ସମାଜକୁ ପ୍ରେରଣା ଦେଇପାରିବ ବୋଲି କହିଥିଲେ। ବିଦ୍ୟାଳୟର ସମ୍ପାଦକ ଦିଗାମ୍ବର ମାଝି ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । ବିଦ୍ୟାଳୟର ଶୈକ୍ଷିକ କମିଟିର ପୂର୍ବତନ ବ୍ଲକ ଶିକ୍ଷା ଅଧିକାରୀ କ୍ଷୀରୋଦ୍ର ପ୍ରଧାନ, ରୂପାନନ୍ଦ ଚୌଧୁରୀ, ସୁରଜ ପଟେଲ, ଜୟଶଙ୍କର ପଟେଲ ଓ ଅନ୍ନପୂର୍ଣ୍ଣା ପୂଝାରୀ ଉପସ୍ଥିତ ଥିଲେ। ଶିବିରରେ ପ୍ରିୟଙ୍କା ସାହୁ, ଆର୍ଯ୍ୟ ପଟେଲ, ଝରଣା ସୁନାନୀ, ତାରିଣୀପ୍ରିୟା ମହାନ୍ତି, ବର୍ଷାରାଣୀ ନାୟକ, ରଞ୍ଜିତା ନାଏକ, ଚନ୍ଦ୍ରିକା କିଷାନ ଆଦି ଶୈକ୍ଷିକ କଳାଂଶ ରଖିଥିଲେ। ଗୁରୁମା ଚନ୍ଦ୍ରିକା କିଷାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିବିରରେ ବିଦ୍ୟାଳୟରେ ୧୦୩ଜଣ ପିତାମାତା ଯୋଗଦାନ କରିଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ଶିଶୁ ସୃଷ୍ଟି ସିଂହ, ସମୀର କାଲୋ, ଶ୍ରୀକ୍ରିଷ୍ଣା ମାଝି, ଆଦିତି ନଈ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ରୂପାଲୀ ବାଗ ଓ ଲଭଲି ପଟେଲ ନୃତ୍ୟ ପରିବେଷଣ କରି ମାତା ପିତାଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ ।

## ବ୍ୟଙ୍ଗ ଫଟୋଚିତ୍ର ଲଗାଇ କଂଗ୍ରେସର ସମାଲୋଚନା

**ସମ୍ବଲପୁର,୧୮।୭(ବ୍ୟୁରୋ)**

ସମ୍ବଲପୁର ଜିଲା ଯୁବ କଂଗ୍ରେସ ପକ୍ଷରୁ ନିଆରା ଢଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସମାଲୋଚନା କରାଯାଇଛି। ସେମାନେ ପ୍ରଥମେ ତାଙ୍କ ବ୍ୟଙ୍ଗ ଫଟୋଚିତ୍ର ଥିବା ହୋଡିଂ ସହରର ବିଭିନ୍ନ ଛକରେ ଲଗାଇଥିଲେ। ପରେ ରାଲି କରିବା ସହ ସମାଲୋଚନା କରି ସ୍ଲୋଗାନ ଦେଇଥିଲେ। ହୋଡିଂରେ ୧ ଡଲାର ବଳଦରେ ୮୦ ଟଙ୍କା ଲେଖା ରହିଛି। ଭାରତୀୟ ମୁଦ୍ରା ହ୍ରାସ ପାଇଥିବାବେଳେ ଦେଶର ଅର୍ଥନୀତି ଶୋଚନୀୟ ହୋଇପଡିଛି ବୋଲି ଅଭିଯୋଗ କରିଥିଲେ। ଯୁବ କଂଗ୍ରେସର ଆଶୁତୋଷ ସ୍ୱାଇଁ, ମୁକେଶ ଶର୍ମା, ଯୋଗେଶ ବାଗ, ନୀଳକଣ୍ଠ ମେସୁଆ, ବିକାଶ ବେହେରା, ଅଶ୍ୱିନୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**କୁଚିଣ୍ଡା,୧୮।୭(ଡି.ଏନ.ଏ.)**

କୁଚିଣ୍ଡା ଟାଉନ ହଲଠାରେ ସୋମବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଡ଼ା. ପି.କେ. ଦାଶ, ଡ଼ା. ସୀମା ରାୟ, ଡା. ମଞ୍ଜୁଲତା ଦାଶ, ଡା. ସୁଲତା ପଟେଲ, ଡା. ଓମ୍ ପ୍ରକାଶ ସିଂ ସାମନ୍ତ, ଡ଼ା. ଜି.ଡ଼ି. ପଣ୍ଡା ପ୍ରମୁଖ ଯୋଗଦେଇ ଭିନ୍ନକ୍ଷମ ରୋଗୀଙ୍କ ପରୀକ୍ଷା କରିଥିଲେ। ବିଭିନ୍ନ ପଞ୍ଚାୟତରୁ ୨୦୦ ଶହରୁ ଉର୍ଦ୍ଧ୍ୱ ମହିଳାପୁରୁଷ ଓ ଶିଶୁ ଯୋଗଦେଇଥିଲେ। ଉପସ୍ଥିତ ଡାକ୍ତରମାନେ ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ସେମାନଙ୍କ ମଧ୍ୟରୁ ୬୯ ଜଣଙ୍କୁ ଭିନ୍ନକ୍ଷମ ଭାବେ ଚିହ୍ନଟ କରିଥିଲେ।



ସମ୍ବଲପୁର ମାନଧାତା ବାବା ମନ୍ଦିରରେ ଭକ୍ତଙ୍କ ଗହଳି।

# ବିପଦସଙ୍କୁଳ ଅଙ୍ଗନୱାଡ଼ି କୋଠା

**ଜମନକିରା,୧୮।୭(ଡି.ଏନ.ଏ.)**

ସରକାର ଆଇସିଡିଏସ୍ ବିଭାଗ ଜରିଆରେ ମା’ ଓ ଶିଶୁର ଯତ୍ନ ସହ କୁନି ପିଲାଙ୍କୁ ସ୍କୁଲ ଯିବା ପୂର୍ବରୁ ଅଙ୍ଗନବାଡ଼ି କେନ୍ଦ୍ରରେ ପଢ଼ା ବ୍ୟବସ୍ଥା କରିଛନ୍ତି। ଏଥିପାଇଁ ପ୍ରତ୍ୟେକ ରାଜସ୍ୱ ଗ୍ରାମର ୱାର୍ଡ ସ୍ତରର ଗୋଟିଏ ଲେଖାଏ ଅଙ୍ଗନୱାଡ଼ି କେନ୍ଦ୍ର ଖୋଲାଯାଇ ଶିଶୁଙ୍କୁ ଖେଳକୁଦ ମାଧ୍ୟମରେ ପାଠ ପଢ଼ାଇବା ସହ ଗର୍ଭବତୀଙ୍କୁ ପୂର୍ବ ଓ ପର ସମୟରେ ଯତ୍ନ ନେଇ ପୁଷ୍ଟିକର ଖାଦ୍ୟ ଯୋଗାଇ ଦିଆଯାଉଛି। ହେଲେ ଜମନକିରା ବ୍ଲକରେ ଅନେକ ଅଙ୍ଗନୱାଡ଼ି କୋଠା ବ୍ୟବହାର ଉପଯୋଗୀ ହୋଇ ରହିନାହିଁ। ଏମିତି ଏକ କେନ୍ଦ୍ର ଜମନକିରା ସଦର ମହକୁମା ଜଗନ୍ନାଥପଡ଼ାରେ ରହିଛି। ଜମନକିରା କେନ୍ଦ୍ର–୧ କୋଠା ବିପଦସଙ୍କୁଳ ଅବସ୍ଥାରେ ରହିଛି। ସାମାନ୍ୟ ବର୍ଷା ହେଲେ ଛାତରୁ ପାଣି ଗଳୁଛି। ଗୃହ ମଧ୍ୟରେ ପାଣି ଜମା ହୋଇ ରହୁବା ଫଳରେ ସମସ୍ତ ଆସବାପତ୍ର, ଖାତା ବହି ଓ ଅନ୍ୟାନ୍ୟ ସାମଗ୍ରୀ ଭିଜି ଯାଉଛି। କୋଠା ବ୍ୟବହାର ଉପଯୋଗୀ ନ ଥିବାରୁ ଅଙ୍ଗନୱାଡ଼ି କର୍ମୀ ବାଧ ହୋଇ ନିଜ ଘରେ ଛୁଆଙ୍କୁ ବସାଉଛନ୍ତି। କେନ୍ଦ୍ରରେ ୧୨ ଜଣ ଶିଶୁ ରହିଥିବାବେଳେ କର୍ମୀ ନିଜ ଘରେ ରୋଷେଇ କରି ଖାଇବାକୁ ଦେବାକୁ ବାଧ ହେଉଛନ୍ତି। କେନ୍ଦ୍ରରେ ହେବାକୁ ଥିବା ମମତା କାର୍ଯ୍ୟକ୍ରମ ମଧ୍ୟ ଅଗଣାରେ ହେଉଛି। ଫଳରେ ମା’ ଓ ଗର୍ଭବତୀ ମହିଳାମାନେ ସଂକୋଚ ବୋଧ କରୁଛନ୍ତି। କୋଠା ଅବସ୍ଥା ଶୋଚନୀୟ ଥିବାରୁ କେତେବେଳେ ଗଳିପଡ଼ିବ ତାହା କହିବା ମୁସ୍କିଲ। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀ ଅବଗତ ଥିଲେ କୌଣସି ପଦକ୍ଷେପ ନେଉ ନ ଥିବାରୁ ପଡ଼ାବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ସିଡିପିଓ ଜୟଶ୍ରୀ ପଟ୍ଟନାୟକ କହନ୍ତି, ଏହି ଅଙ୍ଗନୱାଡି କେନ୍ଦ୍ରର ନୂତନ ଗୃହ ନିର୍ମାଣ ପାଇଁ ବିଡିଓଙ୍କୁ ଲିଖିତ ଅବଗତ କରାଯାଇଥିଲା। ବିଡିଓ ଗୁନୁ ମେହେରଙ୍କୁ ପଚାରିବାରୁ ମରାମତି ପାଇଁ ବିଭାଗୀୟ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି।

**ଘରେ ଚାଲିଛି ପାଠପଢ଼ା**




ବିପଦସଙ୍କୁଳ ଅଙ୍ଗନୱାଡ଼ି କେନ୍ଦ୍ର।

## ସଂକ୍ଷେପରେ

### ଦାୟିତ୍ୱ ଗ୍ରହଣ କଲେ ପାକ୍ସ ସଭାପତି



**ବାଉଁଶୁଣୀ, ୧୮।୭(ଡି.ଏନ.ଏ.):** ବୌଦ୍ଧ ବ୍ଲକ ବହିରା ସେବା ସମବାୟ ସମିତି(ପାକ୍ସ) ସଭାପତି ଭାବେ ପୟୋଧର ମହାକୁଳ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ସମୟରେ ସେବା ସମବାୟ ସମିତିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ବୌଦ୍ଧ ପଞ୍ଚାୟତ ସମିତି ଅଧକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ସମିତିର ପରିଚାଳନା ସଭ୍ୟ ସୁଶାନ୍ତ ବାଘ, ବିପିନ ବିହାରୀ ଦାଶ, ଖଟାଙ୍ଗ ମହାକୁଳ, ପଞ୍ଚାନନ ସାହୁ, ଯୀଶୁ ପଧାନ, ଅନିରୁଦ୍ଧ ଉର୍ମା, ପ୍ରତାପ ବାରିକ, ସତ୍ୟ ନାରାୟଣ ନାଏକ, ପ୍ୟାରୀ ମୋହନ ନାୟକ, ପୂର୍ଣ୍ଣଚନ୍ଦ୍ର କର୍ଣ୍ଣ ଓ ସେବା ସମବାୟ ସମ୍ପାଦକ ପ୍ରଦୀପ ପାତ୍ର ଉପସ୍ଥିତ ଥିଲେ।

### ଜିଲାପାଳଙ୍କ ଅଭିଯୋଗ ଶୁଣାଣି

**ବରଗଡ଼ ଅଫିସ୍,୧୮।୭:** ବରଗଡ଼ ଜିଲାପାଳ କାର୍ଯ୍ୟାଳୟରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲାପାଳ ମୋନିଷା ବାନାର୍ଜୀ, ଏସ୍‌ପି ସ୍ମିତ୍ ପି. ପରମାର୍ ଏବଂ



ଅନ୍ୟ ଜିଲାସ୍ତରୀୟ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ। ଏଥିରେ ୩୮ ଅଭିଯୋଗର ଶୁଣାଣି କରି ଜିଲାପାଳ ସେ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ।

### ହାଇସ୍କୁଲ ଛାତ୍ରୀ କରୋନା ପଜିଟିଭ ଚିହ୍ନଟ

**ଦେଓଗାଁ,୧୮।୭(ଡି.ଏନ.ଏ):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ଏକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜଣେ ଛାତ୍ରୀ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସୋମବାର ବିଦ୍ୟାଳୟରେ ପ୍ରାର୍ଥନା ଚାଲିଥିବା ସମୟରେ ଛାତ୍ରୀ ଜଣକ ହଠାତ ପଡି ଯାଇଥିଲେ । ତାଙ୍କୁ ତୁରନ୍ତ ଦେଓଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ପୂର୍ବରୁ ଛାତ୍ରୀଙ୍କୁ ଜ୍ୱର ହେଉଥିବାବେଳେ କରୋନା ପରୀକ୍ଷା ପାଇଁ ଡାକ୍ତର ପରାମର୍ଶ କରିଥିଲେ । କୋଭିଡ ଟେଷ୍ଟ ପରେ ପଜିଟିଭ ଚିହ୍ନଟ ହୋଇଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର କର୍ମଚାରୀ ପରକ୍ଷିତ ବେଜ ସୂଚନା ଦେଇଛନ୍ତି। ଜଣେ ଛାତ୍ରୀ କୋଭିଡ ପଜିଟିଭ ଚିହ୍ନଟ ପରେ ଏହି ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଓ ପରିବାର ବର୍ଗଙ୍କୁ ତୁରନ୍ତ କୋଭିଡ ପରୀକ୍ଷା କରି ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହେଉଛି ।

# ସ୍କୁଲରେ ତାଲା ପକାଇଲେ ଅଭିଭାବକ

**ଅତାବିରା,୧୮।୭(ଡି.ଏନ.ଏ)**

ବରଗଡ଼ ଜିଲା ଅତାବିରା ବ୍ଲକ ଝିଲିମିଣ୍ଡା ପ୍ରାଥମିକ ସ୍କୁଲରେ ଛାତ୍ରୀଛାତ୍ରଙ୍କ ଅନୁପାତରେ ଶିକ୍ଷକ ନାହାନ୍ତି। ଏହାକୁ ନେଇ ସ୍ଥାନୀୟ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି କ୍ରମରେ ସୋମବାର ଅଭିଭାବକମାନେ ଉକ୍ତ ସ୍କୁଲରେ ତାଲା ପକାଇ ପ୍ରତିବାଦ କରିଛନ୍ତି।

ପ୍ରକାଶ ଯେ, ଝିଲିମିଣ୍ଡା ପ୍ରାଥମିକ ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୨୬୦ଜଣ ଛାତ୍ରୀଛାତ୍ର ଥିବାବେଳେ ମାତ୍ର ୬ଜଣ ଶିକ୍ଷକ ରହିଛନ୍ତି। ପୂର୍ବରୁ ଉକ୍ତ ସ୍କୁଲର ଜଣେ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯାଇଥିବାବେଳେ ତାଙ୍କ ସ୍ଥାନରେ କାହାରିକୁ ନିଯୁକ୍ତି ଦିଆଯାଇନାହିଁ। ସ୍କୁଲରେ ବିଜ୍ଞାନ ଶିକ୍ଷକ ପଦବୀ ଖାଲି ପଡ଼ିଛି। ବର୍ତ୍ତମାନର ଛାତ୍ରୀଛାତ୍ରଙ୍କ ସଂଖ୍ୟା ଅନୁପାତରେ ଉକ୍ତ ସ୍କୁଲରେ ଅତିକମ୍‌ରେ ୯ଜଣ ଶିକ୍ଷକ ରହିବା କଥା। ମାତ୍ର ୬ଜଣ ଶିକ୍ଷକ ଥିବାରୁ ପାଠପଢ଼ା ବାଧାପ୍ରାପ୍ତ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ଗତ ୧୧ତାରିଖରେ ଅଭିଭାବକମାନେ ସ୍କୁଲରେ ତାଲା ପକାଇଥିଲେ। ସେତେବେଳେ ବିଭାଗୀୟ ଅଧିକାରୀ ତୁରନ୍ତ ଜଣେ ଶିକ୍ଷକ ନିଯୁକ୍ତି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଇତିମଧ୍ୟରେ ସପ୍ତାହେ ବିତିଯାଇଥିଲେ ସୁଦ୍ଧା ଏଠାରେ ଶିକ୍ଷକ ନିଯୁକ୍ତି ଦିଆଯାଇନାହିଁ। ଏ ସମ୍ପର୍କରେ ସ୍କୁଲର ପ୍ରଧାନଶିକ୍ଷକ ମଧୁସୂଦନ ନାୟକଙ୍କୁ ପଚାରିବାରୁ ସୋମବାର ଶିକ୍ଷକ ବୀରେନ ଭୋଇଙ୍କୁ ଉକ୍ତ ସ୍କୁଲରେ ନିଯୁକ୍ତି ଦିଆଯାଇଛି ଏବଂ ପୂର୍ବଭଳି ସ୍କୁଲରେ ୭ ଶିକ୍ଷକ ଅଛନ୍ତି ବୋଲି ସେ କହିଥିଲେ। ଅନ୍ୟପଟେ ଏବେ ମଧ୍ୟ ସ୍କୁଲରେ ବିଜ୍ଞାନ ଶିକ୍ଷକ ପଦବୀ ଖାଲି ପଡ଼ିଛି ବୋଲି ଗ୍ରାମବାସୀ ରମେଶ ବଢ଼େଇ କହିଛନ୍ତି। ସ୍କୁଲର ବିଇଡ଼ି ତାଲିମପ୍ରାପ୍ତ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯାଉଛି ଏବଂ ତାଙ୍କ ସ୍ଥାନରେ ଶିକ୍ଷକ ନିଯୁକ୍ତି କରାଯାଉନାହିଁ। ଫଳରେ ପାଠପଢ଼ା ବାଧାପ୍ରାପ୍ତ ହେଉଛି। ଯେପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ଅନୁପାତ ହାରରେ ଶିକ୍ଷକ ନିଯୁକ୍ତି କରାଯିବନାହିଁ, ସେତେଦିନ ଯାଏ ସ୍କୁଲରେ ତାଲା ପଡ଼ିଥିବ ବୋଲି ବଢ଼େଇ ଚେତାବନୀ ଦେଇଛନ୍ତି।



ଅଭିଭାବକମାନେ ଝିଲିମିଣ୍ଡା ପ୍ରାଥମିକ ସ୍କୁଲରେ ତାଲା ପକାଉଛନ୍ତି ।

# ଗନ୍ଧରାଡ଼ୀ ପୀଠରେ କାଉଡ଼ିଆଙ୍କ ଭିଡ଼



ଗନ୍ଧରାଡୀ ପୀଠରେ କାଉଡ଼ିଆଙ୍କ ଭିଡ଼।

**ବୌଦ୍ଧ,୧୮।୭(ସ୍ୱ.ପ୍ର.)**

ବୌଦ୍ଧ ଜିଲାର ପ୍ରସିଦ୍ଧ ଐତିହାସିକ ଗନ୍ଧରାଡୀ ପୀଠରେ ଶ୍ରାବଣ ମାସର ପ୍ରଥମ ସୋମବାର ହଜାର ହଜାର କାଉଡ଼ିଆ ପାଣି ଢାଳିବା ସହ ପୂଜାର୍ଚ୍ଚନା କରିଛନ୍ତି। କରୋନା ମହାମାରୀ ଯୋଗୁ ଦୁଇ ବର୍ଷ ବୋଲ୍‌ବମ୍ ଯାତ୍ରା ବନ୍ଦ ହୋଇଯାଇଥିଲା। ଚଳିତବର୍ଷ କରୋନା କଟକଣା ହଟିବା ପରେ ପୁଣି ବୋଲବମ୍ ଯାତ୍ରା ଆରମ୍ଭ ହୋଇଛି। ବୌଦ୍ଧ ଜିଲାର କାଉଡ଼ିଆ ସମେତ ଆଖପାଖ ଜିଲାରୁ କାଉଡ଼ିଆମାନେ ରବିବାରଠାରୁ ମହାନଦୀ ପଠାରେ ପୂଜାର୍ଚ୍ଚନା କରିବା ପରେ ଜଳଧରି ବାହାରି ଗନ୍ଧରାଡୀ ପୀଠରେ ପହଞ୍ଚିଥିଲେ। କାଉଡ଼ିଆଙ୍କ ଭିଡ଼ ଦୃଷ୍ଟିରୁ ମନ୍ଦିର ପରିଚାଳନା କମିଟି ଓ ଆଖପାଖ ଗ୍ରାମର ସ୍ୱେଚ୍ଛାସେବୀଙ୍କ ପକ୍ଷରୁ ଅନେକ ବ୍ୟବସ୍ଥା କରାଯାଇଥିଲା।

# ଜାତୀୟ ରାଜପଥ ଅବରୋଧ କଲେ ହିତାଧିକାରୀ



ସରସରାଠାରେ ଭତ୍ତା ପାଇଁ ରାସ୍ତାରୋକୋ କରିଛନ୍ତି ହିତାଧିକାରୀ।

**ବୌଦ୍ଧ,୧୮।୭(ସ୍ୱ.ପ୍ର.)**

- ଭତ୍ତା ନ ପାଇବାରୁ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ
- ରାସ୍ତାରୋକୋରେ ଫସିଲା ଆମ୍ବୁଲାନ୍ସ

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ସରସରା ପଞ୍ଚାୟତରେ ଦୀର୍ଘ ୩ ମାସ ହେବ ହିତାଧିକାରୀଙ୍କୁ ଭତ୍ତା ମିଳିପାରି ନାହିଁ। ଫଳରେ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସୋମବାର ହିତାଧିକାରୀମାନେ ସରସରାଠାରେ ପୂର୍ବାହ୍ନ ୧୧ଟାରେ ଖୋର୍ଦ୍ଧା-ବଲାଙ୍ଗିର ୫୭ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ରାଜପଥର ଉଭୟ ପାର୍ଶ୍ୱରେ ଶହଶହ ଗାଡି ଅଟକି ରହିଥିଲା। ଆମ୍ବୁଲାନ୍ସ ମଧ୍ୟ ଯିବାକୁ ରାସ୍ତା ନ ଥିଲା। ଦୀର୍ଘ ସମୟ ଧରି ଆମ୍ବୁଲାନ୍ସ ଅଟକି ରହିବା ପରେ ବୌଦ୍ଧ ପୋଲିସ ଘଟଣାସ୍ଥଳରେ ପହଞ୍ଚି ହିତାଧିକାରୀଙ୍କୁ ବୁଝାଶୁଝା କରିଥିଲା। ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯିବା ପରେ ରାସ୍ତା ଅବରୋଧ ହଟିଥିଲା।

ସରସରା ପଞ୍ଚାୟତରେ ୩ ମାସ ହେବ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇ ନ ଥିଲା। ହିତାଧିକାରୀମାନେ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟକୁ ଆସି ଫେରି ଯାଉଥିଲେ। ଭତ୍ତା ନେବାକୁ ବୃଦ୍ଧା ଓ ବୃଦ୍ଧ ବାରମ୍ବାର ଆସି ଫେରୁଥିବାରୁ ଅସନ୍ତୋଷ ବଢିଥିଲା।

# ତହସିଲଦାରଙ୍କୁ କୃଷକ ସଂଗଠନର ସ୍ମାରକପତ୍ର

**ଜାମଟିକ୍ରା,୧୮।୭(ଡି.ଏନ.ଏ)**

ବରଗଡ଼ ଜିଲାରେ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ବାଟବଣା ହୋଇପଡ଼ିଛି । ଏହାକୁ ନେଇ ଜିଲାରେ ଅସନ୍ତୋଷ ତେଜିବାରେ ଲାଗିଛି। ଏହି କ୍ରମରେ ସୋମବାର ଜିଲାର ପଦ୍ମପୁର ଉପଖଣ୍ଡରେ ବନ୍ଦ ପାଳନ କରାଯାଇଥିବାବେଳେ ବରଗଡ଼ରେ ରେଳରୋକୋ ହୋଇଥିଲା। ଅନ୍ୟପଟେ କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମା କ୍ଷତିପୂରଣ ପ୍ରଦାନ ଦାବିରେ ସୋମବାର ଅତାବିରା କୃଷକ ସଙ୍ଗଠନ ପକ୍ଷରୁ ସ୍ଥାନୀୟ ତହସିଲଦାର ସୌଭାଗ୍ୟ ବେହେରାଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ମାରକପତ୍ର ପ୍ରଦାନ ସମୟରେ ସଙ୍ଗଠନ ସଭାପତି ବିରେନ୍ଦ୍ର କର, ଅରୁଣ ପ୍ରଧାନ, ସୁରେଶ କର୍ଣ୍ଣ, ଦଶରଥ ଭୋଇ, ହରେରାମ ପ୍ରଧାନ, ସୁରେନ୍ଦ୍ର ସ୍ୱାଇଁ, ଯୁଗଳ ସିଂ ପ୍ରମୁଖ ଉପସ୍ଥିତ ଥିଲେ।



ଅତାବିରା ତହସିଲଦାରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

# ନୃସିଂହନାଥ ପାଇଁ ୨୩ କୋଟି, ହରିଶଙ୍କର ପାଇଁ ୧୫ କୋଟିର ଏଷ୍ଟିମେଟ୍

- ନୃସିଂହନାଥ-ହରିଶଙ୍କର ସମନ୍ୱିତ ବିକାଶ ପ୍ରକଳ୍ପ
- ଅନୁଦାନ ମଞ୍ଜୁରୀ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ପର୍ଯ୍ୟଟନ ବିଭାଗକୁ ଚିଠି



ହରିଶଙ୍କର ମନ୍ଦିର।



ନୃସିଂହନାଥ ମନ୍ଦିର।

**ବଲାଙ୍ଗୀର ଅଫିସ,୧୮।୭**

ପଶ୍ଚିମ ଓଡିଶାର ଦୁଇ ପ୍ରମୁଖ ତୀର୍ଥସ୍ଥଳୀ ତଥା ପର୍ଯ୍ୟଟନ କ୍ଷେତ୍ର ହରିଶଙ୍କର ଓ ନୃସିଂହନାଥ ମନ୍ଦିର ଉନ୍ନୟନ ସକାଶେ ରାଜ୍ୟ ସରକାର ଏକ ସମନ୍ୱିତ ବିକାଶ ପ୍ରକଳ୍ପ ପ୍ରସ୍ତୁତ କରିଥିଲେ। ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ମାଷ୍ଟରପ୍ଲାନ ମଧ ପ୍ରସ୍ତୁତ କରାଯାଇଥିଲା। ଏହି ସମନ୍ୱିତ ପ୍ରକଳ୍ପର ଏଷ୍ଟିମେଟ୍ ଇତିମଧରେ ପ୍ରସ୍ତୁତ କରାଯାଇ ପର୍ଯ୍ୟଟନ ବିଭାଗକୁ ପ୍ରଦାନ କରାଯାଇଛି। ପୂର୍ତ୍ତ ବିଭାଗ ପକ୍ଷରୁ ପ୍ରଦତ୍ତ ଏଷ୍ଟିମେଟ୍‌ରେ ବଲାଙ୍ଗୀର ଜିଲାର ହରିଶଙ୍କର ମନ୍ଦିର ଉନ୍ନୟନ ସକାଶେ ୧୫ କୋଟି ୧୨ ଲକ୍ଷ ୫୩ ହଜାର ଟଙ୍କା ଏବଂ ନୃସିଂହନାଥ ମନ୍ଦିର ପାଇଁ ୨୩ କୋଟି ୧ ଲକ୍ଷ ୭୪ ହଜାର ୨ ଶହ ଟଙ୍କାର ବ୍ୟୟ ଅଟକଳ ପ୍ରସ୍ତୁତ କରାଯାଇଛି। ପୂର୍ତ୍ତ ବିଭାଗ ପକ୍ଷରୁ ପ୍ରସ୍ତୁତ ଏଷ୍ଟିମେଟକୁ ପର୍ଯ୍ୟଟନ ବିଭାଗକୁ ପଠାଯାଇ ଅନୁଦାନ ମଞ୍ଜୁର କରିବାକୁ କୁହାଯାଇଛି। ପୂର୍ତ୍ତ ବିଭାଗ ମୁଖ୍ୟଯନ୍ତ୍ରୀଙ୍କ ଓଏସଡି (କୋଠା) ଜେ.ଏନ୍.ନାୟକ ଏ ସଂକ୍ରାନ୍ତରେ ଶୁକ୍ରବାର ବଲାଙ୍ଗୀର ରାସ୍ତା ଓ କୋଠା ବିଭାଗ ସର୍କଲ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଓ ସମ୍ବଲପୁର ଉତ୍ତରାଞ୍ଚଳ ସର୍କଲ ରାସ୍ତା ଓ କୋଠା ବିଭାଗ ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କୁ ଚିଠି ନମ୍ବର (୨୭୨୧୭/୧୫।୭।୨୨) ଅବଗତ କରିଛନ୍ତି। ଉଭୟ ମନ୍ଦିର ଓ ପୀଠର ବିକାଶ ପାଇଁ ରାଜ୍ୟ ସରକାର ପ୍ରସ୍ତୁତ କରିଥିବା ମାଷ୍ଟର ପ୍ଲାନ୍‌ର କାର୍ଯ୍ୟାନ୍ୱୟନ ସକାଶେ ଅନୁଦାନ ରିଲିଜ ପାଇ ଏଷ୍ଟିମେଟ୍ ପ୍ରଦାନ କରାଯିବା ପରେ ଏହି ପ୍ରକଳ୍ପ ତ୍ୱରାନ୍ୱିତ ହେବ ବୋଲି ଆଶା କରାଯାଉଛି। ଉକ୍ତ ମାଷ୍ଟର ପ୍ଲାନ୍‌ରେ ହରିଶଙ୍କର ଓ ନୃସିଂହନାଥ ପୀଠରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଏବଂ ଅଧିକ ସୁବିଧା ଯୋଗାଇବା ପାଇଁ ଲକ୍ଷ୍ୟ ରଖି ଯୋଜନା ପ୍ରସ୍ତୁତ କରାଯାଇଛି। ପୂର୍ତ୍ତ ବିଭାଗ ପକ୍ଷରୁ ଏହି ସମନ୍ୱିତ ବିକାଶ ଯୋଜନା କାର୍ଯ୍ୟକାରୀ କରାଯିବ।

# କେଭିକେରେ ଭାରତୀୟ କୃଷି ଅନୁସନ୍ଧାନ ସ୍ଥାପନା ଦିବସ

**ସୋନପୁର,୧୮।୭(ନି.ପ୍ର.)**

ସୋନପୁର କେଭିକେ(କୃଷି ବିଜ୍ଞାନ କେନ୍ଦ୍ର)ରେ ୧୯ତମ ଭାରତୀୟ କୃଷି ଅନୁସନ୍ଧାନ ସ୍ଥାପନା ଦିବସ ଏବଂ ପୁରସ୍କାର ବିତରଣ ସମାରୋହ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ୱେବ୍ ଟେଲିକାଷ୍ଟର ଆୟୋଜନ ହୋଇଥିଲା। ୨୦୨୨ ସୁଦ୍ଧା ଆୟ ଦ୍ୱିଗୁଣିତ ହୋଇଥିବା ଚାଷୀଙ୍କ ସହିତ କେନ୍ଦ୍ର କୃଷି ମନ୍ତ୍ରୀ ନରେନ୍ଦ୍ର ସିଂହ ତୋମାର ଆଲୋଚନା କରିଥିଲେ। ସୋନପୁର କେଭିକେରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୧୫୦ଜଣ ଚାଷୀ ଅଂଶଗ୍ରହଣ କରି ନିଜର ଅନୁଭୂତି ସମ୍ପର୍କରେ କହିଥିଲେ। ଏଥିସହ ଜିଲାର କୃଷି ଅଧିକାରୀଙ୍କଠାରୁ ଚାଷ ସମ୍ପର୍କିତ ସମସ୍ୟାର ସମାଧାନ ନିମନ୍ତେ ପରାମର୍ଶ ଲୋଡିଥିଲେ। ଜିଲା ପରିଷଦ ଅଧକ୍ଷା ସୁପାର ଠେଲା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାଷୀଙ୍କୁ ବିଭିନ୍ନ ସରକାରୀ ଯୋଜନାର ଲାଭ ନେବାକୁ ପରାମର୍ଶ ଦେଇଥିଲେ। ମଣ୍ଡଳୀୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଅଶେଷ କର, ଜିଲା ମତ୍ସ୍ୟ ଅଧିକାରୀ ପ୍ରସନ୍ନ ପଟ୍ଟନାୟକ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଲୁସି ପ୍ରିୟଦର୍ଶନୀ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡଃ ସୁରଜ୍ୟୋତି ପ୍ରଧାନ, ଗୀତାଞ୍ଜଳି ପ୍ରଧାନ, ସୁପ୍ରଭା ସେଠୀ, ଲୋପାମୁଦ୍ରା ରାୟ ପ୍ରମୁଖ ଯୋଗଦାନ କରି ଚାଷୀଙ୍କର ବିଭିନ୍ନ ସମସ୍ୟାର ସମାଧାନ କରିବା ସହ ବିଭିନ୍ନ ଯୋଜନା ବିଷୟରେ ଅବଗତ କରାଇଥିଲେ। ଏହି ଅବସରରେ ଜିଲାର ଅଗ୍ରଣୀ ଚାଷୀଙ୍କୁ ଉନ୍ନତ କିସମର ବିହନ ତଥା ଛତୁ ମଞ୍ଜି ବିତରଣ କରା ଯାଇଥିଲା।




ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି, କୃଷି ବୈଜ୍ଞାନିକ ଓ ଅଧିକାରୀ ବୃନ୍ଦ।

# ଅନନ୍ତମୁଖୀ, ବିଷ୍ଣୁ ସହସ୍ର ନାମ ପାଠ

**ଅମରପାଲି,୧୮।୭(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଜଗନ୍ନାଥ ମନ୍ଦିରରେ ଅନନ୍ତ ମୁଖୀ ଓ ବିଷ୍ଣୁ ସହସ୍ର ନାମ ପାଠ ପହଣ୍ଡି କମିଟିର ବୈଦିକ ବ୍ରାହ୍ମଣମାନଙ୍କ ତରଫରୁ କରାଯାଇଛି। ଏହା ସହିତ କ୍ଷମା ପ୍ରାର୍ଥନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜଗନ୍ନାଥ ଦାସ କୃତ ଭାଗବତର ଅନନ୍ତ ମୁଖୀ ପାଠ କରାଯାଇଥିଲା। ଏହା ସହିତ ବିଷ୍ଣୁ ସହସ୍ର ନାମ, ଗୋପାଳ ସହସ୍ର ନାମ ପାଠ ସରିବା ପରେ ପହୁଣ୍ଡି କମିଟିର ସମସ୍ତ ବୈଦିକ ବ୍ରାହ୍ମଣ ମାନେ ଚତୁର୍ଦ୍ଧା ବିଗ୍ରହଙ୍କୁ କ୍ଷମା ପ୍ରାର୍ଥନା କରିଥିଲେ। ପହଣ୍ଡି କମିଟିର ବରିଷ୍ଠ ସଦସ୍ୟ ପଣ୍ଡିତ ଶ୍ରୀନିବାସ ନାଏକଙ୍କ କହିବାନୁସାରେ ଗତସନ୍ଧ୍ୟାରେ ହବିସାର୍ଣ୍ଣ କରି ଚକାଅସରପ ନୀତି କରାଯାଇଥିଲା। ସ୍ନାନ ପୂର୍ଣ୍ଣିମା, ରଥଯାତ୍ରା, ବାହୁଡା ଯାତ୍ରା, ଅଧରପଣା ସୁନାବେସ ଓ ଶେଷରେ ନିଳାଦ୍ରିବିଜେ ପର୍ଯ୍ୟନ୍ତ ପହୁଣ୍ଡି କମିଟିର ବ୍ରାହ୍ମଣମାନେ ଅନେକ ସମୟରେ ଅଜାଣତରେ ଅନେକ ଥର ଠାକୁରଙ୍କ ଦେହରେ ହେଉ ବା ଚତୁର୍ଦ୍ଧା ବିଗ୍ରହଙ୍କୁ ରତ୍ନ ସିଂହାସନରୁ ଆଣିବା ବେଳେ ପ୍ରାର୍ଥନା କରି ଉପରକୁ ଚଢିଥାନ୍ତି। ସେଥିପାଇଁ ଅନେକ ସମୟରେ ବ୍ରାହ୍ମଣମାନଙ୍କ ଭୁଲ ଥାଏ। ସେଥିପାଇଁ ଏହି କ୍ଷମା ପ୍ରାର୍ଥନା କରାଯାଇଛି। ପହୁଣ୍ଡି କମିଟିର ମୁଖ୍ୟ ଦ୍ୱିତୀକୃଷ୍ଣ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କ୍ଷମା ପ୍ରାର୍ଥନା କାର୍ଯ୍ୟକ୍ରମରେ ମନ୍ଦିର କମିଟି ମୁଖ୍ୟ ଟ୍ରଷ୍ଟି ବିଷ୍ଣୁ ଚରଣ ପଣ୍ଡା, ଗଜପତି କାର୍ଯ୍ୟ ନିର୍ବାହ କରୁଥିବା ଲଳିତ କୁମର ପଣ୍ଡା, ମୁଖ୍ୟ ବାଡ଼ଗ୍ରାହୀ ଭଗବାନ ମିଶ୍ର, କମିଟି ସହପ୍ରଭାରୀ ଯୁଗଳ କିଶୋର ମିଶ୍ର, ଶିବ ରମଣ ପଣ୍ଡା, ଲଳିତ କୁମାର କର, ସତ୍ୟ ନାରାୟଣ ଚାନ୍ଦ, ଦିଲ୍ଲୀପ କୁମାର ତ୍ରିପାଠୀ, ଗିରିଧାରୀ ହୋତା, ବିଜୟ କୁମାର ହୋତା, ଚମ୍ପେଶ୍ୱର ଦାସ,ବିଜୟ କୁମାର ତ୍ରିପାଠୀ, ପଣ୍ଡିତ ସନ୍ୟାସୀ ଶତପଥୀଙ୍କ ସମେତ ୪୦ଜଣ ବୈଦିକ ବ୍ରାହ୍ମଣ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।



ଜଗନ୍ନାଥ ମନ୍ଦିରରେ ଅନନ୍ତ ମୁଖୀ ପଠନ କରୁଛନ୍ତି ବୈଦିକ ବ୍ରାହ୍ମଣ।

# ତ୍ରିବେଣୀ ସଙ୍ଗମରେ ବୁଡ ପକାଇଲେ କାଉଡ଼ିଆ

**ସୋନପୁର,୧୮।୭(ନି.ପ୍ର.)**

ଶ୍ରାବଣ ମାସର ପ୍ରଥମ ସୋମବାର ସୁବର୍ଣ୍ଣପୁର ଜିଲାର ପ୍ରସିଦ୍ଧ ଶୈବ ପୀଠଗୁଡିକରେ କାଉଡିଆଙ୍କ ପ୍ରବଳ ଭିଡ ହୋଇଥିଲା। ସକାଳେ ଜଳଲାଗି କରିବା ଲାଗି କାଉଡିଆମାନେ ଧାଡି ଲଗାଇଥିଲେ। ମହାନଦୀ, ତେଲନଦୀ, ଅଙ୍ଗନଦୀ ଓ ସୁକତେଲ ନଦୀରୁ ଜଳ ଆଣି ହଜାର ହଜାର କାଉଡିଆ ପ୍ରସିଦ୍ଧ ଶୈବପୀଠ ରାମେଶ୍ୱର, ସୁବର୍ଣ୍ଣମେରୁ, ପଶ୍ଚିମ ସୋମନାଥ, ଗୋକର୍ଣ୍ଣେଶ୍ୱର, ଚନ୍ଦ୍ରଶେଖର, ଗୋପିନାଥ, ଓଁକାର ନାଥ, ପଞ୍ଚରଥ, ସିଦ୍ଧେଶ୍ୱର, ଲୋକନାଥ ଓ ବୈଦ୍ୟନାଥର ସବପୁରାତନ ଶୈବପୀଠ କୋଶଳେଶ୍ୱରଙ୍କୁ ଜଳଲାଗି କରିଛନ୍ତି। ସେହିପରି ବିନିକା ବ୍ଲକ ଚରଦା କପିଳେଶ୍ୱର ମନ୍ଦିରରେ ହଜାର ହଜାର କାଉଡିଆଙ୍କ ସମାଗମ ହୋଇଥିଲା। କାଉଡିଆମାନେ ରବିବାର ରାତିରେ ବର୍ଷାରେ ଭିଜି ମହାନଦୀର ପାପକ୍ଷୟ ଘାଟରୁ ଜଳ ଆଣି ଶିବାଳୟ ଅଭିମୁଖେ ଧାଡି ହୋଇ ଯାତ୍ରା କରିଥିଲେ। ଚରଦା କପିଳେଶ୍ୱର ମନ୍ଦିରରେ ଧାଡିରେ ଛିଡା ହୋଇ ଭକ୍ତମାନେ ଜଳ ଲାଗି କରିବା ସହିତ ମନସ୍କାମନା କରିଥିଲେ। ସେହିପରି ପାପକ୍ଷୟ ଘାଟ, ବିନିକା ଗଡଭିତର, ଖଇରମାଳ, ବିଶାଳପାଲି, ଘାଟିଘଟିଏନ, ସକମା, ଗଡଗଡବାହାଲ, ଆଦି ଶିବ ମନ୍ଦିରରେ ମଧ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା। ବୀରମହାରାଜପୁର ଚମ୍ପାମାଳର ଚମ୍ପେଶ୍ୱର ପୀଠରେ ମଧ ଶତାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଦୁଇବର୍ଷ ଧରି କରୋନା କଟକଣା ଯୋଗୁଁ ଶ୍ରଦ୍ଧାଳୁମାନେ ଶୈବ ପୀଠଗୁଡିକରେ ଜଳ ଲାଗି କରି ପାରି ନ ଥିଲେ। ତେଣୁ ପ୍ରଥମ ସୋମବାର ଭୋଳାବାବାଙ୍କୁ ଜଳଲାଗି କରିବାକୁ ଶିବ ଭକ୍ତଙ୍କ ମଧରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା। ସୁବର୍ଣ୍ଣପୁର ସହର ତ୍ରିବେଣୀ ସଙ୍ଗମରେ ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ବୁଡ ପକାଇ ରାମେଶ୍ୱର ଶୈବ ପୀଠରେ ଜଳ ଲାଗି କରିଥିଲେ ।



ସୋନପୁର ତ୍ରିବେଣୀ ସଙ୍ଗମରେ ବୁଡ ପକାଇ ଶ୍ରଦ୍ଧାଳୁମାନେ ଲମ୍ବା ଧାଡିରେ ରାମେଶ୍ୱରଙ୍କ ନିକଟରେ ଜଳ ଲାଗି କରିବା ପାଇଁ ଅପେକ୍ଷା କରିଛନ୍ତି।

## ଗାଡ଼ି ଧକ୍କାରେ ଜଣେ ମୃତ

**ବଲାଙ୍ଗୀର ଅଫିସ:** ବଲାଙ୍ଗୀର-ସଇଁତଲା ୨୬ ନମ୍ବର ଜାତୀୟ ରାଜପଥର ବିଜାଖମନ ନିକଟରେ ରବିବାର ରାତିରେ ଅଜଣା ଗାଡି ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସୋମବାର ସକାଳେ ବଲାଙ୍ଗୀର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ନେଇଥିଲା। ମୃତକଙ୍କ ପରିଚୟ ମିଳିପାରି ନାହିଁ।

## ସଂକ୍ଷେପରେ

### ସହପାଠିନୀଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ, ଅଭିଯୁକ୍ତ କୋର୍ଟ ଚାଲାଣ

**ଭବାନୀପାଟଣା,୧୮।୭(ସ୍ୱ.ପ୍ର.):** କଳାହାଣ୍ଡି ଜିଲା ଜୟପାଟଣା ଥାନା ଅଞ୍ଚଳରେ ଜଣେ ସହପାଠିନୀଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ କରିବା ସହପାଠୀଙ୍କ ପାଇଁ ମହଙ୍ଗା ପଡିଛି। ଏହି ଘଟଣାରେ ସ୍ଥାନୀୟ ପୋଲିସ ସୋମବାର ଅଭିଯୁକ୍ତ ଭବାନୀ ନାଏକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଯୁବତୀଙ୍କ ପରିବାର ପକ୍ଷରୁ ଦିଆଯାଇଥିବା ଏତଲା ଅନୁଯାୟୀ ସମ୍ପୃକ୍ତ ଯୁବକ ପ୍ରେମ କରି ଯୋର ଜବରଦସ୍ତି ଶାରୀରିକ ସମ୍ପର୍କ ରଖିବାକୁ ଚେଷ୍ଟା କରିଥିଲା। ଏହାର ଭିଡିଓ କରି ଶାରୀରିକ ସମ୍ପର୍କ ସ୍ଥାପନ ପାଇଁ ବାଧ କରୁଥିଲେ। ସମ୍ପୃକ୍ତ ଯୁବତୀ ମନା କରିବାରୁ ଏହି ଭିଡିଓକୁ ଭାଇରାଲ କରାଯାଇଛି। ଯୁବତୀଙ୍କ ସହିତ ପାଞ୍ଚ ବର୍ଷ ହେବ ପ୍ରେମ ସମ୍ପର୍କ ରହିଛି। ଯେଉଁମାନଙ୍କୁ ବିଶ୍ୱାସ କରି ଭିଡିଓ ଦେଇଥିଲି ସେମାନେ ଭାଇରାଲ କରିଥିବା ଗିରଫ ଯୁବକ କହିଛନ୍ତି। ଏ ନେଇ ଜୟପାଟଣା ପୋଲିସ ଏକ ମାମଲା (ନଂ.୨୬୮/୨୨)ରୁଜୁ କରି ଆଇଟି ଏକ୍ଟ ଓ ବଳାତ୍କାର ମାମଲାରେ ସମ୍ପୃକ୍ତ ଯୁବକଙ୍କୁ ସୋମବାର କୋର୍ଟ ଚାଲାଣ କରିଛି।

### ପୂର୍ବ ଶତ୍ରୁତାକୁ ନେଇ ଛୁରାମାଡ଼ ଘଟଣା: ଯୁବକ କୋର୍ଟ ଚାଲାଣ

**ଜୁନାଗଡ,୧୮।୭(ଡି.ଏନ.ଏ.):** କଳାହାଣ୍ଡି ଜିଲା ଜୁନାଗଡ ରେଲୱେ ଷ୍ଟେଶନ ନିକଟରେ ପୂର୍ବ ଶତ୍ରୁତାକୁ ନେଇ ରବିବାର ଅପରାହ୍ନରେ ଏକ ଛୁରାମାଡ ହୋଇଥିବା ଅଭିଯୋଗ ହୋଇଥିଲା। ଏଥିରେ ଜୁନାଗଡ ସହରର ଅଂଶୁମାନ ବେହେରା ନାମକ ଜଣେ ଯୁବକ ଆହତ ହୋଇଛନ୍ତି। ଏହି ଘଟଣାରେ ପୋଲିସ ଏକ ମାମଲା (ନଂ. ୩୦୯/୨୨) ରୁଜୁ କରି ଜୁନାଗଡ ସହରର ବଜାରପଡାର ଶୁଭମ କନ୍ଦପାନଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଅନ୍ୟପଟେ ଆହତ ଯୁବକ ଅଂଶୁମାନ ଓ ତାଙ୍କ ୨ ସାଙ୍ଗ ଚନ୍ଦନ ଓ ରୁପେଶ ଗିରଫ ଯୁବକଙ୍କୁ ମାଡ ମାରିଥିବା ନେଇ ଜୁନାଗଡ ଥାନାରେ ପାଲଟା ଅଭିଯୋଗ ହୋଇଛି। ଏହାକୁ ନେଇ ଏକ ମାମଲା (ନଂ.୩୧୧/୨୨) ରୁଜୁ ହୋଇଛି।

### ବିଜେପୁର, ମାଲିଯୁବାଙ୍ଗରେ ୫-ଟି ସ୍କୁଲ ରୂପାନ୍ତରଣ ନେଇ ବୈଠକ

**ଲାଞ୍ଜିଗଡ଼,୧୮।୭(ଡି.ଏନ.ଏ.):** ସରକାରଙ୍କ ୫-ଟି ସ୍କୁଲ ରୁପାନ୍ତରଣ ତୃତୀୟ ପର୍ଯ୍ୟାୟରେ କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଜେପୁର ଓ ମାଲିଯୁବାଙ୍ଗ ସ୍କୁଲ ସାମିଲ ହେବାକୁ ଯାଉଛି। ଏଥିପାଇଁ ସୋମବାର ଉଭୟ ସ୍ଥାନରେ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଜେପୁରଠାରେ ଅନୁଷ୍ଠିତ ବୈଠକରେ ଅତିଥି ଭାବେ ଲାଞ୍ଜିଗଡ ବ୍ଲକ ଅଧକ୍ଷା କମଳା ପାତ୍ର, ଲାଞ୍ଜିଗଡ ବିଡିଓ ଜିତେନ୍ଦ୍ର କୁମାର ମିଶ୍ର, ପୂର୍ବତନ ବିଧାୟକ ଶିବାଜୀ ମାଝି, ଜିଲା ପରିଷଦ ସଦସ୍ୟ ପରିକ୍ଷିତ ନାଏକ, ସରପଞ୍ଚ ଜନନୀ ମାଝି, ସମିତି ସଦସ୍ୟା ଭୂମିକା ମାଝି ପ୍ରମୁଖ ଉପସ୍ଥିତ ଥିଲେ। ମାଲିଯୁବାଙ୍ଗ ପଞ୍ଚାୟତରେ ଅନୁଷ୍ଠିତ ବୈଠକରେ ବ୍ଲକ ଅଧକ୍ଷା ଶ୍ରୀମତି ପାତ୍ର, ବିଡିଓ ମିଶ୍ରଙ୍କ ସମେତ ହରିଶଙ୍କର ପାତ୍ର, ମାଲିଯୁବାଙ୍ଗ ସରପଞ୍ଚ ମମତା ମାଝି, ସମିତିସଭ୍ୟ ରତ୍ନା ମାଝି ପ୍ରମୁଖ ଉପସ୍ଥିତ ଥିଲେ।

# ଟଙ୍କା ଜମାଦେଲେ ଯୋଗାଣ ସହାୟକ, ପିଏ

**ଖରାମୁଣ୍ଡା ପଞ୍ଚାୟତ**

- ମୃତବ୍ୟକ୍ତିଙ୍କ ଭତ୍ତା ଉଠାଣ ଘଟଣା

**ଲୋଇସିଂହା,୧୮।୭(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଝାରମୁଣ୍ଡା ପଞ୍ଚାୟତରେ ମୃତକଙ୍କ ନାମରେ ଭତ୍ତା ଟଙ୍କା ଉଠାଯାଇଥିଲା। ବଣ୍ଟନ ଦାୟିତ୍ୱରେ ଥିବା ଯୋଗାଣ ସହାୟକ ହେମନ୍ତ ସାହୁ ଓ ସମାଜିକ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ପ୍ରୋଗ୍ରାମ ଆସିଷ୍ଟାଣ୍ଡ (ପିଏ)ଶ୍ରୀକାନ୍ତ ଗଡତ୍ୟା ଏହି ଟଙ୍କା ଆତ୍ମସାତ କରିଥିବା ଅଭିଯୋଗ ହୋଇଥିଲା। ଜିଲା ପ୍ରଶାସନର ତଦନ୍ତ ପରେ ଏହା ସ୍ପଷ୍ଟ ହୋଇଥିଲା। ଉକ୍ତ ଟଙ୍କା ଉଭୟ କର୍ମଚାରୀଙ୍କଠାରୁ ସୁଧ ସହ ଆସୁଲ ପାଇଁ ଉପଜିଲାପାଳ ଲମ୍ବୋଦର ଧରୁଆ ବ୍ଲକ ପ୍ରଶାସନ ଓ ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗତ ଜୁଲାଇ ୧୧ରେ ଉଭୟ କର୍ମଚାରୀ ବ୍ଲକ ପ୍ରଶାସନ ନିକଟରେ ଅନିୟମିତତା ହୋଇଥିବା ଟଙ୍କା ଜମା ଦେଇଥିବା ଜଣାପଡିଛି। ଯୋଗାଣ ସହାୟକ ସାହୁଙ୍କଠାରୁ ୩ ଲକ୍ଷ ୧୭ ହଜାର ୮ଶହ ଓ ପିଏ ଗଡତ୍ୟାଙ୍କ ଠାରୁ ୯୯ ହଜାର ଟଙ୍କା ଆସୁଲ କରାଯାଇଛି। ଏ ସଂକ୍ରାନ୍ତରେ ବ୍ଲକ ପ୍ରଶାସନ ପକ୍ଷରୁ ୧୨ ତାରିଖରେ ଉପଜିଲାପାଳଙ୍କୁ ଜଣାଇ ଦିଆଯାଇଥିବା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସ୍ନିଗ୍ଧାମୟୀ ବାରିକ କହିଛନ୍ତି।

ପଞ୍ଚାୟତ ଅଧୀନ ଝାରମୁଣ୍ଡା, ମନସାପାଲି, ପରଧିଆପାଲି, ଲୁଚକିବାହାଲ, ଆମ୍ବପାଲିର ପ୍ରାୟ ୫୬ ଜଣ ମଧୁବାବୁ ପେନସନ ଯୋଜନା ଓ ଏନଏସଏପି ଯୋଜନାରେ ମୃତବ୍ୟକ୍ତିଙ୍କ ନାମରେ ଭତ୍ତା ଉଠାଯାଇଥିବା ସରପଞ୍ଚ ମେହେର ଜାଣି ବିଧାୟକ ମୁକେଶ ମହାଲିଙ୍ଗଙ୍କ ଦୃଷ୍ଟିକୁ ଆଣିଥିଲେ। ମେ ୪ରେ ଅନୁଷ୍ଠିତ ପଞ୍ଚାୟତ ସମିତିର ପ୍ରଥମ ବୈଠକରେ ବିଧାୟକ ମହାଲିଙ୍ଗ ଏହି ପ୍ରସଙ୍ଗ ଉପସ୍ଥାପନା କରି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏ ନେଇ ମେ ୬ ଓ ୨୭ ରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏହାପରେ ଉପଜିଲାପଳ ତତ୍ପରତା ଦେଖାଇ ସିଡିପିଓଙ୍କୁ ମୃତକଙ୍କ ତାଲିକା ମାଗିଥିଲେ। ଏଥିସହ ବିଡିଓ ଏବଂ ବ୍ଲକ ସାମଜିକ ସୁରକ୍ଷା ଅଧିକାରୀଙ୍କୁ ସପ୍ତାହକ ମଧ୍ୟରେ ଭତ୍ତା ବଣ୍ଟନ ରେଜିଷ୍ଟର ଉପଜିଲାପାଳଙ୍କ ଅଫିସରେ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତରେ ମୃତ ଏବଂ ଦୀର୍ଘଦିନରୁ ଅନୁପସ୍ଥିତ ଥିବା ମଧୁବାବୁ ପେନସନ ଓ ଏନଏସଏପି ଯୋଜନା ହିତାଧିକାରୀ ଭତ୍ତା ଟଙ୍କା ଦାୟିତ୍ୱରେ ଥିବା କର୍ମଚାରୀ ହଡପ କରିଥିବା ସ୍ପଷ୍ଟ ପ୍ରମାଣିତ ହୋଇଥିଲା। ସେହି ସମୟରେ ବଣ୍ଟନ ଦାୟିତ୍ୱରେ ଥିବା ପଞ୍ଚାୟତ ଯୋଗାଣ ସହାୟକ ହେମନ୍ତ ସାହୁଙ୍କଠାରୁ ସୁଧ ସହ ଟଙ୍କା ଓ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଉପଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

# ଶିଶୁ ମନ୍ଦିରରେ ଗଣିତ କର୍ମଶାଳା



ଗଣିତ କର୍ମଶାଳାରେ ଉପସ୍ଥିତ ଗୁରୁମା ଗୁରୁଜୀ।

**ଦେଓଗାଁ,୧୮।୭(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ସରସ୍ୱତୀ ଶିଶୁ ମନ୍ଦିରରେ ଗଣିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ କୁମାର ସାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଦସ୍ୟା ସୁମତୀ ସେଠ, ସମ୍ମାନୀତ ଅତିଥି ଭାବେ ଦକ୍ଷିଣ ପଶ୍ଚିମ ସ୍ତରୀୟ ସଭାପତି ବେଲାରସିଂ ଭୋଇ ଯୋଗଦେଇଥିଲେ। ଗଣିତ କର୍ମଶାଳାରେ ସଂଯୋଜକ ଜିତେନ୍ଦ୍ର କୁମାର ପଣ୍ଡା ଓ ବିଭାଗ ନିରୀକ୍ଷକ ନରୋତ୍ତମ ମିଶ୍ର ଉପସ୍ଥିତ ରହି ଗଣିତ ପାଠ୍ୟକ୍ରମର ସିଲାବସ ଉପରେ ପ୍ରଶିକ୍ଷଣ ଦେଇଥିଲେ। ଶିଶୁ ମନ୍ଦିରର ୩୦ଜଣ ଗୁରୁଜୀ ଗୁରୁମା ଅଂଶଗ୍ରହଣ କରିଥିଲେ। ସନ୍ଧ୍ୟା କାର୍ଯ୍ୟକ୍ରମର ଦେଓଗାଁ ସରପଞ୍ଚ ନୀନା ଛତ୍ରିଆ, ସମିତି ସଭ୍ୟା ନୀନା କୁମାରି ସା, ଉଡାର ପଞ୍ଚାୟତ ସମିତି ସଭ୍ୟା ଆନନ୍ଦିନୀ ଦଲାଇ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଗୁରୁଜୀ କୁନୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପର୍ଯ୍ୟାୟକ୍ରମେ ସମସ୍ୟାର ସମାଧାନ



ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କ ସହ ବିଭିନ୍ନ ସଂଗଠନ ସଦସ୍ୟମାନେ।

- ଲାଠୋରରେ ବିଦ୍ୟୁତ୍ ବିଭ୍ରାଟ ପ୍ରସଙ୍ଗ
- ବିଭାଗୀୟ ଅଧିକାରୀଙ୍କ ସହ ସାବାସ ସଂଗଠନର ଆଲୋଚନା

**ଲାଠୋର, ୧୮।୭(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋରରେ ବିଦ୍ୟୁତ୍ ସମସ୍ୟା ଉପଭୋକ୍ତାଙ୍କୁ ଅତିଷ୍ଠ କରୁଛି। ଏଥିପାଇଁ ବିଭିନ୍ନ ସମୟରେ ଅଞ୍ଚଳବାସୀ ଦାବି କରି ଆସୁଛନ୍ତି। ଗତ ୧୧ତାରିଖରେ ସାବାସ ସଂଗଠନ ନେତୃତ୍ୱରେ ଅଞ୍ଚଳବାସୀ ୫ଦଫା ଦାବି ନେଇ ଗଣଧାରଣା ଦେଇଥିଲେ। ଦାବିଗୁଡିକ ଅବିଳମ୍ବେ ପୂରଣ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ଯୋରଦାର କରାଯିବ ବୋଲିଚେତାବନୀ ଦିଆଯାଇଥିଲା। ଏହିକ୍ରମରେ ସୋମବାର ସାବାସ ସଂଗଠନ ଉପଦେଷ୍ଟା ବିଶ୍ୱହରି ପ୍ରସାଦ ନାଗଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ପଞ୍ଚାୟତ ଭବନଠାରେ ବିଦ୍ୟୁତ୍ ସରବରାହ ସଂସ୍ଥା କର୍ମକର୍ତ୍ତାଙ୍କ ସହ ବିଭିନ୍ନ ଦାବି ଉପରେ ଆଲୋଚନା କରିଥିଲେ। ବୈଠକରେ ପାଟଣାଗଡ଼ ଏସଡ଼ିଓ ଦେବବ୍ରତ ମହାପାତ୍ର, କୋଅର୍ଡିନେଟର ପ୍ରତ୍ୟୁଷ ଦାସ, ବିଇ ସୌମ୍ୟରଞ୍ଜନ ପଟ୍ଟନାୟକ ଏବଂ ଜୟ ମା ବସ୍ତ୍ରେରେନ ଓଡ଼ିଆ ବଣିକ ସଂଘର କର୍ମକର୍ତ୍ତା ଜିଷ୍ଣୁନ୍ତ ମେହେର, ଅନିରୁଦ୍ଧ ମେହେର, କୋଶଲ ମୁକ୍ତିମୋର୍ଚ୍ଚାର କାଶିନାଥ ମେହେର, ସତ୍ୟ ମେହେର, ଡ୍ରାଇଭର ୟୁନିୟନର ଅନ୍ତର୍ଯ୍ୟାମୀ ସେଠ, ଦିଲୀପ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଗତ ସପ୍ତାହକ ମଧରେ ଅଘୋଷିତ ବିଦ୍ୟୁତ୍ କାଟ ସମସ୍ୟା ଦୂର ହୋଇଛି। କେବୁଲ ତାରରେ ସରବରାହ, କର୍ମଚାରୀଙ୍କ ସହ ସୁପରଭାଇଜର ନିଯୁକ୍ତି, ତୁରେକେଲା ୩୩ କେଭି ଗ୍ରୀଡ଼ରୁ ଲାଠୋରକୁ ବିଦ୍ୟତ୍ ସଂଯୋଗ, ଟ୍ରାନ୍ସଫର୍ମର ଚାରିପଟେ ପାଚେରି ନିର୍ମାଣ ଆଦି ଦାବିଗୁଡିକୁ ପର୍ଯ୍ୟାୟକ୍ରମେ ପୂରଣ କରାଯିବ ବୋଲି ଅଧିକାରୀମାନେ କହିଥିଲେ। ଏହି ଅବସରରେ ସାବାସ ସଂଗଠନର ରବି ସୋନି, ବିଦ୍ୟାଧର ଗୁର୍ଲା, ସିକନ୍ଦର ସୁନା ପ୍ରମୁଖ ଉପସ୍ଥିତ ଥିଲେ।

# ସାର ବୋଝେଇ ମିନିଟ୍ରକ୍ ଜବତ

**କୋକସରା,୧୮।୭(ଡି.ଏନ.ଏ.)**

କଳାହାଣ୍ଡିରୁ ନବରଙ୍ଗପୁର ଜିଲାକୁ ୟୁରିଆ ସାର ଚୋରା ଚାଲାଣ ହେଉଥିବା ବେଳେ ରବିବାର ଜାତୀୟ ରାଜପଥ ୨୬ ଚେକଗେଟ ନିକଟରେ ଆମପାଣି ପୋଲିସ ଏକ ମିନିଟ୍ରକକୁ ଜବତ କରିଛି। ଯାଞ୍ଚ ସମୟରେ ଗାଡି ଡ୍ରାଇଭର ସାର ପରିବହନ ସମ୍ପର୍କିତ କୌଣସି କାଗଜପତ୍ର ଦେଖାଇ ନ ଥିବାରୁ ସାର ବୋଝେଇ ମିନିଟ୍ରକ ସମେତ ଡ୍ରାଇଭରଙ୍କୁ ଅଟକ ରଖି ଆମପାଣି ଥାନାଧିକାରୀ ଧର୍ମଗଡ ଉପଖଣ୍ଡ ପୋଲିସ ଅଧିକାରୀଙ୍କୁ ସୂଚନା ଦେଇଥିଲେ। ସୋମବାର କଳାହାଣ୍ଡି କୃଷି ଜିଲା ଅଧିକାରୀ ଜେ. ସୂର୍ଯ୍ୟା ରାଓ ଏବଂ କୋକସରା ବ୍ଲକ କୃଷି ଅଧିକାରୀ ଲିଙ୍ଗରାଜ ମେହେର ଆମପାଣି ଥାନାରେ ପହଞ୍ଚି ମିନିଟ୍ରକରେ ଥିବା ସାରକୁ ଆମପାଣି ପାକ୍ସ ଗୋଦାମରେ ନେଇ ଅନଲୋଡ଼ କରିଥିଲେ। ଟ୍ରକରେ ୩୫୦ ବସ୍ତା ୟୁରିଆ ସାର ରହିଥିବା କୃଷି ଅଧିକାରୀ ସୂଚନା ଦେଇଛନ୍ତି। ତେବେ ସାର କେଉଁ ସ୍ଥାନରୁ ଆସୁଥିଲା ଓ କେଉଁ ସ୍ଥାନକୁ ଯାଉଥିଲା ସେ ନେଇ କୌଣସି ଠିକ ସୂଚନା ଦେଇନାହାନ୍ତି। ଏହାସହ ଜବତ ଟ୍ରକକୁ ପୋଲିସକୁ ହସ୍ତାନ୍ତର କରିଛନ୍ତି। ଏ ନେଇ ଆମପାଣି ଥାନାରେ ଏକ ମାମଲା (ନଂ. ୭୭/୨୨) ରୁଜୁ କରି ଅଧିକ ତଦନ୍ତ ଚାଲିଥିବା ସୂଚନା ମିଳିଛି।

# ହରିଶଙ୍କର ପାଇଁ ୧୫ କୋଟି, ନୃସିଂହନାଥ ପାଇଁ ୨୩ କୋଟିର ଏଷ୍ଟିମେଟ୍

- ନୃସିଂହନାଥ-ହରିଶଙ୍କର ସମନ୍ୱିତ ବିକାଶ ପ୍ରକଳ୍ପ
- ଅନୁଦାନ ମଞ୍ଜୁରୀ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ପର୍ଯ୍ୟଟନ ବିଭାଗକୁ ଚିଠି



ହରିଶଙ୍କର ମନ୍ଦିର



ନୃସିଂହନାଥ ମନ୍ଦିର

**ବଲାଙ୍ଗୀର ଅଫିସ,୧୮।୭**

ପଶ୍ଚିମ ଓଡିଶାର ଦୁଇ ପ୍ରମୁଖ ତୀର୍ଥସ୍ଥଳୀ ତଥା ପର୍ଯ୍ୟଟନ କ୍ଷେତ୍ର ହରିଶଙ୍କର ଓ ନୃସିଂହନାଥ ମନ୍ଦିର ଉନ୍ନୟନ ସକାଶେ ରାଜ୍ୟ ସରକାର ଏକ ସମନ୍ୱିତ ବିକାଶ ପ୍ରକଳ୍ପ ପ୍ରସ୍ତୁତ କରିଥିଲେ। ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ମାଷ୍ଟରପ୍ଲାନ ମଧ ପ୍ରସ୍ତୁତ କରାଯାଇଥିଲା। ଏହି ପ୍ରକଳ୍ପର ଏଷ୍ଟିମେଟ୍ ଇତିମଧରେ ପ୍ରସ୍ତୁତ କରାଯାଇ ପର୍ଯ୍ୟଟନ ବିଭାଗକୁ ପ୍ରଦାନ କରାଯାଇଛି। ପୂର୍ତ୍ତ ବିଭାଗ ପକ୍ଷରୁ ପ୍ରଦତ୍ତ ଏହି ଏଷ୍ଟିମେଟ୍‌ରେ ବଲାଙ୍ଗୀର ଜିଲାର ହରିଶଙ୍କର ମନ୍ଦିର ଉନ୍ନୟନ ସକାଶେ ୧୫ କୋଟି ୧୨ ଲକ୍ଷ ୫୩ ହଜାର ଟଙ୍କା ଏବଂ ନୃସିଂହନାଥ ମନ୍ଦିର ପାଇଁ ୨୩ କୋଟି ୧ ଲକ୍ଷ ୭୪ ହଜାର ୨ ଶହ ଟଙ୍କାର ବ୍ୟୟ ଅଟକଳ ପ୍ରସ୍ତୁତ କରାଯାଇଛି। ପୂର୍ତ୍ତ ବିଭାଗ ପକ୍ଷରୁ ପ୍ରସ୍ତୁତ ଏଷ୍ଟିମେଟକୁ ପର୍ଯ୍ୟଟନ ବିଭାଗକୁ ପଠାଯାଇ ଅନୁଦାନ ମଞ୍ଜୁର କରିବାକୁ କୁହାଯାଇଛି। ପୂର୍ତ୍ତ ବିଭାଗ ମୁଖ୍ୟଯନ୍ତ୍ରୀଙ୍କ ଓଏସଡି (କୋଠା) ଜେ.ଏନ୍.ନାୟକ ଏସଂକ୍ରାନ୍ତରେ ଶୁକ୍ରବାର ବଲାଙ୍ଗୀର ରାସ୍ତା ଓ କୋଠା ବିଭାଗ ସର୍କଲ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଓ ସମ୍ବଲପୁର ଉତ୍ତରାଞ୍ଚଳ ସର୍କଲ ରାସ୍ତା ଓ କୋଠା ବିଭାଗ ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କୁ ଚିଠି ନମ୍ବର (୨୭୨୯୭/୧୫।୭।୨୨) ଅବଗତ କରିଛନ୍ତି। ଉଭୟ ମନ୍ଦିର ଓ ପୀଠର ବିକାଶ ପାଇଁ ରାଜ୍ୟ ସରକାର ପ୍ରସ୍ତୁତ କରିଥିବା ମାଷ୍ଟର ପ୍ଲାନର କାର୍ଯ୍ୟାନ୍ୱୟନ ସକାଶେ ଅନୁଦାନ ରିଲିଜ ପାଇ ଏଷ୍ଟିମେଟ୍ ପ୍ରଦାନ କରାଯିବା ପରେ ଏହି ପ୍ରକଳ୍ପ ତ୍ୱରାନ୍ୱିତ ହେବ ବୋଲି ଆଶା କରାଯାଉଛି। ଉକ୍ତ ମାଷ୍ଟର ପ୍ଲାନ୍‌ରେ ହରିଶଙ୍କର ଓ ନୃସିଂହନାଥ ପୀଠରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଏବଂ ଅଧିକ ସୁବିଧା ଯୋଗାଇବା ପାଇଁ ଲକ୍ଷ୍ୟ ରଖି ଯୋଜନା ପ୍ରସ୍ତୁତ କରାଯାଇଛି। ପୂର୍ତ୍ତ ବିଭାଗ ପକ୍ଷରୁ ଏହି ସମନ୍ୱିତ ବିକାଶ ଯୋଜନା କାର୍ଯ୍ୟକାରୀ କରାଯିବ।

# ୩୬ ବର୍ଷ ପରେ ମିଳିଲା ଜମିପଟ୍ଟା

**ରିଷିଡ଼ା ଜେକେ କଲେଜ**



କଲେଜକୁ ଜମିପଟ୍ଟା ପ୍ରଦାନ କରାଯାଉଛି।

**କର୍ଲାମୁଣ୍ଡା,୧୮।୭(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡାସ୍ଥିତ ଜଗନ୍ନାଥ କୌଶଲ୍ୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ସୋମବାର ଜମି ପଟ୍ଟା ଦୀର୍ଘ ୩୬ ବର୍ଷ ପରେ ପ୍ରଦାନ କରାଯାଇଛି। ବ୍ଲକ କାର୍ଯ୍ୟାଳୟଠାରେ କଳାହାଣ୍ଡି ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ବିଦ୍ୟାଳୟ ଅଧକ୍ଷ ପି.ଏ.କେ. ତ୍ରିପାଠୀଙ୍କୁ ୬୪ ଡିସିମିଲ ଜମି ପଟ୍ଟା ପ୍ରଦାନ କରିଥିଲେ। ଏହି ସମୟରେ ତହସିଲଦାର ବାସନ୍ତୀ ସେଠୀ, ବିଡିଓ ପ୍ରିୟଦର୍ଶିନୀ ମିର୍ଦ୍ଧା, ବ୍ଲକ ଅଧକ୍ଷ୍ୟା କୁନି ସାହୁ, ଅଧ୍ୟାପକ ଗିରିରାଜ ଗହୀର, କ୍ରୀଡା ଶିକ୍ଷକ ଲଳିତ ଦାଶ, ଚିନ୍ମୟ ରଣା, ସୌମ୍ୟ ରଞ୍ଜନ ତ୍ରିପାଠୀ ଉପସ୍ଥିତ ଥିଲେ। ଦୀର୍ଘ ୩୬ ବର୍ଷ ପରେ ଏହି ଜୁନିୟର କଲେଜ ନିଜ ବିଦ୍ୟାଳୟ ଜମି ପଟ୍ଟା ପାଇଥିବାରୁ ସାଧାରଣରେ ଆନନ୍ଦ ପ୍ରକାଶ ପାଇଛି। ପ୍ରକାଶ ଥାଉ କି ନିକଟ ଅତୀତରେ ରାଜ୍ୟ ସରକାର ଶିକ୍ଷା ଅନୁଷ୍ଠାନଗୁଡିକ ସରକାରୀ ଜମିରେ ଥିଲେ, ତାକୁ ଉକ୍ତ ଜମିର ମାଲିକାନା ଦେବା ପାଇଁ ଘୋଷଣା କରିଥିଲେ। ତଦନୁସାରେ ଏହି କଲେଜକୁ ପଟ୍ଟା ପ୍ରଦାନ କରାଯାଇଛି।

# ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଜନଶୁଣାଣି ଶିବିର

**୨୨୮ ଅଭିଯୋଗ ପଞ୍ଜୀକୃତ**

**କର୍ଲାମୁଣ୍ଡା,୧୮।୭(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରାଜୀବଗାନ୍ଧି ସେବା ଭବନଠାରେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଏବଂ ଆରକ୍ଷୀ ଅଧୀକ୍ଷକ ଅଭିଲାଷ ଜିଙ୍କ ଯୁଗ୍ମ ଅଧକ୍ଷତାରେ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭବାନୀପାଟଣା ଉପଜିଲାପାଳ ବିଶ୍ୱଜିତ ଦାଶ, ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ କିଶୋର ମହାଲିଙ୍ଗ, ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ୍ତ କୁମାର ସାହୁ, ଜିଲା ଶ୍ରମ ଅଧିକାରୀ ସୁବାଷ ମଣ୍ଡଳଙ୍କ ସମେତ କର୍ଲାମୁଣ୍ଡା ବିଡିଓ ପ୍ରିୟଦର୍ଶିନୀ ମିର୍ଦ୍ଧା, ତହସିଲଦାର ବାସନ୍ତୀ ସେଠୀ,



ଶିବିରରେ ଜିଲାପାଳ, ଏସ୍‌ପି ଏବଂ ଅନ୍ୟମାନେ ଉପସ୍ଥିତ।

ବ୍ଲକ ଅଧକ୍ଷା କୁନି ସାହୁ, ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଜନଶୁଣାଣିରେ ୨୨୮ଜଣ ଆବେଦନକାରୀ ଅଭିଯୋଗପତ୍ର ଦାଖଲ କରିଥିଲେ। ଏଥିରେ ଆବାସ ଯୋଜନା, ସାମାଜିକ ସୁରକ୍ଷା ଯୋଜନା, ରାଶନ କାର୍ଡ ସମ୍ପର୍କିତ ଅଭିଯୋଗ ଅଧିକ ରହିଥିଲା। ସେହିପରି କୁସୁରଲା ମନ୍ଦିର ଛକଠାରୁ ସିଲେଟପଡା ଦେଇ ରେଗଡା ଆରଡି ରାସ୍ତା ନିର୍ମାଣ ତଥା ଗଜବାହଲ, ରିଷିଡା, ପୌରକେଲା ପଞ୍ଚାୟତ ପାଇଁ ମେଘା ଜଳସେଚନ ପ୍ରକଳ୍ପ ବ୍ୟବସ୍ଥା କରିବା ପାଇଁ ସରପଞ୍ଚମାନେ ଲିଖିତ ଭାବେ ଜଣାଇଥିଲେ।

# ଶୈବପୀଠରେ ଭକ୍ତଙ୍କ ଭିଡ଼

**ଭବାନୀପାଟଣା,୧୮।୭(ସ୍ୱ.ପ୍ର.)**

ସବୁ ପ୍ରତୀକ୍ଷାର ଅନ୍ତ ଘଟିଛି। କରୋନା ଯୋଗୁ ଦୀର୍ଘ ଦୁଇ ବର୍ଷପରେ ପୁଣି ଏକାଠି ହେଇଛନ୍ତି ଭକ୍ତ ଓ ଭଗବାନ। ସୋମବାର ଶ୍ରାବଣ ମାସ ପ୍ରଥମ ସୋମବାର। ଭଗବାନ ଶିବଙ୍କୁ ଦର୍ଶନ କରି ଜଳଲାଗି କରିବାକୁ ଛୁଟିଛି ଭକ୍ତଙ୍କ ସୁଅ। ଏହି ଅବସରରେ କଳାହାଣ୍ଡି ଜିଲାର ସମସ୍ତ ଶୈବପୀଠରେ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ବର୍ଷକ ୧୨ ମାସରେ ଶ୍ରାବଣ ମାସର ମହିମା ଅବର୍ଣ୍ଣନୀୟ। ବିଶ୍ୱାସ ରହିଛି ଶ୍ରାବଣ ସୋମବାର ମହାଦେବଙ୍କ ଜଳଲାଗି କଲେ ସମସ୍ତ ମନସ୍କାମନା ପୂର୍ଣ୍ଣ ହୋଇଥାଏ। ଭବାନୀପାଟଣା ସହର ଜଳେଶ୍ୱର ମନ୍ଦିର, ଭଣ୍ଡେଶ୍ୱର ମନ୍ଦିର ସମେତ ଜିଲାର ଜୁନାଗଡ଼, ଧର୍ମଗଡ଼ ବ୍ଲକର ଅନେକ ମନ୍ଦିରରେ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଛି। ସକାଳୁ ଧାଡିବାନ୍ଧି ମହାଦେବଙ୍କୁ ଦର୍ଶନ କରୁଛନ୍ତି ଶ୍ରଦ୍ଧାଳୁ। ସେପଟେ ଶିବଙ୍କୁ ଜଳଲାଗି ପାଇଁ ବୋଲବମ୍ ଭକ୍ତଙ୍କ ଭିଡ଼ ମଧ ରହିଛି। ସୁରକ୍ଷାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।



ଶିବ ଲିଙ୍ଗ।

# ହରିଶଙ୍କରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼

**ଖପ୍ରାଖୋଲ, ୧୮।୭(ଡି.ଏନ.ଏ.)**

ପଶ୍ଚିମ ଓଡ଼ିଶାର ପ୍ରମୁଖ ଶୈବପୀଠ ବଲାଙ୍ଗୀର ଜିଲା ହରିଶଙ୍କରଠାରେ ଶ୍ରାବଣ ମାସର ପ୍ରଥମ ସୋମବାର ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ରାଜ୍ୟ ତଥା ରାଜ୍ୟ ବାହାରୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ପାପନାସିନୀ ଝରଣାରୁ ଜଳ ଆଣି ହରିଶଙ୍କର ବାବାଙ୍କଠାରେ ଢାଳିଥିଲେ। ମନ୍ଦିର ପ୍ରଶାସନ ତରଫରୁ ଶ୍ରଦ୍ଧାଳୁଙ୍କ ଭିଡକୁ ଲକ୍ଷ୍ୟ କରି ସ୍ୱତନ୍ତ୍ର ବାରିକେଡ ବ୍ୟବସ୍ଥା କରାଯାଇଥିଲା। ବୃଷଭ ମଣ୍ଡପରୁ ଶ୍ରଦ୍ଧାଳୁମାନେ ପାଣି ଢାଳିବାକୁ ବ୍ୟବସ୍ଥା କରାଯାଇଥିଲା। କରୋନା କଟକଣା ପାଇଁ ଦୁଇବର୍ଷ ବୋଲବମ ଭକ୍ତଙ୍କ ପାଇଁ ବନ୍ଦ ଥିବା ବେଳେ ଏ ବର୍ଷ ହରିଶଙ୍କରରେ ପ୍ରଥମ ସୋମବାରରେ ୨୦ହଜାରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ମନ୍ଦିର ମ୍ୟାନେଜର ଗୁପ୍ତେଶର କୁଅଁର କହିଛନ୍ତି।

**ଶ୍ରାବଣ ପ୍ରଥମ ସୋମବାର**



ବୋଲବମ ଭକ୍ତ ଲମ୍ବାଧାଡିରେ ଠିଆ ହୋଇଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୧୯ ଜୁଲାଇ, ୨୦୨୨



## ସଂକ୍ଷେପରେ

### ବାଇକ୍ ଧକ୍କାରେ ଜଣେ ମୃତ, ୧ ଗୁରୁତର

ଲେଫ୍ରିପଡା,୧୮।୭(ଡ଼ି.ଏନ.ଏ): ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ଥାନା ଅନ୍ତର୍ଗତ ସର୍ଗିପାଲି ଫାଣ୍ଡିର ଲୋକଡେଗା ଟେଲିଫୋନ ଏକ୍ସଚେଞ୍ଜ ନିକଟରେ ରବିବାର ରାତିରେ ବାଇକ୍ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତ ବ୍ୟକ୍ତି ଜଣକ ସେହି ଲୋକଡେଗା ଗ୍ରାମର ସାଧୁ ବଡ଼େକ (୬୨) ଏବଂ ଗୁରୁତର ଥିବା ବ୍ୟକ୍ତି ଜଣକ ମହିକାନୀ ଗ୍ରାମର ମୁନୁ କିଷାନ (୩୨) ବୋଲି ଜଣାପଡିଛି। ସୂଚନା ଅନୁଯାୟୀ ସାଧୁ ବଡ଼େକ ରାସ୍ତାରେ ଚାଲିଚାଲି ଯାଉଥିବା ସମୟରେ ପଛପଟୁ ଆସୁଥିବା ବାଇକ୍ ଓଡି -୨୩-୦୮୫୫ ଧକ୍କା ଦେବାରୁ ଗୁରୁତର ହୋଇଥିଲେ। ପରେ ଖବର ପାଇ ସର୍ଗିପାଲି ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ବ୍ୟକ୍ତିଙ୍କ ସହାୟତା କ୍ରମେ ଚିକିତ୍ସା ନିମନ୍ତେ ସୁନ୍ଦରଗଡ଼ ସରକାରୀ ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଚିକିତ୍ସା ପାଇଁ ନେବା ସମୟରେ ରାସ୍ତାରେ ସାଧୁଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟ ପକ୍ଷରେ ବାଇକ୍ ଚାଳକ ମଧ ଗୁରୁତର ଥିବାରୁ ଚିକିତ୍ସାଳୟରେ ଚିକିତ୍ସା ହେଉଥିବା ଜଣାପଡିଛି। ମୃତଦେହ ବ୍ୟବଚ୍ଛେଦ କରି ପୋଲିସ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଲେଫ୍ରିପଡ଼ା ଥାନାରେ ଏକ ମାମଲା ରୁଜୁ ହୋଇଛି।

### ପରିବେଶ ସୁରକ୍ଷା ପାଇଁ ଚାରା ରୋପଣ କରାଯାଉ

#### ବ୍ଲକ ବିଜେଡି ପକ୍ଷରୁ ଚାରା ରୋପଣ କାର୍ଯ୍ୟକ୍ରମ

ବଡ଼ଗାଁ,୧୮।୭(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ବିଜେଡି ପକ୍ଷରୁ ସୋମବାର ସ୍ଥାନୀୟ କୃଷି ବିଭାଗ ସମ୍ମୁଖ କୃଷକ ମାର୍ଗ ରାସ୍ତା ପାର୍ଶ୍ୱରେ ଚାରା ରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧକ୍ଷା କୁନ୍ତୀ ପ୍ରଧାନ, ବରିଷ୍ଠ ବିଜେଡି ନେତ୍ରୀ ତଥା ଓଡ଼ିଶା ମୋ ପରିବାରର କର୍ମକର୍ତ୍ତା ସୁନୀତା ବିଶାଳ, ଜିଲା ପରିଷଦ ସଦସ୍ୟ ଅମିୟ କୁମାର ପ୍ରଧାନ, ସୋନାଲି ହେସ, ବଡ଼ଗାଁ ସମିତି ସଭ୍ୟ ସାରିକା କେରକେଟା, ବରଙ୍ଗାକଛାର ସମିତି ସଭ୍ୟ ସଂଯୁକ୍ତା ସୋରେଙ୍ଗ, ଟିକିଲିପଡା ସମିତି ସଭ୍ୟ ପ୍ରଭାତୀ ଟପୋ, ସୁନ୍ଦରଗଡ଼ ପୌରପାଳିକାର ପୂର୍ବତନ କାଉନସିଲର ବୀଣା ସାହୁ ଯୋଗଦେଇ ରାସ୍ତାପାର୍ଶରେ ଚାରା ରୋପଣ କରିଥିଲେ। ଜିଲା ପରିଷଦ ଅଧକ୍ଷା ପ୍ରଧାନ ମହାମୃତ୍ୟୁଞ୍ଜୟ ମନ୍ତ୍ର ପାଠ କରି ଚାରା ରୋପଣ କରିଥିଲେ। ଏହାପରେ ସମସ୍ତ ଦଳୀୟ ନେତା ଓ ଜନପ୍ରତିନିଧିମାନେ ଆମ୍ବ ଏବଂ ଜାମୁ ଚାରା ରୋପଣ କରିଥଲେ। ପରିବେଶ ସୁରକ୍ଷାର ଆବଶ୍ୟକତା ଉପରେ କର୍ମୀଙ୍କୁ ବୁଝାଇ ଚାରା ରୋପଣ ପାଇଁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ବିଜେଡ଼ି କାର୍ଯ୍ୟକାରୀ ସଭାପତି ପୀତବାସ ପଣ୍ଡା, ଜିଲା ସାଧାରଣ ସମ୍ପାଦକ ଅରୁଣ ଦୀକ୍ଷିତ, ଛାତ୍ର ବିଜେଡ଼ି ସଭାପତି ତ୍ରିନାଥ ବେହେରା, ଆଲୋକ ପଟ୍ଟନାୟକ, ଉତ୍ପଳ ମହାପାତ୍ର, ସୋନୁ ଦାସ, ତାପସ ବିଶି ଚାରା ରୋପଣ କରିଥିଲେ।



କର୍ମଶାଳାରେ ଯୋଗଦେଇଥିବା ବିଭିନ୍ନ ଅଞ୍ଚଳର ବ୍ୟୁଟିସିଆନ।

## କର୍ମଶାଳାରେ ଚମକିଲେ ବ୍ୟୁଟିସିଆନ

### ୩୦ ବ୍ୟୁଟିସିଆନଙ୍କୁ ନେଇ ସୁନ୍ଦରଗଡ଼ରେ କର୍ମଶାଳା

ସୁନ୍ଦରଗଡ଼,୧୮।୭(ଡି.ଏନ.ଏ.)

ସୁନ୍ଦରଗଡ଼ଠାରେ ଦୁଇ ଦିନିଆ ମେକଅପ୍ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ରୂପଚର୍ଚ୍ଚା କରି ୩୦ ବ୍ୟୁଟିସିଆନ ଚମକିଥିଲେ। ସ୍ଥାନୀୟ ଜେଡିଆର୍ ସମ୍ମିଳନୀ କକ୍ଷଠାରେ ଆୟୋଜିତ ଏହି କର୍ମଶାଳାରେ ମୁମ୍ବାଇର ସ୍ୱନାମଧନ୍ୟ ମେକଅପ୍ ପ୍ରଶିକ୍ଷକ ରାଜୁ ଓପୋ ଯୋଗଦେଇ ଆଧୁନିକ ମେକଅପ ଶୈଳୀ ସମ୍ପର୍କରେ ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି କର୍ମଶାଳାରେ ସୁନ୍ଦରଗଡ଼, ରାଉରକେଲା, ଝାରସୁଗୁଡା ଓ ରାଜଗାଙ୍ଗପୁର ଅଞ୍ଚଳରୁ ୩୦ରୁ ଉର୍ଦ୍ଧ୍ୱ ବ୍ୟୁଟିସିଆନ ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ। କେମିତି ଅଧିକ ସୁନ୍ଦରଭାବେ ସଜାଇ ହେବେ, କେମିତି ରୂପଚର୍ଚ୍ଚା କରାଯିବ ସେ ସମ୍ପର୍କରେ ତାଲିମ ଦିଆଯାଇଥିଲା। କର୍ମଶାଳା ରବିବାର ଆରମ୍ଭ ହୋଇ ସୋମବାର ଶେଷ ହୋଇଥିଲା। ଏହି କର୍ମଶାଳାକୁ ସୁନ୍ଦରଗଡ଼ର ଛାୟା କାରିଆ ପରିଚାଳନା ଓ ଆୟୋଜନ କରିଥିଲେ।

## ବାଲିଶଙ୍କରା ବ୍ଲକରେ ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଲେ ଜିଲାପାଳ

ସୁନ୍ଦରଗଡ଼, ୧୮।୭(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ପ୍ରଶାସନ ପକ୍ଷରୁ ସୋମବାର ବାଲିଶଙ୍କରା ବ୍ଲକ କାର୍ଯ୍ୟାଳୟଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଡାକ୍ତର ପରାଗ ହର୍ଷଦ ଗାଭାଲି ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଲୋକଙ୍କର ଆପତ୍ତି, ଅଭିଯୋଗ ଶୁଣିଥିଲେ। ଏଥିରେ ମୋଟ ୯୬ଟି ଅଭିଯୋଗ ଆସିଥିଲା। ଜିଲାପାଳ ଜନଶୁଣାଣିବେଳେ ୩୧ଟି ଅଭିଯୋଗର ସମାଧାନ କରିଥିଲେ। ଅନ୍ୟ ଅଭିଯୋଗଗୁଡ଼ିକ ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଭୈରବ ସିଂ ପଟେଲ, ସଦର ଉପଜିଲାପାଳ ଅଭିମନ୍ୟୁ ବେହେରା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସରୋଜ କୁମାର ମିଶ୍ର, ବାଲିଶଙ୍କରା ବ୍ଲକ ଅଧକ୍ଷା କୁଞ୍ଜଲତା ଭିତିରିଆ, ବିଡିଓ ବାସନ୍ତୀ ଲାକ୍ରାଙ୍କ ସହିତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଜନଶୁଣାଣି କାର୍ଯ୍ୟକ୍ରମ ପରେ ଜିଲାପାଳ ବାଲିଶଙ୍କରା ବ୍ଲକରେ ଚାଲିଥିବା



ଜିଲାପାଳ ଡାକ୍ତର ପରାଗ ହର୍ଷଦ ଗାଭାଲି ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ।

ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମର କ୍ଷେତ୍ରସ୍ତରୀୟ ଅଗ୍ରଗତି ଅନୁଧ୍ୟାନ କରିଥିଲେ। ବାଲିଶଙ୍କରାସ୍ଥିତ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଗସ୍ତ କରି ଭିତିଭୂମି ବୁଲି ଦେଖିଥିଲେ। ରାଜ୍ୟ ସରକାରଙ୍କ ୫-ଟି ଅଭିଯାନ ଅଧୀନରେ ରୂପାନ୍ତରିତ ହୋଇଥିବା ବିଦ୍ୟାଳୟ ପରିଦର୍ଶନ କରିଥିଲେ। ପରେ ଜିଲାପାଳ ବାଲିଶଙ୍କରା ବ୍ଲକର ସଉନାମୁରାଠାରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ତରଫରୁ 'ମିଶନ ଜୀବିକା କାର୍ଯ୍ୟକ୍ରମ' ଓ 'ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି' ଯୋଜନା ଅଧୀନରେ ହୋଇଥିବା ଆମ୍ବ ବଗିଚାକୁ ବୁଲି ଦେଖିଥିଲେ। ବି. କରୁଆବାହାଲଠାରେ କରାଯାଇଥିବା ୫ମେଟ୍ରିକ ଟନ ବିଶିଷ୍ଟ ସୋଲାର ଶୀତଳ ଭଣ୍ଡାର ବୁଲି ଦେଖିଥିଲେ ଜିଲାପାଳ। ଏଥିସହ ଜିଲାପାଳ ତଲସରା ଡ୍ୟାମ ପରିଦର୍ଶନରେ ଯାଇ ସେଠାରେ ପର୍ଯ୍ୟଟକଙ୍କ ନିମନ୍ତେ ଏକ ଭିୟୁ ପଏଣ୍ଟ ତିଆରି କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଜିଲାପାଳଙ୍କର ଏହି କ୍ଷେତ୍ରସ୍ତରୀୟ ଅନୁଧ୍ୟାନ ବେଳେ ସୁନ୍ଦରଗଡ଼ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ରାମକୃଷ୍ଣ ଗଣ୍ଡ, ଜିଲା ଉଦ୍ୟାନ କୃଷି ବିଭାଗର ଉପନିର୍ଦ୍ଦେଶକ ସୁଦେଶ କୁମାର ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ୟାଙ୍କ ଷ୍ଟାଫ କହି ଟ୍ରକ୍ ଲୁଟ: ୩ ଗିରଫ

ରେଙ୍ଗାଲି,୧୮।୭(ଡି.ଏନ.ଏ.)

ସମ୍ବଲପୁର ଜିଲା ଠେଲକଲୋଇ ଥାନା ଅଞ୍ଚଳରେ ବ୍ୟାଙ୍କ ରିକଭରି ଏଜେଣ୍ଟ କହି ଟ୍ରକ୍ ଓ ଟଙ୍କା ଲୁଟିଥିବା ୩ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଲପଙ୍ଗାର ପ୍ରମୋଦ ପାଣ୍ଡେ, ସମ୍ବଲପୁରର ଜିଆ ଉଲ ହକ ଓ ଏମ୍ଡି ମିରାଜ। ସେମାନଙ୍କଠାରୁ ଲୁଟ୍ ଟ୍ରକ୍ ଓ ଟଙ୍କା ଜବତ ହୋଇଛି। ଅଭିଯୁକ୍ତମାନେ ଏକ ଟ୍ରକ୍‌କୁ ତାରିଣୀ ମନ୍ଦିର ସମ୍ମୁଖରେ ଅଟକାଇ ଡ୍ରାଇଭରଙ୍କୁ ଭୟଭୀତ କରିଥିଲେ। ଗାଡିର କିସ୍ତି ଟଙ୍କା ନ ଦେଲେ ଗାଡି ଟାଣି ନେବୁ ଧମକାଇଥିଲେ। ଖବରପାଇ ଗାଡି ମାଲିକ ଅସଲମ ଆଲମ ଘଟଣାସ୍ଥଳରେ ପହଞ୍ଚି ୨୯ ହଜାର ଟଙ୍କା ଦେଇଥିଲେ। ଏହା ସତ୍ତ୍ୱେ ମାରପିଟ କରିଥିଲେ। ଟ୍ରକ ମାଲିକ ଥାନାରେ ଅଭିଯୋଗ କରିଥିଲେ।

## ୩ ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଲହୁଣୀପଡ଼ା, ୧୮।୭(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ଖୁଣ୍ଟୁଗାଁ ପଞ୍ଚାୟତ ସାଧୁ ବାହାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଶନିବାର ଖୁଣ୍ଟୁଗାଁ ସର୍କଲ ତରଫରୁ ତିନିଜଣ ଅବସରପ୍ରାପ୍ତ ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ବିଇଓ ଭଗବାନ ବାଙ୍କୀରା ସଭାପତିତ୍ୱ କରିଥିଲେ। ସନ୍ତୋଷ କୁମାର ପାତ୍ର ଅତିଥି ପରିଚୟ, ଜୟକୁମାର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। ଅବସର ଗ୍ରହଣ କରିଥିବା ଗୋପବନ୍ଧୁ ସାହୁ, ପଦ୍ମନ ପାତ୍ର ଉପସ୍ଥିତ ଥିବାବେଳେ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁ ଅମରଜିତ ଭୂମିଜ ଅନୁପସ୍ଥିତ ଥିଲେ। ବିଦାୟୀ ଶିକ୍ଷକ ଗୋପବନ୍ଧୁ, ପଦ୍ମନ ଚାକିରୀ ଜୀବନର ଅଭିଜ୍ଞତା ବକ୍ତବ୍ୟ ମାଧ୍ୟମରେ ଆଲୋକପାତ କରିଥିଲେ। ଖୁଣ୍ଟୁଗାଁ ସର୍କଲ ତରଫରୁ ବିଦାୟୀ ଶିକ୍ଷକ ଗୋପବନ୍ଧୁ ସାହୁ ଓ ପଦ୍ମନ ପାତ୍ରଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ,ଉପହାର ଦେଇ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଅମରଜିତ ଭୂମିଜଙ୍କୁ ତାଙ୍କ ବାସଭବନକୁ ଯାଇ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସଭା ଶେଷରେ ଶଙ୍କର ପ୍ରସାଦ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ଛନ୍ଦା ଚରଣ ସାହୁ, ପୀତବାସ ପାତ୍ର, ବିଶ୍ୱନାଥ ସାହୁ, ନିଳମଣି ସାହୁ, ଶରତ ଚନ୍ଦ୍ର ସେଠ, ଭରତଚନ୍ଦ୍ର ପାତ୍ର, ଅଶ୍ୱିନି କୁମାର ବିଶ୍ୱାଳ, ଶେଷଧର ବିଶ୍ୱାଳ, ହରିପଦ ଜେନା, ସନାତନ ବାରିକ, ଝୁଲି ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଖୁଣ୍ଟୁଗାଁ ସର୍କଲର ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ।

## ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି





ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଅଧିକାରୀ ଓ ଜନସାଧାରଣ।

ଦେବଗଡ଼, ୧୮।୭(ଡି.ଏନ୍.ଏ.)

ଦେବଗଡ଼ ଜିଲା ବାରକୋଟ ବ୍ଲକ ରାଇତାବାହାଲ ପଞ୍ଚାୟତରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଯୋଗଦେଇ ପଞ୍ଚାୟତରେ ଆସିଥିବା ୪୩ଟି ଅଭିଯୋଗ ଶୁଣାଣି କରି ଏହା ଉପରେ ଆବଶ୍ୟକ ପଦକ୍ଷେପ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ତୁରନ୍ତ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅଭିଯୋଗ ଶୁଣାଣି ଶିବିରରେ ୨୩ଟି ବ୍ୟକ୍ତିଗତ ସମସ୍ୟା ଏବଂ ୨୦ଟି ସାମୂହିକ ସମସ୍ୟା ରହିଥିଲା। ଶିବିରରେ ଜମିବାଡ଼ି ପଟା, ବାର୍ଦ୍ଧକ୍ୟ ଭତ୍ତା, ରେଙ୍ଗାଲିଡ୍ୟାମ ପାଣିରେ ବୁଡିଯାଉଥିବା ଜମିବାଡି ବବାଦକୁ କ୍ଷୟକ୍ଷତି, ବନ୍ଦ ହୋଇଥିବା ସ୍କୁଲଗୁଡ଼ିକୁ ପୁନର୍ବାର ଖୋଲାଯିବା ପାଇଁ ଜନସାଧାରଣ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅଭିଯୋଗଗୁଡ଼ିକ ଶୁଣିବା ପରେ ଏଗୁଡ଼ିକ ତୁରନ୍ତ ସମାଧାନ କରିବା ପାଇଁ ଜିଲାପାଳ ଉପାଧ୍ୟାୟ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ୫ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରିଥିଲେ। ଏହି ଶିବିରରେ ଏସ୍‌ପି ରାଜକିଶୋର ପାଇକରାୟ, ଡ଼ିଆରଡ଼ିଏର ପ୍ରକଳ୍ପ ନିର୍ଦ୍ଦେଶକ ଲୁକାସ ପ୍ରଧାନ, ଉପଜିଲାପାଳ ବ୍ରଜବନ୍ଧୁ ଭୋଇ ଏବଂ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ମୋ ପରିବାରର ସଭା, ବୃକ୍ଷ ରୋପଣ କାର୍ଯ୍ୟକ୍ରମ

ଲହୁଣୀପଡ଼ା, ୧୮।୭(ଡି.ଏନ.ଏ.)

ମୋ ପରିବାର ପକ୍ଷରୁ ରାଉରକେଲା ଶାଖାର ଉପଖଣ୍ଡସ୍ତରୀୟ ସଭା ଲହୁଣୀପଡା ପଞ୍ଚାୟତ ସଭା କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ସଭାକୁ ରାଉରକେଲା ଶାଖାର କୋଷାଧ୍ୟକ୍ଷ ନରେନ୍ଦ୍ର କୁମାର ସାହୁ ଆୟୋଜନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ଶାଖାର ମୁଖ୍ୟ ଜଗନ୍ନାଥ ପରିଡା ଓ ରାଜୀବ କୁମାର ବେହେରା ଯୋଗ ଦେଇ ଅନୁଷ୍ଠାନର ଆଭିମୁଖ୍ୟ କଣ ଓ ଅନୁଷ୍ଠାନ ତରଫରୁ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ସଙ୍ଗଠନର ଉପସଭାପତି ଧର୍ମେନ୍ଦ୍ର କୁମାର ସାହୁ ଉଦ୍‌ବୋଧନ ଦେଇଥିଲେ। ପରେ ସଙ୍ଗଠନ ପକ୍ଷରୁ ଲହୁଣୀପଡ଼ାଠାରେ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ସଂଘର ସଭାପତି ସତୀର୍ଥ ସତ୍ୟାଦିତ୍ୟ, କୋଡିନେଟର ଜିତେନ୍ଦ୍ର କୁମାର ଆଚାର୍ଯ୍ୟ, ସମ୍ପାଦକ ଅର୍ଜୁନ ଏକ୍କା, ଲହୁଣୀପଡ଼ା ସରପଞ୍ଚ ନେଲସନ ହେମ୍ବ୍ରମ,ସୁଶୀଲ ଡୁଙ୍ଗଡୁଙ୍ଗ, ଲହୁଣୀପଡା ଜିଲ୍ଲା ପରିଷଦ (କ)ଜୁଲିଆନି କାଣ୍ଡିର, ଅସୀମ ପଟେଲ, ସୁଶ୍ରୀ ସ୍ୱାଗତିକା, ଇଂ. ବିଶ୍ୱ ପ୍ରଦୀପ ସ୍ୱାଇଁ, ସୌଭାଗ୍ୟ ମୁନା, ପୁର୍ଣେନ୍ଦୁ କାମିଲା ପ୍ରମୁଖ ଉପସ୍ଥିତ ଥିଲେ।

## ରାଜଗାଙ୍ଗପୁର ଜେଏମ୍‌ଏଫ୍‌ସିଙ୍କୁ ବିଦାୟ ସମ୍ବର୍ଦ୍ଧନା





ମାଜିଷ୍ଟ୍ରେଟଙ୍କ ସହ ରାଜଗାଙ୍ଗପୁର ଓକିଲ ସଂଘର କର୍ମକର୍ତ୍ତା।

ରାଜଗାଙ୍ଗପୁର, ୧୮।୭(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ବିଚାର ବିଭାଗୀୟ ଜୁଡିସିଆଲ ମାଜିଷ୍ଟ୍ରେଟ ଫାଷ୍ଟ କ୍ଲାସଙ୍କର ସୋମବାର ଢେଙ୍କାନାଳ ଜିଲାର ଭୁବନକୁ ବଦଳି ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ରାଜଗାଙ୍ଗପୁର ଓକିଲ ସଂଘ ଦ୍ୱାରା ସୋମବାର ଓକିଲ ସଂଘର ସଭାଗୃହରେ ଏକ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ରାଜଗାଙ୍ଗପୁର ସିଭିଲ ଜଜ ସିନିୟର ଡିଭିଜନ ପଲ୍ଲବୀ ରାଣୀ ସାହୁ ଓ ଜେଏମ୍‌ଏଫ୍‌ସି ପୁନମ ସେଠ ଅତିଥି ଭାବେ ଯୋଗ ଦେଇ ନିଜର ବକ୍ତବ୍ୟ ରଖିଥିଲେ। ସଂଘର ସଭାପତି ପ୍ରଳୟ ହାଜରା ବିଦାୟୀ ଜେଏମ୍‌ଏଫ୍‌ସିଙ୍କୁ ତାଙ୍କ କାର୍ଯ୍ୟ ଦକ୍ଷତା ଓ ସହଯୋଗ ପାଇଁ ପ୍ରଶଂସା କରିଥିଲେ। ଉପସଭାପତି ଅଶୋକ ପାଣି ସଭାକୁ ପରିଚାଳନା କରିଥିଲେ ଓ ଆଇନଜୀବୀ ଲବେନ୍ଦ୍ର ବେହେରା, ପ୍ରଦୀପ ପଟ୍ଟନାୟକ, ମହମ୍ମଦ ମହସିନ ପ୍ରମୁଖ ବିଦାୟୀ ଜେଏମ୍‌ଏଫ୍‌ସିଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ଶେଷରେ ମୁରଲିଧର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସଂଘର ଆଇନଜୀବୀମାନେ ଏହି ବିଦାୟ ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ରହିଥିଲେ।

## ସର୍ଗିପାଲି ପଞ୍ଚାୟତ ଆନୁକୂଲ୍ୟରେ ଚାରା ରୋପଣ

ଲେଫ୍ରିପଡା,୧୮। ୭(ଡ଼ି.ଏନ.ଏ)

ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ବ୍ଲକ ଅନ୍ତର୍ଗତ ସର୍ଗିପାଲି ପଞ୍ଚାୟତ ଆନୁକୂଲ୍ୟରେ ସ୍ଥାନୀୟ ଇଛା ନଦୀପଠାରେ ସୋମବାର ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସର୍ଗିପାଲି ସରପଞ୍ଚ ପୁଷ୍ପାଞ୍ଜଳି ପ୍ରଧାନଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧକ୍ଷ ନରେଶ ପ୍ରତାପ ସିଂ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଲେଫ୍ରିପଡା ତହସିଲଦାର ସାରିକାରାଣୀ ଧାମେଲ, ଥାନା ଆଇଆଇସି ସୁମନ୍ତ କୁମାର ନାଏକ, ଜିଲା ପରିଷଦ ସଭ୍ୟା ଅଞ୍ଜଳି ଘୋଷ, ସାମାଜିକ କର୍ମୀ ସୁଧାକର ପାଣ୍ଡେ, ହାଇସ୍କୁଲ ପ୍ରଧାନ ଶିକ୍ଷକ କ୍ଷତ୍ରେଶ୍ୱର ସା, ସର୍ଗିପାଲି ମହାବିଦ୍ୟାଳୟ ଅଧକ୍ଷ ଦେବେନ୍ଦ୍ର ଚୌଧୁରୀ, ସର୍ଗିପାଲି ସମବାୟ ବ୍ୟାଙ୍କର ଶାଖା ପରିଚାଳକ ତପନ ପ୍ରଧାନ ପ୍ରମୁଖ ଯୋଗଦାନ କରିଥିଲେ। ଅତିଥିଗଣ ବୃକ୍ଷ ରୋପଣର ତାତ୍ପର୍ଯ୍ୟ ଉପରେ ଭିନ୍ନ ଭାବେ ଆଲୋକପାତ କରିଥିଲେ। ଅନ୍ୟତମ



ଇଛା ନଦୀପଠାରେ ଚାରା ରୋପଣ କରାଯାଉଛି।

ଅତିଥି ଭାବେ ନାଏବ ସରପଞ୍ଚ ରାଜେଶ କିଷାନ, ପୂର୍ବତନ ସରପଞ୍ଚ ବୀରକିଶୋର ସିଂ, ବରିଷ୍ଠ ନାଗରିକ ସଂଘର ସନ୍ତୋଷ କୁମାର ପଟେଲ, ଧରଣୀଧର ପଟେଲ, କୃଷି ଅଧୀଦର୍ଶିକା ଝରଣା ଦାଶ ପ୍ରମୁଖ ଯୋଗଦାନ କରିଥିଲେ । ଅତିଥିମାନଙ୍କ ଦ୍ୱାରା ଚାରା ରୋପଣ କରାଯାଇଥିଲା। ଏଥିରେ ଗ୍ରାମପଞ୍ଚାୟତ ମହିଳା ମହାସଂଘର ସଦସ୍ୟା, ସ୍ଥାନୀୟ ହାଇସ୍କୁଲ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର, ମହାବିଦ୍ୟାଳୟର ଛାତ୍ରୀଛାତ୍ର ଭାଗ ନେଇଥିଲେ। କାର୍ଯ୍ୟକ୍ରମକୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଚନ୍ଦ୍ରଭାନୁ ମହାନନ୍ଦିଆ ପରିଚାଳନା କରିଥିଲେ।

## ଜାତୀୟ କିକ୍ ବକ୍ସିଂ ଖେଳିବା ପାଇଁ ପ୍ରୀତିଙ୍କ କୋଲକାତା ଗସ୍ତ

କୁତ୍ରା, ୧୮।୭(ଡି.ଏନ.ଏ.)

କଲିକତାସ୍ଥିତ ନେତାଜୀ ଇନଡୋର ଷ୍ଟାଡିୟମରେ ଆସନ୍ତା ୧୯ ରୁ ୨୩ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଥିବା ୱାକୋ ଇଣ୍ଡିଆ ନ୍ୟାସନାଲ କିକ୍ ବକ୍ସିଂ ଚାମ୍ପିୟନଶିପ ୨୦୨୨ ପ୍ରତିଯୋଗିତା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି ସୁନ୍ଦରଗଡ଼ ଜିଲାର ପ୍ରୀତି ଟପ୍ପୋ(୧୭)। କୁତ୍ରା ବ୍ଲକ ଅନ୍ତର୍ଗତ ପୂର୍କାପାଲି ପଞ୍ଚାୟତର ନୂଆଁକାଦୋଫଡା ଗାଁର ଜନ୍ମ ଟପ୍ପୋ, ସବିତା ଟପ୍ପୋଙ୍କ ଝିଅ ହେଲେ ପ୍ରୀତି। ଜାତୀୟସ୍ତରୀୟ କିକ୍ ବକ୍ସିଂ ପ୍ରତିଯୋଗିତାରେ ଭାଗ ନେବା ପାଇଁ ସୋମବାର କଲିକତା ଯାତ୍ରା କରିଛନ୍ତି। ଏଥିପାଇଁ ସେ ଯୋରଦାର ଅଭ୍ୟାସ କରିଛନ୍ତି। ସେ ସପ୍ତମ ଶ୍ରେଣୀରୁ ହିଁ କିକ୍ ବକ୍ସିଂ ପ୍ରତି ଆଗ୍ରହ ପ୍ରକାଶ କରି ଖେଳ ଆରମ୍ଭ କରିଥିଲେ। ତାଙ୍କର ଦୃଢ ଇଚ୍ଛାଶକ୍ତି ପାଇଁ ସେ ଆଜି ଜାତୀୟସ୍ତରରେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି। ଏହା ପୂର୍ବରୁ ୨୦୨୦



କୁତ୍ରା ବ୍ଲକ କାର୍ଯ୍ୟାଳୟରେ ପ୍ରୀତି ଟପ୍ପୋଙ୍କ ସହିତ ବିଡିଓ, ଅଧକ୍ଷା ଓ ଅନ୍ୟମାନେ।

ମସିହାରେ 'ଆଷ୍ଟେଡୋ ଆଖଡା' ଖେଳ ପାଇଁ ନାଗପୁରରେ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇ ରୌପ୍ୟ ପଦକ ହାସଲ କରି ସୁନ୍ଦରଗଡ଼ ଜିଲାକୁ ଗୌରବାନ୍ୱିତ କରିଥିଲେ। ସେ ବରଙ୍ଗାକଛାର ସରକାରୀ ଉଚ୍ଚ ବିଦ୍ୟାଳୟରେ ପାଠପଢି ଚଳିତବର୍ଷ ଦଶମ ଶ୍ରେଣୀରେ ପାଶ କରିଛନ୍ତି। ଏହି ସବୁ ଖେଳ ପାଇଁ ସେ ସୁନ୍ଦରଗଡ଼ ଜିଲାର ଅଗ୍ରଣୀ ଅନୁଷ୍ଠାନ ଜନସେବା ସମିତି ଯୋଗୀମାଲରେ ସୁଦକ୍ଷ କୋଚମାନଙ୍କଠାରୁ ତାଲିମ ନେଇଛନ୍ତି। ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଉନ୍ନତ ଖେଳ ପ୍ରଦର୍ଶନ କରି ଜାତୀୟସ୍ତର ପ୍ରତିଯୋଗିତାରେ ଭାଗ ନେବାର ସୁଯୋଗ ପାଇଛନ୍ତି। ତାଙ୍କ ସହିତ କୋଚ ପୂଜା ତନ୍ତୀ କଲିକତା ଯାଉଛନ୍ତି। ଏଇଥି ପାଇଁ ସୋମବାର କୁତ୍ରା ବ୍ଲକ କାର୍ଯ୍ୟାଳୟରେ ବ୍ଲକ ଅଧକ୍ଷା ଶାନ୍ତିଲତା ଲାକଡା, କୁତ୍ରା ଗୋଷ୍ଠୀ ଉନ୍ନୟନ ଅଧିକାରୀ(ବିଡ଼ିଓ) ରବୀନ୍ଦ୍ର କୁମାର ସେଠୀ, ବ୍ଲକ ଉପାଧକ୍ଷ କୌସ୍ତୁଭ ଭୂଷଣ ହୋତା ପ୍ରମୁଖ ପ୍ରୀତିଙ୍କୁ ସମ୍ବର୍ଦ୍ଧିତ କରି ତାଙ୍କ ବିଜୟ ପାଇଁ କାମନା କରିଥିଲେ।

## ଶେୟାର ବଜାରରେ ଉତ୍ସାହ

ନୂଆଦିଲ୍ଲୀ: ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ ଦରବୃଦ୍ଧି ଭଳି ଘଟଣା ସତ୍ତ୍ୱେ ଶେୟାର ବଜାରରେ ଉତ୍ସାହ ଦେଖାଦେଇଛି। ଫଳରେ ଉଭୟ ସେନ୍‌ସେକ୍ସ ଓ ନିଫ୍ଟିରେ ପାଖାପାଖି ୧% ବୃଦ୍ଧି ଘଟିଛି। ଏପରିକି କ୍ରମାଗତ ଭାବେ ହ୍ରାସ ପାଉଥିବା ଶେୟାର ବଜାର ଲଗାତର ୩ୟ କାର୍ଯ୍ୟଦିବସରେ ଭଲ ଫଳାଫଳ ପ୍ରଦାନ କରିଛି। ସୋମବାର ସେନ୍‌ସେକ୍ସ ୭୬୦.୩୭ ପଏଣ୍ଟ (୧.୪୧%) ବୃଦ୍ଧି ଘଟି ୫୪,୫୨୧.୧୫ ପଏଣ୍ଟରେ ବନ୍ଦ ହୋଇଥିବା ବେଳେ ନିଫ୍ଟି ୫୦ରେ ୨୨୯.୩୦ ପଏଣ୍ଟ (୧.୪୩%) ବଢ଼ି ୧୬,୨୭୮.୫୦ ପଏଣ୍ଟରେ କାରବାର ଶେଷ କରିଛି।



### ସଂକ୍ଷେପରେ

## ସେଲ୍ ଇଣ୍ଡିଆର ନୂଆ ଇଞ୍ଜିନ ଅଏଲ

ନୂଆଦିଲ୍ଲୀ,୧୮।୭: ଫିନିଶ୍‌ଡ ଲୁବ୍ରିକାଣ୍ଟସ କ୍ଷେତ୍ରରେ ଗ୍ଲୋବାଲ ମାର୍କେଟ ଲିଡର, ସେଲ୍ ପକ୍ଷରୁ ୩ଚକିଆ ଯାନଗୁଡ଼ିକ ପାଇଁ ସ୍ୱତନ୍ତ୍ର ଭାବେ ଡିଜାଇନ ଓ କଷ୍ଟମାଇଜ୍ କରାଯାଇଥିବା ଏହାର ନୂଆ ସେଲ୍ ଇଞ୍ଜିନ ଅଏଲ୍‌ର ଶୁଭାରମ୍ଭ କରାଯାଇଛି। ୩ଚକିଆ ଯାନ ବର୍ଗ ବାର୍ଷିକ ଆଧାରରେ ବୃଦ୍ଧି ପାଉଛି ଏବଂ ଶେଷ ମାଇଲ କନେକ୍ଟିଭିଟି ପ୍ରଦାନ କରି ଦେଶର ଯାତାୟାତ ଆବଶ୍ୟକତାକୁ ପୂରଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଏହାକୁ ଦୃଷ୍ଟିରେ ରଖି କମ୍ପାନୀ ୩ଚକିଆ ଯାନ ପାଇଁ ସ୍ୱତନ୍ତ୍ର ଭାବେ ନିର୍ମିତ ଇଞ୍ଜିନ ଅଏଲର ବଜାର ପ୍ରବେଶ କରାଇଛି। ଏ ସମ୍ପର୍କରେ ସେଲ୍ ଲୁବ୍ରିକାଣ୍ଟସ ଇଣ୍ଡିଆର କଣ୍ଟ୍ରି ହେଡ୍ ଦେବାଞ୍ଜଳି ସେନ୍‌ଗୁପ୍ତା କହିଛନ୍ତି, ସେଲ୍‌ରେ ଆମେ ଗ୍ଲୋବାଲ୍ ଆଭିମୁଖ୍ୟରେ ବିଶ୍ୱାସ ରଖିଥାଉ, ଯେଉଁଠାରେ ଆମେ ସ୍ଥାନୀୟ ଗ୍ରାହକଙ୍କ ଆବଶ୍ୟକତା ସହ ଜଡ଼ିତ ହୋଇ ସ୍ୱଦେଶୀ ଉତ୍ପାଦ ନିର୍ମାଣ କରିବା ପାଇଁ ଆମର ଅନ୍ତର୍ଜାତୀୟ ଜ୍ଞାନ ଓ ସଂସାଧନର ସର୍ବୋତ୍ତମତାକୁ ଆଣୁଛୁ।

## ଗ୍ୟାଲାକ୍ସି ଏମ୍୧୩ ସିରିଜର ଶୁଭାରମ୍ଭ

ନୂଆଦିଲ୍ଲୀ,୧୮।୭: ସାମ୍‌ସଙ୍ଗର ନୂଆ ଗ୍ୟାଲାକ୍ସି ଏମ୍୧୩ ୫ଜି ଓ ଗ୍ୟାଲାକ୍ସି ଏମ୍୧୩ର ଶୁଭାରମ୍ଭ ହୋଇଯାଇଛି। ଏ ସମ୍ପର୍କରେ ସାମ୍‌ସଙ୍ଗ ଇଣ୍ଡିଆର ମୋବାଇଲ ମାର୍କେଟିଂ ବିଭାଗର ମୁଖ୍ୟ ଓ ବରିଷ୍ଠ ନିର୍ଦ୍ଦେଶକ ଆଦିତ୍ୟ ବାବର କହିଛନ୍ତି, ଆମ ଉପଭୋକ୍ତାଙ୍କ ଜୀବନକୁ ଉନ୍ନତ କରିବା ପାଇଁ ସାମ୍‌ସଙ୍ଗର ପ୍ରତିବଦ୍ଧତାର ଅଂଶ ଭାବେ ଗ୍ୟାଲାକ୍ସି ଏମ୍ ସିରିଜକୁ ଭାରତରେ ୨୦୧୯ରେ ଶୁଭାରମ୍ଭ କରାଯାଇଥିଲା। ଏହା ପରଠାରୁ ଗ୍ୟାଲାକ୍ସି ଏମ୍ ସିରିଜ୍ ଲକ୍ଷ ଲକ୍ଷ ଗ୍ରାହକଙ୍କ ଭଲ ପାଇବା ହାସଲ କରିଛି। ଗ୍ୟାଲାସି ଏମ୍୧୩ ୫ଜିର ୪ଜିବି+୬୪ଜିବି ଭାରିଆଣ୍ଟର ମୂଲ୍ୟ ମାତ୍ର ୧୩,୯୯୯ ଟଙ୍କା ଏବଂ ୬ଜିବି+୧୨୮ଜିବି ଭାରିଆଣ୍ଟ ମୂଲ୍ୟ ୧୫,୯୯୯ ଟଙ୍କା ରହିଥିବା ବେଳେ ଗ୍ୟାଲାକ୍ସି ଏମ୍୧୩ର ୪ଜିବି+୬୪ଜିବି ଭାରିଆଣ୍ଟ ମୂଲ୍ୟ ମାତ୍ର ୧୧,୯୯୯ ଟଙ୍କା ଓ ୬ଜିବି+୧୨୮ଜିବି ଭାରିଆଣ୍ଟର ମୂଲ୍ୟ ୧୩,୯୯୯ ଟଙ୍କା ରହିଛି।

# ଷ୍ଟାର୍ଟଅପ୍‌ଙ୍କ ପାଇଁ ଓଡ଼ିଶା ଉପଯୁକ୍ତ ସ୍ଥାନ: ମନ୍ତ୍ରୀ

**ଓଡ଼ିଶା ଷ୍ଟାର୍ଟଅପ୍ କନ୍‌କ୍ଲେଭରେ ୧୦ ଷ୍ଟାର୍ଟଅପ୍ ଅନୁଷ୍ଠାନ ସମ୍ବର୍ଦ୍ଧିତ**

ଭୁବନେଶ୍ୱର,୧୮।୭




ରାଜ୍ୟର ବିକାଶ ଓ ଅଭିବୃଦ୍ଧି ଲାଗି ଓଡ଼ିଶା ସରକାର ଅନେକ ସୁବିଧା ଓ ସହଯୋଗ ଶିଳ୍ପସଂସ୍ଥାଗୁଡିକୁ ପ୍ରଦାନ କରୁଛନ୍ତି। ଏପରିକି ଆଗକୁ ବଢ଼ିବା ଓ ସମୃଦ୍ଧ ହେବା ଲାଗି ଷ୍ଟାର୍ଟଅପ୍ ସଂସ୍ଥାଗୁଡ଼ିକ ପାଇଁ ଓଡ଼ିଶା ଏକ ଉପଯୁକ୍ତ ସ୍ଥାନ ବୋଲି ରାଜ୍ୟ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ପ୍ରତାପ କେଶରୀ ଦେବ ସ୍ଥାନୀୟ 'ଓ-ହବ୍' ଠାରେ ଆୟୋଜିତ ଓଡ଼ିଶା ଷ୍ଟାର୍ଟଅପ୍ କନ୍‌କ୍ଲେଭ-୨୦୨୨ର ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏଭଳି କିଛି ମତ ଉପସ୍ଥାପନ କରିଛନ୍ତି। ସେହିପରି ଉକ୍ତ କନ୍‌କ୍ଲେଭରେ ଅଂଶଗ୍ରହଣ କରିଥିବା ସମସ୍ତ ନିବେଶକ ଓ ଷ୍ଟାର୍ଟଅପ୍ ସଂସ୍ଥା ଜାଣିବା ଦରକାର ଯେ ବର୍ତ୍ତମାନଠାରୁ ନିଜ ଯାତ୍ରା ଆରମ୍ଭ କରିବା ଲାଗି ଓଡ଼ିଶା ଓ ରାଜ୍ୟ ସରକାର ଆବଶ୍ୟକ ସୁଯୋଗ ପ୍ରଦାନ କରୁଛନ୍ତି। ରାଜ୍ୟରେ ବିପୁଳ ପରିମାଣର ବୈଷୟିକ ସମ୍ବଳ ରହିଛି ଏବଂ ଉଦ୍ୟୋଗୀସଂସ୍ଥାଗୁଡିକ ପାଇଁ ଜମି, ଜଳ, ଭିତ୍ତିଭୂମି ଓ ଶକ୍ତି ଆଦି ପ୍ରସ୍ତୁତ ହୋଇ ରହିଛି ବୋଲି ମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି। ସେହିଭଳି ଉତ୍ସବର ଅନ୍ୟତମ ବକ୍ତା ଭାବେ ଯୋଗଦେଇ ଷ୍ଟାର୍ଟଅପ୍ ଓଡ଼ିଶାର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ, ଡ.ଓମ୍‌କାର ରାଏ କହିଛନ୍ତି, ବିଶ୍ୱସ୍ତରୀୟ ଭିତ୍ତିଭୂମି ଓ ସୁବିଧା ସୁଯୋଗ ଥିବାରୁ ରାଜ୍ୟରେ ଏଭଳି କାର୍ଯ୍ୟକ୍ରମ ପାଇଁ ଓ-ହବ୍ କେନ୍ଦ୍ରସ୍ଥଳ ଭାବେ ପରିଣତ ହୋଇଛି। ଓଡ଼ିଶାରେ ୧୩୦୦ ସ୍ୱୀକୃତିପ୍ରାପ୍ତ ଷ୍ଟାର୍ଟଅପ୍ ସଂସ୍ଥା ରହିଛନ୍ତି ଓ ସେମାନଙ୍କ ମଧ୍ୟରୁ ୪୦% ମହିଳାମାନଙ୍କ ଦ୍ୱାରା ପରିଚାଳିତ ହେଉଛି। ଦେଶରେ ଅନ୍ୟ କୌଣସି ବ୍ୟବସ୍ଥା ତୁଳନାରେ ଏହା ଅନ୍ୟତମ ଓ ସ୍ୱତନ୍ତ୍ର ହୋଇପାରିଛି। ସେହିଭଳି ଏଆଇସି-ନାଳନ୍ଦାର ସିଇଓ, ଦେବଜ୍ୟୋତି ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ ସହ ଷ୍ଟାର୍ଟଅପ୍ ଓଡ଼ିଶାର ଯାତ୍ରା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଏହା ହେଉଛି ପ୍ରଥମ ଧରଣର ଅନ୍ୟତମ ମେଣ୍ଟର-ନିବେଶକ-କନେକ୍ଟ ଉତ୍ସବ, ଯାହାକୁ ଷ୍ଟାର୍ଟଅପ୍ ଓଡ଼ିଶା, ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଲିମିଟେଡ୍ ଓ ଫ୍ଲୁଇଡ୍ ଭେଞ୍ଚର୍ସ ସହଯୋଗରେ ଏଆଇସି-ନାଳନ୍ଦା ପକ୍ଷରୁ ଆୟୋଜନ କରାଯାଇଥିଲା। ଏହି ୧୨ଦିନିଆ କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ କ୍ଷେତ୍ରରୁ ୪୦ରୁ ଅଧିକ ବିଶେଷଜ୍ଞ, ମେଣ୍ଟର, ନିବେଶକ ଅଂଶଗ୍ରହଣ କରିଥିଲେ। ପରିଶେଷରେ ୧୦ ଶ୍ରେଷ୍ଠ ପ୍ରଦର୍ଶନକାରୀ ଷ୍ଟାର୍ଟଅପ୍‌ଙ୍କୁ ମଧ୍ୟ ଏହି ପରିପ୍ରେକ୍ଷୀରେ ସମ୍ବର୍ଦ୍ଧିତ କରାଯାଇଥିଲା।

# ଏନ୍‌ଆଇଆର୍‌ଏଫ୍ ସାମଗ୍ରିକ ବର୍ଗରେ ଏଲ୍‌ପିୟୁ ୪୭ ତମ

ନୂଆଦିଲ୍ଲୀ,୧୮।୭


ଡ. ଅଶୋକ କୁମାର ମିତ୍ତଲ

ନ୍ୟାଶନାଲ ଇନଷ୍ଟିଚ୍ୟୁଶନାଲ ର୍ୟାଙ୍କିଙ୍ଗ୍ ଫ୍ରେମୱାର୍କ (ଏନ୍‌ଆଇଆର୍‌ଏଫ୍)-ଇଣ୍ଡିଆର ୭ମ ସଂସ୍କରଣକୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିକଟରେ ପ୍ରକାଶ କରିଥିଲେ। ଉକ୍ତ ଫଳାଫଳ ଅନୁସାରେ ଲଭଲି ପ୍ରଫେସନାଲ୍ ୟୁନିଭରସିଟି (ଏଲପିୟୁ) ଉଭୟ ଘରୋଇ ଓ ସରକାରୀ ବିଶ୍ୱବିଦ୍ୟାଳୟ ମଧ୍ୟରେ ୪୭ ତମ ସ୍ଥାନରେ ରହିଥିବା ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି। ଏପରିକି ଗତ ବର୍ଷର ର୍ୟାଙ୍କିଙ୍ଗ ତୁଳନାରେ ଏଲପିୟୁ ୧୫ଟି ସ୍ଥାନ ଉପରକୁ ଉଠିଥିବା ଜଣାପଡିଛି। ଏ ସମ୍ପର୍କରେ ଏଲପିୟୁ କୁଳପତି ଡ. ଅଶୋକ କୁମାର ମିତ୍ତଲ କହିଛନ୍ତି ଏଭଳି ଏକ ସମ୍ମାନଜନକ ର୍ୟାଙ୍କିଙ୍ଗ୍ ଏଲପିୟୁକୁ ମିଳିଥିବାରୁ ଆମେ ସମସ୍ତେ ଉତ୍ସାହିତ ରହିଛୁ। ସେହିପରି ଏହା ପଛରେ ଅନେକ ପରିଶ୍ରମ ଓ ଅବଦାନ ମଧ୍ୟ ସବୁସ୍ତରରେ ରହିଛି। ଦେଶର ହଜାର ହଜାର ଅନ୍ୟାନ୍ୟ ଅନୁଷ୍ଠାନ ସହ ଜଡିତ ହୋଇ ଏହି ର୍ୟାଙ୍କିଙ୍ଗ୍ ଏଲପିୟୁ ହାସଲ କରିଥିବାରୁ ଏହା ଆମ ସମସ୍ତଙ୍କୁ ପ୍ରେରଣା ଦେଇଛି। ସେହିଭଳି ଏଲପିୟୁର ସ୍କୁଲ୍ ଅଫ୍ ଆର୍କିଟେକଚର୍ ଶ୍ରେଷ୍ଠ ୧୨ ମଧ୍ୟରେ ସ୍ଥାନିତ ହୋଇଥିବା ବେଳେ ଶ୍ରେଷ୍ଠ ୧୯ରେ ଉଭୟ ଆଇନ ଓ ଫାର୍ମାସୀ, ଶୀର୍ଷ ୩୪ରେ ପରିଚାଳନା ଏବଂ ଶ୍ରେଷ୍ଠ ୫୧ରେ ଏଲପିୟୁର ଇଞ୍ଜିନିୟରିଂ ଅନୁଷ୍ଠାନ ଭାବେ ସ୍ୱୀକୃତି ହାସଲ କରିଛନ୍ତି। ଏହା ଫଳରେ ଶିକ୍ଷାନୁଷ୍ଠାନର ସମଗ୍ର ବାତାବରଣ ଓ ଚାହିଦାର ପ୍ରତିଫଳନ ହେଉଥିବା କୁହାଯାଇଛି। ଚଳିତ ବର୍ଷ ଏନଆଇଆରଏଫ ର୍ୟାଙ୍କିଙ୍ଗ୍ ୨୦୨୨ରେ ୧୧ଟି ବିଭିନ୍ନ ବର୍ଗ ଯଥା ସାମଗ୍ରିକ, ବିଶ୍ୱବିଦ୍ୟାଳୟ, ପରିଚାଳନା, କଲେଜ, ଫାର୍ମାସୀ, ଚିକିତ୍ସା, ଇଞ୍ଜିନିୟରିଂ, ସ୍ଥାପତ୍ୟ, ଆଇନ, ଅନୁସନ୍ଧାନ ପ୍ରତିଷ୍ଠାନଗୁଡିକ ଏବଂ ଦାନ୍ତ ଭଳି ଅନୁଷ୍ଠାନ ଅଂଶଗ୍ରହଣ କରିଛନ୍ତି।

# ଖାଇବାତେଲ ଦର କମାଇଲା ଆଦାନୀ ୱିଲମାର

ନୂଆଦିଲ୍ଲୀ,୧୮।୭




ଦେଶର ପ୍ରମୁଖ ଖାଇବାତେଲ ଫର୍ଚ୍ୟୁନର ମୂଲ୍ୟ ପୁଣି ଥରେ ୩୦ ଟଙ୍କା କମିବ ବୋଲି ସୂଚନା ମିଳିଛି। ଉକ୍ତ ବ୍ରାଣ୍ଡ ନାଁ ରେ ଖାଇବା ତେଲ ବିକ୍ରି କରୁଥିବା ଆଦାନୀ ୱିଲମାର ମୂଲ୍ୟ ହ୍ରାସ କରିବା ନେଇ ନିକଟରେ ଘୋଷଣା କରିଛି। ଏପରିକି ଅନ୍ତର୍ଜାତୀୟ ସ୍ତରରେ ଖାଇବା ତେଲର ମୂଲ୍ୟ ହ୍ରାସ ଯୋଗୁ କମ୍ପାନୀ ଏଭଳି ନିଷ୍ପତ୍ତି ନେଇଥିବା କୁହାଯାଇଛି। ସେହିଭଳି ଗତ କିଛିଦିନ ତଳେ କେନ୍ଦ୍ର ସରକାରଙ୍କ ଉଭୟ ଖାଦ୍ୟ ଓ ଅର୍ଥ ମନ୍ତ୍ରଣାଳୟର ନିର୍ଦ୍ଦେଶ ପରେ ତେଲ କମ୍ପାନୀଗୁଡିକ ମୂଲ୍ୟ ହ୍ରାସ କରିବାକୁ ନିକଟରେ ଘୋଷଣା କରିଥିଲେ। ଅପରପକ୍ଷରେ କମ୍ପାନୀ ନୂଆ ମୂଲ୍ୟର ଉତ୍ପାଦ ଖୁବ୍‌ଶୀଘ୍ର ବଜାରରେ ଉପଲବ୍ଧ କରାଇବ ବୋଲି ସୂଚନା ମିଳିଛି। ଏହା ପୂର୍ବରୁ ଧାରା ବ୍ରାଣ୍ଡ ନାଁରେ ଖାଇବା ତେଲ ବିକ୍ରି କରୁଥିବା ମଦର ଡାୟରି ସୋୟାବିନ ଏବଂ ରାଇସ ବ୍ରାନ୍ ଆଇସର ଲିଟର ପିଛା ମୂଲ୍ୟରେ ୧୪ ଟଙ୍କା କମାଇଥିଲା।

ସୂଚନାଯୋଗ୍ୟ, ଫର୍ଚ୍ୟୁର୍ନ ସୋୟାବିନ ତେଲର ମୂଲ୍ୟ ଲିଟର ପିଛା ୧୯୫ ଟଙ୍କାରୁ ହ୍ରାସ ହୋଇ ୧୬୫ ଟଙ୍କା କରାଯାଇଛି। ସେହିପରି ସୂର୍ଯ୍ୟମୁଖୀ ତେଲର ମୂଲ୍ୟ ୨୧୦ ଟଙ୍କାରୁ ହ୍ରାସକରି ଲିଟର ପିଛା ୧୯୯ ଟଙ୍କା ହୋଇଥିବା ବେଳେ ସୋରିଷ ତେଲର ଏମ୍‌ଆର୍‌ପି ଲିଟର ପିଛା ୧୯୫ ଟଙ୍କାରୁ କମ୍ କରି ୧୯୦ ଟଙ୍କା କରାଯାଇଛି। ସେହିପରି ଫର୍ଚ୍ୟୁର୍ନ ରାଇସ ବ୍ରାନ ତେଲର ମୂଲ୍ୟ ୨୨୫ ଟଙ୍କାରୁ କମ୍ କରି ଲିଟର ପିଛା ୨୧୦ ଟଙ୍କା କରାଯାଇଛି।

## ସହଯୋଗକଲେ ବନ୍ଦହେବ କ୍ରିପ୍ଟୋକରେନ୍ସି

ନୂଆଦିଲ୍ଲୀ,୧୮।୭

ଦିନକୁ ଦିନ କ୍ରିପ୍ଟୋକରେନ୍ସିର କାୟା ବିଶ୍ୱ ବଜାରକୁ ଆୟତ୍ତ କରିବା ଦିଗରେ ଗତି କରୁଛି। ଏହା ଉପରେ ଉଭୟ ସରକାର ଓ ଆଇବିଆଇ ମଧ୍ୟ ନଜର ରଖିଛନ୍ତି। ଏପରିକି ସୋମବାର ସଂସଦରେ ଏହା ଉପରେ ବୟାନ ଦେଇ କେନ୍ଦ୍ର ଅର୍ଥମନ୍ତ୍ରୀ କହିଛନ୍ତି, କ୍ରିପ୍ଟୋକରେନ୍ସି ଉପରେ କଟକଣା କିମ୍ବା କଠୋର ଆଇନ ସାଙ୍ଗକୁ ବିଶ୍ୱର ଅନ୍ୟ ଦେଶଗୁଡ଼ିକର ସହଯୋଗ ଜରୁରୀ ରହିଛି। ବିନା ସହଯୋଗରେ ଉକ୍ତ ଡିଜିଟାଲ ମୁଦ୍ରା ଉପରେ ଅଙ୍କୁଶ ଲଗାଇବା ସମୟୋପଯୋଗୀ ବୋଲି ସୀତାରାମନ ପୁଣି ଥରେ କ୍ରିପ୍ଟୋକରେନ୍ସି ଉପରେ ସରକାରଙ୍କ ଆଭିମୁଖ୍ୟକୁ ସ୍ପଷ୍ଟ କରିଛନ୍ତି।

## ସୋଆର ୧୬ ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୧୮।୭

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟର ୧୬ତମ ପ୍ରତିଷ୍ଠା ଦିବସ ରବିବାର ମହା ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଶ୍ୱବିଦ୍ୟାଳୟର ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସୋଆର କୁଳାଧିପତି ପ୍ରଫେସର ଡି.ପି. ରାୟ ଅଧ୍ୟକ୍ଷତା କରିଥଲେ। ଏହି ଅବସରରେ ପ୍ରଫେସର ରାୟ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ ନିକଟରେ ପ୍ରକାଶିତ ଏନ୍‌ଆଇଆର୍‌ଏଫ୍ ର୍ୟାଙ୍କିଙ୍ଗ୍‌ରେ ସୋଆର ସଫଳତା ନିମନ୍ତେ ଅନୁଷ୍ଠାନର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଗବେଷକ ଓ କର୍ମଚାରୀ ଏବଂ ଛାତ୍ରୀଛାତ୍ରଙ୍କୁ ସେ ଅଭିନନ୍ଦନ ଜଣାଇଥିଲେ। ସେହିଭଳି ଆଗାମୀ ଦିନରେ ଏହି ସମ୍ମାନଜନକ ର୍ୟାଙ୍କିଙ୍ଗ୍‌ରେ ସୋଆ କିପରି ଆହୁରି ଭଲ ପ୍ରଦର୍ଶନ କରିବ ସେଥିପାଇଁ ମଧ୍ୟ ଆବଶ୍ୟକ ପଦକ୍ଷେପ ଓ ଉଦ୍ୟମ ଜାରି ରଖିବାକୁ ରାୟ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୋଆ କୁଳପତି ପ୍ରଫେସର ଅଶୋକ କୁମାର ମହାପାତ୍ର, ଉପକୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦଙ୍କ ସମେତ ସୋଆର ବହୁ ବରିଷ୍ଠ ପଦାଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

### ଫୁର୍‌ସତ୍



# ଚର୍ଚ୍ଚାରେ ଶେହନାଜ

ମୁମ୍ବାଇ

ଲୋକପ୍ରିୟ ରିଆଲିଟି ଶୋ' ବିଗ ବସ-୧୩ରୁ ତରକା ସାଜିଥିବା ଶେହନାଜ ଗିଲ୍‌ଙ୍କୁ ନେଇ ଏବେ ଚାରିଆଡ଼େ ଚର୍ଚ୍ଚା। ଖାଲି ମଡେଲିଂ କି ଆଲବମ୍ ନୁହେଁ ଏକାଧିକ ଫିଲ୍ମରେ କାମ କରିବାକୁ ଅଫର ମଧ୍ୟ ଏବେ ଶେହନାଜଙ୍କ ହାତରେ। ପଞ୍ଜାବୀ ଫିଲ୍ମ ସତ ଶ୍ରୀ ଅକାଲ ଇଲଣ୍ଡରୁ ଡେବ୍ୟୁ କରିଥିବା ଶେହନାଜଙ୍କୁ ବଲିଉଡ୍‌ର ଏକାଧିକ ଫିଲ୍ମ ମିଳିବା ନେଇ ଚର୍ଚ୍ଚା ଜୋର ଧରିଛି। ସଲମାନ ଖାନ୍‌ଙ୍କ ଫିଲ୍ମ 'କଭି ଇଦ୍ କଭି ଦିୱାଲି'ରେ ଶେହନାଜ କାମ କରିବାକୁ ନେଇ ଗଣମାଧ୍ୟମରେ ଆଲୋଚନା ହେବା ପରେ ଏବେ ଶେହନାଜ ସଞ୍ଜୟ ଦତ୍ତଙ୍କ ଫିଲ୍ମରେ ଅଭିନୟ କରିବା ନେଇ ଖବର ପ୍ରକାଶ ପାଇଛି । ତେବେ ଏ ନେଇ ଶେହନାଜ କୌଣସି ମନ୍ତବ୍ୟ ଦେଇ ନାହାନ୍ତି। ଶେଷଥର ପାଇଁ ଏହି ନାୟିକା ଜଣକ ଫିଲ୍ମ 'ହୋସଲା ରଖ୍'ରେ ନଜରକୁ ଆସିଥିଲେ। ଏଥିରେ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଥିଲେ ଦିଲଜୀତ୍ ଦୋଶାଞ୍ଜ। ନିଜ ଚୁଲ୍‌ବୁଲି ଅନ୍ଦାଜ ପାଇଁ ଶେହନାଜ ଅନେକଙ୍କ ପ୍ରିୟ ଅଭିନେତ୍ରୀ ପାଲଟିଛନ୍ତି। ବିଗ୍‌ବସ୍‌ରୁ ଫେରିବା ପରେ ଶେହନାଜ ନିଜ ଲୁକ୍ ଓ ଫିଗର ଉପରେ କାମ କରିଥିବାବେଳେ ତାକୁ ନେଇ ମଧ୍ୟ ଖୁବ୍ ଚର୍ଚ୍ଚା ହୋଇଥିଲା।

# ୨ ଟଙ୍କା ପାଉଣାରେ ଶିକ୍ଷାଦାନ





**କୋଲକାତା:** ପଶ୍ଚିମବଙ୍ଗ ବର୍ଦ୍ଧମାନ ଜିଲା ଅସଗ୍ରାମ ଅନ୍ତର୍ଗତ ରାମନଗର ଗ୍ରାମରେ ସୁଜିତ ଚଟ୍ଟୋପାଧ୍ୟାୟ ରୁହନ୍ତି। ପେସାରେ ସେ ଜଣେ ଶିକ୍ଷକ। ୨୦୦୪ରୁ ଚାକିରିରୁ ଅବସର ମିଳିସାରିଥିଲେ ହେଁ ପିଲାଙ୍କୁ ପାଠପଢ଼େଇବା ଛାଡ଼ି ନାହାନ୍ତି। ସେ ଏକ କୋଚିଂ ସେଣ୍ଟର ପରିଚାଳନା କରୁଛନ୍ତି, ଯାହାର ନାମ ରହିଛି 'ସଦାଇ ଫକିରରେ ପାଠଶାଳା'। ମାସକୁ ମାତ୍ର ଦୁଇ ଟଙ୍କା ପାଉଣାରେ ବର୍ଷ ବର୍ଷ ଧରି ଶତାଧିକ ପିଲାଙ୍କୁ ସେ ପାଠ ପଢ଼ାଉଛନ୍ତି। ସ୍ଥାନୀୟ ଅଞ୍ଚଳରେ ସୁଜିତ ସଦାଇ ଫକିର ବା ଦୁ ଟକାର ମାଷ୍ଟର ମୋଶାଇ (ବଙ୍ଗଳା ଭାଷାରେ) ଭାବେ ବେଶ୍ ପରିଚିତ। ସ୍ନାତକ ଡିଗ୍ରୀ ହାସଲ କରିବା ପରେ ସୁଜିତ ରାମନଗର ଉଚ୍ଚବିଦ୍ୟାଳୟରେ ଶିକ୍ଷକ ଭାବେ ଚାକିରି ଆରମ୍ଭ କରିଥିଲେ। ନିଜର କର୍ତ୍ତବ୍ୟନିଷ୍ଠ କାର୍ଯ୍ୟ ପାଇଁ ଭାରତ ସରକାର ସୁଜିତଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରିଛନ୍ତି। ୨୦୦୪ରେ ୬୦ ବର୍ଷ ବୟସରେ ଚାକିରିରୁ ଅବସରତ୍ ନେଲେ। ଚାକିରି ସରିବା ପରେ ଘରେ ବସିବାକୁ ସୁଜିତଙ୍କୁ ଭଲ ଲାଗୁ ନ ଥିଲା। ସେ କ'ଣ କରି ସମୟ ଅତିବାହିତ କରିବେ ବୋଲି ଭାବିଲାବେଳକୁ ତିନିଜଣ ଆଦିବାସୀ ଝିଅ ଶିକ୍ଷା ଗ୍ରହଣ କରିବାକୁ ଆସି ତାଙ୍କ ପାଖରେ ପହଞ୍ଚିଥିଲେ। ଏଥିରେ ରାଜି ହୋଇ ସୁଜିତ ନିଜ ଘରେ କେତେଜଣ ପିଲାଙ୍କୁ ପାଠପଢ଼ା ଆରମ୍ଭ କଲେ। ପାଠପଢ଼ା ବାବଦକୁ ସେମାନଙ୍କୁ ପ୍ରତିମାସ ୧ ଟଙ୍କା ସାଙ୍ଗକୁ ୪ଟି ଚକୋଲେଟ ଦେଉଥିଲେ। ଦିନ ବିତିଯାଉଥିବାବେଳେ କୋଚିଂ ସେଣ୍ଟରରେ ପିଲା ସଂଖ୍ୟା ବଢ଼ିବାକୁ ଲାଗିଲା। ଅଧିକମାତ୍ରାରେ ପିଲା ଶିକ୍ଷା ଗ୍ରହଣ କରି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାଠାରୁ କୌଣସି ବଡ଼ ଖୁସି ଓ ସମ୍ମାନ ନାହିଁ ବୋଲି ସୁଜିତ କୁହନ୍ତି। ସୁଜିତଙ୍କ ମତରେ ସହରାଞ୍ଚଳ ସ୍କୁଲ ଅପେକ୍ଷା ଗ୍ରାମାଞ୍ଚଳରେ ଥିବା ସ୍କୁଲରେ ଶିକ୍ଷକଙ୍କ ଆବଶ୍ୟକତା ରହିଛି। ସୁଜିତଙ୍କ କୋଚିଂ ସେଣ୍ଟରକୁ ୧୮ ବର୍ଷ ପୂରିଯାଇଥିବାବେଳେ କ୍ଲାସ୍‌ରୁମ୍‌ରେ ପାଖାପାଖି ୩୦୦ ପିଲା ପାଠ ପଢ଼ୁଥିବା ସେ କହିଛନ୍ତି। ନବମ, ଦଶମ, ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ସେ ପାଠ ପଢ଼ାଉଥିବାବେଳେ ଯୁକ୍ତ ୩ର ପ୍ରଥମ ଓ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ର ମଧ୍ୟ ତାଙ୍କ ନିକଟରେ ପାଠ ପଢ଼ନ୍ତି। ବର୍ତ୍ତମାନ ସମୟରେ ପାଠପଢ଼ା ବାବଦକୁ ପିଲାମାନେ ମାସିକ ୨ ଟଙ୍କା ଦରମା ଦେଉଛନ୍ତି। ସୁଜିତଙ୍କର ଗୋଟିଏ ପୁଅ ଓ ଝିଅ ଥିବାବେଳେ ଘରେ ସେ ତାଙ୍କ ସ୍ତ୍ରୀଙ୍କ ସହ ରୁହନ୍ତି। ପୁଅ କୋଲାକାତାରେ ସରକାରୀ ଚାକିରି କରିଛନ୍ତି। ଝିଅଙ୍କ ବାହାଘର ହୋଇସାରିଛି। ଅବସର ସମୟରେ ଯେତିକି ଟଙ୍କା ମିଳିଛି ସେଥିରେ ସ୍ୱାମୀ, ସ୍ତ୍ରୀ ଆରାମରେ ଚଳିଯାଉଥିବାବେଳେ ସେମାନଙ୍କୁ ଅଧିକ ଟଙ୍କାର ଆବଶ୍ୟକତା ନ ଥିବା ସେ କହିଛନ୍ତି।

# ଜେନିଫର୍‌ଙ୍କ ହାତ ଧରିଲେ ବେନ୍


ବେନ୍ ଆଫ୍ଲେକ୍
ଜେନିଫର ଲୋପେଜ୍

ୱାଶିଂଟନ

ବହୁଚର୍ଚ୍ଚିତ କପଲ ବେନିଫରଙ୍କ ବିବାହ ସମ୍ପନ୍ନ ହୋଇଛି। ହଲିଉଡ୍ ସିଙ୍ଗର ତଥା ଆକ୍ଟ୍ରେସ୍ ଜେନିଫର ଲୋପେଜ୍ ଅଭିନେତା ବେନ୍ ଆଫ୍ଲେକ୍‌ଙ୍କୁ ବିବାହ କରିଛନ୍ତି। ଜେନିଫର(୫୨)ଙ୍କର ଏହା ଚତୁର୍ଥ ବିବାହ ହୋଇଥିବାବେଳେ ବେନ୍(୪୯)ଙ୍କର ଏହା ଦ୍ୱିତୀୟ ବିବାହ। ଶନିବାର ଲାସ୍ ଭେଗାସ୍‌ରେ ଏହି ବିବାହ ଅନୁଷ୍ଠିତ ହୋଇଥିଲା। ତେବେ ବାହାଘର ପରର ପ୍ରଥମ ଫଟୋ ଜେନିଫର ନିଜ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ବେଡ୍‌ରେ ଶୋଇଥିବା ମିରର୍ ସେଲ୍‌ଫିରେ ଜେନିଫର ବେଶ୍ ଖୁସି ଥିବା ଜଣାପଡୁଛନ୍ତି। ପିପୁଲ ମାଗାଜିନ୍‌ରେ ପ୍ରକାଶିତ ଖବର ଅନୁଯାୟୀ ମ୍ୟାରେଜ୍ ଲାଇସେନ୍ସ ପାଇଁ ବେନ୍ ଓ ଜେନିଫର ନେଭାଡା ଯାଇଥିଲେ। ପ୍ରେମ ସଫଳ ହେବା ପାଇଁ ଧୈର୍ଯ୍ୟର ଆବଶ୍ୟକତା ରହିଛି। ଦୀର୍ଘ ୨୦ ବର୍ଷ ପରେ ଆମ ସମ୍ପର୍କ ଆଜି ସଫଳ ହୋଇଥିବା ଜେନିଫର ନିଜ ସାକ୍ଷାତ୍‌କାରରେ କହିଛନ୍ତି।

ଦୀର୍ଘ ୨୦ ବର୍ଷ ଧରି ଜେନିଫର ଏବଂ ବେନ୍ ସମ୍ପର୍କରେ ଥିଲେ। ଦୁହିଁଙ୍କ ପ୍ରେମ ସମ୍ପର୍କକୁ ନେଇ ଚାରିଆଡ଼େ ଚର୍ଚ୍ଚା ହେଉଥିବାବେଳେ ଏହି କପୁଲ୍‌କୁ ପ୍ରଶଂସକ 'ବେନିଫର' ଭାବେ ସମ୍ବୋଧନ କରନ୍ତି। ଚଳିତ ବର୍ଷ ଏପ୍ରିଲରେ ସେମାନଙ୍କ ନିର୍ବନ୍ଧ ହୋଇଥିଲା। ପୂର୍ବରୁ ୨୦୦୨ ଅନୁଷ୍ଠିତ ନିର୍ବନ୍ଧରେ ବେନ୍ ଜେନିଫରଙ୍କୁ ୬.୧ କ୍ୟାରେଟ୍‌ର ଗୋଲାପି ହୀରା ମୁଦି ଦେଇଥିଲେ। କିନ୍ତୁ କୌଣସି କାରଣ ବଶତଃ ୨୦୦୪ରେ ଦୁହିଁଙ୍କ ସମ୍ପର୍କରେ ପୂର୍ଣ୍ଣଚ୍ଛେଦ ପଡ଼ିଯାଇଥିଲା। ପୂର୍ବରୁ ଜେନିଫର ଅଭିନେତା ଓଜାନି ନୋଆ, ଡ୍ୟାନ୍ସର କ୍ରିସ୍ ଜହଦ ଏବଂ ସିଙ୍ଗର ମାର୍କ ଆଣ୍ଟୋନୀଙ୍କୁ ବିବାହ କରିଥିବାବେଳେ ଆଣ୍ଟୋନୀଙ୍କଠାରୁ ଜେନିଫର ୨ଟି ଯମଜ ସନ୍ତାନ ଅଛନ୍ତି। ସେମାନେ ହେଲେ ମାକ୍ସ ଏବଂ ଇମ୍ମେ। ବେନ୍ ପୂର୍ବରୁ ଜେନିଫର ଗାର୍ନରଙ୍କୁ ବିବାହ କରିଥିବାବେଳେ ସେମାନଙ୍କର ତିନିଟି ସନ୍ତାନ ଅଛନ୍ତି।

# ବିପଦରେ ସବୁଜ ସାଗରୀୟ କଇଁଛ

ଟୋକିଓ



ଜାପାନର ସବୁଜ ସାଗରୀୟ କଇଁଛ ପ୍ରଜାତି ଏବେ ବିପଦରେ। ଜାପାନର ଏକ ଦ୍ୱୀପରେ ପାଖାପାଖି ୩୦ ଗୋଟି କଇଁଛଙ୍କ ମୃତଦେହ ମିଳିଛି। ମୃତ କଇଁଛଙ୍କ ମଧ୍ୟରୁ ଅଧିକାଂଶଙ୍କ ବେକକୁ ଧାରୁଆ ଅସ୍ତ୍ରରେ ଭୁସାଯାଇଥିବା ଦେଖିବାକୁ ମିଳିଛି। ତେବେ କିଛିଦିନ ପୂର୍ବେ ଜାପାନର କୁମେଜିମା ଦ୍ୱୀପରେ ଏହି କଇଁଛଙ୍କ ମୃତଦେହ ମିଳିଥିବାବେଳେ ସମୁଦ୍ର ଲହରିରେ ଆସି କଇଁଛସବୁ କୂଳରେ ଲାଗିଥିବା କୁହାଯାଉଛି। କଇଁଛଙ୍କ ଗୋଡ଼ ଛିଡ଼ିଯାଇଥିବା ମଧ୍ୟ ଦେଖାଯାଇଛି। କଇଁଛଗୁଡ଼ିକ ମାଛ ଜାଲରେ ପଡ଼ିଯିବା କାରଣରୁ ଏମାନଙ୍କୁ ଜାଲରୁ ହଟାଇବା ପାଇଁ ମାଛଧରାଳିମାନେ ମାରିଥିବା ସ୍ଥାନୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ତେବେ ଏ ନେଇ ସ୍ଥାନୀୟ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି। ସମୁଦ୍ରରେ କିଛି କଇଁଛ ମୋତେ ଘେରିଯାଇଥିଲେ, ସେମାନଙ୍କୁ ହଟେଇବା ପରେ ଏକ ବିରାଟ କଇଁଛ ରାସ୍ତାରୁ ହଟୁ ନ ଥିବା କାରଣରୁ ତା' ଦେହରେ ଛୁରି ଭୁସିଥିବା ଜଣେ ସ୍ଥାନୀୟ ମତ୍ସ୍ୟଜୀବୀ କହିଛନ୍ତି।

ସବୁଜ ସାଗରୀୟ କଇଁଛ ବିପଦରେ ଥିବା ନେଇ ଜାପାନ କର୍ତ୍ତୃପକ୍ଷ ଓ ବୈଶ୍ୱିକ ସଂରକ୍ଷଣ ଗୋଷ୍ଠୀ ଘୋଷଣା କରିଛନ୍ତି। ଅନ୍ୟପଟେ ମେରାଇନ୍ ବିୟୋଲୋଜିଷ୍ଟ ଏବଂ ସାମୁଦ୍ରିକ କଇଁଛ ସଂଗ୍ରହାଳୟର ବହୁ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ ଆରମ୍ଭ କରିଛି।

## ମଲ୍‌ରେ ଗୁଳିକାଣ୍ଡ: ୩ ମୃତ

ୱାଶିଂଟନ: ଆମେରିକାର ଗ୍ରୀନ୍‌ଉଡ୍ ପାର୍କ ଇଣ୍ଡିଆନା ମଲ୍‌ରେ ରବିବାର ସନ୍ଧ୍ୟାରେ ହୋଇଥିବା ଗୁଳିକାଣ୍ଡରେ ୩ ଜଣଙ୍କ ମୃତ୍ୟୁ ହୋଇଛି। ଏଥିରେ ୨ ଜଣ ଆହତ ହୋଇଥିବା ଖବର ପ୍ରକାଶ ପାଇଛି। ମଲ୍‌ର ଫୁଡ୍‌କୋର୍ଟରେ ଜଣେ ବ୍ୟକ୍ତି ରାଇଫଲ ଜରିଆରେ ଆଖିବୁଜା ଗୁଳିଚାଳନା କରିଥିଲେ। ତେବେ ଘଟଣାସ୍ଥଳରେ ଥିବା ଜଣେ ବନ୍ଧୁକଧାରୀ ବ୍ୟକ୍ତି ସମ୍ପୃକ୍ତ ଯୁବକଙ୍କୁ ଗୁଳି କରି ଥିବା ଗ୍ରୀନ୍‌ଉଡ୍ ପୋଲିସ କହିଛି।

### ସଂକ୍ଷେପରେ

## କେରଳରେ ଦ୍ୱିତୀୟ ମଙ୍କିପକ୍ସ ମାମଲା

**ଥିରୁଭାନନ୍ତପୁରମ୍,୧୮।୭:** ଭାରତରେ ଦ୍ୱିତୀୟ ମଙ୍କିପକ୍ସ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସଂକ୍ରମିତ କେରଳର ଜଣେ ୩୧ ବର୍ଷରୟ ଯୁବକ। ସେ ଦୁବାଇରୁ ଭାରତ ଫେରିବା ପରେ ତାଙ୍କଠାରେ ମଙ୍କିପକ୍ସ ଲକ୍ଷଣ ଦେଖାଦେଇଥିଲା। ରିପୋର୍ଟ ପଜିଟିଭ୍ ଆସିବା ପରେ ସେ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା କେରଳ ସ୍ୱାସ୍ଥ୍ୟମନ୍ତ୍ରୀ ବୀଣା ଗର୍ଗ କହିଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଅଛି। ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇ ଆଇସୋଲେଶନରେ ରଖାଯାଇଛି। ଗତ ୧୪ ତାରିଖରେ କେରଳରୁ ପ୍ରଥମ ମଙ୍କିପକ୍ସ ମାମଲା ଚିହ୍ନଟ ହୋଇଥିଲା। ସଂକ୍ରମିତ ବ୍ୟକ୍ତି ଜଣକ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରୁ ଭାରତ ଫେରିବା ପରେ ତାଙ୍କ ରକ୍ତନମୁନାରେ ଏହି ଭୂତାଣୁ ଥିବା ଟେଷ୍ଟ ରିପୋର୍ଟରୁ ଜଣାପଡ଼ିଥିଲା।

## ଶପଥ ନେଲେ ୨୭ ରାଜ୍ୟ ସଭା ସଦସ୍ୟ

**ନୂଆଦିଲ୍ଲୀ,୧୮।୭:** ରାଜ୍ୟ ସଭାକୁ ନୂଆ କରି ନିର୍ବାଚିତ ହୋଇଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ପି. ଚିଦାମ୍ବରମ, ପ୍ରଫୁଲ୍ଲ ପଟେଲ, କ୍ରିକେଟର ହର୍‌ଭଜନ ସିଂ ପ୍ରମୁଖଙ୍କ ସମେତ ୨୭ ସଦସ୍ୟ ସୋମବାର ଶପଥ ଗ୍ରହଣ କରିଛନ୍ତି। ସେମାନଙ୍କ ମଧ୍ୟରେ ମନୋନୀତ ସଦସ୍ୟ ଭି. ବିଜୟେନ୍ଦ୍ର ମଧ ରହିଛନ୍ତି। ସେହିପରି ଆର୍‌ଜେଡିର ମିଶ୍ର ଭାରତୀ, କଂଗ୍ରେସର ରାଜୀବ ଶୁକ୍ଳା, ରଞ୍ଜିତ ରଞ୍ଜନ, ରଣଦୀପ ସିଂ ସୁର୍ଯେ୍ୟାୱାଲା, ପ୍ରମୋଦ କୁମାର, ବିଜେଡିର ସସ୍ମିତ ପାତ୍ର, ସ୍ୱାଧୀନ ପ୍ରାର୍ଥୀ କପିଲ ସିବଲ ମଧ ରାଜ୍ୟ ସଭା ସଦସ୍ୟ ଭାବେ ଶପଥ ନେଇଛନ୍ତି।

## ଘାନାରେ ଦୁଇ ମାରବର୍ଗ ଆକ୍ରାନ୍ତ ଚିହ୍ନଟ

**ଘାନା,୧୮।୭:** ଆଫ୍ରିକାର ଘାନାରେ ଦୁଇ ମାରବର୍ଗ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଘାନା ହେଲ୍‌ଥ ସର୍ଭିସ୍ ପକ୍ଷରୁ ଜାରି ରିପୋର୍ଟ ଅନୁସାରେ ଚିହ୍ନଟ ସଂକ୍ରମିତଙ୍କ ରକ୍ତ ନମୁନା ପରୀକ୍ଷା ପାଇଁ ସେନେଗାଲ୍‌ରେ ଥିବା ପାସ୍ତେଉର ଇନ୍‌ଷ୍ଟିଚ୍ୟୁଟ୍‌କୁ ପଠାଯାଇଥିଲା। ଦୁଇ ଆକ୍ରାନ୍ତ ସାଉଥର୍ନ ଅଶାନ୍ତି ଅଞ୍ଚଳର ବୋଲି ଜଣାପଡ଼ିଛି। ଘାନା ପୂର୍ବରୁ ଆଙ୍ଗୋଲା, କେନିଆ, ସାଉଥ୍ ଆଫ୍ରିକା, ଉଗାଣ୍ଡାରେ ମାରବର୍ଗ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇଥିବା ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ୍ ପକ୍ଷରୁ କୁହାଯାଇଛି। ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ୯୮ ଜଣଙ୍କୁ ଆଇସୋଲେଶନ୍‌ରେ ରଖାଯାଇଥିବା ଘାନା ହେଲ୍‌ଥ ସର୍ଭିସ୍ ପକ୍ଷରୁ କୁହାଯାଇଛି।

# ନର୍ମଦାକୁ ଖସିଲା ବସ୍: ୧୩ ମୃତ

**ଭୋପାଳ/ମୁମ୍ବାଇ,୧୮।୭**

ମଧ୍ୟପ୍ରଦେଶର ଧର ଜିଲା ଖାଲ୍‌ଘାଟ ଅଞ୍ଚଳରେ ସୋମବାର ଏକ ବଡ଼ ଧରଣର ବସ୍ ଦୁର୍ଘଟଣା ଘଟିଛି। ମହାରାଷ୍ଟ୍ର ଅଭିମୁଖେ ଯାଉଥିବା ବସ୍‌ଟି ନର୍ମଦା ନଦୀ ପୋଲ ଉପରୁ ଖସିପଡ଼ିବାରୁ ୧୩ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୪ ମହିଳା ଏବଂ ଜଣେ ଶିଶୁ ଅଛନ୍ତି। ମଧ୍ୟପ୍ରଦେଶ ଷ୍ଟେଟ୍ ରୋଡ୍ ଟ୍ରାନ୍ସପୋର୍ଟ କର୍ପୋରେଶନ(ଏମ୍‌ଏସ୍‌ଆର୍‌ଟିସି) ବସ୍‌ରେ ଅନ୍ୟୂନ ୧୫ ଜଣ ରହିଥିବା କୁହାଯାଉଥିବାବେଳେ ପ୍ରକୃତରେ କେତେଜଣ ଏଥିରେ ଯାତ୍ରା କରୁଥିଲେ ତାହା ସ୍ପଷ୍ଟ ହୋଇପାରିନାହିଁ। ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକବ୍ୟକ୍ତ କରିବା ସହ ମୃତକଙ୍କ ପରିବାରକୁ ୨ ଲକ୍ଷ ଏବଂ ଆହତଙ୍କ ଚିକିତ୍ସା ପାଇଁ ୫୦ ହଜାର ଟଙ୍କା ଲେଖାଏ ଅନୁକମ୍ପାରାଶି ଘୋଷଣା କରିଛନ୍ତି। ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେବା ସହ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏ ସହାୟତା ଘୋଷଣା କରିଛନ୍ତି।


ନଦୀ ଭିତରକୁ ଖସିପଡ଼ିଥିବା ବସ୍।

ସେହିପରି ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏଁ ଏବଂ ଏମ୍‌ଏସ୍‌ଆର୍‌ଟିସି ପକ୍ଷରୁ ଆଉ ୧୦ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ପ୍ରଦାନ ନିମନ୍ତେ ଘୋଷଣା ହୋଇଛି।

ଏମ୍‌ଏସ୍‌ଆର୍‌ଟିସି ଅଧିକାରୀଙ୍କ ସୂଚନା ମୁତାବକ, ବସ୍‌ଟି ସକାଳ ପ୍ରାୟ ସାଢ଼େ ୭ଟାରେ ମଧ୍ୟପ୍ରଦେଶର ଇନ୍ଦୋର ସହରରୁ ମହାରାଷ୍ଟ୍ରର ଜଲଗାଁଓ ଜିଲାକୁ ଯାତ୍ରା ଆରମ୍ଭ କରିଥିଲା। ପୂର୍ବାହ୍ନ ୧୦ଟାରୁ ୧୦ଟା ୧୫ ମଧ୍ୟରେ ଏହା ଖାଲଘାଟ ଏବଂ ଟିଗାରି ମଧ୍ୟରେ ଥିବା ପୋଲ ଉପରେ ଯାଉଥିଲା। ସେହି ସମୟରେ ବସ୍‌ଟି ପୋଲ ରେଲିଂରେ ପିଟି ହୋଇ ନର୍ମଦା ନଦୀ ଭିତରକୁ ଖସିପଡ଼ିଥିଲା। ଘଟଣାସ୍ଥଳରେ ସ୍ଥାନୀୟ ପ୍ରଶାସନ ଏବଂ ଏନ୍‌ଡିଆର୍‌ଏଫ୍ ଟିମ୍ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ। ନଦୀରୁ ୧୩ ଜଣଙ୍କ ମୃତଦେହ ମିଳିଛି। ମୃତକଙ୍କ ମଧ୍ୟରେ ବସ୍ ଚାଳକ ଚନ୍ଦ୍ରକାନ୍ତ ଏକନାଥ ପାଟିଲ(୪୫) ଏବଂ କଣ୍ଡକ୍ଟର ପ୍ରକାଶ ଶାରଭାନ୍ ଚୌଧୁରୀ(୪୦) ମଧ ରହିଛନ୍ତି। ଉଭୟଙ୍କ ଘର ଜଲଗାଁଓର ଅମଲନେରଠାରେ। କେବଳ ଇନ୍ଦୋରରୁ ୧୨ ଜଣ ଉକ୍ତ ବସ୍‌ରେ ଚଢ଼ିଥିଲେ। କ୍ରେନ୍ ସାହାଯ୍ୟରେ ନଦୀ ଭିତରୁ ବସ୍‌କୁ ବାହାରକୁ ଅଣାଯାଇଛି। ଦୁର୍ଘଟଣାର କାରଣ ଜଣାପଡ଼ିନାହିଁ। ବସ୍‌ଟି ୧୦ ବର୍ଷରୁ ଅଧିକ ପୁରୁଣା ହୋଇଥିବାବେଳେ ଆସନ୍ତା ୨୭ ତାରିଖରେ ଏହାର ଫିଟ୍‌ନେସ୍ ସାର୍ଟିଫିକେଟର ବୈଧତା ଶେଷ ହେବାକୁ ଯାଉଥିଲା ବୋଲି ଜଣାପଡ଼ିଛି।

## ୪ ପୂର୍ବତନ ଆଇଏଏଫ୍ ଅଫିସରଙ୍କୁ ସମନ

### ଅଗୁଷ୍ଟା ଦୁର୍ନୀତି

**ନୂଆଦିଲ୍ଲୀ, ୧୮।୭:** ୩,୬୦୦ କୋଟି ଟଙ୍କାର ଅଗୁଷ୍ଟା ୱେଷ୍ଟଲାଣ୍ଡ ଦୁର୍ନୀତି ଘଟଣାରେ ଦିଲ୍ଲୀ କୋର୍ଟ ସୋମବାର ୪ ଜଣ ପୂର୍ବତନ ଭାରତୀୟ ବାୟୁସେନା (ଆଇଏଏଫ) ଅଫିସରଙ୍କୁ ସମନ ଜାରି କରିଛନ୍ତି। ଜୁଲାଇ ୩୦ସୁଦ୍ଧା କୋର୍ଟରେ ହାଜର ହେବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସିବିଆଇ ପକ୍ଷରୁ ଘଟଣାର ତଦନ୍ତ ଜାରି ରହିଛି। ୩,୬୦୦ କୋଟି ବ୍ୟୟରେ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ୧୨ଟି ଏଡବ୍ଲ୍ୟୁ ୧୦୧ ଡୁଆଲ୍-ୟୁଜ୍ ହେଲିକପ୍ଟର ଅଗୁଷ୍ଟା ୱେଷ୍ଟଲାଣ୍ଡ କମ୍ପାନୀରୁ କିଣାଯିବା ନେଇ ଚୁକ୍ତି କରାଯାଇଥିଲା। ୨୦୧୦ରେ ଉପା ସରକାରଙ୍କ ସମୟରେ ଏହି ଡିଲ୍ ହୋଇଥିଲା। ଏହି ହେଲିକପ୍ଟର ଭିଭିଆଇପି ଓ ଅନ୍ୟ ପ୍ରମୁଖ ବ୍ୟକ୍ତିବିଶେଷଙ୍କ ନେବା ଆଣିବା ନିମନ୍ତେ କିଣାଯିବାକୁଥିଲା। ଅଭିଯୋଗ ଅନୁସାରେ ଅଗୁଷ୍ଟା ୱେଷ୍ଟଲାଣ୍ଡକୁ ଲାଭାନ୍ୱିତ କରିବା ପାଇଁ ହେଲିକପ୍ଟର କ୍ରୟ ପାଇଁ ହୋଇଥିବା ମୂଳ ଚୁକ୍ତିକୁ ବଦଳାଇ ଦିଆଯାଇଥିଲା। ଏଥିରେ ସମ୍ପୃକ୍ତ ଥିବାନେଇ ଅନେକ କଂଗ୍ରେସ ନେତାଙ୍କ ନାମ ସାମ୍ନାକୁ ଆସିଥିଲା। ଏହି ଚୁକ୍ତିରେ ରାଜକୋଷକୁ ୨,୬୬୬ କୋଟି ଟଙ୍କା କ୍ଷତି ହୋଇଥିବା ନେଇ ସିବିଆଇ ପୂର୍ବରୁ ଚାର୍ଜସିଟ୍ ଦାଖଲ କରିଥିଲା।

## ଗ୍ରେନେଡ୍ ବିସ୍ଫୋରଣ: ୨ ଯବାନ ଶହୀଦ

**ଜମ୍ମୁ,୧୮।୭**

ଜମ୍ମୁ-କଶ୍ମୀର ପୁଞ୍ଚ ଜିଲାରେ ନିୟନ୍ତ୍ରଣ ରେଖା (ଏଲ୍‌ଓସି) ନିକଟରେ ଗ୍ରେନେଡ ବିସ୍ଫୋରଣରେ ଦୁଇ ସେନା ଯବାନ ଶହୀଦ ହୋଇଛନ୍ତି। ରବିବାର ରାତିରେ ମେନ୍ଧାର ସେକ୍ଟରରେ ସେନା କର୍ମଚାରୀ ଡ୍ୟୁଟିରେ ଥିବାବେଳେ ଏହି ଦୁର୍ଘଟଣା ଘଟିଥିବା ସୋମବାର ସେନା ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଗ୍ରେନେଡ ବିସ୍ଫୋରଣରେ ଆହତମାନଙ୍କୁ ହେଲିକପ୍ଟର ଯୋଗେ ଡାକ୍ତରଖାନ ନିଆଯାଇଥିବାବେଳେ ଚିକିତ୍ସାଧୀନ ଅବସ୍ଥାରେ କ୍ୟାପ୍ଟେନ ଆନନ୍ଦ ଏବଂ ନାଏବ ସୁବେଦାର ଭଗୱାନ ସିଂଙ୍କ ମୃତ୍ୟୁ ହୋଇଥିଲା। ଆନନ୍ଦଙ୍କ ଘର ବିହାର ଭାଗଲପୁରରେ ହୋଇଥିବାବେଳେ ଭଗୱାନ ଉତ୍ତର ପ୍ରଦେଶର ପୋଖାର ଭିଙ୍ଗାର ବାସୀନ୍ଦା।

## ଛାତ୍ରୀଙ୍କୁ ଅନ୍ତଃବସ୍ତ୍ର ଖୋଲିବାକୁ କହିଲେ

### ଏନ୍‌ଇଇଟି ପରୀକ୍ଷା

**ଥିରୁଭାନନ୍ତପୁରମ୍,୧୮।୭**

ମେଡିକାଲ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଉଦ୍ଦିଷ୍ଟ ପ୍ରବେଶିକା ପରୀକ୍ଷା ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ(ଏନ୍‌ଇଇଟି) ନିମନ୍ତେ କେରଳର ଏକ ପରୀକ୍ଷା କେନ୍ଦ୍ରରେ ବିବାଦୀୟ ଘଟଣା ସାମ୍ନାକୁ ଆସିଛି। କୋଲାମ ଜିଲାରେ ଏକ ଘରୋଇ ଶିକ୍ଷାନୁଷ୍ଠାନରେ ରବିବାର ଏନ୍‌ଇଇଟି ପରୀକ୍ଷା ଦେବାକୁ ଯାଇଥିବା ଛାତ୍ରୀମାନଙ୍କୁ ଅନ୍ତଃବସ୍ତ୍ର ଖୋଲିବାକୁ କୁହାଯାଇଥିବା ଅଭିଯୋଗ ହୋଇଛି। ଅନ୍ତଃବସ୍ତ୍ର ଖୋଲିଲେ ହିଁ ଟେଷ୍ଟ ଦେଇପାରିବ ବୋଲି ଆଶାୟୀଙ୍କୁ ନିର୍ଦ୍ଦେଶ ଯିବାପରେ ସେମାନେ ବାଧ ହୋଇ ଏପରି କରିଥିବା ଛାତ୍ରୀ ଓ ସେମାନଙ୍କ ପରିବାର ପକ୍ଷରୁ ଥାନାରେ ଏତଲା ଦିଆଯାଇଛି। ଏହାକୁ ନେଇ ସେଠାରେ ଉତ୍ତେଜନା ଦେଖାଦେଇଛି।

ଜଣେ ୧୭ ବର୍ଷୀୟ ଛାତ୍ରୀଙ୍କ ବାପା କରିଥିବା ଅଭିଯୋଗ ଅନୁସାରେ, ତାଙ୍କ ଝିଅ ଚଳିତ ବର୍ଷ ପ୍ରଥମ ଥର ପାଇଁ ଏନ୍‌ଇଇଟି ପରୀକ୍ଷା ଦେଉଥିଲେ। ଉକ୍ତ ପରୀକ୍ଷା କେନ୍ଦ୍ରରେ ତାଙ୍କୁ ଅନ୍ତଃବସ୍ତ୍ର ଖୋଲି ଟେଷ୍ଟ ଦେବାପାଇଁ କୁହାଯାଇଥିଲା। ଫଳରେ ୩ ଘଣ୍ଟା ଧରି ଛାତ୍ରୀଜଣକ ଅନଃବସ୍ତ୍ର ଖୋଲି ପରୀକ୍ଷା ଦେଇଥିଲେ। ଏଥିଯୋଗୁ ତାଙ୍କୁ ଅପମାନବୋଧ ମନେ ହୋଇଛି। ଏହାର ପ୍ରଭାବ ତାଙ୍କ ପରୀକ୍ଷା ଉପରେ ମଧ ପଡ଼ିଛି। ଏନ୍‌ଇଇଟି ତରଫରୁ ଜାରି ନୋଟିସ୍‌ରେ ଏପରି କଥା ଦର୍ଶାଯାଇ ନ ଥିବାବେଳେ ଏଥିପାଇଁ ଉକ୍ତ ପରୀକ୍ଷା କେନ୍ଦ୍ର ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସେହିପରି ଅନ୍ୟ ଛାତ୍ରୀମାନଙ୍କ ଅଭିଭାବକଙ୍କ ପକ୍ଷରୁ ମଧ ସମାନ ଅଭିଯୋଗ ଆସିଛି। ଘଟଣାରେ ପ୍ରତିକ୍ରିୟା ରଖି କେରଳ ଉଚ୍ଚଶିକ୍ଷା ମନ୍ତ୍ରୀ ଆର୍. ବିନ୍ଦୁ କହିଛନ୍ତି, ଏହା ଅତ୍ୟନ୍ତ ସମ୍ବେଦନଶୀଳ ଘଟଣା। ରାଜ୍ୟ ସରକାର ପକ୍ଷରୁ ଏହି ପରୀକ୍ଷା ଆୟୋଜନ କରାଯାଇ ନ ଥିଲା। ଆୟୋଜକଙ୍କ ଅବହେଳା ଯୋଗୁ ଏଭଳି ଘଟିଥିବା ସେ ଅଭିଯୋଗ ଆଣିଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। କେରଳ ମାନବାଧିକାର କମିଶନ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେବା ସହ ୧୫ ଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବା ପାଇଁ କୋଲାମ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ପୁନଃ ବ୍ୟବଚ୍ଛେଦ ନିର୍ଦ୍ଦେଶ ଦେଲେ ହାଇକୋର୍ଟ

### ସ୍କୁଲ ଛାତ୍ରୀ ଆତ୍ମହତ୍ୟା ଘଟଣା
- ୨ ଶିକ୍ଷକ ଗିରଫ
- ସ୍କୁଲରେ ଜଳାପୋଡ଼ା, ଶତାଧିକ ଅଟକ

**ଚେନ୍ନାଇ,୧୮।୭**

ତାମିଲନାଡୁରେ ଜଣେ ସ୍କୁଲ ଛାତ୍ରୀ ବିଲ୍ଡିଂ ଛାତରୁ ଡେଇଁ ଆତ୍ମହତ୍ୟା କରିବା ନେଇ ଏକ ଘରୋଇ ରେସିଡେନ୍ସିଆଲ ସ୍କୁଲ ବିରୋଧରେ ବିକ୍ଷୋଭ ଉଗ୍ର ହୋଇଛି। ବିଦ୍ୟାଳୟ କ୍ୟାମ୍ପସ୍ ମଧ୍ୟରେ ବହୁସଂଖ୍ୟାରେ ଆନ୍ଦୋଳନକାରୀ ପଶି ଭଙ୍ଗାରୁଜା କରିବା ସହ ଗାଡ଼ି ଆଦିରେ ନିଆଁ ଲଗାଇବାର ଦିନକ ପରେ ମାଡ୍ରାସ୍ ହାଇକୋର୍ଟ ସୋମବାର ଦ୍ୱାଦଶ ଛାତ୍ରୀଙ୍କ ପୁନର୍ବାର ଶବ ବ୍ୟବଚ୍ଛେଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଛାତ୍ରୀଙ୍କୁ ନିର୍ଯାତନା ଦେଇଥିବା ନେଇ ପରିବାର ପକ୍ଷରୁ ଅଭିଯୋଗ ପରେ ଦୁଇ ଶିକ୍ଷକ ପି. ହରିପ୍ରିୟା(୪୦) ଏବଂ ଜେ. କ୍ରିତିକାଙ୍କୁ ଗିରଫ କରାଯାଇଛି। ସେହିପରି ସ୍କୁଲ ପରିସରରେ ହିଂସାତ୍ମକ ଆନ୍ଦୋଳନ ଅଭିଯୋଗରେ ଶତାଧିକଙ୍କୁ ପୋଲିସ ଅଟକ ରଖିଛି।

କୁଡାଲୋର ଜିଲା ପେରିୟାନେସାଲୁର ଗ୍ରାମର ୧୭ ବର୍ଷୀୟା ଆର୍. ଶ୍ରୀମତୀ ଚିନ୍ନାସାଲେମ୍ ନିକଟ କାନିୟାମୁରଠାରେ ଥିବା ଏକ ଘରୋଇ ଆବାସିକ ସ୍କୁଲରେ ଦ୍ୱାଦଶ ଶ୍ରେଣୀ ଛାତ୍ରୀ ଥିଲେ। ଗତ ୧୩ ତାରିଖରେ ସେ ସ୍କୁଲ ବିଲ୍ଡିଂର ତୃତୀୟ ମହଲାରୁ ଡେଇଁ ଆତ୍ମହତ୍ୟା କରିଥିଲେ। ତାଙ୍କ ନିକଟରୁ ପୋଲିସ ଏକ ସୁଇସାଇଡ ନୋଟ୍ ଜବତ କରିଥିଲା। ଆର୍. ଶ୍ରୀମତୀ ତାଙ୍କ ଶ୍ରେଣୀର କେତେକ ବିଷୟରେ ଦୁର୍ବଳ ଥିଲେ ଏବଂ ଶିକ୍ଷକମାନେ ତାଙ୍କୁ ଅପମାନିତ କରିବା ସହ ମାନସିକ ନିର୍ଯାତନା ଦେଉଥିଲେ ବୋଲି ସୁଇସାଇଡ ନୋଟ୍‌ରେ ଲେଖାଥିବା ଜଣାପଡ଼ିଥିଲା। ପରେ ମୃତାଙ୍କ ପରିବାର ପକ୍ଷରୁ ଦୁଇ ଶିକ୍ଷକଙ୍କ ନାଁରେ ଥାନାରେ ଅଭିଯୋଗ କରିଥିଲେ। ପିଟି ହୋଇ ମୃତ୍ୟୁ ଘଟିଥିବା ନେଇ ପ୍ରଥମ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଥିବା ପୋଲିସ କହିଥିବାବେଳେ ଏହାକୁ ପରିବାର ଓ ସ୍ଥାନୀୟ ଲୋକେ ବିରୋଧ କରିଥିଲେ। ଛାତ୍ରୀଙ୍କୁ ଶାରୀରିକ ନିର୍ଯାତନା ଦିଆଯାଇଥିବା ସେମାନେ ଅଭିଯୋଗ କରିବା ସହ ରବିବାର ସ୍କୁଲ କ୍ୟାମ୍ପସ୍‌ରେ ତୁମୁଳକାଣ୍ଡ ଘଟାଇଥିଲେ। ପ୍ରାୟ ୧୫ ବସ୍‌ରେ ନିଆଁ ଲଗାଇଦେବା ସହ ବ୍ୟାପକ ସମ୍ପତ୍ତି ନଷ୍ଟ କରିଥିଲେ।

ହାଇକୋର୍ଟ ଜଷ୍ଟିସ୍ ସତୀଶ କୁମାର ଆନ୍ଦୋଳନକାରୀଙ୍କ ଉପରେ ବର୍ଷିବା ସହ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ନିମନ୍ତେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଭବିଷ୍ୟତରେ ଶିକ୍ଷାନୁଷ୍ଠାନ ପରିସରରେ ଆତ୍ମହତ୍ୟା ଘଟଣାର ତଦନ୍ତ ସିବି-ସିଆଇଡି ଏବଂ ୩ ଜଣିଆ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ମୃତଦେହ ବ୍ୟବଚ୍ଛେଦ କରାଇବେ ବୋଲି ହାଇକୋର୍ଟ କହିଛନ୍ତି।



ଆନ୍ଦୋଳନକାରୀ ସ୍କୁଲ୍ ପରିସରରେ ଥିବା ବସ୍ ଜାଳି ଦେଇଛନ୍ତି। ମୃତା ଛାତ୍ରୀ(ଇନ୍‌ସେଟ୍)।

### ରାଜ୍ୟ ଖବର

# କଚ୍ଚାଘରେ ୩.୪୭ ଲକ୍ଷ ସହରବାସୀ

- ଆବାସ ଯୋଜନା ଲକ୍ଷ୍ୟ ଭ୍ରଷ୍ଟ
- ଜାଗା ମିଶନରେ ମିଳୁନି ସୁଫଳ
- ଘର ବଣ୍ଟନରେ ବ୍ୟାପକ ଅନିୟମିତତା

**ଯାଜପୁର ଅଫିସ,୧୮।୭**

ରାଜ୍ୟର ସହରାଞ୍ଚଳରେ ୪,୫୧,୪୯୩ ପକ୍କାଘର କିମ୍ବା ନିଜସ୍ୱ ଗୃହ ନ ଥିବା ପରିବାରଙ୍କୁ ଚିହ୍ନଟ କରାଯାଇଛି। ଏହି ପରିବାରମାନଙ୍କ ମଧ୍ୟରୁ ବେସିକ ସର୍ଭିସ ଟୁ ଅର୍ବାନ ପୁଅର୍ (ବିଏସ୍‌ୟୁପି) ଯୋଜନାରେ ୧୬୭୮, ଇଣ୍ଟିଗ୍ରେଟେଡ୍ ହାଉସିଂ ଆଣ୍ଡ ସ୍ଲମ୍ ଡେଭଲପମେଣ୍ଟ ପ୍ରୋଗ୍ରାମ(ଆଇଏଚ୍‌ଏସ୍‌ଡିପି)ରେ ୧୧,୨୯୬, ରାଜୀବ ଆବାସ ଯୋଜନା (ଆର୍‌ଏୱାଇ)ରେ ୫,୨୪୧, ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ପିଏମ୍‌ଏୱାଇ)ରେ ୮୫,୩୩୨ ଘର ଆଦିକୁ ମିଶାଇ ମୋଟ ୧,୦୩,୬୪୭ ଗୃହ ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି। ଅର୍ଥାତ୍ ଏଯାଏ ୩,୪୭,୮୪୬ ସହରବାସୀ କଚ୍ଚାଘରେ ଜୀବନ ବିତାଉଛନ୍ତି। ଚଳିତ ବିଧାନସଭାରେ ବିଧାୟକ ପ୍ରଦୀପ କୁମାର ପାଣିଗ୍ରାହୀ, ତାରାପ୍ରସାଦ ବାହିନୀପତି ଓ ମୁକେଶ ମହାଲିଙ୍ଗଙ୍କ ପ୍ରଶ୍ନର ଉତ୍ତରରୁ ଏହି ତଥ୍ୟ ମିଳିଛି। ଏଥିରୁ ରାଜ୍ୟର ସହରାଞ୍ଚଳରେ ବସବାସ କରୁଥିବା ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକମାନଙ୍କୁ ସୁଲଭ ମୂଲ୍ୟରେ ବାସଗୃହ ଯୋଗାଇଦେବା ଲକ୍ଷ୍ୟ ବିଫଳ ହୋଇଥିବା ସ୍ପଷ୍ଟ ହେଉଛି। ୨୦୨୧ ସୁଦ୍ଧା ସହରାଞ୍ଚଳରେ ସମସ୍ତ ଝୁମ୍ପୁଡିବାସୀଙ୍କୁ ପକ୍କାଘର ଯୋଗାଇ ଦେବାକୁ ଦିଆଯାଇଥିବା ପ୍ରତିଶ୍ରୁତି ଏଠାରେ ଫମ୍ପା ମାଠିଆ ସଦୃଶ ହୋଇଛି। ଏହାବାଦ୍ ବାସଗୃହ ଯୋଗାଇ ଦେବାରେ କେତେକ ସହରାଞ୍ଚଳରେ ବ୍ୟାପକ ଅନିୟମିତତା ହେଉଥିବା ସହ ହାତଗୁଞ୍ଜା ନଦେଲେ ଘର ମିଳୁ ନ ଥିବା ଅଭିଯୋଗ ହୋଇଛି। ଜାଗା ମିଶନ ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ହେଉ ନ ଥିବାରୁ ଅଧିକାଂଶ ସହରରେ ସରକାରୀ ଜମି ଜବରଦଖଲ ଅଣାୟତ୍ତ ହୋଇଛି।

ସହରର ସୌନ୍ଦର୍ଯ୍ୟ ବଢ଼େଇବା ସହ ଝୁମ୍ପୁଡିବାସୀଙ୍କ ମଧ୍ୟରେ ସହରୀ ଛାପ ପକାଇବା ଉଦ୍ଦେଶ୍ୟରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ୨୦୦୯ରୁ ବିଭିନ୍ନ ଗୃହ ନିର୍ମାଣ ଯୋଜନା ପ୍ରଣୟନ କରିଛନ୍ତି। ଏଥିରେ ବିଏସ୍‌ୟୁପିରେ ୧,୬୭୮ଟି ଗୃହ ଯୋଗାଇ ଦିଆଯାଇଛି। ଏଥିପାଇଁ ଭୁବନେଶ୍ୱର ଓ ପୁରୀ ସହରାଞ୍ଚଳକୁ ସାମିଲ କରାଯାଇ ୪୬.୭୧ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ସେହିପରି ୨୦୦୯ରୁ ୨୦୧୫ ମଧ୍ୟରେ ଆଇଏଚ୍‌ଏସ୍‌ଡିପିରେ ୧୧,୨୯୬ ଘର ଯୋଗାଇ ଦିଆଯାଇଥିବାବେଳେ ଏଥିରେ ୧୭୧.୭୨ କୋଟି ଖର୍ଚ୍ଚ ହୋଇଛି। ଏହି ଯୋଜନାରେ ଅନୁଗୋଳ, ତାଳଚେର, ବାଲେଶ୍ୱର, ବରଗଡ଼, ଭଦ୍ରକ, ବଲାଙ୍ଗୀର, ପାଟଣାଗଡ଼, କଟକ, ଢେଙ୍କାନାଳ, ପାରଳାଖେମୁଣ୍ଡି, ବ୍ରହ୍ମପୁର, ଯାଜପୁର, ବ୍ୟାସନଗର, ବ୍ରଜରାଜନଗର, ଝାରସୁଗୁଡା, ଭବାନୀପାଟଣା, କେନ୍ଦ୍ରାପଡ଼ା, ଜଟଣୀ, ଖୋର୍ଦ୍ଧା, ଯୋଡ଼ା, ଜୟପୁର, ମାଲକାନଗିରି, ବାରିପଦା, ନୟାଗଡ଼, ନବରଙ୍ଗପୁର, ଖରିଆର ରୋଡ୍, ଫୁଲବାଣୀ, ସମ୍ବଲପୁର, କୁଚିଣ୍ଡା, ସୋନପୁର, ବୀରମିତ୍ରପୁର, ରାଉରକେଲା, ବୌଦ୍ଧଗଡ଼ ଓ ଜଗତ୍‌ସିଂହପୁର ସହରାଞ୍ଚଳକୁ ସାମିଲ କରାଯାଇଥିଲା। ୨୦୧୩ ରୁ ୨୦୨୨ ମଧ୍ୟରେ ରାଜୀବ ଆବାସ ଯୋଜନାରେ ୫୨୪୧ ବାସଗୃହ ଯୋଗାଇ ଦିଆଯାଇଥିବାବେଳେ ୩୫୯ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏଥିରେ ଭୁବନେଶ୍ୱର, କଟକ, ବ୍ରହ୍ମପୁର ଓ ଯାଜପୁର ଜିଲାକୁ ସାମିଲ କରାଯାଇଛି। ୨୦୧୫ରୁ ୨୦୨୨ ମଧ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ରାଜ୍ୟର ୩୦ ଜିଲାରେ ୮୫,୩୩୨ ବାସଗୃହ ସ୍ୱଳ୍ପ ମୂଲ୍ୟରେ ଯୋଗାଇ ଦିଆଯାଇଛି। ଏଥିପାଇଁ ପ୍ରାୟ ୧୫୦୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି।

ଉପରୋକ୍ତ ସମସ୍ତ ଯୋଜନାରେ ୨,୧୫,୭୫୭ ଘର ମଞ୍ଜୁର ହୋଇଛି। ଅବଶିଷ୍ଟ ପରିବାରମାନଙ୍କୁ ୨୦୨୩-୨୪ ସୁଦ୍ଧା ଯୋଗ୍ୟତା ଭିତ୍ତିରେ ବାସଗୃହ ଦେବାପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଗାଇଡ୍‌ଲାଇନ୍ ଅନୁଯାୟୀ ଓପନ ଟେଣ୍ଡର ମାଧ୍ୟମରେ ଏଜେନ୍ସି ଦ୍ୱାରା ୫ ଜଣ ରାଜ୍ୟସ୍ତରୀୟ କନସଲଟାଣ୍ଟ ଏବଂ ୭୨ ଜଣ ସହରୀସ୍ତରୀୟ କନସଲଟାଣ୍ଟଙ୍କୁ ନିଯୁକ୍ତି ଦିଆଯାଇଛି। ରାଜ୍ୟସ୍ତରୀୟ କନସଲଟାଣ୍ଟମାନଙ୍କୁ ୧,୦୩,୯୯୯ ଟଙ୍କା ଏବଂ ସହରୀସ୍ତରୀୟ କନସଲଟାଣ୍ଟମାନଙ୍କୁ ୩୫୦୦୦ ଟଙ୍କା ଲେଖାଏ ପ୍ରଦାନ କରାଯାଉଛି। ତଥାପି ସହରରେ ବହୁ ଲୋକଙ୍କୁ ମୁଣ୍ଡ ଗୁଞ୍ଜିବାକୁ ପକ୍କା ଘର ନ ଥିବା ବିଡମ୍ବନା ବୋଲି ମତପ୍ରକାଶ ପାଇଛି।

ଅନ୍ୟପକ୍ଷେ ଜାଗା ମିଶନ ଜରିଆରେ ୧ ଲକ୍ଷ ୭୫ ହଜାର ବସ୍ତିବାସିନ୍ଦାଙ୍କୁ ଜମି ଅଧିକାର ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଏମାନଙ୍କ ମଧ୍ୟରୁ ପ୍ରାୟ ୪୫ ହଜାର ପରିବାରଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରାଯାଇଥିବା ରିପୋର୍ଟରେ ଦର୍ଶାଯାଇଛି। ହେଲେ ଏହି ଜାଗା ମିଶନ ବିଭିନ୍ନ ସହରରେ ଏଯାଏ ଆଦୌ କାର୍ଯ୍ୟକାରୀ ହୋଇ ନ ଥିବା ଦେଖିବାକୁ ମିଳିଛି। ଏଠାରେ ଯାଜପୁର ଜିଲା ବ୍ୟାସନଗର ସହରକୁ ଉଦାହରଣ ଭାବେ ନିଆଯାଇପାରେ। ଏହି ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ହେଉ ନ ଥିବାରୁ ସରକାରୀ ତଥା ଶିକ୍ଷାନୁଷ୍ଠାନ ଜମି ଜବରଦଖଲ କରି ରହୁଛନ୍ତି। ଏନ୍‌ସି ହାଇସ୍କୁଲ ପଡିଆ ଏଥିପାଇଁ ଖୋଲା ଶୌଚାଳୟ ହୋଇଥିବାରୁ ଛାତ୍ରୀଛାତ୍ରମାନଙ୍କ ପାଠପଢାରେ ବିଘ୍ନ ଘଟୁଥିବା ଅଭିଯୋଗ ହୋଇ ଆସୁଛି। ତେବେ ଗରିବ ଲୋକଙ୍କ ସରଳତାର ସୁଯୋଗ ନେଇ ବାସଗୃହ ଯୋଗାଇଦେବାରେ ବହୁ ଚଞ୍ଚକତା କରି ବ୍ୟାପକ ଅନିୟମିତତା ହୋଇଥିବା ପୂର୍ବରୁ ନଜିର ରହିଛି। ରାଜୀବ ଆବାସ ଯୋଜନାରେ ଯାଜପୁର ପୌରାଞ୍ଚଳକୁ ଏହାର ଉଦାହରଣ ଭାବେ ନିଆଯାଇପାରେ। ୨୦୧୮ ଜୁଲାଇରେ କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ(ସିଏଜି)ଙ୍କ ରିପୋର୍ଟରେ ହିତାଧିକାରୀ ଚୟନରେ ପାତରଅନ୍ତର ଏବଂ ଆବଣ୍ଟିତ ଅନୁଦାନ ଉଦ୍ଦେଶ୍ୟ ବିହୀନ ଭାବେ ଖର୍ଚ୍ଚ ହୋଇଥିବା ଦର୍ଶାଯାଇଥିଲା।

## ବଳାତ୍କାରୀଙ୍କୁ ୧୦ବର୍ଷ ଜେଲ

**ବାରିପଦା ଅଫିସ,୧୮।୭:** ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଅତିରିକ୍ତ ଜିଲା ଓ ଦୌରା ଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ସୋମବାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସୁମିତା ଜେନା ଏହାର ବିଚାର କରି ଦୋଷୀଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ ସହିତ ୧୦ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ୩ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଏହା ସହିତ ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦରେ ଆଇନ ସହାୟତା କର୍ତ୍ତୃପକ୍ଷ ୪ଲକ୍ଷ ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତ ହେଲେ ଶୁଳିଆପଦା ଥାନା ଅଧୀନ ମୋଡ଼ାଉକା ଗ୍ରାମର ରାକେଶ ସିଂ(୪୦)।

ମାମଲାର ବିବରଣୀ ଅନୁଯାୟୀ, ୨୦୧୫ ନଭେମ୍ବର ୧୩ରେ ଶୁଳିଆପଦା ଥାନା ଅଞ୍ଚଳର ଜଣେ ନାବାଳିକା ତାଙ୍କ ସାନ ଭାଇକୁ ଖୋଜିବାକୁ ଯାଇଥିଲେ। ଅଭିଯୁକ୍ତ ରାକେଶ ତାଙ୍କୁ ଏକୁଟିଆ ପାଇ ଭାଇ ପାଖରେ ପହଞ୍ଚାଇ ଦେବାକୁ କହି ନିକଟସ୍ଥ ଜଙ୍ଗଲକୁ ନେଇ ବଳାତ୍କାର କରିଥିଲେ। ନାବାଳିକା ଜଣକ ଜଙ୍ଗଲରୁ ମୁଖ୍ୟ ରାସ୍ତାକୁ ଆସି ଲୋକମାନଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ।

## ପୂର୍ବତନ ତହସିଲଦାରଙ୍କୁ ୨ ବର୍ଷ ଜେଲ

- ୧୩ ବର୍ଷ ପରେ ରାୟ ଶୁଣାଇଲେ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍
- ଲାଇସେନ୍ସ ଯାଞ୍ଚ ରିପୋର୍ଟ ପାଇଁ ଲାଞ୍ଚ ନେଇ ଗିରଫ ହୋଇଥିଲେ

**ଭୁବନେଶ୍ୱର,୧୮।୭ (ବ୍ୟୁରୋ):** ଷ୍ଟାମ୍ପ ଭେଣ୍ଡର ଲାଇସେନ୍ସ ନବୀକରଣ ପାଇଁ ଯାଞ୍ଚ ରିପୋର୍ଟ ଦେବାକୁ ୫୦୦ ଟଙ୍କା ଲାଞ୍ଚ ମାମଲାର ରାୟ ୧୩ ବର୍ଷ ପରେ ସୋମବାର ପ୍ରକାଶ ପାଇଛି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ସତ୍ୟନାରାୟଣ ଷଡ଼ଙ୍ଗୀ ସମ୍ପୃକ୍ତ ଅଭିଯୁକ୍ତ ତଥା ନୟାଗଡ଼ ଜିଲା ଖଣ୍ଡପଡ଼ାର ପୂର୍ବତନ ତହସିଲଦାର ପଞ୍ଚାନନ ବାରିକଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟ ଶୁଣାଇଛନ୍ତି। ଦଫା (୧୩)୨ରେ ୨ ବର୍ଷ ଏବଂ ୭ ପି.ସି. ଆକ୍ଟରେ ୧ ବର୍ଷ ଦଣ୍ଡାଦେଶ ହୋଇଛି। ଉଭୟ ଦଣ୍ଡ ଏକକାଳୀନ ୨ ବର୍ଷ ଭୋଗିବେ ବୋଲି କୋର୍ଟ କହିଛନ୍ତି। ଏଥିସହ ୭ ହଜାର ଟଙ୍କାରେ ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି। ଜରିମାନା ଅନାଦାୟ କ୍ଷେତ୍ରରେ ଅଧିକ ୬ ମାସ ଜେଲ ଦଣ୍ଡାଦେଶ ଦିଆଯାଇଛି। ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସ୍ୱତନ୍ତ୍ର ଭିଜିଲାନ୍ସ ସରକାରୀ ଓକିଲ ହେମନ୍ତ କୁମାର ସ୍ୱାଇଁ ପରିଚାଳନା କରୁଥିଲେ।

ସୂଚନାଯୋଗ୍ୟ, ଷ୍ଟାମ୍ପ ଭେଣ୍ଡର ଲାଇସେନ୍ସର ନବୀକରଣ ପାଇଁ ରବୀନ୍ଦ୍ରନାଥ ମହାନ୍ତି ନୟାଗଡ଼ ଜିଲାପାଳଙ୍କ ପାଖରେ ଆବେଦନ କରିଥିଲେ। ଜିଲାପାଳ ଏହାର ତଦନ୍ତ କରି ଯାଞ୍ଚ ରିପୋର୍ଟ ଦେବାକୁ ତହସିଲଦାର ତତ୍କାଳୀନ ଖଣ୍ଡପଡ଼ା ତହସିଲ୍‌ଦାର ପଞ୍ଚାନନ ବାରିକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ପଞ୍ଚାନନ ଦିନ ଗଡ଼ାଇବା ସହ ପରବର୍ତ୍ତୀ ସମୟରେ ରବୀନ୍ଦ୍ରନାଥଙ୍କୁ ୧ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ହେଲେ ୫୦୦ ଟଙ୍କାରେ କଥା ଛିଣ୍ଡିଥିଲା। ରବୀନ୍ଦ୍ରନାଥ ଏନେଇ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ୨୦୦୯ ମେ ୨୩ରେ ପଞ୍ଚାନନ ଲାଞ୍ଚ ଟଙ୍କା ଗ୍ରହଣ କରିବା ସମୟରେ ଭିଜିଲାନ୍ସ ଟିମ୍ ତାଙ୍କୁ ଗିରଫ କରିବା ସହ ଲାଞ୍ଚ ଟଙ୍କା ଜବତ କରିଥିଲା। ଏନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ମାମଲା (ନଂ.୧୩/୨୦୦୯) ରୁଜୁ କରାଯାଇଥିଲା। ପରବର୍ତ୍ତୀ ସମୟରେ ପଞ୍ଚାନନ ଜାମିନରେ ଜେଲରୁ ମୁକୁଳିଥିଲେ। ହେଲେ ନିର୍ଦ୍ଦେଶ ମୁତାବକ ସେ କୋର୍ଟରେ ହାଜର ନ ହେବାରୁ ତାଙ୍କ ନାଁରେ ୱାରେଣ୍ଟ ଜାରି କରାଯାଇଥିଲା। ଗତ ଜୁନ୍ ୨୮ରୁ ପୋଲିସ ତାଙ୍କୁ ଗିରଫ କରିବା ପରେ ସେ ଏବେ ଜେଲ୍‌ରେ ଅଛନ୍ତି।

ମନେ ପଡ଼ନ୍ତି

ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



✓ମାଧବୀଲତା ମହାରଣା
ତିରୋଧାନ: ୧୨.୦୭.୨୦୨୦
(୨ୟ ଶ୍ରାଦ୍ଧ ବାର୍ଷିକୀ)
✓ଧ୍ରୁବାନନ୍ଦ ମହାରଣା
ତିରୋଧାନ: ୧୯୬୬
(୫୬ତମ ଶ୍ରାଦ୍ଧ ଦିବସ)
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ
ଆତ୍ମୀୟ ସ୍ୱଜନ, ବନ୍ଧୁବାନ୍ଧବ ଓ ପରିବାର ବର୍ଗ
ଧ-୧୦୩୪

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



✓ଅଶୋକ କୁମାର ଦାସ (ବାବୁଲୀ)
କଟକରୋଡ୍, ଭୁବନେଶ୍ୱର
ଆବିର୍ଭାବ: ୧୩।୦୫।୧୯୫୬
ତିରୋଧାନ: ୦୯।୦୭।୨୦୨୨
ଆପଣଙ୍କର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟ ପରାୟଣତା ଓ ପରୋପକାରିତା ଆମ ଜୀବନର ଚଲାପଥରେ ପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ହେଉ, ଆଜିର ଏକାଦଶାହ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ଓ ଜୟଗୁରୁଙ୍କଠାରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ଅଭାଗା ଆତ୍ମୀୟ ତୁମ ବୋଉ, ସ୍ତ୍ରୀ: ସଞ୍ଜୁ, ଝିଅ: ମୁନୁ, ମଇନା, ଜ୍ୱାଇଁ: ରାଜୁ, ବିଜୟ, ନାତି: ଗୋଲୁ, ନାତୁଣୀ: ଲାଡୋ, ଭାଇ: ବାବୁ, ବେବି, ସୋନୁ, ପପଲ, ଅକ୍ଷରା, ଲିଥୁ, ଭଉଣୀ: ରୀନୁ ଅପା, ସୁନା, ଟୁକୁନି ତଥା ସମସ୍ତ ପରିବାରବର୍ଗ ଓ ବନ୍ଧୁ ପରିଜନ।
ଧ-୬୭୪୨୩



# ଡ୍ରଇଂରୁମ୍ ଡେକୋରେଶନ୍

**ଡ୍ରଇଂରୁମ୍ ହେଉଛି ଗୋଟିଏ ଘରର ମୁଖ୍ୟ ଆକର୍ଷଣ। ତେଣୁ ଏହାକୁ ସଜାଇବା ବେଳେ କେତୋଟି କଥା ପ୍ରତି ଧ୍ୟାନ ଦେଲେ ତାହା ଅଧିକ ସୁନ୍ଦର ତଥା ଆଇକ୍ୟାଚି ଲାଗିବ। ଜାଣନ୍ତୁ କିପରି ସଜାଇବେ ଡ୍ରଇଂରୁମ୍...**

➤ପ୍ରଥମ କଥା ହେଉଛି ଡ୍ରଇଂରୁମକୁ ଫାଙ୍କା ଫାଙ୍କା ରଖିବାକୁ ଚେଷ୍ଟା କରନ୍ତୁ। ଯଦିଓ ଶୋ ପିସ୍, ୱାଲ୍‌ହ୍ୟାଙ୍ଗିଙ୍ଗ୍ ଆଦି ଡ୍ରଇଂରୁମର ଶୋଭା ବଢ଼ାଇଥାଏ, ହେଲେ ଆବଶ୍ୟକତାଠାରୁ ଅଧିକ ରଖିବା ଦ୍ୱାରା ଜାକି ହେବା ଭଳି ଲାଗିଥାଏ। ସେହିପରି ଫର୍ନିଚର, ଟିଭି ଏବଂ ଅନ୍ୟାନ୍ୟ ଡେକୋରେଟିଭ୍ ସାମଗ୍ରୀକୁ ଏପରି ସଜାନ୍ତୁ, ଯେପରି ସେସବୁ ନା କେବଳ ସୁନ୍ଦର ଦେଖାଯିବ ବରଂ ଚଲାବୁଲା କରିବା ସମୟରେ ଆପଣଙ୍କ ସଂସ୍ପର୍ଶରେ ଆସିବ ନାହିଁ। ଏହାଦ୍ୱାରା ଡ୍ରଇଂରୁମ୍ ସ୍ପେଶିଅସ୍ ଏବଂ ଆଟ୍ରାକ୍ଟିଭ୍ ଲାଗିବ।

➤ଡ୍ରଇଂରୁମରେ ଝରକା କିମ୍ବା ଟ୍ରାନ୍ସପରେଣ୍ଟ ଗ୍ଲାସ୍ ଲଗାନ୍ତୁ, ଯେପରି ଡ୍ରଇଂରୁମ୍‌କୁ ବାହାର ଲାଇଟ୍ ଆସିପାରିବ। ଯଦି ଏପରି ସୁବିଧା ନାହିଁ, ତେବେ ଫଲ୍ସ ସିଲିଂ କରି କଲରଫୁଲ୍ ଲାଇଟ୍ ବ୍ୟବସ୍ଥା କଲେ ଡ୍ରଇଂରୁମ୍ ଅଧିକ ଆକର୍ଷଣୀୟ ଲାଗିବ।

➤ଡ୍ରଇଂରୁମ୍ ସଜାଇବା ଲାଗି ଫୁଲଦାନି ବାଛୁଥିଲେ ମନେରଖନ୍ତୁ, ଅନେକ ପ୍ରକାରର ଫୁଲଦାନି ଏକସଙ୍ଗେ ଅବା ରୁମ୍ ଭିତରେ ଭର୍ତ୍ତି କରି ରଖନ୍ତୁ ନାହିଁ। ଗୋଟିଏ କିମ୍ବା ଦୁଇଟି ଫୁଲଦାନି ରଖନ୍ତୁ। ମଲ୍ଟି କଲର ଫୁଲ ସହ ପତ୍ର ମଲ୍ଟିକଲର ନ ରଖି କେବଳ ଗ୍ରୀନ୍ ହିଁ ରଖିଲେ ଅଧିକ ଆଇକ୍ୟାଚି ଲାଗିବ। ଯଦି ସିଙ୍ଗଲ କଲର ଫୁଲ ରଖୁଛନ୍ତି, ତେବେ ମଲ୍ଟି କଲର ପତ୍ର ରଖିପାରିବେ।

➤ଡ୍ରଇଂରୁମକୁ ସୁନ୍ଦର କରିବା ଲାଗି ଏହାର ପରଦାଗୁଡ଼ିକ ମଧ୍ୟ ମୁଖ୍ୟ ଭୂମିକା ବହନ କରିଥାଏ। ତେଣୁ ରୁମ୍ କାନ୍ଥର କଲର ସହ କଣ୍ଟ୍ରାଷ୍ଟ ଲୁକ୍ ଦେବା ଭଳି ପରଦା ବାଛନ୍ତୁ। ଏହାବ୍ୟତୀତ ସୁନ୍ଦର କାର୍ପେଟ୍ ମଧ୍ୟ ଡ୍ରଇଂରୁମ୍‌ର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାଏ।





## ଖାଦ୍ୟରୁଚି
# ବଟର ଚିକେନ୍



**ଆବଶ୍ୟକ ସାମଗ୍ରୀ:** ୨ ବଡ଼ ଚାମଚ ତେଲ, ୧ ବଡ଼ ଚାମଚ ବଟର, ଛୋଟ ଛୋଟ କଟା ହୋଇଥିବା ଗୋଟିଏ ପିଆଜ, ୧ ଛୋଟ ଚାମଚ ଅଦା ପେଷ୍ଟ, ୨-୩ କୋଲା ରସୁଣ ପେଷ୍ଟ, ୫୦୦ ଗ୍ରାମ ବୋନ୍‌ଲେସ୍ ଚିକେନ୍, ୨୦୦ ଗ୍ରାମ୍ ଟମାଟୋ ପେଷ୍ଟ କିମ୍ବା ସସ୍, ୧ ଚାମଚ ଗରମ ମସଲା, ୧ ଛୋଟ ଚାମଚ ଲଙ୍କାଗୁଣ୍ଡ, ୧ ଛୋଟ ଚାମଚ ଲେଖାଏଁ ଜିରା, ମେଥି, ଲୁଣ, ୧/୪ ଛୋଟ ଚାମଚ ଗୋଲମରିଚ ଗୁଣ୍ଡ, ୧ କପ୍ କ୍ରିମ୍।

**ପ୍ରସ୍ତୁତି ପ୍ରଣାଳୀ:** ଚୁଲାରେ ଏକ ପ୍ୟାନ୍ ଗରମ କରି ସେଥିରେ ତେଲ ଓ ବଟର ପକାନ୍ତୁ। ଏହା ଗରମ ହୋଇଗଲେ ଛୋଟ ଛୋଟ କଟା ହୋଇଥିବା ପିଆଜ ପକାଇ ୨ ମିନିଟ୍ ଭାଜନ୍ତୁ। ସେଥିରେ ରସୁଣ, ଅଦା ପକାଇ ଆଉ କିଛି ସମୟ ଭାଜନ୍ତୁ। ବର୍ତ୍ତମାନ ଚିକେନ୍, ଟମାଟୋ ସସ୍ ଏବଂ ଅନ୍ୟ ମସଲାଗୁଡିକୁ ପକାଇ ଭଲ ଭାବେ ମିଶାନ୍ତୁ ଯେପରି ସବୁକିଛି ଭଲ ଭାବେ ଭାଜି ହେବ। ବର୍ତ୍ତମାନ କ୍ରିମ୍ ଢାଳି ଭଲଭାବେ ଗୋଳାଇ ଘୋଡାଇ ଦିଅନ୍ତୁ ଏବଂ ଚୁଲାକୁ ସିମ୍ କରି ୮-୧୦ ମିନିଟ୍ ପର୍ଯ୍ୟନ୍ତ ଛାଡ଼ନ୍ତୁ। ମଝିରେ ମଝିରେ ଗୋଳାଇବାକୁ ଭୁଲନ୍ତୁ ନାହିଁ, ନଚେତ୍ ମସଲା ତଳେ ଲାଗିଗଲେ ତରକାରିରୁ ପୋଡ଼ାଗନ୍ଧ ଆସିବ। ତରକାରି ଭଲ ଭାବେ ଫୁଟି ବହଳିଆ ହୋଇଗଲେ ଚୁଲା ବନ୍ଦ କରିଦିଅନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ବଟର ଚିକେନ୍। ଏହାକୁ ରୁଟି, ନାନ୍ ସହିତ ଖାଇବାର ମଜା ନିଅନ୍ତୁ।

# ବର୍ଷାଦିନେ ଗର୍ଭବତୀଙ୍କ ଯତ୍ନ









**କିଛିଦିନ ହେବ ଲାଗିରହୁଛି ପ୍ରବଳ ବର୍ଷା, ଯାହାକି ସଭିଙ୍କଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜୁଛି। ବିଶେଷକରି ରୋଗ ପ୍ରତିରୋଧକ ଶକ୍ତି କମ୍‌ଥିବାରୁ ଏହା ଅଧିକ ପ୍ରଭାବିତ କରୁଛି ଭାବୀ ମା'ମାନଙ୍କୁ। ତେଣୁ ଏ ସମୟରେ ଗର୍ଭବତୀ ନାରୀମାନଙ୍କୁ ଉଭୟ ନିଜ ସହ ଗର୍ଭସ୍ଥ ଶିଶୁ ପାଇଁ ବିଶେଷ ଭାବରେ ସତର୍କ ରହିବା ଆବଶ୍ୟକ...**

**- ଡା. ସରୋଜିନୀ ଷଡ଼ଙ୍ଗୀ**

**ଖାଦ୍ୟ ପ୍ରତି ଦିଅନ୍ତୁ ବିଶେଷ ଧ୍ୟାନ:** ବର୍ଷା ସମୟରେ ଗର୍ଭବତୀ ନାରୀମାନଙ୍କ ଦେହର ରୋଗ ପ୍ରତିରୋଧକ ଶକ୍ତି କମିଯାଉଥିବାରୁ ଝାଡ଼ା, ବାନ୍ତି, ଜଣ୍ଡିସ୍, ଜ୍ୱର ଆଦି ଅନେକ ଖାଦ୍ୟଜନିତ ସଂକ୍ରମଣ ରୋଗ ହୋଇଥାଏ। ତେଣୁ ନିଜ ସହ ଗର୍ଭସ୍ଥ ଶିଶୁର ଶରୀରକୁ ଶକ୍ତି ଯୋଗାଇ ଦେବା ଭଳି ସୁଷମ ତଥା ବେଶି ପୁଷ୍ଟିକର ଖାଦ୍ୟ ଖାଇବା ଆବଶ୍ୟକ। ଏହାଛଡ଼ା ବେଶି ତେଲ ମସଲାଯୁକ୍ତ, ବାସିଖାଦ୍ୟ ଆଦି ନ ଖାଇ ସଦ୍ୟ ପ୍ରସ୍ତୁତ ଗରମ ଖାଦ୍ୟ ଖାଇବା ସହ ଗରମ ସୁପ୍ ପିଇବା ଭଲ। ବଜାରରେ ମିଳୁଥିବା ଖାଦ୍ୟ ବି ଏ ସମୟରେ ହାନିକାରକ। କାରଣ ଏଥିରେ ବ୍ୟବହୃତ ହେଉଥିବା ସମସ୍ତ ଜିନିଷରେ ପ୍ରଚୁର ପରିମାଣରେ ତେଲ ଓ ମସଲା ସହ ସଂକ୍ରମିତ ପାଣି ବ୍ୟବହାର ହେଉଥିବାରୁ ସଂକ୍ରମଣଜନିତ ରୋଗ ହେବାର ଆଶଙ୍କା ବେଶି ଥାଏ । ବେଳେବେଳେ କଟା ହୋଇଥିବା ଫଳ ବହୁତ ସମୟ ବାହାରେ ରହିବା ଦ୍ୱାରା ବି ସଂକ୍ରମଣ ହୋଇଥାଏ। ତେଣୁ ବାହାରେ ରହିଥିବା କଟାଫଳ ଖାଇବା ଅନୁଚିତ। କାକୁଡ଼ି, ଟମାଟୋ ଓ ପିଆଜ ଆଦି ଗରମ ପାଣିରେ ଧୋଇ ସାଲାଡ ପ୍ରସ୍ତୁତ କରିବା ଦରକାର । ବିଶେଷ ଭାବରେ ଶାଗଜାତୀୟ ଖାଦ୍ୟ ଯଥା- ପାଳଙ୍ଗଶାଗ, ବିଭିନ୍ନ ପ୍ରକାର ଶାଗ, ବନ୍ଧାକୋବି, ଫୁଲକୋବି ଆଦି ପରିବା ପତ୍ରରେ ଛୋଟ ଛୋଟ ପୋକ ଓ ଜୀବାଣୁ ଥିବାରୁ ଏହାକୁ ରାନ୍ଧିବା ପୂର୍ବରୁ ଗରମ ପାଣିରେ ୩-୪ ଥର ଭଲଭାବେ ଧୋଇବା ଆବଶ୍ୟକ। ଏହି ସମୟରେ ମଟନ ଓ ଚିକେନ୍ ମଧ୍ୟ ବେଶି ପରିମାଣରେ ଖାଇବା ଠିକ୍ ନୁହେଁ- ଏହା ହଜମ ନ ହୋଇ ଅଜୀର୍ଣ୍ଣ ରୋଗ, ଝାଡା ଓ ବାନ୍ତିର କାରଣ ସାଜିଥାଏ।

**ପିଅନ୍ତୁ ପର୍ଯ୍ୟାପ୍ତ ପାଣି:** ବର୍ଷା ଅଧିକ ହେଲେ ଅନେକେ ଜଳବାୟୁ ଆର୍ଦ୍ର ଥିବାରୁ ପାଣି ପିଇବାରେ ଅବହେଳା କରି ବସନ୍ତି। ହେଲେ ମନେରଖନ୍ତୁ ଏ ସମୟରେ ପରିବେଶର ଉଷ୍ମତା କମିଯିବାରୁ ବେଶି ପାଣି ପିଇବା ଓ ପାନୀୟ ଜିନିଷ ବ୍ୟବହାର କରିବା ଆବଶ୍ୟକ। ଏ ସମୟରେ କମ୍ ପାଣି ପିଇଲେ ଗର୍ଭବତୀଙ୍କୁ ଡିହାଇଡ୍ରେସନ ହୋଇ ବାନ୍ତି ଲାଗେ, ମୁଣ୍ଡ ବିନ୍ଧେ ଏବଂ ଅଚେତ ହେବା ଭଳି ଲାଗେ- ତେଣୁ ସେମାନେ ଫଳରସ, ପଇଡ଼, ପାଣି, ଲେମ୍ବୁ ସରବତ ଆଦି ପ୍ରଚୁର ପରିମାଣରେ ପିଇବା ଦରକାର। ହେଲେ ବଜାରରେ ମିଳୁଥିବା ଦହି ଓ ଲସି ପିଇବା ଠିକ୍ ନୁହେଁ।

**ପରିଚ୍ଛନ୍ନତା ଗୁରୁତ୍ୱପୂର୍ଣ୍ଣ:** ଗର୍ଭବତୀମାନେ ସ୍ୱାସ୍ଥ୍ୟରକ୍ଷା ନିମନ୍ତେ ସଫାସୁତରା ରହିବା ଆବଶ୍ୟକ। ଭଲ ଭାବରେ ସ୍ନାନ କରିବା ଦ୍ୱାରା ଚର୍ମ ପରିଷ୍କାର ହୁଏ ଓ ଜୀବାଣୁ ଚର୍ମ ଭିତରକୁ ଯାଇପାରେ ନାହିଁ । ବାହାରେ ବର୍ଷାରେ ଭିଜିଗଲେ ନିଜ ଶରୀରକୁ ଟାୱେଲରେ ପୋଛି ଶୁଖିଲା କରିବା ପରେ ଗରମ ପାଣିରେ ଗାଧୋଇବା ଦ୍ୱାରା ସଂକ୍ରମଣ ହୋଇ ନ ଥାଏ । କେବଳ ସ୍ନାନ, ଶୌଚ ଠିକ୍ ଭାବେ କରିବା ନୁହେଁ ନଖକାଟିବା, ରାନ୍ଧିବା ଓ ଖାଇବା ଆଗରୁ ଡିସ୍-ଇନଫ୍ୟାକ୍ଟାଂଟ ହ୍ୟାଣ୍ଡୱାଶ୍ ଲଗାଇ ହାତ ଧୋଇବା ଆବଶ୍ୟକ, ଯାହାକି ନିଜ ସହ ଗର୍ଭସ୍ଥ ଶିଶୁକୁ ବି ନୀରୋଗ ରଖିଥାଏ। ସେହିପରି ନିଜର ଘରଦ୍ୱାର ଓ ଆଖପାଖ ସ୍ଥାନ ମଧ୍ୟ ପରିଷ୍କାର ରଖନ୍ତୁ। କାର୍ବୋଲିକ୍ ସାବୁନର ଦ୍ରବଣରେ ଘରଦ୍ୱାର ପୋଛି ସଫା କରିବା ଦ୍ୱାରା ଜୀବାଣୁମୁକ୍ତ ରହିଥାଏ । ଏହା ସହ ବିଛଣା ଚଦର ଓ ତଉଲିଆ ଆଦି ସଫା ରଖିବା ଆବଶ୍ୟକ। ମ୍ୟାଲେରିଆ ଓ ଡେଙ୍ଗୁ ରୋଗରୁ ରକ୍ଷା ପାଇଁ ମଶାରି ଟାଣି ଶୁଅନ୍ତୁ। ଆବଶ୍ୟକ ସ୍ଥଳେ ମଶାଧୂପ ଓ ମଶାକ୍ରିମ ବ୍ୟବହାର କରିପାରିବେ। ସର୍ବଦା କଟନ୍ ବା ସୂତା କପଡା ପିନ୍ଧିବା ଭଲ ।

**ମନେରଖନ୍ତୁ...**

- ଗର୍ଭାବସ୍ଥାରେ ହେଭି ମେକ୍‌ଅପ୍ ବା ଗାଢ଼ ପ୍ରସାଧନ ବ୍ୟବହାର କରିବା ଠିକ୍ ନୁହେଁ। ବିଶେଷକରି ମସ୍କାରା ଓ ପଫ୍, ଆଇ-ଲାଇନର ଓ ଲିପଷ୍ଟିକ୍‌ରୁ ସଂକ୍ରମଣର ଭୟ ଥାଏ, ତେଣୁ ହାଲୁକା ମେକ୍‌ଅପ୍ ନିଅନ୍ତୁ।
- ବାହାରକୁ ଯାଉଥିଲେ ପାଖରେ ଛତା, ରେନିକୋଟ ରଖନ୍ତୁ। ଯଦି ପ୍ରସବର ସମ୍ଭାବନା ତାରିଖ ନିକଟରେ ଥାଏ, ତେବେ ସବୁ ପ୍ରକାର ପ୍ରସ୍ତୁତି କରିରଖନ୍ତୁ। ଯଥା- ଡାକ୍ତରଙ୍କର ଫୋନ୍ ନମ୍ବର, ହସ୍ପିଟାଲ, ଆମ୍ବୁଲାନ୍ସର ଫୋନ୍ ନମ୍ବର ଏବଂ ହସ୍ପିଟାଲ ଯିବା ପାଇଁ ଗାଡ଼ିଠାରୁ ଆରମ୍ଭ କରି ସବୁ ଜିନିଷର ପ୍ରସ୍ତୁତି ଆଗରୁ କରି ରଖନ୍ତୁ।

ବର୍ଷାଦିନକୁ ନ ଡରି ଏହାର ମୁକାବିଲା କରିବା ଲାଗି ସମସ୍ତ ପ୍ରକାର ପ୍ରସ୍ତୁତି ସହ ସ୍ୱାସ୍ଥ୍ୟରକ୍ଷାର ନିୟମ ମାନି ଚଳିଲେ ଗର୍ଭବତୀ ମା'ଟିଏ ନିଜ ସହ ଗର୍ଭସ୍ଥ ଶିଶୁକୁ ବି ସୁରକ୍ଷିତ ରଖିପାରିବ ସେଥିରେ ସନ୍ଦେହ ନାହିଁ।

*- ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞା*
*ଲିଙ୍କ୍‌ରୋଡ଼, କଟକ- ୧୨*
*ମୋ- ୯୪୩୭୦୫୫୦୦୭*



## ସୌନ୍ଦର୍ଯ୍ୟ
# ତ୍ୱଚାର ଗ୍ଲୋ ବଢ଼ାଏ ଅଲିଭ୍ ଅଏଲ୍

**ଲୋ ଫ୍ୟାଟ୍ ଡାଏଟ୍‌ରେ ବ୍ୟବହାର ହେଉଥିବାରୁ ଅଲିଭ୍ ଅଏଲ୍‌ର ଡିମାଣ୍ଡ ବେଶି। ହେଲେ ଆପଣ ଜାଣନ୍ତିକି ଏଥିରେ ଭରି ରହିଛି ଏଭଳି ଅନେକ ଉପାଦାନ, ଯାହାକି ଆପଣଙ୍କ ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ବରଦାନ ସଦୃଶ...**



➔ଆଖିର ସୌନ୍ଦର୍ଯ୍ୟ ବୃଦ୍ଧି ଲାଗି ଅଲିଭ୍ ଅଏଲ୍ ବେଶ୍ ଉପକାରୀ। ଏଥିରେ ଥିବା ଆଣ୍ଟି ଏଜିଂ ଏବଂ ଆଣ୍ଟି ଇନ୍‌ଫ୍ଲାମେଟୋରି ଉପାଦାନ ଆଖିର ସୂକ୍ଷ୍ମ ତ୍ୱଚାକୁ ପୋଡ଼ାଜଳା ଏବଂ କୁଞ୍ଚନ ହେବାଠାରୁ ଦୂରେଇ ରଖେ। ଏହାକୁ ବ୍ୟବହାର କଲେ ଆଖିପତା ଓ ଆଇବ୍ରୋ କଳା ଏବଂ ଗହଳ ହୋଇଥାଏ। କାଜଲ୍, ଆଇଲାଇନର, ମସ୍କରା ଆଦି ଛଡ଼ାଇବା ପାଇଁ ଅଲିଭ୍ ଅଏଲ୍ ବ୍ୟବହାର କରିପାରିବେ।

➔ଓଠ ଅଧିକ ଶୁଷ୍କ ଲାଗିବା, ଫାଟିବା ଏବଂ ଚୋପା ଛାଡ଼ିବା ଭଳି ସମସ୍ୟା ଥିଲେ ଏଣୁତେଣୁ ପ୍ରଡକ୍ଟ ମଧ୍ୟ ବ୍ୟବହାର ନ କରି ଅଲିଭ୍ ଅଏଲ୍ ଲଗାନ୍ତୁ। ଏଥିରେ ଥିବା ଭିଟାମିନ୍ ଇ ଓଠକୁ ନରମ ରଖିବା ସହ ସୂର୍ଯ୍ୟ କିରଣରୁ ଆସୁଥିବା କ୍ଷତିକାରକ ରଶ୍ମିରୁ ସୁରକ୍ଷା ଦେଇଥାଏ।

➔ଯଦି ଆପଣଙ୍କ ତ୍ୱଚା ଶୁଷ୍କ ଏବଂ ଆପଣ ନିୟମିତ ଅନ୍ତରାଳରେ ସ୍ପା କରାଇ ପାରୁନାହାନ୍ତି, ତେବେ ଏହାର ସବୁଠୁ ଭଲ ବିକଳ୍ପ ହେଉଛି ଅଲିଭ୍ ଅଏଲ୍। ଏଥିରେ ଅଳ୍ପ ସମୁଦ୍ର ଲୁଣ ମିଶାଇ ମୁହଁକୁ ଧୀରେ ଧୀରେ ମସାଜ୍ କଲେ ଶୁଷ୍କ ମୃତ କୋଷିକା ବାହାରିଯିବା ଦ୍ୱାରା ତ୍ୱଚା କୋମଳ ଏବଂ ଚିକ୍କଣ ରହିବ।

➔ଗୋଟିଏ ଅଣ୍ଡା କେଶରରେ ଏକ ଚାମଚ ଅଲିଭ୍ ଅଏଲ୍ ମିଶାଇ କେଶରେ ଲଗାନ୍ତୁ। ଏହା ରୁକ୍ଷ ବା ଡ୍ରାଏ କେଶକୁ ମଶ୍ଚରାଇଜ୍ କରି ରଖିବା ସହ ମଜଭୁତ ଏବଂ ଚମକଦାର କରିଥାଏ। ଶାମ୍ପୁ କରିବା ପରେ କଣ୍ଡିଶନର ସହ ଅଲିଭ୍ ଅଏଲ୍ ମିଶାଇ ଲଗାଇଲେ ଉପକୃତ ହେବେ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ମଙ୍ଗଳବାର, ଜୁଲାଇ ୧୯/୨୦୨୨ Sambalpur, Tuesday, July 19/ 2022

# ହର୍ଷିତ ରଞ୍ଜନ ଚାମ୍ପିୟନ

**ଭୁବନେଶ୍ୱର, ୧୮।୭ (ସ୍ପୋର୍ଟ୍ସ ବ୍ୟୁରୋ)**

ଅଲ ଓଡିଶା ଚେସ୍ ଚାମ୍ପିୟନଶିପ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ କଟକର ହର୍ଷିତ ରଞ୍ଜନ ସାହୁ ଚାମ୍ପିୟନ ହୋଇଛନ୍ତି। ଖୋର୍ଦ୍ଧାର ରାଜେନ୍ଦ୍ର କୁମାର ସାହୁ ଦ୍ୱିତୀୟ ଏବଂ କଟକର ନିଲସୁ ପଟ୍ଟନାୟକ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଖେଳାଳିଙ୍କୁ ଟ୍ରଫି ସହ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ୧୫ ଜଣ ପ୍ରତିଯୋଗୀଙ୍କୁ ମଧ୍ୟ ଟ୍ରଫି ଆର୍ଥିକ ପୁରସ୍କାର ଦିଆଯାଇଥିଲା। ବିଭିନ୍ନ ବୟସବର୍ଗରେ ଭାଗ ନେଇ ସଫଳ ହୋଇଥିବା ପ୍ରତିଯୋଗୀଙ୍କୁ ଟ୍ରଫି ଓ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଏହି ବିଜେତା ପ୍ରତିଯୋଗୀମାନେ ହେଲେ, ୭ ବର୍ଷରୁ କମ୍ କାଟେଗୋରୀରେ କଟକର ଆଦଭିକ ଆଦିତ୍ୟ ସ୍ୱାଇଁ, ୯ ବର୍ଷରୁ କମ୍ କାଟାଗୋରୀରେ ସାର୍ଥକ ମହାନ୍ତି, ୧୧ବର୍ଷରୁ କମ୍ କାଟାଗୋରୀରେ ଜୟଦିତା ପାଢ଼ୀ, ୧୩ ବର୍ଷରୁ କମ୍ କାଟେଗୋରୀରେ ପ୍ରତିସା ମିତ୍ର, ୧୫ ବର୍ଷରୁ କମ୍ କ୍ୟାଟେଗୋରୀରେ ଐଶ୍ୱର୍ଯ୍ୟ ରାଉତ। ଓଡ଼ିଶା ଚେସ୍ ଆସୋସିଏଶନ୍

**ଅଲ ଓଡିଶା ଚେସ୍**

ବ୍ୟାନରରେ ଆଇ.ଆଇ.ଜି ସ୍ପୋର୍ଟ୍ସ ଏକାଡେମୀ ପକ୍ଷରୁ କେଟି ଗ୍ଲୋବାଲ୍ ସ୍କୁଲ୍ କ୍ୟାମ୍ପସରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ରାଜ୍ୟରୁ ଶତାଧିକ ପ୍ରତିଯୋଗୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାର ମୋଟ ମୋଟ ପୁରସ୍କାର ରାଶି ୫୦ ହଜାର ଟଙ୍କା ରହିଥିଲା।


ଅଲ୍ଓଡ଼ିଶା ଚେସ୍ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ ଟ୍ରଫି ସହ।

# ଏଫ୍‌ଆଇଏଚ୍ ସଭାପତି ପଦରୁ ବାତ୍ରାଙ୍କ ଇସ୍ତଫା

**ନୂଆଦିଲ୍ଲୀ,୧୮।୭(ପି.ଟି)**

ବରିଷ୍ଠ କ୍ରୀଡ଼ା ପ୍ରଶାସକ ନରିନ୍ଦର ବାତ୍ରା ଇସ୍ତଫା ପ୍ରଦାନ କରିଛନ୍ତି। ଅନ୍ତର୍ଜାତୀୟ ହକି ଫେଡେରେଶନ(ଏଫ୍‌ଆଇଏଚ୍)ର ସଭାପତି ରହିଥିବା ବାତ୍ରା ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟିରେ ମଧ୍ୟ ସଦସ୍ୟ ରହିଥିଲେ। ଏହି ଦୁଇ ପଦବୀ ସହିତ ବାତ୍ରା ଭାରତୀୟ ଅଲିମ୍ପିକ ସଂଘର ମଧ୍ୟ ସଭାପତି ରହିଥିଲେ। ସୋମବାର ତିନୋଟି ଅଲଗା ହାତଲେଖା ଇସ୍ତଫାପତ୍ର ଜରିଆରେ ନିଜର ଇସ୍ତଫା ପ୍ରଦାନ କରିଛନ୍ତି। ଇସ୍ତଫାର ପ୍ରକୃତ କାରଣ ଜଣାପଡି ନ ଥିଲେ ହେଁ ବ୍ୟକ୍ତିଗତ କାରଣ ଦର୍ଶାଇ ସେ ଇସ୍ତଫା ପ୍ରଦାନ କରିଛନ୍ତି।


ନରିନ୍ଦର ବାତ୍ରା

ପୂର୍ବରୁ ହକି ଇଣ୍ଡିଆର ଆଜୀବନ ସଦସ୍ୟ ରହିଥିବା ବାତ୍ରାଙ୍କ ସଦସ୍ୟତା ପଦକୁ ଚ୍ୟାଲେଞ୍ଜ କରିଥିଲେ ପୂର୍ବତନ ହକି ଖେଳାଳି ଅସଲମ ଶେର୍ ଖାନ୍। ଅସଲମଙ୍କ ଯାଚିକା ଉପରେ ଶୁଣାଣି କରି ଦିଲ୍ଲୀ ହାଇକୋର୍ଟ ଆଜୀବନ ସଦସ୍ୟତା ପଦକୁ ଖାରଜ କରିଥିଲେ। ଏହି ସଦସ୍ୟତା ଆଧାରରେ ହିଁ ୨୦୧୭ରେ ବାତ୍ରା ଭାରତୀୟ ଅଲିମ୍ପିକ୍ ସଂଘର ସଭାପତି ହୋଇଥିଲେ। ତେବେ କୋର୍ଟ ଆଇଓଏର କୌଣସି ମାମଲାରେ ହସ୍ତକ୍ଷେପ ନ କରିବା ନିମନ୍ତେ କଟକଣା ଜାରିକରିବା ସହିତ ଅନିଲ ଖାନ୍ନାଙ୍କୁ କାର୍ଯ୍ୟକାରୀ ସଭାପତି ନିଯୁକ୍ତ କରିଥିଲେ। ଭାରତୀୟ ଅଲିମ୍ପିକ ସଂଘର ସଭାପତି ପଦରୁ ଓହରିବା କାରଣରୁ ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟିରୁ ଓହରି ଯାଇଥିଲେ ବାତ୍ରା। ହେଲେ ଏଫ୍‌ଆଇଏଚ ସଭାପତି ପଦରୁ ବାତ୍ରା କାହିଁକି ଓହରିଲେ ତାହା ଏବେ ବି ସସପେନ୍ସ ସୃଷ୍ଟି କରୁଛି। ଆଜୀବନ ସଦସ୍ୟତା ଉପରେ ମାର୍ଚ୍ଚ ମାସରୁ ମାମଲା ଚାଲିଥିବା ବେଳେ କୋର୍ଟ ଏହା ଉପରେ ତ୍ୱରିତ ଶୁଣାଣି ପାଇଁ ଅନିଚ୍ଛା ପ୍ରକାଶ କରିଥିଲେ। ଆସନ୍ତା ଜୁଲାଇ ୨୬ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ରହିଥିବା ବେଳେ ବାତ୍ରାଙ୍କ ଏହ ନିଷ୍ପତ୍ତି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

ଆଜୀବନ ସଦସ୍ୟତା ପଦ ଯିବା ପରେ ସେ ଅନ୍ତର୍ଜାତୀୟ ହକିର ଉନ୍ନତି ପାଇଁ କାର୍ଯ୍ୟ କରିବେ ବୋଲି ବାତ୍ରା ଘୋଷଣା କରିଥିଲେ। ଏପରି କି ପରବର୍ତ୍ତୀ ଆଇଓଏ ନିର୍ବାଚନରେ ଅଂଶଗ୍ରହଣ କରିବେ ନାହିଁ ବୋଲି ବାତ୍ରା ଘୋଷଣା କରିଥିଲେ। ଅନ୍ତର୍ଜାତୀୟ ହକି ଉପରେ ନିଜର ସମସ୍ତ ଧ୍ୟାନ ଦେଉଥିବା ବାତ୍ରା ଅଚାନକ ଏଭଳି ନିଷ୍ପତ୍ତି ନେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଦାୟିତ୍ୱରେ ଥିବା ସମୟରେ ବାତ୍ରାଙ୍କ ବିରୋଧରେ ଅନେକ ସମୟରେ ଦୁର୍ନୀତି ଅଭିଯୋଗ ଆସିଥିଲା। ସାଧାରଣ ଲୋକଙ୍କ ଅର୍ଥ ତୋସରପାତ ଅଭିଯୋଗରେ ଏପ୍ରିଲରେ ସିବିଆଇ ତଦନ୍ତ କରାଯାଇଥିଲା। ଏହା ପୂର୍ବରୁ ନିର୍ବାଚନ ସମୟରେ ମିଥ୍ୟା ସତ୍ୟପାଠର ଅଭିଯୋଗ ମଧ୍ୟ ଆସିଥିଲା।

## ବାତ୍ରା ଭବନରେ ସିବିଆଇ ଚଢ଼ାଉ

ନରିନ୍ଦର ବାତ୍ରା ଇସ୍ତଫା ଦେବା ପରେ ତାଙ୍କ ଘରେ ହୋଇଛି ସିବିଆଇ ରେଡ୍। ଅର୍ଥ ତୋସରପାତ ମାମଲାରେ ଏହି ଚଢ଼ାଉ ହୋଇଥିବା ଜଣାପଡ଼ିଛି। ହକି ଇଣ୍ଡିଆର ୩୫ ଲକ୍ଷ ଟଙ୍କା ବ୍ୟକ୍ତିଗତ ବ୍ୟବହାର ପାଇଁ ବାତ୍ରା ଖର୍ଚ୍ଚ କରିଥିବା ଅଭିଯୋଗ ଆସିଥିଲା। ଏହା ପୂର୍ବରୁ ଏପ୍ରିଲ ମାସରେ ବାତ୍ରାଙ୍କ ଘରେ ପ୍ରଥମ ଥର ସିବିଆଇ ପକ୍ଷରୁ ଚଢ଼ାଉ କରାଯାଇଥିଲା। ସୋମବାର ବାତ୍ରାଙ୍କ ଇସ୍ତଫା ପରେ ଦିଲ୍ଲୀ ଓ ଜମ୍ମୁର ୫ଟି ସ୍ଥାନରେ ଚଢ଼ାଉ କରାଯାଇଛି।

# ପଏଣ୍ଟ ବାଣ୍ଟିଲେ ଓଡ଼ିଶା ପୋଲିସ, ରାଇଜିଂ ଷ୍ଟୁଡେଣ୍ଟ୍ସ

**ଭୁବନେଶ୍ୱର, ୧୮।୭ (ସ୍ପୋର୍ଟସ ବ୍ୟୁରୋ)**

ବାରବାଟୀ ଷ୍ଟାଡିୟମରେ ଖେଳାଯାଉଥିବା ରାଜ୍ୟସ୍ତରୀୟ ଫାଓ ଲିଗ୍ ୨୦୨୨ରେ ସୋମବାର ମାତ୍ର ଗୋଟିଏ ମୁକାବିଲା ଖେଳାଯାଇଛି। ଏହି ମୁକାବିଲାଟି ୧-୧ରେ ଅମୀମାଂସିତ ରହିଥିବା ବେଳେ ପରସ୍ପର ସହିତ ପଏଣ୍ଟ ବାଣ୍ଟିଛନ୍ତି ଓଡ଼ିଶା ପୋଲିସ ଓ ରାଇଜିଂ ଷ୍ଟୁଡେଣ୍ଟସ୍। ଓଡ଼ିଶା ପୋଲିସ୍ ପକ୍ଷରୁ ଭୋଲେ ଶଙ୍କର ମାଝୀ ମ୍ୟାଚର ୧୯ ତମ ମିନିଟରେ

**ଫାଓ ଲିଗ୍ ୨୦୨୨**

ଗୋଲ ସ୍କୋର କରି ଅଗ୍ରଣୀ ପ୍ରଦାନ କରିଥିବା ବେଳେ ଏହାର ୧୪ ମିନିଟ ପରେ ଆର୍ତ୍ତତ୍ରାଣ ନାୟକ ଏହି ଗୋଲଟି ପରିଶୋଧ କରିଥିଲେ। ଦ୍ୱିତୀୟାର୍ଦ୍ଧରେ ଉଭୟ ଦଳ ଗୋଲ ସ୍କୋର କରିବାର ପ୍ରୟାସ କରିଥିଲେ ହେଁ ସଫଳ ହୋଇନଥିଲେ।

ମଙ୍ଗଳବାର ଫାଓ ଲିଗରେ ଗୋଟିଏ ମାତ୍ର ମୁକାବିଲା ଖେଳାଯିବାକୁ ଥିବା ବେଳେ ମ୍ୟାଚ ନମ୍ବର ୧୯ରେ ପରସ୍ପରର ସାମ୍ନା କରିବେ ଇଷ୍ଟକୋଷ୍ଟ ରେଲୱେ ଓ ରୋଭର୍ସ କ୍ଲବ୍। ଅପରାହ୍ଣ ୩ଟାରେ ଏହି ମୁକାବିଲା ଖେଳାଯିବ।


ଓଡ଼ିଶା ପୋଲିସ ଓ ରାଇଜିଂ ଷ୍ଟୁଡେଣ୍ଟ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।






ମାରିଆ ଗ୍ରାନାଟୋଙ୍କୁ ପୁରସ୍କୃତ କରୁଛନ୍ତି ଦିଲୀପ ତିର୍କୀ।

# ମାରିଆଙ୍କୁ ପୁରସ୍କୃତ କଲେ ଦିଲୀପ

**ଭୁବନେଶ୍ୱର, ୧୮।୭ (ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ପେନର ଟେରେସାଠାରେ ଅନୁଷ୍ଠିତ ଏଫ୍‌ଆଇଏଚ୍ ମହିଳା ହକି ବିଶ୍ୱକପ୍ ୨୦୨୨ରେ ଆର୍ଜେଣ୍ଟିନାର ମାରିଆ ଗ୍ରାନାଟୋ ଓଡ଼ିଶା ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ପୂର୍ବତନ ଭାରତୀୟ ଅଧିନାୟକ ତଥା ଓଡ଼ିଶା ହକି ପ୍ରମୋଶନ କାଉନ୍‌ସିଲ ଚେୟାରମ୍ୟାନ ଦିଲୀପ ତିର୍କୀ ପୁରସ୍କୃତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସେ କହିଛନ୍ତି, ଓଡ଼ିଶାରୁ ପ୍ରତିନିଧିତ୍ୱ କରି ଏହି ପୁରସ୍କାର ପ୍ରଦାନ କରିବା ପାଇଁ ତାଙ୍କୁ ସୁଯୋଗ ମିଳିଥିବାରୁ ସେ ଗୌରବାନ୍ୱିତ ମନେ କରୁଛନ୍ତି। ଜଣେ ଖେଳାଳି ହିସାବରେ ଏହି ମୁହୂର୍ତ୍ତ ତାଙ୍କ ପାଇଁ ସ୍ୱତନ୍ତ୍ର। ଟେରେସାକୁ ଆଧୁନୀକ ହକିର ଘର ବୋଲି ସେ କହିଛନ୍ତି। ସେଠାରେ ତାଙ୍କର ଅନେକ ସୁନ୍ଦର ଅନୁଭୁତି ରହିଛି। ଓଡ଼ିଶା କେବଳ ଜାତୀୟ ହକି ଦଳଗୁଡ଼ିକର ପ୍ରାୟୋଜକ ନୁହେଁ ବିଶ୍ୱରେ ଖେଳର ଲୋକପ୍ରିୟତା ବୃଦ୍ଧି ପାଇଁ ଏଫ୍‌ଆଇଏଚ୍‌ର ଏକ ଅଫିସିଆଲ ପାର୍ଟନର ରହିଛି। ଏହି ଅବସରରେ ପାକିସ୍ତାନର କିମ୍ବଦନ୍ତୀ ଷ୍ଟାର ଷ୍ଟ୍ରାଇକର ଶାହାବାଜ ଖାଁ ମଧ୍ୟ ଉପସ୍ଥିତ ଥିଲେ।

# ଦିନିକିଆରୁ ଷ୍ଟୋକ୍ସଙ୍କ ଅବସର ଘୋଷଣା

**ଲଣ୍ଡନ, ୧୮।୭ (ପି.ଟି.):** ଷ୍ଟାର ଇଂଲଣ୍ଡ ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ ସୋମବାର ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟରୁ ଆକସ୍ମିକ ଅବସର ଘୋଷଣା କରିଛନ୍ତି। ୩୧ ବର୍ଷୀୟ କ୍ରିକେଟର ମଙ୍ଗଳବାର ତାଙ୍କ ହୋମ୍ ଗ୍ରାଉଣ୍ଡ ଡରହାମ୍‌ଠାରେ ତାଙ୍କ ଶେଷ ଅନ୍ତର୍ଜାତୀୟ ଦିନିକିଆ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳିବେ। ଲର୍ଡ୍ସଠାରେ ନ୍ୟୁଜିଲାଣ୍ଡ ବିପକ୍ଷ ୨୦୧୯ ବିଶ୍ୱକପ୍ ଫାଇନାଲରେ ତାଙ୍କ ପ୍ଲେୟର ଅଫ୍ ଦି ମ୍ୟାଚ ପ୍ରଦର୍ଶନ ପାଇଁ ଷ୍ଟୋକ୍ସଙ୍କ ଅନ୍ତର୍ଜାତୀୟ ଦିନିକିଆ କ୍ୟାରିୟର ସବୁଦିନେ ମନେ ରହିବ। ତାଙ୍କୁ ଅପରାଜିତ ୮୪ ରନ ଯୋଗୁ ମ୍ୟାଚ ସୁପର ଓଭରକୁ ଯାଇଥିଲା। ଇଂଲଣ୍ଡ ପ୍ରଥମ ଥର ୫୦ ଓଭର ବିଶିଷ୍ଟ ବିଶ୍ୱକପ୍ ଟାଇଟଲ ହାସଲ କରିଥିଲା। ଇଂଲଣ୍ଡ ଟେଷ୍ଟ ଅଧିନାୟକ ଷ୍ଟୋକ୍ସ ୧୦୪ ଅନ୍ତର୍ଜାତୀୟ ଦିନିକିଆ ଖେଳି ୨୯୧୯ ରନ ସଂଗ୍ରହ କରିଛନ୍ତି ଏବଂ ୭୪ ଉଇକେଟ ଅକ୍ତିଆର କରିଛନ୍ତି।


ବେନ୍ ଷ୍ଟୋକ୍ସ

# ଇତିହାସ ରଚିଲେ ଶେଲୀ ଆନ୍ ଫ୍ରେଜର୍

**ଇୟୁଜିନ୍, ୧୮।୭(ପି.ଟି):** ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପରେ ଇତିହାସ ରଚିଲେ କାରିବିୟାନ ଧାବିକା ଶେଲୀ ଆନ୍ ଫ୍ରେଜର ପ୍ରାଇସ୍। ଜାମାଇକାର ଏହି ଧାବିକା ୩୫ ବର୍ଷ ବୟସରେ ନିଜର ପଞ୍ଚମ ପଦକ ହାସଲ କରି ସୃଷ୍ଟି କରିଛନ୍ତି ଇତିହାସ। ଏହା ସହିତ ୧୦୦ ମିଟର ମହିଳା ବର୍ଗରେ ପଦକ ପୋଛି ନେଇଛି ଜାମାଇକା। ଫାଇନାଲରେ ୧୦.୬୭ ସେକେଣ୍ଡର ଟାଇମିଂ ସହିତ ଫ୍ରେଜର ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଜାମାଇକା ମହିଳା ୧୦୦ ମିଟର ବର୍ଗରେ ପଦକ ପୋଛି ନେଇଛି।

# ମେରାଜ ଖାଁଙ୍କୁ ସ୍କିଟ୍‌ରେ ସ୍ୱର୍ଣ୍ଣ

**ଚାଙ୍ଗଓନ, ୧୮।୭ (ପି.ଟି.)**

ଭେଟେରାନ ଶୁଟର ମେରାଜ ଅହମଦ ଖାଁଚଳିତ ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍‌ରେ ଦେଶ ପାଇଁ ପ୍ରଥମ ଥର ସ୍ୱର୍ଣ୍ଣ ପଦକ ଜିତି ଇତିହାସ ସୃଷ୍ଟି କରିଛନ୍ତି। ୪୦ଶଟ୍ ବିଶିଷ୍ଟ ଫାଇନାଲ ଇଭେଣ୍ଟରେ ଉତ୍ତର ପ୍ରଦେଶର ଏହି ୪୬ବର୍ଷୀୟ ଶୁଟର ୩୭ ପଏଣ୍ଟ ସ୍କୋର କରିଥିଲେ। କୋରିଆର ମିନ୍‌ସୁ କିମ୍ ୩୬) ଓ ବ୍ରିଟେନର ବେନ୍ ଲିୱେଲିନ୍ (୨୬) ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଥିଲେ। ଦୁଇଥର ଅଲିମ୍ପିଆନ୍ ଏହି ବର୍ଷ ଚାଙ୍ଗଓନଠାରେ ଭାରତୀୟ ଦଳର ସର୍ବପୁରାତନ ସଦସ୍ୟ। ରିଓ ଡି ଜେନିରୋଠାରେ ଅନୁଷ୍ଠିତ ୨୦୧୬ ବିଶ୍ୱକପ୍‌ରେ ସେ ଏକ ରୌପ୍ୟ ପଦକ ଲାଭ କରିଥିଲେ। ମେରାଜଙ୍କ ପୂର୍ବରୁ ଅଞ୍ଜୁମ ମୋଦ୍‌ଗିଲ୍, ଆଶି ଚୋକ୍‌ସି ଓ ସିଫ୍ଟ କୌର ସମରାଙ୍କୁ ନେଇ ଭାରତୀୟ ଦଳ ମହିଳା ୫୦ ମିଟର ରାଇଫଲ ୩ପି ଟିମ୍ ଇଭେଣ୍ଟରେ ବ୍ରୋଞ୍ଜ ଜିତିଥିଲେ। ବ୍ରୋଞ୍ଜ ପଦକ ମ୍ୟାଚରେ ଭାରତୀୟ ଦଳ ଶିଲିନ୍ ଓଲ୍ଲେ, ନାଡିନ୍ ଅନ୍‌ଜେରାଙ୍କ୍ ଓରେବିକା କୋଏକଙ୍କୁ ନେଇ ଗଠିତ ଅଷ୍ଟ୍ରିଆ ଟିମ୍‌କୁ ୧୬-୬ରେ ହରାଇ ଦେଇଥିଲା। ସୋମବାର ଅନ୍ୟ ଫଳାଫଳ ଗୁଡ଼ିକ ମଧ୍ୟରେ ବିଜୟବୀର ସିନ୍ଧୁ ର୍ୟାଙ୍କିଙ୍ଗ ରାଉଣ୍ଡକୁ ଯାଇଥିଲେ ମଧ୍ୟ ପଦକ ରାଉଣ୍ଡକୁ ଉନ୍ନୀତ ହୋଇପାରି ନ ଥିଲେ। ଅନ୍ୟପକ୍ଷରେ ପୁରୁଷ ୨୫ ମିଟର ରାପିଡ୍ ଫାୟାର ପିସ୍ତଲରେ ଆନିଶ ଓ ସମୀର ସେମାନଙ୍କ ପ୍ରଥମ ବାଧା ଅତିକ୍ରମ କରିପାରି ନ ଥିଲେ। କ୍ୱାଲିଫାଇଂରେ ବିଜୟବୀର ୫୮୪ ଶଟ୍ କରି ୬ଷ୍ଠ ସ୍ଥାନରେ ରହିଥିବା ବେଳେ ଆନିଶ ୫୮୨ ଶଟ୍ ସହ ଦ୍ୱାଦଶ ଏବଂ ସମୀର ୫୬୬ ସହ ୩୦ତମ ସ୍ଥାନରେ ରହିଥିଲେ। ମହିଳା ସ୍କିଟ୍ ଶୁଟିଂରେ ମୁଫାଡାଲ ଦିଶାୱାଲା ମୋଟ ୧୦୮ ସ୍କୋର କରି ୨୩ତମ ସ୍ଥାନ ଅଧିକାର କରିଥିଲେ।



ସ୍ୱର୍ଣ୍ଣପଦକ ସହ ମେରାଜ ଅହମଦ ଖାଁ (ମଝି)।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ